# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୪/୨୦୨୧ (୨୦ ପୃଷ୍ଠା) | Bhubaneswar, Wednesday, April 14/2021 | ★★★★★★

୪୭ଶ ଭାଗ ୧୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




## ଏନ୍‌ଡିଏ ଛାଡ଼ିଲା ଜିଏଫ୍‌ପି

ଗୋଆ ଫରୱାର୍ଡ ପାର୍ଟି (ଜିଏଫ୍‌ପି) ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ)ର ହାତ ଛାଡ଼ିଦେଇଛି। ଭାଜପା ନେତୃତ୍ୱାଧୀନ ମେଣ୍ଟର ଗୋଆ ବିରୋଧୀ ନୀତି ଯୋଗୁ ଏଥିରୁ ଓହରିଯାଇଥିବା ଦଳର ଅଧ୍ୟକ୍ଷ ବିଜୟ ସରଦେଶାଇ ମଙ୍ଗଳବାର ଘୋଷଣା କରିଛନ୍ତି। ଏସଂକ୍ରାନ୍ତରେ ସେ ଏନ୍‌ଡିଏ ଅଧ୍ୟକ୍ଷ ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ପତ୍ର ଲେଖି ଜଣାଇଛନ୍ତି। ବିଜୟଙ୍କ ଏହି ପଦକ୍ଷେପ ୨୦୨୨ ଗୋଆ ବିଧାନସଭା ନିର୍ବାଚନ ପୂର୍ବରୁ ଶାସକ ମେଣ୍ଟକୁ ବଡ଼ ଝଟକା ବୋଲି କୁହାଯାଉଛି।

## ସଂକ୍ଷେପରେ

### ସ୍ପୁଟନିକ ଭି'ର ଜରୁରୀ ବ୍ୟବହାରକୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୧୩।୪:** ରୁଷିଆ ଟିକା ସ୍ପୁଟନିକ ଭି'ର ଜରୁରୀ ବ୍ୟବହାରକୁ ମଙ୍ଗଳବାର ଅନୁମୋଦନ କରିଛି ଭାରତର ଡ୍ରଗ୍ସ ନିୟନ୍ତ୍ରଣ ଡିସିଜିଆଇ। ଏ ନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଭାରତରେ ଡ. ରେଡିସ୍ କମ୍ପାନୀ ଲାବୋରେଟୋରିରେ ଟିକା ପ୍ରସ୍ତୁତ ହେବ। କୋଭିଶିଲ୍ଡ ଓ କୋଭାକ୍ସିନ ପରେ ସ୍ପୁଟନିକ ଭି ତୃତୀୟ ଭାକ୍ସିନ ଭାବେ ଦେଶରେ ଟିକାକରଣରେ ବ୍ୟବହାର ହେବା ପାଇଁ ବାଟ ଖୋଲିଛି। ସୋମବାର ସ୍ପୁଟନିକ ଭି'ର ଜରୁରୀ ବ୍ୟବହାର ପାଇଁ ବିଶେଷଜ୍ଞ କମିଟି ସୁପାରିସ କରିଥିଲା। ଏହି ଟିକାକୁ ୧୮ ବର୍ଷ ବୟସରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ୨୧ ଦିନ ବ୍ୟବଧାନରେ ଦୁଇଟି ଡୋଜ ଦିଆଯାଇପାରିବ। ରୁଷିଆନ୍ ଡାଇରେକ୍ଟ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡ (ଆର୍‌ଡିଆଇଏଫ୍) କହିଛି, ଭାରତରେ ବର୍ଷକୁ ୮ କୋଟି ୫୦ ଲକ୍ଷ ସ୍ପୁଟନିକ ଭି ଟିକା ପ୍ରସ୍ତୁତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

### ପରୀକ୍ଷା ବାତିଲ ଦାବି କଲେ କେଜ୍‌ରିୱାଲ

**ନୂଆଦିଲ୍ଲୀ,୧୩।୪:** ୨୪ ଘଣ୍ଟାରେ ଦିଲ୍ଲୀରେ ୧୩,୫୦୦ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଆସନ୍ତା ମେ' ୪ରେ ହେବାକୁ ଥିବା ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ବାତିଲ କରାଯାଉ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମଙ୍ଗଳବାର କେନ୍ଦ୍ରକୁ ଅନୁରୋଧ କରିଛନ୍ତି। ଦିଲ୍ଲୀରେ ପ୍ରାୟ ୬ ଲକ୍ଷ ଛାତ୍ରୀଛାତ୍ର ଚଳିତ ବର୍ଷ ସିବିଏସ୍‌ଇ ପରୀକ୍ଷା ଦେବେ। ଏଥିରେ ପ୍ରାୟ ୧ ଲକ୍ଷ ଶିକ୍ଷକ ସାମିଲ ହେବେ। ପରୀକ୍ଷା ହେଲେ ସଂକ୍ରମଣ ଅଣାୟତ୍ତ ହେବ। ଅନ୍‌ଲାଇନ ପରୀକ୍ଷା କିମ୍ବା ଆଭ୍ୟନ୍ତରୀଣ ମୂଲ୍ୟାୟନ ଜରିଆରେ ପିଲାମାନଙ୍କୁ ଉଚ୍ଚ ଶ୍ରେଣୀକୁ ପଠାଯିବାର ବ୍ୟବସ୍ଥା କରାଯାଉ ବୋଲି ସେ କହିଛନ୍ତି।

### ଜନ୍‌ସନ୍ ଟିକାକରଣ ବନ୍ଦ ସୁପାରିସ

**ୱାଶିଂଟନ,୧୩।୪:** ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ ଟିକାକରଣ ବନ୍ଦ ଲାଗି ସୁପାରିସ କରିଛି ଆମେରିକାର ଫୁଡ୍ ଆଣ୍ଡ ଡ୍ରଗ୍ସ ଆଡ୍‌ମିନିଷ୍ଟ୍ରେଶନ। ଏହି ଟିକା ଦ୍ୱାରା ଶରୀରରେ ଭିନ୍ନ ଧରଣର ରକ୍ତଜମାଟ ସମସ୍ୟା ଉପୁଜୁଥିବା ଏଫ୍‌ଡିଏ କହିଛି। ପ୍ରାୟ ୬୮ ଲକ୍ଷଙ୍କୁ ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ ଟିକାର ପ୍ରଥମ ଡୋଜ୍ ଦିଅଯାଇଥିବାବେଳେ ୬ ଜଣଙ୍କଠାରେ ଏଭଳି ଅସୁବିଧା ଦେଖାଦେଇଛି।

### ସେଲିବ୍ରିଟି ମାଡ଼ି ବସିଛନ୍ତି କୋଭିଡ୍ ବେଡ୍

**ମୁମ୍ବାଇ, ୧୩।୪:** କରୋନାର କୌଣସି ଲକ୍ଷଣ ନ ଥିବା ତଥା ସାମାନ୍ୟ ଲକ୍ଷଣ ଥିବା ସିନେ ସେଲିବ୍ରିଟି, କ୍ରିକେଟରମାନେ ବିଭିନ୍ନ ହସ୍ପିଟାଲରେ କୋଭିଡ୍ ବେଡ୍ ମାଡ଼ି ବସିଛନ୍ତି। ଏଥିଯୋଗୁ ଡାକ୍ତରଖାନାରେ ଶଯ୍ୟା ଅଭାବ ଦେଖାଯାଇଛି। ଫଳରେ ଅନ୍ୟ ଗୁରୁତର ରୋଗୀ ସମସ୍ୟାରେ ପଡୁଛନ୍ତି ବୋଲି ମହାରାଷ୍ଟ୍ର ମନ୍ତ୍ରୀ ଅସ୍‌ଲାମ ଶେଖ ମଙ୍ଗଳବାର କହିଛନ୍ତି। ଅତ୍ୟାବଶ୍ୟକ ନ ଥାଇ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସେଲିବ୍ରିଟିମାନେ ଶଯ୍ୟା ଛାଡ଼ିଲେ ଅନ୍ୟମାନେ ଏଥିରୁ ଉପକୃତ ହୋଇପାରନ୍ତେ ବୋଲି ଅସଲାମ୍ ପ୍ରକାଶ କରିଛନ୍ତି।



# ପ୍ରିନ୍ସଙ୍କ ପ୍ରତିଶ୍ରୁତି ଓ ପ୍ରତାରଣା

ପଞ୍ଜାବ ଓ ହରିୟାଣା ହାଇକୋର୍ଟରେ ଦାଖଲ ଏକ ପିଟିଶନ ଚର୍ଚ୍ଚାର ବିଷୟ ପାଲଟିଛି। ବ୍ରିଟେନ ପ୍ରିନ୍ସ ହ୍ୟାରି ପଞ୍ଜାବର ଜଣେ ମହିଳାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ସମ୍ପର୍କରେ ପିଟିଶନରେ ଉଲ୍ଲେଖ କରାଯାଇଛି। ସୋସିଆଲ ମିଡିଆରେ ଲୋକେ ମଜା ଉଠାଉଥିବାବେଳେ ବିଭିନ୍ନ ପ୍ରକାର ମିମିକ୍‌ପୋଷ୍ଟ କରାଯାଉଛି। ମହିଳା ଜଣଙ୍କ ଦାବି କରିଥିଲେ ଯେ, ଡ୍ୟୁକ୍ ଅଫ୍ ସସେକ୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ବ୍ରିଟିଶ ପୋଲିସ ଦ୍ୱାରା ତାଙ୍କୁ ଗିରଫ କରାଯିବାକୁ କୋର୍ଟ ନିର୍ଦ୍ଦେଶ ଦିଅନ୍ତୁ। ପ୍ରମାଣ ପାଇଁ ସେ ପ୍ରିନ୍ସ ହ୍ୟାରିଙ୍କ ନାମରେ ଏକ ମେଲ୍ ଆଇଡିରୁ ଆସିଥିବା ଇ-ମେଲ୍ ଡକ୍ୟୁମେଣ୍ଟ କୋର୍ଟରେ ଦାଖଲ କରିଥିଲେ। ହେଲେ ହାଇକୋର୍ଟ ଏହି ଆବେଦନକୁ ଖାରଜ କରିଛନ୍ତି। ଅନେକ ଲୋକ ଫେକ୍‌ଆକାଉଣ୍ଟ ଖୋଲୁଛନ୍ତି। ତେଣୁ କେହି 'ପ୍ରିନ୍ସ ହ୍ୟାରି' ପଞ୍ଜାବର ଏକ ସାଇବର କାଫେରେ ବସି ମହିଳାଙ୍କୁ ମେସେଜ କରିଥାଇପାରନ୍ତି। ପ୍ରିନ୍ସଙ୍କୁ ବିବାହ କରିବା ମହିଳାଙ୍କ 'ଦିବା ସ୍ୱପ୍ନ' ବ୍ୟତୀତ ଅନ୍ୟ କିଛି ନୁହେଁ ବୋଲି କୋର୍ଟ କହିଛନ୍ତି।

**ଭାଇରାଲ୍ କଲେ ପଞ୍ଜାବୀ ମହିଳା**

## ଟ୍ରମ୍ପ ଲଢ଼ିଲେ ଓହରିଯିବି



ନିକି ହାଲି

**ୱାଶିଂଟନ:** ଜାତିସଂଘରେ ଆମେରିକାର ପୂର୍ବତନ ରାଷ୍ଟ୍ରଦୂତ ତଥା ଦକ୍ଷିଣ କାରୋଲିନା ଗଭର୍ନର ନିକି ହାଲି ମଙ୍ଗଳବାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସମର୍ଥନ ଦେବା ପାଇଁ ଘୋଷଣା କରିଛନ୍ତି। କହିଛନ୍ତି, ୨୦୨୪ରେ ଟ୍ରମ୍ପ ରିପବ୍ଲିକାନ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ହେଲେ ସେ ପ୍ରତିଦ୍ୱନ୍ଦିତା କରିବେ ନାହିଁ। ପୂର୍ବରୁ ନିକି ରିପବ୍ଲିକାନ ପାର୍ଟିରୁ ପ୍ରାର୍ଥୀ ହେବେ ବୋଲି ଆଶା କରାଯାଉଥିଲା। କିନ୍ତୁ ଟ୍ରମ୍ପ ଏହି ଦୌଡ଼ରେ ସାମିଲ ହେଲେ ଅନ୍ୟ ପ୍ରାର୍ଥୀ ଲୋକଙ୍କୁ ଆକର୍ଷିତ କରିବା କଷ୍ଟକର ହେବ ବୋଲି ନିକି କହିଛନ୍ତି। ଗତ ଜାନୁୟାରୀ ୬ରେ କ୍ୟାପିଟୋଲ ହିଂସା ପରେ ସମର୍ଥକଙ୍କୁ ଉତ୍ସାହିତ କରିବାକୁ ନେଇ ଟ୍ରମ୍ପଙ୍କୁ ହାଲି ସମାଲୋଚନା କରିଥିଲେ।



# ପ୍ରଶ୍ନ ଘେରରେ ନିର୍ବାଚନ ଆୟୋଗ

**ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ 'ଗଣତନ୍ତ୍ରର ଉତ୍ସବ' ରୂପେ ଉତ୍ସାହଜନକ ହୋଇନାହିଁ। ଶାସକ ତୃଣମୂଳ କଂଗ୍ରେସ ଏବଂ ବିରୋଧୀ ଭାଜପା ନେତାଙ୍କ ବୟାନବାଜି ସମଗ୍ର ପ୍ରଚାରକୁ ତିକ୍ତ ଓ ଅରୁଚିକର କରିଦେଇଛି। ମୁଖ୍ୟ ଦୁଇ ଦଳ ପରସ୍ପର ବିରୋଧରେ ହିଂସା ଭିଆଇବା ଏବଂ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଥିବା ଅଭିଯୋଗ ଆଣିବାରେ ଲାଗିଛନ୍ତି। ପଶ୍ଚିମବଙ୍ଗବାସୀଙ୍କ ଆସ୍ଥାକୁ ପୁନଃ ଅବସ୍ଥାପିତ କରିବା ପାଇଁ ନିର୍ବାଚନ କମିଶନ ଉଚିତ ପଦକ୍ଷେପ ନେଇପାରିଥାଆନ୍ତେ। ଭୋଟରଙ୍କ ରାଜନୈତିକ ମତାଧିକାରକୁ ସୁରକ୍ଷା ଦେଇପାରିଲେ ହିଁ ଇସିଙ୍କ ଉପରେ ଲୋକଙ୍କ ଭରସା ବଜାୟ ରହିବ ବୋଲି ମତ ପ୍ରକାଶ ପାଇଛି। ଏଥିସହ ଆୟୋଗଙ୍କ ନିରପେକ୍ଷତା ଓ ସ୍ୱାୟତ୍ତତା ଉପରେ ପ୍ରଶ୍ନଚିହ୍ନ ଲାଗିଛି।**

### କ'ଣ କହିଥିଲେ ଦିଦି

- ଭାଜପାଠାରୁ ଟଙ୍କା ନେଇଥିବା ସଇତାନ ବ୍ୟକ୍ତିଙ୍କୁ ମୁସଲମାନମାନେ ଭୋଟ ଦେଇ ବେକାର କରନ୍ତୁ ନାହିଁ।
- କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳ (ସିଏପିଏଫ୍) ଯବାନମାନେ ବ୍ୟାଘାତ ସୃଷ୍ଟି କଲେ ସେମାନଙ୍କୁ ମହିଳାମାନେ ଘେରାଉ କରନ୍ତୁ।




### କ'ଣ କଲେ ଇସି

- ମମତା ଏଭଳି ମନ୍ତବ୍ୟ ଦେଇ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଦର୍ଶାଇ ନିର୍ବାଚନ କମିଶନ (ଇସି) ଏପ୍ରିଲ ୭ ଓ ୮ରେ ଦୁଇଟି କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ।
- ମମତାଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ଇସି ସୋମବାର ରାତି ୮ଟାରୁ ମଙ୍ଗଳବାର ରାତି ୮ଟା ପର୍ଯ୍ୟନ୍ତ ୨୪ ଘଣ୍ଟା ପାଇଁ ତାଙ୍କ ନିର୍ବାଚନୀ ପ୍ରଚାରରେ ରୋକ୍ ଲଗାଇଥିଲେ।

## ବାସନ୍ଦ ନିଷ୍ପତ୍ତି ଅସାମ୍ବିଧାନିକ

**କୋଲକାତା/ନୂଆଦିଲ୍ଲୀ,୧୩।୪**

ପଶ୍ଚିମବଙ୍ଗର ୮ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପାଇଁ ମାରାଥନ ପ୍ରଚାର ଚାଲିଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ 'ଖେଲା'ରେ ହଠାତ୍ ୨୪ ଘଣ୍ଟିଆ ରୋକ୍ ଲଗାଇଦେଇଥିଲେ ଭାରତର ନିର୍ବାଚନ କମିଶନ (ଇସିଆଇ)। ଏହାର ପ୍ରତିବାଦରେ ମମତା କୋଲକାତାରେ ଧାରଣାରେ ବସି ବିକ୍ଷୋଭ କରିଥିଲେ। ନିର୍ବାଚନ ଆୟୋଗଙ୍କ ପ୍ରଚାର ବାସନ୍ଦ ନିଷ୍ପତ୍ତିକୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ ବୋଲି ଦର୍ଶାଇଛନ୍ତି। ମମତା ମଙ୍ଗଳବାର ପୂର୍ବାହ୍ନ ୧୧ଟା ୪୦ରେ ହୁଇଲ୍ ଚେୟାରରେ ମାୟୋ ରୋଡ୍‌କୁ ଆସି ଗାନ୍ଧୀ ମୂର୍ତ୍ତି ନିକଟରେ ଏକୁଟିଆ ଧାରଣାରେ ବସିଥିଲେ। ପ୍ରତିବାଦ ଜଣାଇବାକୁ ଯାଇ ସେ ଏକ କଳା ସ୍କାର୍ଫ ଘୋଡ଼ି ହୋଇଥିଲେ। ସେ ପେଣ୍ଟିଂ ମଧ୍ୟ କରିଥିଲେ। ଧାରଣାସ୍ଥଳରେ ଦଳର ଅନ୍ୟ ନେତାଙ୍କୁ ଦେଖିବାକୁ ମିଳି ନ ଥିଲା। ରାତି ୮ଟାରେ ଧାରଣାରୁ ଉଠିବା ପରେ ମମତା ବରସାତ ଓ ବିଧାନନଗରରେ ଟିଏମ୍‌ସିର ୨ଟି ନିର୍ବାଚନୀ ସଭାକୁ ସମ୍ବୋଧିତ କରିଛନ୍ତି।

### 'ଭାଜପା କଥାରେ କାର୍ଯ୍ୟାନୁଷ୍ଠାନ'

ମମତାଙ୍କୁ ନିର୍ବାଚନ ପ୍ରଚାରରୁ ୨୪ ଘଣ୍ଟିଆ ବାସନ୍ଦ କରିବା ପାଇଁ ଭାଜପା ଇଙ୍ଗିତରେ ଇସି ନିଷ୍ପତ୍ତି ନେଇଛନ୍ତି। ଏହା ଗଣତନ୍ତ୍ର ଓ ଦେଶର ସ୍ୱାଧୀନ ସଂସ୍ଥାଗୁଡ଼ିକର ସାର୍ବଭୌମତ୍ୱ ଉପରେ ଆକ୍ରମଣ। ଅନ୍ୟ ଦଳର ନେତାମାନେ ମଧ୍ୟ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରୁଛନ୍ତି। କେବଳ ଟିଏମ୍‌ସି ସୁପ୍ରିମୋଙ୍କ ପ୍ରଚାରରେ କାହିଁକି ରୋକ ଲଗାଯାଉଛି ବୋଲି ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ ପ୍ରଶ୍ନ କରିଛନ୍ତି।

## ଶୁଭେନ୍ଦୁଙ୍କୁ ଛାଡ଼ିଦେଲେ ଇସି



ଶୁଭେନ୍ଦୁ ଅଧିକାରୀ

ନନ୍ଦିଗ୍ରାମର ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କ 'ମିନି ପାକିସ୍ତାନ' ମନ୍ତବ୍ୟକୁ ନେଇ ତାଗିଦ କରିବା ବ୍ୟତୀତ ବଡ଼ କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି ଇସି। ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବା ସମୟରେ ଏପରି ମନ୍ତବ୍ୟ ନ ଦେବାକୁ ଇସି ତାଙ୍କୁ ଚେତାବନୀ ଦେଇଛନ୍ତି। ନନ୍ଦିଗ୍ରାମରେ ଶୁଭେନ୍ଦୁ ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କ ବିରୋଧରେ ପ୍ରାର୍ଥୀ ହୋଇଥିଲେ। ଏପ୍ରିଲ ୧ରେ ସେଠାରେ ମତଦାନ ଶେଷ ହୋଇଥିଲା। ଏହା ପୂର୍ବରୁ ମାର୍ଚ୍ଚ ୨୯ରେ ଏକ ସାଧାରଣ ସଭାରେ ଶୁଭେନ୍ଦୁ ଘୃଣା ମନ୍ତବ୍ୟ ଦେଇଥିବା ଇସିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ବେଗମ୍ (ମମତା)ଙ୍କୁ ଭୋଟ ଦେଲେ ନନ୍ଦିଗ୍ରାମ ଏକ 'ମିନି ପାକିସ୍ତାନ' ପାଲଟିଯିବ ବୋଲି ଶୁଭେନ୍ଦୁ ଉଦ୍‌ବୋଧନ ଦେଇଥିଲେ। ସିପିଆଇଏମ୍‌ଏଲ୍‌ର କବିତା କ୍ରିଷ୍ଣନ୍ ଇସିଙ୍କ ଅଭିଯୋଗ ପରେ ଇସି ଗତ ୮ରେ ଶୁଭେନ୍ଦୁଙ୍କୁ ନୋଟିସ କରିଥିଲେ।

### ରାହୁଲ ସିହ୍ନାଙ୍କୁ ୪୮ ଘଣ୍ଟା ପ୍ରଚାର ମନା

ଅନ୍ୟପକ୍ଷେ କେନ୍ଦ୍ରୀୟ ସୁରକ୍ଷା ବଳ କୁଚ୍‌ବିହାରରେ ଅଧିକ ଲୋକଙ୍କୁ ମାରିବା ଉଚିତ ଥିଲା ବୋଲି ମନ୍ତବ୍ୟ ଦେଇଥିଲେ ଭାଜପା ନେତା ରାହୁଲ ସିହ୍ନା। ଆୟୋଗ ତାଙ୍କ ପ୍ରଚାର ଉପରେ ୪୮ ଘଣ୍ଟିଆ ରୋକ ଲଗାଇଛନ୍ତି।

> 'ବିଜ୍ଞପ୍ତି ପ୍ରକାଶ ପରଠାରୁ ହିଂସାରେ ୨୫ ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରୁ ୧୧ ଟିଏମ୍‌ସି ସମର୍ଥକ ଏବଂ ୧୩ ଜଣ ହେଉଛନ୍ତି ଭାଜପାର। ଜଣେ ୯ ବର୍ଷୀୟ ବାଳକଙ୍କ ଘର ପାଖରେ ବିସ୍ଫୋରଣ ଘଟିବାରୁ ତାଙ୍କର ମଧ୍ୟ ମୃତ୍ୟୁ ହୋଇଛି। ଏହାବାଦ୍ ୩୪ ପ୍ରାର୍ଥୀଙ୍କ ଉପରେ ଆକ୍ରମଣ ହୋଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ତଥା ଭାଜପା ନେତା ଅମିତ୍ ଶାହା ଅଥବା ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ହିଂସା ପାଇଁ ନିଜ ହାତରୁ ଉତ୍ତରଦାୟିତ୍ୱ ଖସାଇପାରିବେ ନାହିଁ।'
>
> **–ବିଶ୍ୱନାଥ ଚକ୍ରବର୍ତ୍ତୀ,ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ, ରବୀନ୍ଦ୍ର ଭାରତୀ ବିଶ୍ୱବିଦ୍ୟାଳୟ**



ନୂଆଦିଲ୍ଲୀର ଜାମା ମସ୍‌ଜିଦରେ ରମଜାନ୍ ପାଳନର ଅବ୍ୟବହିତ ପୂର୍ବରୁ ବିରାଡି ସହ ଜଣେ ଶ୍ରଦ୍ଧାଳୁ।

## ୧୨ ଲକ୍ଷ ଟପିଲା ସକ୍ରିୟ ମାମଲା

**ନୂଆଦିଲ୍ଲୀ, ୧୩।୪**

- ୧.୬୧ ଲକ୍ଷ ନୂଆ ସଂକ୍ରମିତ
- ୨୪ ଘଣ୍ଟାରେ ୮୭୯ ମୃତ



ଦେଶରେ ଦ୍ରୁତଗତିରେ ମାଡ଼ି ଚାଲିଛି କରୋନା ମହାମାରୀ। ଗତ ୨୪ ଘଣ୍ଟାରେ ଭାରତରେ ୧,୬୧,୭୩୬ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୮୭୯ ଜଣ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ମହାରାଷ୍ଟ୍ରର ସର୍ବାଧିକ ୨୫୮ ଜଣ ଏବଂ ଏହା ତଳକୁ ଛତିଶଗଡ଼ର ୧୩୨ ଜଣ ରହିଛନ୍ତି। ଏଥିସହ ଆରୋଗ୍ୟ ହାର ମଧ୍ୟ ହ୍ରାସ ପାଇ ୮୯.୫୧ ପ୍ରତିଶତରେ ପହଞ୍ଚିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୩୪ ଦିନ ହେଲା ସଂକ୍ରମଣର ନୂଆ ରେକର୍ଡ ହୋଇଚାଲିଥିବାବେଳେ ସକ୍ରିୟ ରୋଗୀଙ୍କ ସଂଖ୍ୟା ବଢ଼ି ୧୨,୬୪,୬୯୮ରେ ପହଞ୍ଚିଛି, ଯାହା କି ମୋଟ ସଂକ୍ରମଣର ୯.୨୪ ପ୍ରତିଶତ। ଫେବୃୟାରୀ ୧୨ରେ ମୋଟ ସକ୍ରିୟ ରୋଗୀ ସଂଖ୍ୟା ୧,୩୫,୯୨୬ରେ ସବୁଠାରୁ ନିମ୍ନରେ ଏବଂ ୧୮ ସେପ୍ଟେମ୍ବର ୨୦୨୦ରେ ଏହା ୧୦,୧୭,୭୫୪ରେ ସର୍ବାଧିକ ରହିଥିଲା। ମହାରାଷ୍ଟ୍ର ସର୍ବାଧିକ ସଂକ୍ରମିତ ରାଜ୍ୟ ହୋଇଥିବାବେଳେ ଏଠାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୦,ହଜାର ଟପିଛି।

## ପ୍ରବାସୀ ଶିଶୁଙ୍କ ସଂଖ୍ୟା ମାଗିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୩।୪**

### ସବୁ ରାଜ୍ୟକୁ ସତ୍ୟପାଠ ଦାଖଲ ପାଇଁ ନିର୍ଦ୍ଦେଶ

ଦେଶବ୍ୟାପୀ କୋଭିଡ୍-୧୯ ମହାମାରୀ ସଂକ୍ରମଣ ବଢ଼ିଚାଲିଥିବାବେଳେ ପ୍ରବାସୀ ଶ୍ରମିକମାନଙ୍କ ଦୁଃଖ ବହୁଗୁଣିତ ହେବାରେ ଲାଗିଛି। ଗତବର୍ଷ ଲକ୍‌ଡାଉନ୍ ବେଳେ ମହାମାରୀ ପ୍ରବାସୀ ପରିବାରଗୁଡ଼ିକର ଦୁର୍ଦ୍ଦଶା ବଢ଼ାଇଦେଇଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରବାସୀଙ୍କ ଛୋଟ ଛୋଟ ପିଲାଙ୍କ ସଂଖ୍ୟା କେତେ ଓ ସେମାନେ କେଉଁ ସ୍ଥିତିରେ ଅଛନ୍ତି ସେନେଇ ରାଜ୍ୟଗୁଡ଼ିକୁ ମଙ୍ଗଳବାର ସୁପ୍ରିମକୋର୍ଟ ରିପୋର୍ଟ ମାଗିଛନ୍ତି। କରୋନା ମହାମାରୀ ସମୟରେ ପ୍ରବାସୀ ଶିଶୁଙ୍କ ମୌଳିକ ଅଧିକାରଗୁଡ଼ିକର ସୁରକ୍ଷା ନିମନ୍ତେ ସୁପ୍ରିମକୋର୍ଟରେ ଏକ ଆବେଦନ କରାଯାଇଥିଲା। ଚାଇଲ୍ଡ ରାଇଟ୍ସ ଟ୍ରଷ୍ଟ ଏବଂ ବେଙ୍ଗାଲୁରୁର ଜଣେ ବାସିନ୍ଦାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଜୟନା କୋଠାରୀ ଏକ ପିଟିଶନ ଦାଏର କରିଥିଲେ। ଗତବର୍ଷ ମହାମାରୀ ପ୍ରଭାବର ଗମ୍ଭୀରତାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରିଥିବାବେଳେ ପ୍ରବାସୀଙ୍କ ପିଲାମାନେ ସର୍ବାଧିକ ପ୍ରଭାବିତ ହୋଇଥିଲେ। ପ୍ରବାସୀ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟ ଭଳି ମୌଳିକ ଅଧିକାର ସୁନିଶ୍ଚିତ କରିବା ଲାଗି ଉପଯୁକ୍ତ ନିର୍ଦ୍ଦେଶନାମା ଜାରି ପାଇଁ ଆବେଦନକାରୀ ଅନୁରୋଧ କରିଥିଲେ। ସଂକ୍ରମଣର ଦ୍ୱିତୀୟ ଲହରର ପ୍ରକୋପ ଦେଖିବାକୁ ମିଳିଥିବାବେଳେ ସିଜେଆଇ ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ମାର୍ଚ୍ଚ ୮ରେ ସବୁ ରାଜ୍ୟକୁ ପକ୍ଷଭୁକ୍ତ କରି ନୋଟିସ ଜାରି କରିଥିଲେ। ଖଣ୍ଡପୀଠ ସମସ୍ତ ରାଜ୍ୟକୁ ଏନେଇ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟଗୁଡ଼ିକର କାର୍ଯ୍ୟସ୍ଥଳରେ କେତେ ପ୍ରବାସୀ ପରିବାର ଅଛନ୍ତି। ସେମାନଙ୍କର କେତେ ଶିଶୁ ଓ ଛୋଟପିଲା ଅଛନ୍ତି। ପଞ୍ଚାୟତସ୍ତରରେ ସ୍ଥାନୀୟ ଅଧିକାରୀ ଓ ୱାର୍ଡ ଅଫିସ ସହାୟତାରେ ଏହି ତଥ୍ୟ ସଂଗ୍ରହ କରି ଜବାବ ଦାଖଲ ପାଇଁ ଏଥିରେ ନିର୍ଦ୍ଦେଶ ରହିଛି।

# ଭୂତାଣୁ ବାଣ୍ଟିଲା କୁମ୍ଭମେଳା

**ନୂଆଦିଲ୍ଲୀ, ୧୩।୪**

### ୨ ଦିନରେ ୧୮୦୦ ପଜିଟିଭ୍



- ଲକ୍ଷ ଲକ୍ଷ ଲୋକଙ୍କ ସମାବେଶ
- ମାସ୍କ ନାହିଁ, ହେଉନି ଥର୍ମାଲ ସ୍କ୍ରିନିଂ
- ସାମାଜିକ ଦୂରତ୍ୱ ପାଳନ ହେଉନି

ଭାରତରେ କରୋନା ସଂକ୍ରମଣ ବ୍ରାଜିଲକୁ ଟପି ଦ୍ୱିତୀୟ ସ୍ଥାନକୁ ଉଠିଥିବାବେଳେ ଭୂତାଣୁ ବାଣ୍ଟିବାରେ ଲାଗିଛି ଉତ୍ତରାଖଣ୍ଡର ହରିଦ୍ୱାର କୁମ୍ଭମେଳା। ଲକ୍ଷ ଲକ୍ଷ ସଂଖ୍ୟାରେ ଶ୍ରଦ୍ଧାଳୁ ଗୋଟିଏ ସ୍ଥାନରେ ଏକାଠି ହେବା ଯୋଗୁ କଟକଣା ବାଟବୁଡ଼ା ହୋଇଛି। ଆଗାମୀ ଦିନରେ ଏହି କୋଭିଡ୍ ବୋମା ବିସ୍ଫୋରଣ ହୋଇ ଦେଶବ୍ୟାପୀ ସଂକ୍ରମଣ ସ୍ଥିତିକୁ ଆହୁରି ମାରାତ୍ମକ କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସୋମବାର ଗଙ୍ଗାଘାଟରେ ସାହିସ୍ନାନ ପାଇଁ ଏକାଠି ହୋଇଥିଲେ ୨୮ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ। ସେମାନଙ୍କ ମୁହଁରେ ନା ଥିଲା ମାସ୍କ ନା ପାଳନ ହୋଇଥିଲା ସାମାଜିକଦୂରତା। ଭିଡ଼ ଏପରି ହୋଇଥିଲା ଯେ ପ୍ରଶାସନ ପ୍ରୋଟକଲ ପାଳନ କରିବାରେ ବିଫଳ ହୋଇଥିଲା। ଲୋକଙ୍କ ଥର୍ମାଲ ସ୍କ୍ରିନିଂ ମଧ୍ୟ ହୋଇପାରି ନ ଥିଲା। ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସୂଚନା ଅନୁସାରେ ସୋମବାର ୧୮,୧୬୯ଟି ନମୁନା ପରୀକ୍ଷା କରାଯାଇଥିବାବେଳେ ୧୦୨ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗତ ୨ ଦିନରେ କେବଳ କୁମ୍ଭମେଳାରୁ ୧୮ଶହରୁ ଅଧିକ ଲୋକ କରୋନାରେ ଆକ୍ରାନ୍ତ ହୋଇସାରିଲେଣି। ଲୋକେ କଟକଣା ପାଳନ କରୁ ନ ଥିବାବେଳେ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ମଧ୍ୟ ହୋଇ ନ ଥିବା ଦେଖାଯାଇଛି। ମେଳାରେ ସାମିଲ ହେବା ପୂର୍ବରୁ ବିଭିନ୍ନ ଚେକ୍ ପଏଣ୍ଟରେ ଲୋକେ ଆର୍‌ଟି-ପିସିଆର୍ ଟେଷ୍ଟ କରି ନେଗେଟିଭ୍ ରିପୋର୍ଟ ଦେଖାଇବା ବାଧ୍ୟତାମୂଳକ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ତାହାକୁ ମଧ୍ୟ କଡ଼ାକଡ଼ି ପାଳନ କରାଯାଉନାହିଁ। ତେବେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ଭିଡ଼ ନ ଜମାଇବାକୁ ମାସ୍କ ଯାଞ୍ଚ କରାଯାଇ ନ ଥିବା ଏବଂ ଥର୍ମାଲ ସ୍କ୍ରିନିଂ ହୋଇ ନ ଥିବା କୁମ୍ଭମେଳା ଆଇଜି ସଞ୍ଜୟ ଗୁଞ୍ଜ୍ୟାଲ କହିଛନ୍ତି।

### 'ଗଙ୍ଗାଙ୍କ ଆଶୀର୍ବାଦରୁ କରୋନା ହେବନି'



ଗତବର୍ଷ କରୋନା ସଂକ୍ରମଣବେଳେ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ଦିଲ୍ଲୀରେ ତବଲିଗ୍ ଜମାତ ଆୟୋଜନରୁ କୋଭିଡ୍ ବ୍ୟାପିଥିବା ପ୍ରସଙ୍ଗ ଉଠିଥିବାବେଳେ ଏବେ କୁମ୍ଭମେଳାରେ ଲକ୍ଷଲକ୍ଷ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କୁ ଏକତ୍ର ହେବାକୁ ଅନୁମତି ଦିଆଯିବା ନିଷ୍ପତ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ତୀରଥ ସିଂ ରାୱତ କହିଛନ୍ତି କୁମ୍ଭମେଳାରେ ମା' ଗଙ୍ଗାଙ୍କ ଆଶୀର୍ବାଦରୁ କରୋନା ବ୍ୟାପିବ ନାହିଁ। କୁମ୍ଭ ସହ ମରକଜ୍‌କୁ ତୁଳନା କରାଯିବା ଉଚିତ ନୁହେଁ। ଏକ ବନ୍ଦ ଘରେ ମୁସଲମାନ ସମ୍ପ୍ରଦାୟ ଉତ୍ସବ ପାଳିଥିବାରୁ ସଂକ୍ରମଣ ବ୍ୟାପିଥିଲା। କିନ୍ତୁ କୁମ୍ଭ ନୀଳକଣ୍ଠଠାରୁ ଦେବପ୍ରୟାଗ ପର୍ଯ୍ୟନ୍ତ ପରିବ୍ୟାପ୍ତ।

ଧରିତ୍ରୀ
DHARITRI
ବୁଧବାର, ଏପ୍ରିଲ ୧୪/୨୦୨୧ Wednesday, April 14/2021



## କାଜଲଙ୍କ ଗୀତରେ ନାଚିଲେ ନ୍ୟାସା

ମା' କାଜଲଙ୍କ ସୁପରହିଟ୍ ବଲିଉଡ୍ ନମ୍ବରରେ ଡ୍ୟାନ୍ସ କରିଛନ୍ତି ଝିଅ ନ୍ୟାସା। ଏହାର ଭିଡିଓକୁ ବେଶ୍ ପସନ୍ଦ କରିଛନ୍ତି ତାଙ୍କ ସମର୍ଥକ।

୧୪

୧୨

## ଭୁବନେଶ୍ୱର ପ୍ଲେୟର ଅଫ୍ ଦି ମନ୍ଥ୍

ଭାରତର ଅଭିଜ୍ଞ ସିମ୍ ବୋଲର ଭୁବନେଶ୍ୱର କୁମାର ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ୍ ପୁରସ୍କାର ଜିତିଛନ୍ତି।




## ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



DADLS - 02

ପବିତ୍ର ମହାବିଷ୍ଣୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

ଆଜିର ଦିବସ ହେଉ 'କରୋନା' ବିରୋଧରେ ଆମର ବିଜୟ ସଂକଳ୍ପ ଦିବସ । ଆସନ୍ତୁ, 'କରୋନା' ସଂକ୍ରମଣକୁ ପ୍ରତିହତ କରି ଓଡ଼ିଶାର ନବକଳେବରରେ ସାମିଲ ହେବା ।

(ଗଣେଶୀ ଲାଲ)

OIPR-15001/13/0002/2122

## ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



DADLS - 02

ଓଡ଼ିଆ ନୂଆବର୍ଷ ତଥା ମହାବିଷ୍ଣୁବ ସଂକ୍ରାନ୍ତି ଅବସରରେ ଓଡ଼ିଶାବାସୀ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ଆସନ୍ତୁ, ଆମେ ସମସ୍ତେ ମିଶି ଏକ ସୁସ୍ଥ, ସୁରକ୍ଷିତ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଏହି ପବିତ୍ର ଦିବସରେ ସଂକଳ୍ପବଦ୍ଧ ଭାବରେ କାର୍ଯ୍ୟ କରିବା ।

ଆପଣମାନଙ୍କୁ ମୋର ଅନୁରୋଧ କରୋନା ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ପରାମର୍ଶ ପାଳନ କରନ୍ତୁ । ନିଜକୁ ଓ ନିଜ ପରିବାରକୁ ସୁରକ୍ଷିତ ରଖନ୍ତୁ ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0002/2122



## ପବିତ୍ର ମହାବିଷ୍ଣୁବ ସଂକ୍ରାନ୍ତି ଉପଲକ୍ଷେ ବାର୍ତ୍ତା

DADLS - 02

ଓଡ଼ିଆ ନବବର୍ଷ ତଥା ମହାବିଷ୍ଣୁବ ସଂକ୍ରାନ୍ତି ଉପଲକ୍ଷେ ମୁଁ ରାଜ୍ୟବାସୀ ସମସ୍ତ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାର ମହାନ୍ ଐତିହ୍ୟ, ଅନନ୍ୟ ସଂସ୍କୃତି ଓ ସମୃଦ୍ଧ ପରମ୍ପରାର ସ୍ମୃତିକୁ ଉଜ୍ଜୀବିତ କରୁଥିବା ନୂଆ ବର୍ଷ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ମନରେ ଆନନ୍ଦ ଉତ୍ସାହ ଭରିଦେଉ, ଏହାହିଁ ମୋର କାମନା ।

କରୋନା ମହାମାରୀକୁ ମୁକାବିଲା କରି ଏକ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନରେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ମୁଁ ସମସ୍ତଙ୍କର ସହଯୋଗ ଆଶା କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR-15001/13/0002/2122

DSPL - 09

ODISHA ONE
ଓଡ଼ିଶା ଆମ ଗୌରବ

ଓଡ଼ିଶା ସରକାର

ପବିତ୍ର ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ଶୁଭ ଅବସରରେ
ଜରୁରୀକାଳୀନ ଆମ୍ବୁଲାନ୍ସ ସେବାକୁ ଦ୍ରୁତତର କରିବା ନିମନ୍ତେ
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀ ନବୀନ ପଟ୍ଟନାୟକଙ୍କ**

କରକମଳରେ
୪୭ ଗୋଟି ନୂତନ ଉନ୍ନତମାନର ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସର

**ଲୋକାର୍ପଣ**

୧୪ ଅପ୍ରେଲ୍ ୨୦୨୧



୨୮ଟି ଆମ୍ବୁଲାନ୍ସ ୧୦୮ ସେବା ନିମନ୍ତେ
୧୯ଟି ଆମ୍ବୁଲାନ୍ସ ମେଡିକାଲ୍ କଲେଜ୍ ଏବଂ ହସ୍ପିଟାଲ ନିମନ୍ତେ




### ଆମ୍ବୁଲାନ୍ସ ପାଇଁ ଯୋଗାଯୋଗ ନମ୍ବର 108

ସମସ୍ତ ପ୍ରକାର ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ ଏବଂ ଗୁରୁତର ରୋଗରେ ପୀଡିତ ବ୍ୟକ୍ତିଙ୍କ ପାଇଁ ଜରୁରୀକାଳୀନ ସମୟରେ ବିନା ମୂଲ୍ୟରେ ଆଶୁ ଚିକିତ୍ସା ଓ ଡ଼ାକ୍ତରଖାନାକୁ ଯିବା ପାଇଁ ଟୋଲ୍ ଫ୍ରି ନଂ. **108** କୁ (ବିନା କୋଡ୍‌ରେ) ଫୋନ୍ କରି ଜରୁରୀକାଳୀନ ଆମ୍ବୁଲାନ୍ସ ସେବାର ସୁବିଧା ନିଅନ୍ତୁ ।

ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha http://www.health.odisha.gov.in/ @HFWOdisha OIPR-10084/13/0002/2122

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଆଏସା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅହିଅ ମଣ୍ଡଳେ ଯେଉଁ ନାରୀ ଥାଇ, ତାହାଠାରୁ ଶୁଭ ବ୍ରହ୍ମାଣ୍ଡରେ ନାହିଁ।**

ସ୍ତ୍ରୀ ସଧବା ରହିବା ହିନ୍ଦୁ ସମାଜରେ ଅତି ପୁଣ୍ୟର ଲକ୍ଷଣ ବା ସୌଭାଗ୍ୟର କଥା ହୋଇଥାଏ। ସେ ବଞ୍ଚିଥିବା ପର୍ଯ୍ୟନ୍ତ ସ୍ୱାମୀ ଜୀବିତ ଥିଲେ ଅହ୍ୟ ସୁଲକ୍ଷଣି ବୋଲି କୁହାଯାଏ। ହାତରେ ଶଙ୍ଖା ଓ ମଥାରେ ସିନ୍ଦୂର ଅହ୍ୟର ଲକ୍ଷଣ। ଏହା ରହିବା ସ୍ତ୍ରୀମାନଙ୍କର ପରମ ସୌଭାଗ୍ୟ ବୋଲି ଧରାଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅପାମାରଙ୍ଗର ଅପାର ଗୁଣ, ତାକୁ ଘଷୁଥିବ ମୂଳେ ଚୂତପତର ଯେ ଲକ୍ଷ୍ମୀଦାୟକ ପାଚି ପଡ଼ିଥିଲେ ତଳେ।**

ଅପାମାରଙ୍ଗ ଡାଳରେ ଦାନ୍ତ ଘଷିଲେ ଦାନ୍ତରେ ଥିବା ସମସ୍ତ ଦୁର୍ଗୁଣ ଏବଂ ଦୁର୍ଗନ୍ଧ ଦୂର ହୋଇଯାଇଥାଏ। ସେହିପରି ଆମ୍ବ ପତ୍ର ତଳେ ପଡିଥିବାର ଦେଖିଲେ ଧନର ଆଗମନ ହୁଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ଅନୁଷ୍ଠାନ

# ୧୪ପ୍ରକଳ୍ପ ପାଇଁ ୧୧୪୪କୋଟି ମଞ୍ଜୁର

**ନୂଆଦିଲ୍ଲୀ,୧୩।୪:** ୨୦୨୦-୨୧ ଆର୍ଥିକ ବର୍ଷରେ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ୧୪ଟି ପ୍ରକଳ୍ପ ପାଇଁ ଓଡ଼ିଶାକୁ ୧୧୪୪.୨୯ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଥିସହ ସଡ଼କ ସୁରକ୍ଷା କାର୍ଯ୍ୟ ପାଇଁ ଏହି ସମୟରେ ୧.୪୨କୋଟି ଟଙ୍କା ଦିଆଯାଇଛି।

କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ନୀତିନ ଗଡକାରୀ ଦେଇଥିବା ସୂଚନା ଅନୁସାରେ ଓଡ଼ିଶାର ଏନ୍‌ଏଚ୍-୨୬ର ବରପାଲିରୁ ବଲାଙ୍ଗୀରକୁ ୪ଥାକିଆ ରାସ୍ତା ନିର୍ମାଣ ପାଇଁ ୪୧୪.୨୪କୋଟି ଟଙ୍କା ପ୍ରଦାନ କରାଯାଇଛି। ଏଥିସହ ଏନ୍‌ଏଚ୍-୫୯ର ମୁଣ୍ଡମରାଇରୁ ରତନପୁର ରାସ୍ତାର ପ୍ରଶସ୍ତୀକରଣ ସହ ୨ଲାଇନ୍ ବିଶିଷ୍ଟ କରିବାକୁ ୧୨୫.୯୪କୋଟି ମଞ୍ଜୁର କରାଯାଇଛି। ସେହିପରି ୩୧୬ ଜାତୀୟ ରାଜପଥ ଅନ୍ତର୍ଗତ ପୁରୀ ନିକଟରେ ଓଭର ବ୍ରିଜ୍ ନିର୍ମାଣ ପାଇଁ ୧୩୭.୬୧କୋଟି ଏବଂ ଏନ୍‌ଏଚ୍-୫୯ର ବ୍ରହ୍ମପୁର ନିକଟରେ ବାଇପାସ୍ ନିର୍ମାଣ ପାଇଁ ୧୯୬.୯୪କୋଟି ମଞ୍ଜୁର କରାଯାଇଥିବା ମନ୍ତ୍ରୀ ଗଡକାରୀ କହିଛନ୍ତି।

# ନ୍ୟୁୟର୍କରେ ପ୍ରଦର୍ଶନ ହେବ 'କାଲିର ଅତୀତ'

**ଭୁବନେଶ୍ୱର, ୧୩।୪(ବ୍ୟୁରୋ):** ପ୍ରଯୋଜକ ତଥା ନିର୍ଦ୍ଦେଶକ ପଦ୍ମଶ୍ରୀ ନୀଳମାଧବ ପଣ୍ଡାଙ୍କ ଓଡ଼ିଆ ଚଳଚ୍ଚିତ୍ର 'କାଲିର ଅତୀତ' ଖୁବ୍‌ଶୀଘ୍ର ନ୍ୟୁୟର୍କରେ ପ୍ରଦର୍ଶନ ହେବାକୁ ଯାଉଛି। ନ୍ୟୁୟର୍କସ୍ଥିତ କର୍ନେଲ ବିଶ୍ୱବିଦ୍ୟାଳୟ ଫିଲ୍ମ ସୋସାଇଟିର କର୍ନେଲ ସିନେମା ହଲ୍‌ରେ ଏହା ପ୍ରଦର୍ଶନ ହେବ। ଅନୁଷ୍ଠାନର ଛାତ୍ରୀଛାତ୍ର, ଅଧ୍ୟାପକମାନଙ୍କ ସହିତ ନୀଳମାଧବ ଏକ ୱେବିନାର କରିବେ। ଏଥିରେ ଚଳଚ୍ଚିତ୍ରର ବିଷୟବସ୍ତୁ, ଜଳବାୟୁ ପରିବର୍ତ୍ତନ ଓ ଏହାର ପ୍ରଭାବ ପ୍ରସଙ୍ଗରେ ଆଲୋକପାତ କରିବେ। କର୍ନେଲ ବିଶ୍ୱବିଦ୍ୟାଳୟରେ ଉକ୍ତ ଚଳଚ୍ଚିତ୍ର ପ୍ରଦର୍ଶନ ହେବାକୁ ଥିବାରୁ ନୀଳମାଧବ ଖୁସି ବ୍ୟକ୍ତ କରିଛନ୍ତି। ଚଳଚ୍ଚିତ୍ରଟି ଓଡ଼ିଶାର ସତ୍ୟ ଘଟଣା ଉପରେ ଆଧାରିତ। ଏହି ଚଳଚ୍ଚିତ୍ର ନିଶ୍ଚିତ ଭାବେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ପର୍କରେ ସଚେତନ କରିବ ବୋଲି ସେ ଆଶା ରଖିଛନ୍ତି।




# ସିସିଆଇରେ ହୋଇଛି ନାବାଳିକା ମା'ଙ୍କ ଶିଶୁ ବିକ୍ରି

**କେନ୍ଦ୍ରାପଡ଼ା ଅଫିସ, ୧୩।୪**

## ଜିଲା ପ୍ରଶାସନ, ଜେଜେ ବୋର୍ଡରେ ଅଭିଯୋଗ

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅଧୀନ ଏକ ଶିଶୁ ପ୍ରଯତ୍ନ କେନ୍ଦ୍ର(ସିସିଆଇ)ରେ ଜଣେ ନାବାଳିକା ମା'ଙ୍କ ଶିଶୁକନ୍ୟା ବିକ୍ରି ହୋଇଛି। ଏପରି ଅଭିଯୋଗ ଆଣି ସମ୍ପୃକ୍ତ ନାବାଳିକାଙ୍କ ମା' ଜିଲାପାଳ, ଏସ୍‌ପି ଓ ଜେଜେ (ଜୁଭେନାଇଲ ଜଷ୍ଟିସ) ବୋର୍ଡରେ ଅଭିଯୋଗପତ୍ର ମଙ୍ଗଳବାର ଦେଇଛନ୍ତି। ଜେଜେ ବୋର୍ଡରେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ପୀଡିତାଙ୍କ ବୟାନ ଲିପିବଦ୍ଧ ହୋଇନାହିଁ। ଏ ସମ୍ପର୍କରେ ପୀଡିତା କହିଛନ୍ତି, ତାଙ୍କୁ ଏବେ ୧୭ ବର୍ଷ। ଗତ ୩ ବର୍ଷ ପୂର୍ବେ ପାଠ ପଢୁଥିବା ବେଳେ ଗ୍ରାମର ଜଣେ ଯୁବକଙ୍କ ସହ ଘନିଷ୍ଠତା ବୃଦ୍ଧି ପାଇଥିଲା। ୫ ମାସର ଗର୍ଭବତୀ ପରେ ଘରଲୋକେ ଜାଣି ଏ ନେଇ ସମ୍ପୃକ୍ତ ଯୁବକଙ୍କ ନାମରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା (ନଂ. ୧୭୪/୧୭) ରୁଜୁ କରି ଯୁବକଙ୍କୁ ଧରି ଆଣିଥିଲେ ମଧ୍ୟ ପରେ ଛାଡି ଦେଇଥିଲେ। ସମ୍ପୃକ୍ତ ଯୁବକ ଥାନାରୁ ଆସି ଜୀବନରୁ ମାରି ଦେବାକୁ ଉଦ୍ୟମ କରିବାରୁ ଜିଲା ପ୍ରଶାସନ ସହାୟତାରେ ବାରିମୂଳସ୍ଥ ଏକ ସ୍ୱଳ୍ପ ରହଣି କେନ୍ଦ୍ରରେ ଥିଲି। ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁ କନ୍ୟା ଜନ୍ମ ପରେ ମାର୍ଶାଘାଇ ଥାନା ଅଞ୍ଚଳର ସିସିଆଇକୁ ସ୍ଥାନାନ୍ତର ହୋଇଥିଲି। ଏହି ସମୟରେ ଶିଶୁକୁ ଚିକିତ୍ସା ଯୋଗାଇ ଦିଆଯିବ କହି ମୋ'ଠାରୁ ସିସିଆଇଣ କର୍ମଚାରୀ ନେଇଥିଲେ ବି ଅଦ୍ୟାବଧି ଫେରାଉ ନାହାନ୍ତି। ଶିଶୁକନ୍ୟାକୁ ଏମାନେ କେତେଜଣ ସରକାରୀ ବାବୁଙ୍କ ସହାୟତାରେ ବିକ୍ରି କରି ଦେଇଥିବା ସନ୍ଦେହ ବଢୁଛି। ଏ ନେଇ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଆବେଦନପତ୍ର ଦେଇଥିବା ପୀଡିତା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଏହି ସିସିଆଇର କର୍ମକର୍ତ୍ତାମାନେ ଅନ୍ୟ ଜଣେ ମହିଳା କର୍ମଚାରୀଙ୍କ ସହ ଅନୈତିକ ସମ୍ପର୍କ ରଖି ଦୁଇଟି ଶିଶୁ ବିକ୍ରି କରିଥିବା ଥାନାରେ ଅଭିଯୋଗ ହୋଇଛି। ଏଥିସହ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଗତ ୫ ତାରିଖରେ ତଦନ୍ତ କରିଥିଲେ। ଏହାପରେ ଏହି ଘଟଣାର ତଦନ୍ତ ମାର୍ଶାଘାଇ ପୋଲିସ କରୁଛି।


# classifieds Everyday 0674-2580101, 2549302


MATRIMONIAL

## BRIDE WANTED

ବ୍ରାହ୍ମଣ, ଖଣ୍ଡାୟତ, କରଣ, ଗୁଡ଼ିଆ, ବଣିଆ, ତେଲି ଜାତିର କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68278

Brahmin boy 1990 B.Tech Asst. Manager Nationalised Bank, Bbsr. 9437555525. D-20478

## GROOM WANTED

Government job/ Business କରୁଥିବା ବ୍ରାହ୍ମଣ ବରପାତ୍ର ଆବଶ୍ୟକ। Contact: 7653915602. D-70829

46 ବୟସ୍କା Railway Government ଚାକିରିଆ କରଣ unmarried ଝିଅଙ୍କୁ any caste married, unmarried ପୁଅ ଦରକାର। 7681060810. D-67979




## SALE

ଭୁବନେଶ୍ୱର ଯାଆଁଳା NHରୁ ½km ଦୂରତାରେ 30' ରାସ୍ତାଥାଇ plot ଏବଂ AIIMS ପାଖରେ sqft. 650/- କିଣନ୍ତୁ। 9348767829. D-70837

**ସୁନ୍ଦରପଦା Hi-tech Apartment Opposite ରେ Boundary ଥାଇ Gharabari Plot କିଣନ୍ତୁ 7008492511.** D-69390

GHARABADI Yellowzone plot for sale. Samantarapur-1750-3600/-, Uttara and Sundarpada- 1450/-, (S.C. Plot- 1200/-, Uttara N.H). Mob- 7978551614, 9439049194. D-20480

**Residential cum commercial gharabari plot 12000sft. with boundarywall touching to road at Brahmanjharilo, Cuttack 11km. to Bhubaneswar, 18km to Cuttack. 7809525452, 8249851363.** D-70442

**ଭୁବନେଶ୍ୱର ଗଙ୍ଗପଡ଼ା NH-16ରୁ 400mtr ଦୂରତାରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି। 7978676652.** D-70819

**2/3BHK flat at Bhubaneswar booking open, Discfount offer, limited period upto 5,00,000/-. 9040744989.** D-70836

Bhubaneswar ସୁନ୍ଦରପଦା, କାଟେଣୀ ପାଖରେ ଘରବାଡ଼ି ପ୍ଲଟ 1200 Sqft. 18,00,000/-, 7,50,000/- କିଣି ଘର କରନ୍ତୁ। Liza - 7749020933. D-70833

**Plot for Sale Near Pipili Toll Gate, Just 16 K.M. from Bhubaneswar, Kalpana Square. Contact: 9937446498.** D-70581

Shree Krishna developer 55acres township plotting project near Sum Hospital for enquiry. 8337900881. D-70582

**1200sqft. gharabari boundary plot 30ft. road Gudiapokhari 8,00,000/-Rangabazar 10,00,000/-, 8455094875.** D-70828

**Plot for Sale, 2000sqft (10nos) per sqft-1800 Yellowzone infront of Tata ariana, Vipul Garden Backside Ghatikia Mouza-sankarpur, BBSR. Water & Electricity available 30' Road NH-5 to 1km Contact: 7381564227.** D-20497

**Bhubaneswar, Hanspal residential Colonyରେ 1500sqft. @ 23,25,000ରେ plot ମିଳୁଛି। 9853415415, 7008351926.** D-20248

**ଭୁବନେଶ୍ୱର ନଖରା East Engineering College backside ଘରବାରି developed plot with electricity available. ଯୋଗାଯୋଗ - 9937111658, 7381029351 (limited plots).** D-70816

## GENERAL SALE

Masala unit for sale latest grinding & packaging machinery for immediate sale. Contact: 9861096613, 9437032460. D-20503




2BHK on Sum Hospital road, Sampur, Rs. 7000/-. 6370627933. D-20504

Shoproom (10'x10') opposite BijuPatnaik College, Jayadev Vihar main road. Contact: 9938511622. D-20476

3BHK Ommniloy A201 near Flyover Shahid Nagar, Family/ Office. 7032925529, 9337555288. D-20496




New opening Saikrupa Panchakarma and Spa jointpain, fullbody massage, 8984068077. D-65915

Monalisa massage club : All types body massage with hiprofile smart lady rooms service available 9708545108. D-20491

Zen SPA positively health benefits with experts therapeutic genuinely massage. 7205084157. D-70585

Swarna SPA newly open positively health benefits with expert therapist. 9556978408. D-70584

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in




ଜଗନ୍ନାଥ ଆଷ୍ଟ୍ରୋରେ ମାତ୍ର ୫ଘଣ୍ଟାରେ ସମସ୍ତ ପ୍ରକାର ପାରିବାରିକ/ ବ୍ୟବସାୟିକ ସମାଧାନ। 7894677450. D-59987

## AFFIDAVIT

By virtue of an affidavit before Notary Pipili, I do hereby declare that Abhimanyu Bisoi and Avina Bisoi are one and same person ie myself Abhimanyu Bisoi for all purpose from today. D- 70446

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


# ଦମ୍ପତିଙ୍କୁ ପାଣିରେ ବୁଡ଼ାଇ ହତ୍ୟା ଉଦ୍ୟମ

- ବାବା ଫେରାର, ସହଯୋଗୀ ଅଟକ
- ବାବାଙ୍କ ନାଁରେ ଟାଉନ୍ ଥାନାରେ ମାମଲା
- ପୁତ୍ରସନ୍ତାନ ଆଶାରେ ପୂଜାପାଠ କରୁଥିଲେ ଦମ୍ପତି

**ବଲାଙ୍ଗୀର ଅଫିସ, ୧୩।୪:** ବଲାଙ୍ଗୀର ସହର କନ୍ଦପାଲିପଡ଼ାର ଦମ୍ପତିଙ୍କୁ ଜଣେ ବାବା ବନ୍ଧପାଣିରେ ବୁଡ଼ାଇ ହତ୍ୟା ଉଦ୍ୟମ କରିଥିବା ଆଦର୍ଶ ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜଣେ ବାବା ଫେରାର ହୋଇଯାଇଛନ୍ତି। ତେବେ ତାଙ୍କ ସହଯୋଗୀଙ୍କୁ ଧରି ସ୍ଥାନୀୟ ପଡ଼ାବାସୀ ପୋଲିସ ଜିମା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ କନ୍ଦପାଲିପଡ଼ାର ଅଶୋକ ବିଶି ଓ ତାଙ୍କ ସ୍ତ୍ରୀଙ୍କୁ ସେହି ପଡ଼ାରେ ଭଡ଼ାରେ ରହୁଥିବା ବିଜୟ୍ ବାବା ସୋମବାର ରାତିରେ ପୂଜାର୍ଚ୍ଚନା କରିବା ପରେ କିଛି ପ୍ରସାଦ ଦେଇ ଘର ଲୋକଙ୍କୁ ଖାଇବାକୁ ଦେବା ଲାଗି କହିଥିଲେ। ବାବାଙ୍କ କହିବା ମୁତାବକ ଅଶୋକ ଘରେ ପ୍ରସାଦ ଖାଇବାକୁ ଦେଇ ରାତିରେ ଶୋଇଥିଲେ। ରାତି ପ୍ରାୟ ସାଢ଼େ ୧୧ଟାରେ ବିଜୟ୍ ବାବା ଓ ତାଙ୍କ ସହଯୋଗୀ ମହେଶ୍ୱର ମାଝି ଅଶୋକଙ୍କ ଘରକୁ ଆସି ବିଶି ଦମ୍ପତିଙ୍କୁ କନ୍ଦପାଲିପଡ଼ା ବନ୍ଧ(ଜଳାଶୟ)କୁ ଡାକି ନେଇଥିଲେ। ସେଠାରେ ଉଭୟଙ୍କ ବେକକୁ ଧରି ବାରମ୍ବାର ପାଣିରେ ବୁଡ଼ ପକାଇଥିଲେ। ଅଶୋକଙ୍କ ସ୍ତ୍ରୀଙ୍କ ଚିତ୍କାର ଶୁଣି କେତେକ ପଡ଼ାବାସୀ ସେଠାକୁ ଆସିଯିବାରୁ ବିଜୟ୍ ବାବା ଫେରାର ହୋଇଯାଇଥିଲେ। ତେବେ ପଡ଼ାବାସୀ ବାବାଙ୍କ ସହଯୋଗୀ ମହେଶ୍ୱରଙ୍କୁ ସକାଳେ ଧରି ବନ୍ଧଆଡିର ଏକ ଗଛରେ ବାନ୍ଧି ଦେଇଥିଲେ। ଟାଉନ ଥାନା ପୋଲିସ ପହଞ୍ଚି ତାଙ୍କୁ ସେଠାରୁ ଥାନାକୁ ଆଣି ପଚରାଉଚରା କରୁଛି। ପୁତ୍ରସନ୍ତାନ ଲାଭ ଆଶାରେ ଦମ୍ପତି ବାବାଙ୍କଠାରେ ପୂଜାର୍ଚ୍ଚନା କରିବା ପରେ ଏଭଳି କାଣ୍ଡ ଘଟିଥିବା କୁହାଯାଉଛି। ଥାନାରେ ମାମଲା (ନଂ. ୨୪୨/୨୧) ରୁଜୁ କରି ଅନୁସନ୍ଧାନ ଚାଲିଥିବା ପୋଲିସ ପକ୍ଷରୁ କୁହାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଚନ୍ଦ୍ରଙ୍କ ଏକଦଶରେ ବୃହସ୍ପତିଙ୍କ ଯୋଗୁ ଧାର୍ମିକ କାର୍ଯ୍ୟାରମ୍ଭ, ପ୍ରତ୍ୟେକ କାମକୁ ଶୃଙ୍ଖଳିତ ଭାବରେ ସମ୍ମାନର ସହ ସମାପନ କରିପାରିବେ। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିଲେ ମଧ୍ୟ ସାମୟିକ ସୁସ୍ଥତା ଅନୁଭବ କରିବେ। ଭଙ୍ଗା ପଡିଯାଇଥିବା ବନ୍ଧୁଙ୍କ ସହ ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ଆର୍ଥିକ ଦିଗଟି ଭଲ ରହିବା ହେତୁ ମନ ଖୁସି ରହିବ।

**ବୃଷ** ରବି ଓ ଶୁକ୍ର ଦ୍ୱାଦଶସ୍ଥ ହେତୁ ଦୂର ଯାତ୍ରା କରିବାକୁ ପଡିପାରେ। ତୃତୀୟାଧିପତି ନୀଚସ୍ଥ ଓ ଶନିଦୃଷ୍ଟ ଯୋଗୁ ଆତ୍ମୀୟଙ୍କ ଅସଲ ପରିଚୟ ପାଇ ଭୁଲ୍ ଧାରଣା ଦୂର ହେବ। ସ୍ୱାସ୍ଥ୍ୟ ଭଲ ରହିବ କିନ୍ତୁ ରାହୁଙ୍କ ପ୍ରଭାବରେ ନିଷ୍ପତ୍ତି ନେବାରେ ଭୁଲ୍ କରିପାରନ୍ତି। ପରକଥାରେ ମୁଣ୍ଡ ପୂରାଇ ସମସ୍ୟାକୁ ଡାକି ଆଣିବା ଠିକ୍ ହେବନି।

**ମିଥୁନ** ଆଜି ରାଶିରେ ମଙ୍ଗଳ ହେତୁ କୌଣସି ମୂଲ୍ୟବାନ ଜିନିଷପ୍ରାପ୍ତି ପାଇଁ ଚେଷ୍ଟା ଚଳାଇପାରନ୍ତି। ଆତ୍ମୀୟ କିମ୍ବା ପରିଚିତଙ୍କ ପ୍ରତିକୂଳ ଆଚରଣ ମାନସିକସ୍ତରକୁ କ୍ଷତବିକ୍ଷତ କରିପାରେ। ପୁନର୍ବସୁ ନକ୍ଷତ୍ର ସକାଶେ ଆନୁଷ୍ଠାନିକ କାମରୁ କିମ୍ବା ସଭାସମିତିରେ ବିଶିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ସମ୍ମାନିତ ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଉନ୍ନତି ହେବ।

**କର୍କଟ** ଦଶମଭାବରେ ଗ୍ରହମାନଙ୍କ ଉପବେଶନ କର୍ମକ୍ଷେତ୍ର, ପାରିବାରିକ ଓ ସାମୂହିକ କାର୍ଯ୍ୟରେ ସୁଫଳ ପ୍ରଦାନ କରିବ। ଅନୁକୂଳ ସ୍ଥାନରେ ରହି ନୂତନ ଘରଟିଏ କିଣିବା କିମ୍ବା ଯାନବାହନ କିଣିବାକୁ ମନ ବଳାଇବେ। ସ୍ତ୍ରୀଙ୍କ ପରାମର୍ଶ ମାନି ଚଳିଲେ କେତେକାଂଶରେ ଉପକୃତ ହେବେ।

**ସିଂହ** ଭାଗ୍ୟ ସ୍ଥାନରେ ରବିଙ୍କ ସହ ବୁଧ ଓ ଚନ୍ଦ୍ର ଥିବାରୁ ପାରିବାରିକ ଏବଂ କର୍ମକ୍ଷେତ୍ର ସନ୍ତୋଷଜନକ ରହିବ। ଘର ଭିତରେ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡିବେ। କାର୍ଯ୍ୟବ୍ୟସ୍ତ କାରଣରୁ କୌଣସି କଥା ଠିକ୍ ରହିବ ନାହିଁ କିମ୍ବା ଠିକଣା ସମୟରେ ମନେ ପଡି ନ ପାରେ। ଅପେକ୍ଷା କରିଥିବା ଲୋକଟିର ଦେଖା ନ ପାଇ ବିରକ୍ତି ଅନୁଭବ କରିବେ।

**କନ୍ୟା** ବୁଧଙ୍କ ରାଶି ପ୍ରତି ପ୍ରତ୍ୟକ୍ଷ ଦୃଷ୍ଟି ନିରାମୟ ସ୍ୱାସ୍ଥ୍ୟ, ବନ୍ଧୁଙ୍କ ସମାଦର ସହ ଶୁଭଖବର ମନକୁ ଆହ୍ଲାଦିତ କରିବ। ଯେମିତି ଚାହିଁବେ ସେମିତି ପାଇବେ। କର୍ମକ୍ଷେତ୍ରରେ ସହକର୍ମୀଟିର ଭୁଲ୍ ବୁଝାମଣାକୁ ସୁଧାରି ନେବାରେ ସମର୍ଥ ହେବେ। କିନ୍ତୁ ଚିତ୍ରା ନକ୍ଷତ୍ର ପରିବାରରେ ସ୍ନେହ, ଶ୍ରଦ୍ଧା ଓ ଅନାଦର ଭାବକୁ ନେଇ ଦୁଶ୍ଚିନ୍ତା ଲାଗି ରହିବ।

**ତୁଳା** ଚନ୍ଦ୍ର ନକ୍ଷତ୍ରସ୍ଥ କେନ୍ଦ୍ରକୋଣାଧିପଙ୍କ ପ୍ରଭାବରେ ପାରିବାରିକ ସ୍ତରରେ ପିଲାଙ୍କ ବିଳମ୍ବ ବିବାହକୁ ନେଇ ଚିନ୍ତା ବଢିଯିବ। ଅନ୍ୟର ପ୍ରରୋଚନାରେ ପ୍ରଭାବିତ ହୋଇ ଭୁଲ୍ କାମରୁ ଦୂରେଇ ରହିବା ଭଲ ହେବ। ଅର୍ଥ ସମ୍ପର୍କୀୟ କଥାବାର୍ତ୍ତାରେ ବନ୍ଧୁଙ୍କଠାରୁ ଶୁଭ ସୂଚନା ପାଇବେ। ଅସମ୍ପୂର୍ଣ୍ଣ କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବାକୁ ଚେଷ୍ଟିତ ହେବେ।

**ବିଛା** ଅଷ୍ଟଭାବସ୍ଥ ମଙ୍ଗଳଙ୍କ ଦୁର୍ବଳତା ସ୍ୱାସ୍ଥ୍ୟ ସମସ୍ୟା ସଙ୍ଗକୁ ବନ୍ଧୁସମ୍ପର୍କ ହ୍ରାସ ଘଟାଇପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ପାଇଁ ଦିନଟି ଭଲ, କିନ୍ତୁ ବେଶି ତକଲିଫ ହେବ। ଯେତେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଭାବିବେ। ପାରିବାରିକ ସମସ୍ୟାର ସମାପ୍ତି ଘଟାଇବେ ଅବଶ୍ୟ ଜଣେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ।

**ଧନୁ** ଦେବଗୁରୁ ତୃତୀୟଭାବରୁ ଭାଗ୍ୟସ୍ଥାନକୁ ଦେଖୁଥିବାରୁ ଏକାଧାରରେ ମାନସିକ, ଶାରୀରିକ ଓ ଆର୍ଥିକ ଦିଗରୁ ଉନ୍ନତ ଫଳ ପାଇବେ। ପରିବାର ଓ ପରିବହନରେ ମତାନ୍ତର ସମ୍ଭାବନାକୁ ଏଡିହେବ ନାହିଁ। ସାଧାରଣ କଥାକୁ କେନ୍ଦ୍ରକରି ଭାଇ ଭାଇ ଭିତରେ ମତପାର୍ଥକ୍ୟ ଦେଖାଦେବ। ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ।

**ମକର** କର୍ମାଧିପଙ୍କ ସୁଦୃଷ୍ଟିରୁ କର୍ମକ୍ଷେତ୍ର ସମସ୍ୟାର ସରଳ ସମାଧାନ ପାଇଁ ଚେଷ୍ଟା କରିପାରନ୍ତି। ମଙ୍ଗଳଙ୍କ ପ୍ରଭାବରେ ଜମିଜମା, ଯାନବାହନ କ୍ରୟବିକ୍ରୟରେ ସୁଫଳ ଲାଭ କରିବେ। ସମ୍ପର୍କୀୟଙ୍କ ସହାୟତାରେ ଅଟକି ରହିଥିବା କାମ ସମ୍ପନ୍ନ ସୁଯୋଗ ମିଳିବ। ବୁଧଙ୍କ ନୀଚତ୍ୱ ହେତୁ ସ୍ନାୟବିକ ଦୁର୍ବଳତା, ବନ୍ଧୁ ସମ୍ପର୍କରେ ନ୍ୟୂନତା ଅନୁଭବ କରିପାରନ୍ତି।

**କୁମ୍ଭ** ଷଷ୍ଠାଧିପ ଚନ୍ଦ୍ର ରବିରଶ୍ମିରେ ମାନସିକ ଅସ୍ଥିରତା ଲାଗି ରହିବ। ସମସ୍ୟା ଭିତରେ ବୁଡି ରହିଥିଲେ ମଧ୍ୟ କାମର ଚାପ ଆଦୌ ବିଶ୍ରାମ ନେବା ସକାଶେ ଅବସର ଦେବନାହିଁ। ଆପଣ ନିଜକୁ ଆତ୍ମସଂଯମ ଓ ନିୟନ୍ତ୍ରଣ ମଧ୍ୟରେ ରଖିପାରିଲେ ଉପକୃତ ହେବେ। ନିଜ ପରିସରରେ ନିଜର ଲୋକମାନେ ମିଥ୍ୟା ଅଭିଯୋଗ କରିପାରନ୍ତି।

**ମୀନ** ଦ୍ୱାଦଶସ୍ଥ ବୃହସ୍ପତି ହେତୁ ଅସହିଷ୍ଣୁ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ ପାଇଁ ପ୍ରତିକୂଳତା ସୃଷ୍ଟିକରିବ। ପରିବାରରେ ଭୁଲ ବୁଝାମଣାରୁ ଆପଣଙ୍କ ଉପରକୁ ଦୋଷ ଆସିପାରେ। ଅଫିସରେ ସାଧାରଣ କଥାକୁ କେନ୍ଦ୍ରକରି ବାକ୍‌ବିତଣ୍ଡା ଆଶଙ୍କା ରହିଛି। ବ୍ୟବସାୟ, ବାଣିଜ୍ୟ ଓ ନିର୍ମାଣ କ୍ଷେତ୍ରରେ ବିଳମ୍ବରେ ହେଲେ ମଧ୍ୟ କାମ ହାସଲର ଆଶା ରହିଛି।

ଆଜି ମହାବିଷୁବ ପଣା ସଂକ୍ରାନ୍ତି, ହରିଦ୍ୱାରରେ କୁମ୍ଭମେଳା, ବୈଶାଖୀ ଶାହୀ କୁମ୍ଭସ୍ନାନ, ମା'ସାରଳାଙ୍କ ଝାମୁଯାତ୍ରା, ରମଜାନ ମାସର ରୋଜା ଆରମ୍ଭ, ହନୁମାନ ଜୟନ୍ତୀ, ଡ. ଆମ୍ବେଡକର ଜୟନ୍ତୀ, ଅଗ୍ନିଶମ ଦିବସ, ଭାରତରତ୍ନ ସାର୍ ଏମ୍.ବିଶ୍ୱେଶ୍ୱରାୟାଙ୍କ ତିରୋଧାନ ଦିବସ, ଚୈତ୍ର ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା ବୁଧବାର, ଏପ୍ରିଲ ୧୪ ତାରିଖ, ରାଶିନକ୍ଷତ୍ର-ଦ୍ୱିଜା/ମେଷ, କର୍କଟ ରାଶିର ଘାତବାର, ମେଷ ରାଶିର ଘାତଚନ୍ଦ୍ର, ତୃତୀୟାର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୩୩ମି.ଗତେଘ.୦୭.୧୩ମି.ମଧ୍ୟେ,ଘ.୦୯.୪୨ମି.ଗତେଘ.୧୧.୨୨ମି. ମଧ୍ୟେ ଅମୃତବେଳା। ଦିବା ଘ.୦୧.୫୧ମି. ଗତେ ଘ.୦୩.୨୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧.୪୭ମି. ଗତେ ଘ.୦୧.୨୦ମି. ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଏପ୍ରିଲ ୧୪/୨୦୨୧ | Bhubaneswar, Wednesday, April 14/2021 | ପୃଷ୍ଠା-୧


# ଚିନ୍ତା ବଢ଼ାଇଛି ଟିକା ଅଭାବ

## ୧୧ ଜିଲାରେ ଟିକାକରଣ ବନ୍ଦ

ଭୁବନେଶ୍ୱର, ୧୩।୪(ବ୍ୟୁରୋ)

ରାଜ୍ୟରେ ଗୋଟିଏ ପଟେ କରୋନା ସଂକ୍ରମଣ ହୁ ହୁ ହୋଇ ବଢ଼ି ଚାଲୁଥିବା ବେଳେ ଟିକା ଅଭାବ ଚିନ୍ତା ବଢ଼ାଇଦେଲାଣି। ଟିକା ଅଭାବରୁ ଏବେ ୧୧ଟି ଜିଲାରେ ଟିକାକରଣ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମଙ୍ଗଳବାର ୫୦୦ ସେଣ୍ଟରରେ ଟିକାକରଣ ଚାଲିଛି। ଟିକା ଅଭାବରୁ ୧୧ଟି ଜିଲାରେ ଟିକାକରଣକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଯାଜପୁର, ଭଦ୍ରକ, ପୁରୀ, ନୟାଗଡ, ସୋନପୁର, ଗଜପତି ବୌଦ୍ଧ, ଝାରସୁଗୁଡା, ସମ୍ବଲପୁର, ଢେଙ୍କାନାଳ, କୋରାପୁଟ ଭଳି ଜିଲାରେ ଟିକାକରଣ ହୋଇପାରୁ ନାହିଁ। କମ୍ ଟିକା ଆସୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଟିକା ଦେବା ପାଇଁ ସୋମବାର ପୁଣି ଚିଠି ଲେଖାଯାଇଛି। ବର୍ତ୍ତମାନ ରାଜ୍ୟରେ ୬୧ ହଜାର କୋଭାକ୍ସିନ ଓ ୩ଲକ୍ଷରୁ ଅଧିକ କୋଭିଶିଲ୍ଡ ଅଛି। ମଙ୍ଗଳବାର ୨ଲକ୍ଷ କୋଭିଶିଲ୍ଡ ଟିକା ଆସିଥିବା ପରିବାର କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି।

## ମେ'ରେ ଶୀର୍ଷକୁ ଛୁଇଁପାରେ କରୋନା

■ ୨୪ ଘଣ୍ଟାରେ ୧୭୮୪ ଚିହ୍ନଟ



ଭୁବନେଶ୍ୱର, ୧୩।୪(ବ୍ୟୁରୋ)

ରାଜ୍ୟରେ ବେକାବୁ ହେଲାଣି କରୋନା। ପ୍ରତିଦିନ ନୂଆ ନୂଆ ରେକର୍ଡ କରିବାରେ ଲାଗିଛି ଏହି ମହାମାରୀ। ଗତ ୨୪ଘଣ୍ଟାରେ ରାଜ୍ୟରେ ୩୦ଜିଲାରୁ ୧,୭୮୪ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ କେବଳ ଏପ୍ରିଲରେ ପଜିଟିଭ୍ ସଂଖ୍ୟା ୧୦ହଜାର ଟପିଲାଣି। ଆଗାମୀ କିଛି ମାସରେ ଦୈନିକ ସଂକ୍ରମଣ ରାଜ୍ୟରେ ୧୦ ହଜାରକୁ ପହଞ୍ଚିପାରେ ବୋଲି ଭୁବନେଶ୍ୱର ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଡା. ଅଶୋକ ମହାପାତ୍ର ଆକଳନ କରିଛନ୍ତି। ସେହିପରି କରୋନା ଦ୍ୱିତୀୟ ଲହରର ଶୀର୍ଷ ବା ପିକ୍ ଆସନ୍ତା ମେ' ମାସରେ ହୋଇପାରେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି। ଏଥିପାଇଁ ସମସ୍ତେ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି। ସେହିପରି କରୋନାର ଏହି ଷ୍ଟ୍ରେନ୍ ରୂପ ବଦଳାଉଛି। ଦ୍ୱିତୀୟ ଲହରରେ ଆଖି ଲାଲ୍ ହେବା, ପେଟ ଦରଜ, ବାନ୍ତି, ଭୋକ ନ ଲାଗିବା ଭଳି ନୂଆ ଲକ୍ଷଣ ଦେଖାଯାଉଥିବା ଜଣାପଡ଼ିଛି। ଏଥିସହ ଗଳା ଖରାପ ହେବା ସହ ଡାଇରିଆ ପରି ଲକ୍ଷଣ ଦେଖାଦେଉଛି। କରୋନାର ପ୍ରଥମ ଲହର ସଂକ୍ରମଣ ☞ପୃଷ୍ଠା-୯

## ଗଞ୍ଜାମରେ ୭ ଦିନ ଧାର୍ମିକ ଅନୁଷ୍ଠାନ, ପାର୍କ ବନ୍ଦ

ଛତ୍ରପୁର,୧୩।୪(ଡି.ଏନ.ଏ.)

**ବେଳାଭୂମି, ପର୍ଯ୍ୟଟନ ସ୍ଥଳ ଉପରେ କଟକଣା**

ଗଞ୍ଜାମ ଜିଲାରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ଜିଲାରେ ଦିନକରେ ୮୦ ସଂକ୍ରମିତ ହୋଇଥିବା ଜଣାପଡିବା ପରେ ପ୍ରଶାସନ ପକ୍ଷରୁ କଡା ପଦକ୍ଷେପ ନିଆଯାଇଛିନ୍। ଏନେଇ ପୁଣି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଆଉ ଏକ ଗାଇଡ୍‌ଲାଇନ୍ ଜାରି କରଛନ୍ତି। ସର୍ବସାଧାରଣରେ ମେରୁ ଯାତ୍ରା ଓ ପଣା ସଂକ୍ରାନ୍ତିକୁ ବାରଣ କରାଯାଇଛି। ବୁଧବାର ମେରୁ ଯାତ୍ରା ଓ ପଣା ସଂକ୍ରାନ୍ତି ପଡୁଛି। ଏଥିସହ ବୁଧବାରଠାରୁ ୭ ଦିନ ପାଇଁ ଅର୍ଥାତ୍ ୨୧ ତାରିଖ ପର୍ଯ୍ୟନ୍ତ ଜିଲାରେ ଥିବା ସମସ୍ତ ଧାର୍ମିକ ଅନୁଷ୍ଠାନ, ପାର୍କ, ଗୋପାଳପୁର ☞ପୃଷ୍ଠା-୯

## ପଣା ସଂକ୍ରାନ୍ତି, ରମ୍‌ଜାନ ପାଇଁ କଟକଣା

**ବିଏମ୍‌ସି, ସିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ**

■ ମନ୍ଦିରରେ ପଣା କିମ୍ବା ବଡ଼ ଧରଣର ପୂଜା ଆୟୋଜନକୁ ବାରଣ

■ ରମ୍‌ଜାନ ପାଇଁ ୫୦ ପ୍ରତିଶତ ଶ୍ରଦ୍ଧାଳୁଙ୍କୁ ନେଇ ନମାଜ ପାଠ

ଭୁବନେଶ୍ୱର(ବ୍ୟୁରୋ)/କଟକ ଅଫିସ,୧୩।୪

ଭୁବନେଶ୍ୱରରେ କରୋନା ସଂକ୍ରମଣ ଦ୍ରୁତି ଗତିରେ ବଢୁଥିବାବେଳେ ବୁଧବାର ପଣା ସଂକ୍ରାନ୍ତି ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ କଡ଼ା କଟକଣା ଜାରି କରାଯାଇଛି। ମହାବିଷୁବ ସଂକ୍ରାନ୍ତି ଯୋଗୁ ମନ୍ଦିରରେ ଭିଡ଼ ହେବା ଆଶଙ୍କା କରି ଆଗୁଆ ପଦକ୍ଷେପ ନିଆଯାଇଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ମନ୍ଦିରରେ ପଣା କିମ୍ବା ବଡ଼ ଧରଣର ପୂଜା ଆୟୋଜନକୁ ବାରଣ କରାଯାଇଛି। କେବଳ ସ୍ୱଳ୍ପ ସଂଖ୍ୟକ ପୂଜକଙ୍କୁ ନେଇ ମା'ଙ୍କ ନୀତି ପାଳନ କରାଯିବ। ସେହିପରି ସର୍ବସାଧାରଣ ସ୍ଥାନରେ କୌଣସି ପ୍ରକାର ପଣା ଓ ଉତ୍ସବ ଆୟୋଜନକୁ ମନା କରାଯାଇଛି। କଟକଣା ନେଇ ମଙ୍ଗଳବାର ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ସୂଚନା ଦେଇଛନ୍ତି।

ଅପରପକ୍ଷରେ ପବିତ୍ର ରମ୍‌ଜାନ ମାସ ପାଇଁ ବିଏମ୍‌ସି ଓ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କଟକଣା ଜାରି କରାଯାଇଛି। ଧାର୍ମିକ ଅନୁଷ୍ଠାନରେ ୫୦ପ୍ରତିଶତ ଶ୍ରଦ୍ଧାଳୁଙ୍କୁ ନେଇ ନମାଜ ପାଠ ହେବ। ଏଥିସହ ମାସ୍କ, ସାନିଟାଇଜର ବ୍ୟବହାର ଏବଂ ସାମାଜିକ ଦୂରତା ବଜାୟ ରଖିବାକୁ ବାଧ୍ୟତାମୂଳକ କରାଯାଇଛି। ଏନେଇ ପୂର୍ବରୁ ସ୍ୱତନ୍ତ୍ର ରିଲିଫ କମିଶନର ଗାଇଡ୍‌ଲାଇନ ଜାରି କରିଛନ୍ତି। ଏହାକୁ ବିଏମ୍‌ସି ପକ୍ଷରୁ କଡ଼ାକଡ଼ି କାର୍ଯ୍ୟକାରୀ କରାଯିବ ବୋଲି କମିଶନର କହିଛନ୍ତି। ସେହିପରି ସିଏମ୍‌ସି ପକ୍ଷରୁ କଟକର ସମସ୍ତ ମସ୍‌ଜିଦ୍‌ରେ କୋଭିଡ୍ କଟକଣା ଭିତରେ ନମାଜ ପାଠ କରିବା ପାଇଁ ଗାଇଡ଼୍‌ଲାଇନ୍ ଜାରି ହୋଇଛି। ରମଜାନ ବେଳେ ମସ୍‌ଜିଦ ଭିତରେ କିମ୍ବା ବାହାରେ ଗହଳିକୁ ବାରଣ କରାଯାଇଛି। ନମାଜ ବେଳେ ୧୦୦ଜଣ କିମ୍ବା ହଲ୍ କ୍ଷମତାର ୫୦% ଗ୍ରହଣୀୟ। ☞ପୃଷ୍ଠା-୯

## ଓଡ଼ିଆ ନବବର୍ଷ ଅଭିନନ୍ଦନ

ଆଜି ବୈଶାଖ ପହିଲା। ଓଡ଼ିଆ ନବବର୍ଷ। ଏହି ଅବସରରେ ଆମର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁମାନଙ୍କୁ ଅନେକ ଶୁଭେଚ୍ଛା ଏବଂ ଅଭିନନ୍ଦନ।

## ସିଇସି ଦାୟିତ୍ୱ ନେଲେ ସୁଶୀଲ ଚନ୍ଦ୍ରା



ନୂଆଦିଲ୍ଲୀ, ୧୩।୪: ଭାରତର ୨୪ ତମ ମୁଖ୍ୟ ନିର୍ବାଚନ କମିଶନର(ସିଇସି) ଭାବେ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି ସୁଶୀଲ ଚନ୍ଦ୍ରା। ସୋମବାର ତାଙ୍କୁ ବିଦାୟୀ ସିଇସି ସୁନୀଲ ଅରୋରାଙ୍କ ସ୍ଥାନରେ ନିଯୁକ୍ତ କରାଯାଇଥିଲା। ୧୪ ମେ' ୨୦୨୪ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ତୁଲାଇବେ। ୧୪ ଫେବୃୟାରୀ ୨୦୧୯ରେ ଲୋକ ସଭା ନିର୍ବାଚନବେଳେ ସୁଶୀଲ ନିର୍ବାଚନ କମିଶନର ପଦବୀରେ ନିଯୁକ୍ତି ପାଇଥିଲେ। ତାଙ୍କ ଅଧୀନରେ ନିର୍ବାଚନ କମିଶନ ଗୋଆ, ମଣିପୁର, ଉତ୍ତରାଖଣ୍ଡ, ପଞ୍ଜାବ ଏବଂ ଉତ୍ତରପ୍ରଦେଶରେ ବିଧାନସଭା ନିର୍ବାଚନ ପରିଚାଳନା କରିବେ।

## ବାଲେଶ୍ୱର ମ୍ୟୁନିସିପାଲିଟି ବିକାଶ ଲାଗି ୧୫୫ କୋଟି

ଭୁବନେଶ୍ୱର,୧୩।୪(ବ୍ୟୁରୋ): ବାଲେଶ୍ୱର ମ୍ୟୁନିସିପାଲିଟିର ବିକାଶ ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ ପର୍ଯ୍ୟାୟରେ ୧୫୫ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣା କରିଛନ୍ତି। ଏ ନେଇ ଦୁଇ ପର୍ଯ୍ୟାୟ ଉଚ୍ଚସ୍ତରୀୟ ବୈଠକରେ ବିସ୍ତୃତ ଆଲୋଚନା ହେବା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫-ଟି ସଚିବ ଭି.କେ ପାଣ୍ଡିଆନ ଏବଂ ପୂର୍ତ୍ତ ସଚିବ କ୍ରିଷନ



କୁମାର ବାଲେଶ୍ୱର ଯାଇ ବିଭିନ୍ନ ପ୍ରକଳ୍ପ ଅଞ୍ଚଳ ବୁଲି ଦେଖିଛନ୍ତି। ସେଠାରୁ ଫେରିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ତଥ୍ୟ ଦେଇ ଅବଗତ କରାଇଛନ୍ତି। ସବୁ ତଥ୍ୟ ଅନୁଧ୍ୟାନ କରିବା ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବାଲେଶ୍ୱର ହେଉଛି ଓଡ଼ିଶାର ଅନ୍ୟତମ ମୁଖ୍ୟ ସହର। ଏହା ତାଙ୍କ ପ୍ରିୟ ଲେଖକ ଫକୀରମୋହନ ସେନାପତିଙ୍କ ଜନ୍ମସ୍ଥାନ। ନିକଟରେ ବାଲେଶ୍ୱର ମ୍ୟୁନିସିପାଲିଟି ବିକାଶ ଉପରେ ଧ୍ୟାନ ଦେବାକୁ କହିଥିଲେ। ତେଣୁ ସେଠାକାର ଉନ୍ନତି ଲାଗି କେତେଗୁଡିଏ ପ୍ରକଳ୍ପ ଘୋଷଣା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଯାତ୍ରୀମାନଙ୍କ ସୁବିଧାକୁ ☞ପୃଷ୍ଠା-୯

**ଆଜିର ସମ୍ପାଦକୀୟ**

ଦୃଶ୍ୟମାନ (ଅ)ସଙ୍କୋଚତା

# ମହାରାଷ୍ଟ୍ରରେ ଜନତା କର୍ଫ୍ୟୁ

## ସେନା ସହାୟତା ଲୋଡ଼ିଲେ ଉଦ୍ଧବ ଠାକ୍‌ରେ

ମୁମ୍ବାଇ,୧୩।୪



> ମହାରାଷ୍ଟ୍ରରେ କରୋନା ଭାଇରସ ବିରୋଧରେ ପୁଣି ଥରେ ଯୁଦ୍ଧ ଆରମ୍ଭ ହୋଇଛି। କ୍ରମବର୍ଦ୍ଧିଷ୍ଣୁ ସଂକ୍ରମଣ ରାଜ୍ୟର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଦୁର୍ବଳ କରିଦେଇଛି। ଗତବର୍ଷଠାରୁ ଏବର୍ଷର ସ୍ଥିତି ଆହୁରି ଖରାପ ହୋଇଯାଇଥିବାରୁ ରାଜ୍ୟ ସରକାର ୧୫ ଦିନ ପାଇଁ ୧୪୪ ଧାରା ଜାରି କରିବାକୁ ଯାଉଛନ୍ତି। ଲକ୍‌ଡାଉନ୍ ଭଳି କଟକଣା ଜାରି ରହିବ, କିନ୍ତୁ ଏହା ଲକ୍‌ଡାଉନ୍ ନୁହେଁ।
>
> **- ଉଦ୍ଧବ ଠାକ୍‌ରେ, ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ**

ମହାରାଷ୍ଟ୍ରରେ କରୋନା ଭୂତାଣୁର ଉଗ୍ରରୂପକୁ ଦେଖି 'ଜନତା କର୍ଫ୍ୟୁ' ଜାରି କରିଛନ୍ତି ଉଦ୍ଧବ ସରକାର। ମଙ୍ଗଳବାର ୬୦,୨୧୨ ସଂକ୍ରମିତ ହୋଇଥିବାବେଳେ ୨୮୧ ଜଣଙ୍କ ମୃତ୍ୟୁ ଘଟିଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ କେତେକ ନୂଆ କଟକଣା ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ ଉଦ୍ଧବ ମାରାଥନ୍ ବୈଠକ ପରେ ମଙ୍ଗଳବାର ମହାରାଷ୍ଟ୍ରବାସୀଙ୍କୁ ସୋସିଆଲ ମିଡିଆ ଜରିଆରେ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଏପ୍ରିଲ ୧୪ ରାତି ୮ଟାରୁ ମେ'୧ ସକାଳ ୭ଟା ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଆପରାଧିକ ଦଣ୍ଡ ସଂହିତା (ସିଆର୍‌ପିସି)ର ୧୪୪ ଧାରା ଜାରି କରାଯିବ। ସବୁଠି ଲକ୍‌ଡାଉନ୍ ଭଳି କଟକଣା ରହିବ। ଅଣଜରୁରୀ ଯାତ୍ରା ଉପରେ ମଧ୍ୟ ୧୫ ଦିନ ଧରି ଅଙ୍କୁଶ ରହିବ। ସମସ୍ତ ଅନୁଷ୍ଠାନ, ସର୍ବସାଧାରଣ ସ୍ଥାନ, ବନ୍ଦ ରହିବ। ସବୁ ଶିଳ୍ପ, କଳକାରଖାନା ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ରହିବ। ପୂର୍ବାହ୍ନ ୭ଟାରୁ ରାତି ୮ଟା ପର୍ଯ୍ୟନ୍ତ ରାସ୍ତାକଡ଼ରେ ବିକାଳି ଜିନିଷପତ୍ର ବିକ୍ରି କରିପାରିବେ। କିନ୍ତୁ ସେଠାରେ ସେମାନେ କିଛି ଖାଇପାରିବେ ନାହିଁ। ଶ୍ରମିକଙ୍କ ପାଇଁ ଓ ଜରୁରୀ ସେବା ଲାଗି ସାଧାରଣ ପରିବହନ ଚାଲୁରହିବ। ଏସବୁ କଟକଣା ସତ୍ତ୍ୱେ ଏହା ଲକ୍‌ଡାଉନ୍ ନୁହେଁ ବୋଲି ଉଦ୍ଧବ ସ୍ପଷ୍ଟ କରିଛନ୍ତି। ମହାରାଷ୍ଟ୍ରରେ ଅକ୍ସିଜେନ ଓ ବେଡ୍ ଅଭାବ ରହିଛି। ରେମ୍‌ଡେସିଭିର ଚାହିଦା ମଧ୍ୟ ବଢୁଛି। କେନ୍ଦ୍ର ସରକାର ରାଜ୍ୟର କରୋନା ରୋଗୀମାନଙ୍କୁ ଅକ୍ସିଜେନ୍ ଯୋଗାଇଦେବା ପାଇଁ ଭାରତୀୟ ବାୟୁସେନାର ସହାୟତା ନେବା ଉଚିତ। ରାଜ୍ୟ ସରକାର ଆସନ୍ତା ମାସେ ପାଇଁ ପ୍ରତ୍ୟେକ ଗରିବ ଓ ଅଭାବୀ ବ୍ୟକ୍ତିଙ୍କୁ ୩ କେ.ଜି. ଗହମ ଏବଂ ୨ କେ.ଜି. ଚାଉଳ ମାଗଣାରେ ଯୋଗାଇଦେବେ ବୋଲି ଉଦ୍ଧବ ଘୋଷଣା କରିଛନ୍ତି।




ପ୍ରତିଷ୍ଠା ହେବ ଓଡ଼ିଶା ଜଳ ଏକାଡେମୀ

ୟାକୁବ୍‌ଙ୍କୁ ରିମାଣ୍ଡରେ ନେଲା ପୋଲିସ

୩

## ପ୍ରେମୀଯୁଗଳଙ୍କ ମୃତଦେହ ବନ୍ଦ କୋଠରିରୁ ଜବତ

**ଜାତକ ସାଜିଲା ପ୍ରତିବନ୍ଧକ**

■ ଗୋଟିଏ ଜୁଇରେ ଜଳିଲା ୨ ମୃତଦେହ

■ ହତ୍ୟା ଅଭିଯୋଗ ଆଣିଲେ ଯୁବତୀଙ୍କ ମାମୁ

ଝାରସୁଗୁଡ଼ା ଅଫିସ,୧୩।୪

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅନ୍ତର୍ଗତ ରେଙ୍ଗାଲି କିଷାନପଡାର ଏକ ବନ୍ଦ କୋଠରିରୁ ପୋଲିସ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେମାନେ ହେଲେ ସୁବ୍ରତ କିଷାନ (୨୭) ଓ ସମ୍ବଲପୁର ଜିଲା ଠେଲକୋଲି ଥାନା ଗୁମକାରମା ଗ୍ରାମର ସୁମତି ପିଙ୍ଗ୍ (୨୨)। ପୋଲିସ୍ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ପୋଲିସ ପ୍ରଥମେ ମୃତ ଯୁବକଙ୍କ କାକା ପୀତାମ୍ବରଙ୍କ ଅଭିଯୋଗକୁ ଭିତ୍ତିକରି ବନହରପାଲି ଥାନା ଅପମୃତ୍ୟୁ କେସ୍ ନଂ.୩/୨୧ରେ ମାମଲା ରୁଜୁକରି ତଦନ୍ତ କରିଥିଲା। ପରେ ମୃତ ଯୁବତୀଙ୍କ ମାମୁଁ ସଂକୀର୍ତ୍ତନ କିଷାନ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ। ଏଥିପାଇଁ ସେ ପୁଅଘର ଲୋକଙ୍କୁ ଦାୟୀକରି ଏସ୍‌ପିଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯିବ ବୋଲି ଏସ୍‌ପି ବିକାଶ ଚନ୍ଦ୍ର ଦାସ କହିଛନ୍ତି।

ସୂଚନା ଅନୁଯାୟୀ କିଷାନପଡାର ବିଦେଶୀ କିଷାନଙ୍କ ପୁଅ ସୁବ୍ରତଙ୍କ ସହିତ ଗୁମକାରମା ଗ୍ରାମର ସୁମତିଙ୍କ ବିବାହ ପ୍ରସ୍ତାବ ପଡିଥିଲା। ଏ ନେଇ ଉଭୟ ପରିବାର ତରଫରୁ ଝିଅପୁଅଙ୍କ ଜାତକ ମେଳକ କରାଯାଇଥିଲା। ଏହା ମେଳକ ନ ହେବାରୁ ଝିଅଘର ଲୋକେ ବିବାହରେ ରାଜିହୋଇ ନ ଥିଲେ। ପୁଅ ଘର ଲୋକେ ଅନ୍ୟ ସ୍ଥାନରେ ବାହାଘର ଠିକ୍ କରିଥିଲେ। ଆସନ୍ତା ୩ତାରିଖରେ ପୁଅର ବାହାଘର ହୋଇଥାନ୍ତା। ହେଲେ ଏଥିରେ ପୁଅ ରାଜି ନ ହୋଇ ସୁମତିଙ୍କ ସହିତ ଫୋନ୍‌ରେ ସମ୍ପର୍କ ରଖିଥିଲେ। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢିଉଠିବା ପରେ ବିବାହ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ଏଭଳି ସ୍ଥିତିରେ ଗତ ☞ପୃଷ୍ଠା-୯



# ଏ ବର୍ଷ ଭଲ ବର୍ଷିବ

**ସ୍କାଏମେଟ୍‌ର ଆକଳନ**

**ଏଲ-ନିନ୍ୟୋ ପ୍ରଭାବ ନାହିଁ**

ଭୁବନେଶ୍ୱର, (ବ୍ୟୁରୋ)/ ନୂଆଦିଲ୍ଲୀ, ୧୩।୪

ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ସ୍ୱାଭାବିକରହିବ। ପ୍ରଶାନ୍ତମହାସାଗରରେ ଏଲ-ନିନ୍ୟୋର ପ୍ରଭାବ ନାହିଁ। ପାଗ ଅନୁକୂଳ ରହିବ। ଓଡ଼ିଶା ସମେତ ସମଗ୍ର ଦେଶରେ ଭଲ ବର୍ଷା ହେବ। ଘରୋଇ ପାଣିପାଗ ସଂସ୍ଥା ସ୍କାଏମେଟ ଏଭଳି ଆକଳନ କରିଛି। ଏହି ସଂସ୍ଥା କହିଛି ଯେ, ଜୁନ୍‌ରେ ଦୀର୍ଘ ସମୟ ହାରାହାରି ଅବଧି(ଏଲ୍‌ପିଏ) ୧୦୬ ପ୍ରତିଶତ ବର୍ଷା ହେବ। ଜୁଲାଇରେ ୯୭% ଏବଂ ଅଗଷ୍ଟ ଓ ସେପ୍ଟେମ୍ବରରେ ଯଥାକ୍ରମେ ୯୯ ଏବଂ ୧୧୬ ପ୍ରତିଶତରୁ ଅଧିକ ବର୍ଷା ହୋଇପାରେ। ଗତ ଦୁଇ ବର୍ଷ ଭଳି ୨୦୨୧ରେ ମଧ୍ୟ ମୌସୁମୀ ସ୍ୱାଭାବିକ ରହିବ ବୋଲି ସ୍କାଏମେଟ୍‌ର ଅଧ୍ୟକ୍ଷ ଜି.ପି. ଶର୍ମା ମଙ୍ଗଳବାର ଏହି ସୂଚନା ଦେଇଛନ୍ତି।

ଉତ୍ତର ଭାରତର ପାହାଡ଼ିଆ ଅଞ୍ଚଳ ପାଇଁ ନିଅଣ୍ଟିଆ ବର୍ଷା ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ତେବେ କର୍ଣ୍ଣାଟକ ଭଳି ରାଜ୍ୟରେ ଜୁଲାଇ ଓ ଅଗଷ୍ଟରେ ନିଅଣ୍ଟିଆ ବର୍ଷା ହେବ ବୋଲି ଘରୋଇ ପାଣିପାଗ ସଂସ୍ଥା ଅନୁମାନ କରିଛି। ଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ପ୍ରଶାନ୍ତ ମହାସାଗରରେ ଲା-ନିନା ରହିବ। ଏହାଦ୍ୱାରା ସମୁଦ୍ରର ଉପରିଭାଗ ଜଳ ଶୀତଳ ରହିବ। ଭାରତୀୟ ଉପମହାଦେଶ ଜଳବାୟୁ ଉପରେ ଏହାର ପ୍ରଭାବ ପଡ଼ିବା ସମ୍ଭାବନା ରହିଛି। ଫଳରେ ଏହା ମୌସୁମୀକୁ ଅଧିକ ସକ୍ରିୟ କରିବାରେ ସାହାଯ୍ୟ କରିବ ବୋଲି ସ୍କାଏମେଟ୍ ସିଇଓ ଯୋଗେଶ ପାଟିଲ କହିଛନ୍ତି।

ଜୁନ୍-ସେପ୍ଟେମ୍ବର ମଧ୍ୟରେ ହେବାକୁ ଥିବା ବର୍ଷାର ୭୫ ପ୍ରତିଶତ ଦକ୍ଷିଣ ପଶ୍ଚିମ ମୌସୁମୀ ଯୋଗୁ ହୋଇଥାଏ। ଚଳିତ ବର୍ଷ ଏଥିଜନିତ ଭଲ ବର୍ଷା ହେବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ୧୦୩ ପ୍ରତିଶତ ବର୍ଷା ହେବାର ସମ୍ଭାବନା ରହିଛି। ୯୬ରୁ ୧୦୪% ମଧ୍ୟରେ ହେଉଥିବା ବର୍ଷାକୁ ସ୍ୱାଭାବିକ ବର୍ଷା କୁହାଯାଇଥାଏ। ଚଳିତବର୍ଷ ବର୍ଷା ୬୦ ପ୍ରତିଶତ ସ୍ୱାଭାବିକ ଓ ୧୫ ପ୍ରତିଶତ ସ୍ୱାଭାବିକଠାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି। ଗତବର୍ଷ ମଧ୍ୟ ଦକ୍ଷିଣ ପଶ୍ଚିମ ମୌସୁମୀ ନିରାଶ କରି ନ ଥିଲା। ଗତବର୍ଷ ମୌସୁମୀ ୧୦ /୧୨ ଦିନ ବିଳମ୍ବରେ ପ୍ରତ୍ୟାବର୍ତ୍ତନ କରିଥିଲା। ଜୁଲାଇରେ ମୌସୁମୀବେଳେ ପାଗ ଶୁଖିଲା ପଡ଼ିଥିଲେ ମଧ୍ୟ ଅଗଷ୍ଟରୁ ଅକ୍ଟୋବର ତୃତୀୟ ସପ୍ତାହ ଯାଏ ଲଗାତର ଲଘୁଚାପ ଜନିତ ବର୍ଷା ଯୋଗୁ ବର୍ଷା ଅଭାବ ଭରଣା ହୋଇଥିଲା। ଜୁନ ପହିଲାରୁ ସେପ୍ଟେମ୍ବର ୩୦ ମଧ୍ୟରେ ରାଜ୍ୟରେ ସ୍ୱାଭାବିକ ଭାବେ ୧୨୫୦ ମିଲିମିଟର ବର୍ଷା ☞ପୃଷ୍ଠା-୯

"ଜୀବନ କ୍ଷେତ୍ରରୁ ପଳାୟନ ନୁହେଁ ବରଂ ଦିବ୍ୟ ପୂର୍ଣ୍ଣତାରେ ଜୀବନକୁ ପୂର୍ଣ୍ଣାଙ୍ଗ କରି ଗଢିତୋଳିବା ହେଉଛି ପ୍ରକୃତ ଆଧ୍ୟାତ୍ମିକତା। ... ଭଗବାନଙ୍କ ସାହାଯ୍ୟ ସର୍ବଦା ତୁମ ସହିତ ରହିଛି। —ଶ୍ରୀମା



# ଦୃଶ୍ୟମାନ (ଅ)ସଚ୍ଚୋଟତା

ଭାରତୀୟ ଗଣତନ୍ତ୍ରରେ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକାକୁ ପ୍ରମୁଖ ୩ ସ୍ତମ୍ଭ ଭାବେ ବିବେଚନା କରାଯାଏ। ଏଥିମଧ୍ୟରୁ ନ୍ୟାୟପାଳିକା ସର୍ବାଧିକ ନିରପେକ୍ଷତା ଅବଲମ୍ବନ କରିବା କଥା। ବିଗତ କିଛି ବର୍ଷ ହେବ ନ୍ୟାୟପାଳିକାରେ ସେଟିଂ ବା ସାଲାସୁତୁରାର ବହୁଳ ବ୍ୟବହାର ହେଉଥିବାରୁ ସାମାଜିକ ବ୍ୟବସ୍ଥା ଦୁର୍ବଳ ହୋଇପଡୁଛି। ଏ ବିଷୟ ସମସ୍ତେ ଉପଲବ୍ଧି କରୁଥିଲେ ମଧ୍ୟ ପ୍ରତିକାର ବାହାରିପାରୁ ନାହିଁ। ଉତ୍ତରପ୍ରଦେଶ ଲୋକାୟୁକ୍ତରେ ନୂଆ କରି ଉପ ଲୋକାୟୁକ୍ତ ଭାବେ ଜଷ୍ଟିସ ସୁରେନ୍ଦ୍ର କୁମାର ଯାଦବ ଶପଥ ନେଇଥିବା ଘଟଣା ହେଉଛି ସଦ୍ୟ ଆଲୋଚ୍ୟ ବିଷୟ। ଲକ୍ଷ୍ନୌ ସ୍ୱତନ୍ତ୍ର ସିବିଆଇ କୋର୍ଟ ବିଚାରପତି ଭାବେ ସୁରେନ୍ଦ୍ର ୩୦ ସେପ୍ଟେମ୍ବର ୨୦୨୦ରେ ବାବ୍ରି ମସ୍‌ଜିଦ ମାମଲାରେ ଭାଜପାର ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାଣୀ, ମୁରଲୀ ମନୋହର ଯୋଶୀ, ଉମା ଭାରତୀ, କଲ୍ୟାଣ ସିଂଙ୍କ ସମେତ ୩୨ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଥିଲେ। ବାବ୍ରି ମସ୍‌ଜିଦ ଭାଙ୍ଗିବାର କୌଣସି ପୂର୍ବ ଯୋଜନା ନ ଥିଲା। ଏମାନେ ଲୋକମାନଙ୍କୁ ମସ୍‌ଜିଦ ଭାଙ୍ଗିବା ଲାଗି ଉତ୍ତ୍ୟକ୍ତ କରୁ ନ ଥିଲେ ବରଂ ସେମାନଙ୍କୁ ଅଟକାଇବାକୁ ଉଦ୍ୟମ କରିଥିଲେ ବୋଲି ସୁରେନ୍ଦ୍ର ତାଙ୍କ ରାୟରେ ଉଲ୍ଲେଖ କରିଥିଲେ। ଏପରି ରାୟ ସେତେବେଳେ ଦେଶବ୍ୟାପୀ ଚର୍ଚ୍ଚା ହୋଇଥିଲା। ଆଜି ଯେତେବେଳେ ତାଙ୍କୁ ଏକ ରାଜ୍ୟର ଉପ-ଲୋକାୟୁକ୍ତ ଭଳି ବୈଧାନିକ ପଦବୀରେ ଅବସ୍ଥାପିତ କରାଯାଇଛି, ସେଥିରୁ ଯେକେହି ଅନୁମାନ କରିବା ସ୍ୱାଭାବିକ ଯେ ରାୟ ପଛରେ ତାଙ୍କ ଉଚ୍ଚ ପଦ ଲାଳସା ଥିଲା। ଅବଶ୍ୟ ନ୍ୟାୟପାଳିକାରେ ଏଭଳି କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ ବା ଦ୍ୱନ୍ଦ୍ୱନିହିତ ସ୍ୱାର୍ଥରେ ଭାରତର ପୂର୍ବତନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ନିଜ ନାମ ପଞ୍ଜୀକରଣ କରି ସାରିଛନ୍ତି। ଦେଶର ସର୍ବୋଚ୍ଚ ନ୍ୟାୟାଧୀଶ ଭାବେ କାର୍ଯ୍ୟ ତୁଲାଇବା ପରେ ସେ ରାଜ୍ୟ ସଭା ସଦସ୍ୟ ହୋଇଛନ୍ତି। ଅର୍ଥାତ୍ ତାଙ୍କ ରାୟଗୁଡ଼ିକ କେତେ ନିରପେକ୍ଷ ହୋଇଥିବ ତାହା ଯେକେହି ବୁଝିପାରୁ ଥିବେ। ସେହିଭଳି ଆଦର୍ଶ କୁମାର ଗୋଏଲ ୨୦୧୮ରେ ସୁପ୍ରିମକୋର୍ଟ ବିଚାରପତି ଭାବେ ଅବସର ନେବା ପରେ ତୁରନ୍ତ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ( ଏନ୍‌ଜିଟି)ର ଅଧ୍ୟକ୍ଷ ଭାବେ ପୁରସ୍କୃତ ହୋଇଥିଲେ। ମନେପକାଇ ଦିଆଯାଇପାରେ ଯେ, ଗୋଏଲଙ୍କର ଶେଷ ରାୟରେ ତଫସିଲଭୁକ୍ତ ଜାତି ଓ ଜନଜାତି ନିର୍ଯାତନା ନିରୋଧୀ ଆଇନ ବିରୋଧରେ ମତ ପ୍ରକାଶ ପାଇଥିଲା। ତାହା ଭାଜପାର ଏଜେଣ୍ଡା ବୋଲି ସେତେବେଳେ କୁହାଯାଇଥିଲା।

ଅର୍ଥ, କ୍ଷମତା ଓ ପ୍ରତିପତ୍ତି ପାଇଁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଆସୀନ ବ୍ୟକ୍ତି ଯେତେବେଳେ ନିରପେକ୍ଷତା ହରାଇ ବସନ୍ତି ସେତେବେଳେ ସେହି ସବୁ ଅନୁଷ୍ଠାନର ମୃତ୍ୟୁଘଣ୍ଟି ବାଜେ। ନୂଆ ପିଢ଼ିଙ୍କ ପାଇଁ ଆଦର୍ଶ ହେବା ପରିବର୍ତ୍ତେ ବ୍ୟକ୍ତିଗତ ସ୍ୱାର୍ଥକୁ ପୂର୍ବରୁ ଆଦର୍ଶ ଓ ଗୋଗୋଇ ଏବଂ ଏବେ ସୁରେନ୍ଦ୍ରଙ୍କ ଭଳି ବ୍ୟକ୍ତିମାନେ ସର୍ବୋଚ୍ଚରେ ରଖୁଥିବାରୁ ସେହି ତାଲିକାରେ ଆହୁରି ଅନେକେ ସାମିଲ ହେବାକୁ ଇଚ୍ଛା କଲେଣି। ଲୋକାୟୁକ୍ତ କଥା ଦେଖିଲେ ସେଥିରେ ରାଜନୈତିକ ପୃଷ୍ଠଭୂମି ନ ଥିବା ବ୍ୟକ୍ତିଙ୍କୁ ନିଯୁକ୍ତ କରାଯିବାର ବ୍ୟବସ୍ଥା ରହିଛି ବୋଲି କୁହାଯାଉଛି। କିନ୍ତୁ ଭିତରକୁ ଦେଖିଲେ ରାଜନୈତିକ ବ୍ୟକ୍ତିଙ୍କ ଇଙ୍ଗିତରେ ସବୁ କିଛି ଚାଲିଛି। ଏହି ବୈଧାନିକ ସଂସ୍ଥା ଦୁର୍ନୀତି, ସରକାରୀ କଳର କୁପରିଚାଳନା, ସରକାରୀ ଅଧିକାରୀ ଏବଂ ମନ୍ତ୍ରୀମାନଙ୍କ କ୍ଷମତାର ଦୁରୁପଯୋଗ ଆଦି ଅଭିଯୋଗର ତଦନ୍ତ କରିଥାଏ। ଏବେ ସୁରେନ୍ଦ୍ରଙ୍କ ଭଳି ବ୍ୟକ୍ତିଙ୍କୁ ଉତ୍ତରପ୍ରଦେଶ ଲୋକାୟୁକ୍ତରେ ଉପ-ଲୋକାୟୁକ୍ତ ଭାବେ ଅବସ୍ଥାପିତ କରାଯିବା ଦ୍ୱାରା କେତେଦୂର ଏହି ଲକ୍ଷ୍ୟ ପୂରଣ ହୋଇପାରିବ ତାହା ଅନୁମାନ କରିବା କଷ୍ଟକର ନୁହେଁ। ସୁରେନ୍ଦ୍ର ଦର୍ଶାଇଥିବା ଚରିତ୍ର ତାଙ୍କୁ ନୈତିକ କାର୍ଯ୍ୟ କରିବାକୁ ଦେବ ନାହିଁ ବୋଲି ସ୍ପଷ୍ଟ ଜଣାପଡୁଛି। ଇଂଲିଶରେ ଢଗ ଅଛି, ଯାହାର ଅର୍ଥ-ଉଚ୍ଚପାହ୍ୟା ଲୋକ କେବଳ ସଚ୍ଚୋଟ ହେବା ଯଥେଷ୍ଟ ନୁହେଁ, ଲୋକଚକ୍ଷୁରେ ସେମାନଙ୍କର ସଚ୍ଚୋଟପଣିଆ ଦୃଶ୍ୟମାନ ହେବା ଦରକାର।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଏପ୍ରିଲ ୧୯୯୬

- ସାମାନ୍ୟ ଅପରାଧରେ ଦଣ୍ଡ ଭୋଗୁଥିବା ୧୩ ହଜାର ବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ବ୍ରାଜିଲର ରାଷ୍ଟ୍ରପତି ଫର୍ଣ୍ଣାଣ୍ଡୋ ହେରଭିକ କାର୍ଦୋସୋ ଏକ ଆଦେଶପତ୍ରରେ ସ୍ୱାକ୍ଷର କରିଛନ୍ତି।
- ଆନ୍ଧ୍ରପ୍ରଦେଶର ରାଜମହେନ୍ଦ୍ରୀ ନିକଟରେ ରାଜ୍ୟ ପରିବହନ ନିଗମର ଏକ ବସ୍ ଗୋଦାବରୀ ନଦୀଗର୍ଭକୁ ଖସିପଡ଼ିବା ଫଳରେ ୪୦ ଯାତ୍ରୀ ମୃତ।
- ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷାରେ ଗଣିତ ପ୍ରଥମ ପତ୍ରର ପ୍ରଶ୍ନ ବାହାରେ ପ୍ରଘଟିତ ହୋଇଥିବା ସନ୍ଦେହ ପ୍ରକାଶ ପାଇଥିବାରୁ ପରୀକ୍ଷା ସମିତିର ସର୍ବସମ୍ମତ ନିଷ୍ପତ୍ତି କ୍ରମେ ଗଣିତ ପ୍ରଥମପତ୍ର ପରୀକ୍ଷାକୁ ବାତିଲ କରାଯାଇଛି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | | | | 9 |
| | | | 7 | 2 | | | | |
| | | 5 | | | | | 4 | |
| | 5 | | 2 | | 6 | 7 | | 8 |
| | 7 | | 9 | | 5 | 2 | | 1 |
| | 3 | | | | | | | |
| | 9 | 2 | 3 | | | | | |
| | | | | | | 1 | 9 | |
| | | 7 | 5 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 5 | 1 | 4 | 7 | 3 | 9 | 2 |
| 7 | 1 | 9 | 6 | 2 | 3 | 4 | 8 | 5 |
| 4 | 2 | 3 | 5 | 9 | 8 | 7 | 1 | 6 |
| 2 | 4 | 1 | 8 | 3 | 9 | 5 | 6 | 7 |
| 5 | 3 | 8 | 4 | 7 | 6 | 1 | 2 | 9 |
| 6 | 9 | 7 | 2 | 5 | 1 | 8 | 4 | 3 |
| 3 | 7 | 6 | 9 | 8 | 4 | 2 | 5 | 1 |
| 9 | 8 | 2 | 3 | 1 | 5 | 6 | 7 | 4 |
| 1 | 5 | 4 | 7 | 6 | 2 | 9 | 3 | 8 |

ଗତକାଲିର ଉତ୍ତର

# ଉତ୍କଳୀୟ ନବବର୍ଷ: ମହାବିଷୁବ ସଂକ୍ରାନ୍ତି



ବିପିନ ବିହାରୀ ମହାନ୍ତି

ସୂର୍ଯ୍ୟ ସ୍ଥିର। ସୂର୍ଯ୍ୟ ଚାରିପଟେ ପୃଥିବୀ ଘୂରୁଛି ଅଥଚ ସୂର୍ଯ୍ୟଙ୍କର ଅବାସ୍ତବ ଗତିକୁ ଧରି ଆମେ ସୌରବର୍ଷ ଗଣନା କରୁଛୁ। ସୂର୍ଯ୍ୟଙ୍କର ଅବାସ୍ତବ ଗତିପଥକୁ ସୌରପଥ କୁହନ୍ତି। ଏହି ପଥ ସମ୍ପୂର୍ଣ୍ଣ ବୃତ୍ତାକାର ନ ହୋଇ ଉପବୃତ୍ତାକାର ବା ଅଣ୍ଡାକାର। ଏହି ଅଣ୍ଡାକାର ପଥ ରାଶି ଦୃଷ୍ଟିରୁ ବାର ଭାଗ ଏବଂ ପଦ ଦୃଷ୍ଟିରୁ ଚାରିପଦ । ଏମାନେ ବିଷୁପଦ ଭାବେ ନାମିତ। ଏହି ପଦଗୁଡ଼ିକ ମାର୍ଚ୍ଚ ୨୧, ଜୁନ୍ ୨୧, ସେପ୍ଟେମ୍ବର ୨୩ ଏବଂ ଡିସେମ୍ବର ୨୨ ସହିତ ସମ୍ପର୍କିତ। ମାର୍ଚ୍ଚ ୨୧ ଓ ସେପ୍ଟେମ୍ବର ୨୩ ଦିନ ସୂର୍ଯ୍ୟ ବିଷୁବପଦ ବା ବିଷୁବରେଖା ଉପରେ ଅବସ୍ଥାନ କରୁଥିବାରୁ ଏହିଦିନ ପୃଥିବୀର ସର୍ବତ୍ର ଦିବାରାତ୍ର ସମାନ ରୁହେ। ଅର୍ଥାତ୍ ସୂର୍ଯ୍ୟ ସକାଳ ୬ଟାରେ ଉଦୟ ହୋଇ ସନ୍ଧ୍ୟା ୬ଟାରେ ବୁଡ଼ନ୍ତି। ମାର୍ଚ୍ଚ ୨୧ ତାରିଖକୁ ବାସନ୍ତିକା ବିଷୁବ ବା ମହାବିଷୁବ କୁହାଯାଏ। କାରଣ ଏହା ପ୍ରାୟତଃ ବସନ୍ତ ଋତୁରେ ପଡ଼େ। ସେପ୍ଟେମ୍ବର ୨୩କୁ ଶାରଦୀୟ ବା ଜଳବିଷୁବ କୁହନ୍ତି। ମହାବିଷୁବ ବା ଜଳବିଷୁବ ନିରକ୍ଷବୃତ୍ତ ଏବଂ କ୍ରାନ୍ତିବୃତ୍ତର ଗୋଟିଏ ଗୋଟିଏ ଛେଦବିନ୍ଦୁ। କ୍ରାନ୍ତି କହିଲେ ଗ୍ରହମାନଙ୍କର ଗତିପଥକୁ ବୁଝାଏ।

ମାର୍ଚ୍ଚ ୨୧ ତାରିଖଠାରୁ ସୂର୍ଯ୍ୟଙ୍କର ବିଷୁବରେଖାରୁ ଉତ୍ତର ଦିଗକୁ ଗତିହୁଏ ଏବଂ ଜୁନ୍ ୨୧ରେ ଯେଉଁ କାଳ୍ପନିକ ବିନ୍ଦୁ ଉପରେ ଅବସ୍ଥାନ କରନ୍ତି ତାକୁ କର୍କଟ କ୍ରାନ୍ତି କୁହନ୍ତି। ସେହିଠାରୁ ପୁଣି ଦକ୍ଷିଣାୟନ ଗତି ଆରମ୍ଭ ହୁଏ ବିଷୁବରେଖା ଆଡ଼େ ଏବଂ ସେପ୍ଟେମ୍ବର ୨୩ରେ ସୂର୍ଯ୍ୟ ପୁନର୍ବାର ବିଷୁବରେଖା ଉପରେ ଅବସ୍ଥାନ କରନ୍ତି ଓ ପୁଣି ଦିନରାତି ସର୍ବତ୍ର ସମାନ ରୁହେ। ଏହା ପରଠୁ ପୁଣି ସୂର୍ଯ୍ୟଙ୍କର ଦକ୍ଷିଣାୟନ ଗତି ଡିସେମ୍ବର ୨୨ ଯାଏ। ତୁଳା ସଂକ୍ରାନ୍ତି ଦିନଠାରୁ ପୁଣି ସୂର୍ଯ୍ୟଙ୍କର ଫେରନ୍ତା ଗତି ବିଷୁବରେଖାକୁ ଏବଂ ୨୧ ମାର୍ଚ୍ଚ ଦିନ ପୁନଶ୍ଚ ଦିବାରାତ୍ର ସମାନ।

ସଂକ୍ରାନ୍ତି ଘରକୁ ଧରି ୧୨ ରାଶିକୁ ୪ଭାଗରେ ବିଭକ୍ତ କରାଯାଇଛି। ଯଥା ବିଷୁବ : ମେଷ ଓ ତୁଳା, ଅୟନ : କର୍କଟ ଓ ମକର, ଷଡ଼ଶୀତି : ମିଥୁନ, କନ୍ୟା, ଧନୁ ଓ ମୀନ ଏବଂ ବିଷ୍ଣୁପଦୀ : ବୃଷ, ସିଂହ, ବିଛା ଓ କୁମ୍ଭ। 'ଅୟନ' କହିଲେ ନିର୍ଦ୍ଦିଷ୍ଟ ବିନ୍ଦୁର କୌଣସି ସ୍ଥାନକୁ ଗତି। ଜୁନ ୨୧ରେ ସୂର୍ଯ୍ୟ କର୍କଟ କ୍ରାନ୍ତି ଓ ଡିସେମ୍ବର ୨୨ରେ ମକର କ୍ରାନ୍ତି ଉପରେ ଅବସ୍ଥାନ କରନ୍ତି। ଏହି ଦିନଗୁଡ଼ିକରେ ଯଥାକ୍ରମେ ଉତ୍ତର ଓ ଦକ୍ଷିଣ ଗୋଲାର୍ଦ୍ଧରେ ଦିନ ବଡ଼ ଏବଂ ବିପରୀତ କ୍ରମେ ଗତି ଅବସ୍ଥାନ ନେଇ ରାତି ଛୋଟ।

ଓଡ଼ିଆ ନବବର୍ଷ ପଣାସଂକ୍ରାନ୍ତି ଦିନ ପାଳନ କରାଯାଏ। ଏହି ଦିବସଟିକୁ ମହାବିଷୁବ ସଂକ୍ରାନ୍ତି କୁହାଯାଏ। ବୈଶାଖ ମାସରେ ସୂର୍ଯ୍ୟ ମେଷ ରାଶିରେ ପ୍ରବେଶ କରିବା ଦିନୁ ନବବର୍ଷ ଗଣନା ଆରମ୍ଭ ହୁଏ। ସଂକ୍ରାନ୍ତି ଏକ ପବିତ୍ର ଦିବସ। ଏହିଦିନ ବ୍ରତ, ଉପବାସ ଏବଂ ଦାନ ଧର୍ମ କଲେ ପୁଣ୍ୟଫଳ ମିଳେ ବୋଲି ହିନ୍ଦୁମାନେ ବିଶ୍ୱାସ କରନ୍ତି। ସବୁ ସଂକ୍ରାନ୍ତି ଅପେକ୍ଷା ମହାବିଷୁବ ସଂକ୍ରାନ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ସୂର୍ଯ୍ୟପୂଜନର ଏକ ମାହେନ୍ଦ୍ର ମୁହୂର୍ତ୍ତ। ଆମେ ତାଙ୍କୁ ନିମ୍ନମତେ ପ୍ରାର୍ଥନା କରୁ : ହେ ସୂର୍ଯ୍ୟଦେବ! ଆଜି ଉଦୟ ହେବା ସଙ୍ଗେ ସଙ୍ଗେ ଆପଣ ଆମକୁ ନିଷ୍ପାପ କରିଦିଅନ୍ତୁ। ହେ ଅଦିତେ, ଆମେ ମିତ୍ରବରୁଣା ଦେବଙ୍କର ପ୍ରିୟପାତ୍ର ହେଉ। ହେ ଆଦ୍ୟମିନ୍ (ଦାତା)! ଆମେ ଆପଣଙ୍କର କୃପାର ପ୍ରିୟପାତ୍ର ହେଉ। ହେ ଆର୍ଯ୍ୟମାନ୍! ଆପଣଙ୍କର କୃପାଲାଭ କରିବା ପାଇଁ ଆମେ ପ୍ରାର୍ଥନା କରୁଛୁ। ଆସନ୍ତୁ ଆମେ ସେହି ସୂର୍ଯ୍ୟଙ୍କୁ ଉପଲବ୍ଧ କରିବା, ସେ ଆଲୋକ ପ୍ରଦାନକାରୀଙ୍କୁ ଧ୍ୟାନ କରିବା। ଅଦିତିଙ୍କ ପୁତ୍ର ଆଦିତ୍ୟ ଆମକୁ ଜ୍ଞାନାଲୋକରେ ଭାସ୍କର କରନ୍ତୁ। ''ଭାସ୍କରାୟ ବିଦ୍ମହେ ମହଦ୍ୟୁତିକରାୟ ଧୀମହି, ତନ୍ନୋ ଆଦିତ୍ୟଃ ପ୍ରଚୋଦୟାତ୍। (ଗାୟତ୍ରୀ)''

ବିଷୁବ ସଂକ୍ରାନ୍ତି ଦିନ ସୂର୍ଯ୍ୟଙ୍କର ଅବାସ୍ତବ ଉତ୍ତରାୟଣ ଗତି ଆରମ୍ଭ ହୁଏ। ରାଶିଚକ୍ରରେ ଏହାହିଁ ପ୍ରଥମ ଦିନ। ଏହା ମଧ୍ୟ ମେଷରାଶିର ପ୍ରଥମ ଦିବସ। ଭାରତୀୟ ପ୍ରାମାଣିକ ସମୟର ସମୟ ନିର୍ଘଣ୍ଟ ମେଷ ସଂକ୍ରାନ୍ତି ରୂପେ ବିଦିତ। ଏହିଦିନ ସର୍ବନିୟନ୍ତା ସର୍ବପ୍ରାଣ ଏବଂ ସର୍ବକର୍ତ୍ତା ମହିମାମୟ ସୂର୍ଯ୍ୟଙ୍କର ସ୍ୱାଗତିକା ଗାନ କରାଯାଏ। ତାଙ୍କ ସ୍ୱାଗତିକା ପାଇଁ କି ମଠ ! କି ମନ୍ଦିର! କି ହିନ୍ଦୁଗୃହ ଚଳଚଞ୍ଚଳ ହୋଇଉଠେ। ନୂତନ ପୋଷାକ ପରିଧାନପୂର୍ବକ ଆମେ ତାଙ୍କୁ ସ୍ୱାଗତ କରୁ।

ଓଡ଼ିଆ ସଂସ୍କୃତି ଜଗନ୍ନାଥ ସଂସ୍କୃତିକୁ ବୁଝାଏ। ଏଣୁ ଶ୍ରୀମନ୍ଦିରରୁ ହିଁ ସବୁ ଆରମ୍ଭ। ପ୍ରତ୍ୟୁଷରୁ ପାରମ୍ପରିକ ରୀତିରେ ପଣା ପ୍ରସ୍ତୁତ ହୁଏ। ଗ୍ରୀଷ୍ମର ଆଦ୍ୟ ହେତୁ ପଣାରେ ଥଣ୍ଡା ଏବଂ ସ୍ୱାସ୍ଥ୍ୟକର ଦ୍ରବ୍ୟ ବ୍ୟବହାର କରାଯାଏ। ବିଶେଷକରି କଞ୍ଚାଆମ୍ବ, ପାଚିଲା ଆମ୍ବରସ, ପାଚିଲା ବେଲ, ନଡ଼ିଆ, ଛେନା, କ୍ଷୀର, ଦହି, ନବାତ, ଗୁଡ଼, ଆଖୁରସ, ଗୋଲମରିଚ, କାଜୁ, କିସ୍‌ମିସ୍, ସାକରକନ୍ଦ ଏବଂ ଅନେକ କିଛି । ଏହି ଅବସରରେ ଓଡ଼ିଆମାନେ ଠାକୁରଙ୍କ ପାଖେ ଓ ଚଉଁରାମୂଳେ ଉପରୋକ୍ତ ପ୍ରସ୍ତୁତ ପଣା ଏବଂ ଛତୁଆ ପ୍ରସାଦ ଅର୍ପଣ କରନ୍ତି। ଏହିଦିନ ସାଙ୍ଗସାଥୀ ଏବଂ ବନ୍ଧୁବାନ୍ଧବମାନଙ୍କୁ ଘରକୁ ସ୍ୱାଗତ କରି ପଣାରେ ଆପ୍ୟାୟିତ କରାଯାଏ। ଏହା ଏକ ଦିବସ ବ୍ୟାପୀ କାର୍ଯ୍ୟକ୍ରମର ସାମାଜିକ ପର୍ବ। ସନ୍ଧ୍ୟାକୁ ବିଭିନ୍ନ ସ୍ଥାନରେ ସାହିତ୍ୟ ଚର୍ଚ୍ଚା, କବିତା ପାଠୋତ୍ସବ, ସଙ୍ଗୀତ ଆସର ଏବଂ ନୃତ୍ୟଗୀତ ଇତ୍ୟାଦିର ଆୟୋଜନ ହୋଇଥାଏ।

ପଦ୍ମପୁରାଣ, ସ୍କନ୍ଦପୁରାଣ, ମତ୍ସ୍ୟପୁରାଣ, ଭବିଷ୍ୟପୁରାଣ, ବ୍ରହ୍ମାଣ୍ଡପୁରାଣ, ଜ୍ୟୋତି ଏବଂ ଆୟୁର୍ବେଦ ଶାସ୍ତ୍ରଗୁଡ଼ିକରେ ମଧ୍ୟ ମହାବିଷୁବ ସଂକ୍ରାନ୍ତିର ପ୍ରଶସ୍ତି ଗାନ କରାଯାଇଛି। ଆୟୁର୍ବେଦ ଶାସ୍ତ୍ରରେ ଚିକିତ୍ସା ସମ୍ପର୍କରେ ଲେଖାଅଛି :

''ମସୁରଂ ନିମ୍ବପତଂ ଚ ଯୋଽଭି ମେଷଗତେରବୌ ଅତି ରୋଷାନ୍ୱିତସ୍ତସ୍ୟ ତକ୍ଷକଃ କିଂ କରିଷ୍ୟତି।''ଅର୍ଥାତ୍ ମେଷ ସଂକ୍ରାନ୍ତି (ମହାବିଷୁବ) ଦିନ ସମପରିମାଣ ମସୁର ଓ ନିମ୍ବପତ୍ର ଚୋବାଇ ଖାଇଲେ ବର୍ଷେଯାଏ ବିଷାକ୍ତ ସର୍ପର ଦଂଶନକୁ ରୋକିବାର ଶକ୍ତି ଲାଭ ହୁଏ।

ମହାବିଷୁବ (ବାସନ୍ତିକା) ସଂକ୍ରାନ୍ତିକୁ ଓଡ଼ିଶାରେ ପଣାସଂକ୍ରାନ୍ତି କୁହନ୍ତି। ଏହି ପର୍ବ କେବଳ ଓଡ଼ିଶାର ଗର୍ବ ନୁହେଁ; ଏହା ଏକ ଜାତୀୟ ଅନ୍ତର୍ଜାତୀୟ ପର୍ବ। ଓଡ଼ିଶା ପରି ପଞ୍ଜାବ, ପଶ୍ଚିମବଙ୍ଗ, ଆସାମ, କେରଳ, ତାମିଲନାଡୁ ପ୍ରଭୃତି ରାଜ୍ୟରେ ଏହି ଦିବସଟିକୁ ନୂଆବର୍ଷ ରୂପେ ପାଳନ କରାଯାଏ। ବୌଦ୍ଧ ଧର୍ମାବଲମ୍ବୀମାନେ ମଧ୍ୟ ଏହି ଦିବସଟିକୁ ନୂଆବର୍ଷ ରୂପେ ପାଳନ କରନ୍ତି। ବୌଦ୍ଧଧର୍ମ ଭାରତରୁ ଏସିଆର ବିଭିନ୍ନ ଦେଶକୁ ପ୍ରସାରିତ ହୋଇଥିଲା। ତେଣୁ ଶ୍ରୀଲଙ୍କା, ନେପାଳ, ମ୍ୟାନ୍‌ମାର, କାମ୍ବୋଡିଆ, ଥାଇଲାଣ୍ଡ ଇତ୍ୟାଦି ରାଷ୍ଟ୍ରରେ ମହାବିଷୁବ ସଂକ୍ରାନ୍ତିକୁ ନବବର୍ଷ ଭାବେ ପାଳନ କରାଯାଏ। ସ୍ଥାନ ଭେଦରେ ଏହାର ନାମ ଭିନ୍ନ ଭିନ୍ନ। ପଶ୍ଚିମବଙ୍ଗ ଓ ପଡ଼ୋଶୀ ବାଂଲାଦେଶରେ ଏହା ପହେଲା ବୈଶାଖ, କେରଳରେ 'ବିଶୁ', ଆସାମରେ 'ରଙ୍ଗାଲି ବିହୁ', ଉତ୍ତର ଭାରତରେ 'ଛତୁଆ ସଂକ୍ରାନ୍ତି', ପଞ୍ଜାବରେ 'ବୈଶାଖୀ', ମଣିପୁରରେ 'ଚୈରୋବା', ତାମିଲନାଡୁରେ 'ମୋସାତି ବା ବୃଷାପରିଚ୍ଛୁ', ନେପାଳରେ 'ବିକ୍ରମ ସମ୍ବତ୍', ଶ୍ରୀଲଙ୍କାରେ 'ଅଲୁଥଅଭୁରୁଥ', ଥାଇଲାଣ୍ଡରେ 'ସଙ୍ଗକାନ୍', କାମ୍ବୋଡ଼ିଆରେ 'ଚୋଲଚନମ' ଓ ମ୍ୟାନ୍‌ମାରରେ 'ଥିଙ୍ଗ୍ୟାନ' ନାମରେ ନାମିତ।

ଏହି ଦିବସର ଅନ୍ୟ ଏକ ବିଶେଷତ୍ୱ ହେଉଛି ଯେ, ଏହି ଦିବସଟି ହନୁମାନଙ୍କ ଜୟନ୍ତୀ। ହନୁମାନ ଜ୍ଞାନର ସାଗର। ସେ ରାମଦୂତ, କାଳଜୟୀ। ତାଙ୍କ ନାମ ନେଲେ ଭୂତ କି ପିଶାଚ ନିକଟ ମାଡ଼ନ୍ତି ନାହିଁ। ସେ ଅଞ୍ଜନା ଓ କେଶରୀଙ୍କ ସୁତ, ପବନ ସୁତ। ସେ ମଧ୍ୟ ଶିବ ସ୍ୱରୂପ। ସେ ବିଦ୍ୟାବାନ୍ ଓ ଗୁଣୀ। ସେ ସଙ୍କଟମୋଚନ। ସେ ନିଜେ ଭକ୍ତ ଓ ଭକ୍ତବତ୍ସଳ। ସେ ମଙ୍ଗଳମୟ। ତାଙ୍କର ନାମ ଜପ କଲେ ସକଳ ବ୍ୟାଧି ନାଶ ହୁଏ। ଏଣୁ ପଣା ସଂକ୍ରାନ୍ତି ଅବସରରେ ହନୁମାନ ଜୟନ୍ତୀ ମହାଡ଼ମ୍ବରରେ ପାଳିତ ହୁଏ।

ଓଡ଼ିଶା ନବବର୍ଷ ଏହି ସଂକ୍ରାନ୍ତିଠାରୁ ଆରମ୍ଭ ହୁଏ। ଏହି ଦିନଠାରୁ ବାର୍ଷିକ ପାଞ୍ଜିର ଆରମ୍ଭ। ଗାଁ ଗହଳିରେ ପାଞ୍ଜିପାଠ ହୁଏ। ସୂର୍ଯ୍ୟ ଓ ଅଗ୍ନିଙ୍କର ସମ୍ପର୍କ ଏକାକାର ହେତୁ ଓଡ଼ିଶାରେ ନିଆଁରେ ଚାଲିବା ଝାମୁଯାତ୍ରା, ଦଣ୍ଡନୃତ୍ୟ, ଘଣ୍ଟପାଟୁଆ ଏବଂ ଆଦିବାସୀ ପରମ୍ପରାରେ 'କେଡ଼' ଓ ଝଙ୍ଗଡ଼ି ପର୍ବ, ସାନ୍ତାଳମାନଙ୍କର ପାଟ ପର୍ବ ଓ ଶିକାର ପର୍ବ ଇତ୍ୟାଦି ସୂର୍ଯ୍ୟଙ୍କ ସମର୍ପିତ ପର୍ବ। ଏହା ଓଡ଼ିଶାର ପରମ୍ପରା , ସଂସ୍କୃତିର ଏକ ଆନନ୍ଦ ଓ ଉଲ୍ଲାସର ଦିନ ତଥା ହିନ୍ଦୁମାନଙ୍କର ଏକ ମହାନ୍ ପର୍ବ।

ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ
ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର, ଜଟଣୀ
ମୋ : ୯୯୩୮୩୪୪୧୩୮

# ଶିକ୍ଷାର ମାନ ରହୁ



ସୁବାସ କୁମାର ତାରଣୀଆଁ

ଶିକ୍ଷା ହେଉଛି ପ୍ରତ୍ୟେକ ବ୍ୟକ୍ତିର ମୌଳିକ ଅଧିକାର। ଶିକ୍ଷା ଗୋଟିଏ ଏଭଳି ଜିନିଷ, ଯାହାକୁ ଶିଶୁଠାରୁ ଆରମ୍ଭ କରି ବୃଦ୍ଧବ୍ୟକ୍ତିଙ୍କ ପର୍ଯ୍ୟନ୍ତ ଅଧ୍ୟୟନ କଲେ ବି ସରେ ନାହିଁ। ଶିକ୍ଷାକୁ ଟଙ୍କା ପଇସା ଦେଇ କିଣାଯାଇ ପାରେନା, ନିଜର ଅନ୍ତର୍ନିହିତ ଜ୍ଞାନ ବଳରେ ଶିକ୍ଷାକୁ ଆହରଣ କରିହୁଏ। ଶିକ୍ଷା ମାନବ ଜୀବନର ନୂତନ ଦିଗ୍‌ଦର୍ଶନର ଏକ ବଳିଷ୍ଠ ମାଧ୍ୟମ। ଅନ୍ଧକାରମୟ ପରିଧି ମଧ୍ୟରୁ ଆଲୋକ ବର୍ତ୍ତିକା ଦେଖାଇଥାଏ ଶିକ୍ଷା। ଶିକ୍ଷା ଏକ ଧାରାରେ ରୋଜଗାରକ୍ଷମ କରାଇଥାଏ ଓ ଚରିତ୍ର ଗଠନରେ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଶିକ୍ଷା ମଧ୍ୟ ଦେଶର ଭବିଷ୍ୟତ ଗଠନରେ ମୁଖ୍ୟ କର୍ଣ୍ଣଧାର ସାଜିଥାଏ। ସମାଜରେ ଶୃଙ୍ଖଳିତ ଭାବେ ଜୀବନଯାପନ କରିବାକୁ ହେଲେ ଶିକ୍ଷା ହିଁ ଅପରିହାର୍ଯ୍ୟ। ଜଣେ ବ୍ୟକ୍ତି ଭଲ ପାଠ ପଢ଼ିଲେ ତାକୁ ମେଧାବୀ କୁହାଯିବ, ତାହା ଭାବିବା ଭୁଲ୍, ଜଣେ ମେଧାବୀ ଛାତ୍ର ନିକଟରେ ଅନ୍ତର୍ନିହିତ ଜ୍ଞାନ ସହିତ ନିଜ ଭିତରେ ଦକ୍ଷତାକୁ ପରିପ୍ରକାଶ କରିବା ଦରକାର। ପ୍ରତ୍ୟେକ ପିତାମାତା ଚାହାନ୍ତି, ସେମାନଙ୍କ ସନ୍ତାନସନ୍ତତି ଭଲ ପାଠ ପଢ଼ୁ, ଭଲ ମଣିଷ ହେଉ, ବାପା ମାଆଙ୍କ ନାଁ ରଖୁ, ଏଥିପାଇଁ ଯେତେ କଷ୍ଟ ହେଲେ ବି ସେ କଷ୍ଟକୁ ନିଜ ପିଲାମାନଙ୍କ ଆଗରେ ପରିପ୍ରକାଶ କରନ୍ତି ନାହିଁ।

ସମୟ ଥିଲା ଶିଶୁମାନେ ନିଜର ପ୍ରଥମ ପାଠପଢ଼ା ଗାଁ ଚାଟଶାଳୀରୁ ଆରମ୍ଭ କରୁଥିଲେ। ନୂଆ ଡ୍ରେସ୍ ପିନ୍ଧି, ଖଡ଼ି, ସିଲଟ ଧରି ଅବଧାନଙ୍କ ପାଖରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ତିନୋଟି ଶୂନ ଜରିଆରେ ନିଜର ପ୍ରଥମ ଲେଖା ଆରମ୍ଭ କରୁଥିଲେ। ପରେ ଅ, ଆ, କ, ଖ ଇତ୍ୟାଦି ପାଠ ପଢ଼ି, ବର୍ଣ୍ଣ ପରିଚୟ, ସଂଖ୍ୟା ଲିଖନ ଆଦି ଶିଶୁମାନଙ୍କୁ ଶିଖାଯାଉଥିଲା। ଶିଶୁଟିକୁ ୫ବର୍ଷ ହୋଇଗଲା ପରେ ଗାଁ ସ୍କୁଲ୍‌ରେ ତା'ର ନାମ ଲେଖାଯାଉଥିଲା। ଗାଁ ସ୍କୁଲରୁ ଶିଶୁଟି ପାଠପଢ଼ା ଆରମ୍ଭ କରି ଶେଷରେ ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଆଦି କେଉଁଠି ନା କେଉଁଠି ପହଞ୍ଚି ପାରୁଥିଲା। ସେ ସମୟରେ ଗୋଟିଏ ଗାଁରେ ଜନ୍ମହୋଇ, ଗୋଟିଏ ଜାଗାରେ ଏକାଠି ଖେଳୁଥିଲେ ମଧ୍ୟ ଧନୀ ଘରର ପିଲାମାନେ ପାଠ ପଢୁଥିବା ବେଳେ, ଗରିବ ଓ ଆର୍ଥିକ ଅନଗ୍ରସର ତଳେ ଥିବା ପିଲାମାନେ ପ୍ରାୟତଃ ଶିକ୍ଷାଲାଭରୁ ବଞ୍ଚିତ ହେଉଥିଲେ। ଏସବୁକୁ ଦୃଷ୍ଟିରେ ରଖି, ସବୁ ପିଲା କିପରି ସ୍କୁଲ୍ ଯିବେ, ପାଠ ପଢ଼ିବେ, ସେଥିପାଇଁ ଆଇନ ମଧ୍ୟ ପ୍ରଣୟନ କରାଗଲା। ପ୍ରତ୍ୟେକ ଛାତ୍ରୀଛାତ୍ର କିପରି ଗୁଣାତ୍ମକ ଶିକ୍ଷା ପାଇପାରିବେ, ସେଥିପାଇଁ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାପରେ ସ୍କୁଲ୍‌ରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ବଢ଼ିବା ତଥା ପ୍ରତ୍ୟେକ ପିଲା ଯେପରି ପାଠ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରିବେ ସେଥିପାଇଁ ଆରମ୍ଭ ହେଲା ମଧ୍ୟାହ୍ନଭୋଜନ। ସରକାର ମୋ ସ୍କୁଲ ଅଭିଯାନ, ଛାତ୍ରୀଛାତ୍ରମାନଙ୍କୁ ମାଗଣାରେ ବହି, ଖାତା ପ୍ରଦାନ, ଲାପଟପ, ଡ୍ରେସ୍ ଇତ୍ୟାଦିର ବ୍ୟବସ୍ଥା କଲେ।

ଆମ ମାତୃଭାଷା ଓଡ଼ିଆ। ମାତୃଭାଷାର ମହତ୍ତ୍ୱକୁ ଉପଲବ୍ଧି କରି ଶିକ୍ଷାବିତ୍‌ମାନେ ମାତୃଭାଷା ଶିକ୍ଷାଦାନର ମାଧ୍ୟମ ହେବା ଉଚିତ ବୋଲି ମତବ୍ୟକ୍ତ କରିଛନ୍ତି। କାରଣ ମାତୃଭାଷା ପିଲାଙ୍କ ମନୋବଳକୁ ଉଦ୍ରେକ କରିବା ସହିତ ଶିକ୍ଷା ପ୍ରତି ସାମଗ୍ରିକ ବିକାଶ ହେବା ସହ ପିଲାଙ୍କର ସୃଜନଶୀଳତାର ବିକାଶ ଘଟାଇଥାଏ। ସେହିପରି ଓଡ଼ିଆ ଭାଷାକୁ ଆହୁରି ବ୍ୟାପକ ପ୍ରସାର ଓ ପ୍ରଚାର କରିବା ତଥା ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାରକୁ ବ୍ୟାପକ କରିବା ପାଇଁ ସରକାରୀ ତଥା ବେସରକାରୀ, ସବୁ ପ୍ରତିଷ୍ଠାନ ଓ ବ୍ୟବସାୟିକ ସଂସ୍ଥାରେ ଓଡ଼ିଆରେ ନାମଫଳକ ଲେଖିବାକୁ ବାଧ୍ୟତାମୂଳକ ବୋଲି ୨୦୧୮ରେ ବିଧାନସଭାରେ ଗୃହୀତ ହୋଇଥିଲା। ଆଇନ୍‌ର ଖିଲାପ ହେଲେ ଦଣ୍ଡବିଧାନର ବ୍ୟବସ୍ଥା ମଧ୍ୟ ରହିଲା। ଆଇନ କାର୍ଯ୍ୟକାରୀ ହେଲା, ବିଭିନ୍ନ ପ୍ରତିଷ୍ଠାନରେ ଓଡ଼ିଆ ଭାଷାରେ ଫଳକମାନ ଲେଖାଗଲା ଓ କିଛିଦିନ ପରେ ଓଡ଼ିଆ ନାମଫଳକରୁ ନଜର ହଟିଗଲା। ଗତ ଫେବୃୟାରୀ ୨୧ ତାରିଖ ଦିନ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ଅବସରରେ ମାତୃଭାଷାର ବ୍ୟବହାର ଓ ସୁରକ୍ଷା ପାଇଁ ସଂକଳ୍ପ ନେବା ସହିତ 'ଉଚ୍ଚ ହେବା ପାଇଁ କର ଯେବେ ଆଶା, ଉଚ୍ଚ କର ଆଗେ ନିଜ ମାତୃଭାଷା' ଉକ୍ତିକୁ ଅକ୍ଷରେ ଅକ୍ଷରେ ପାଳନ କରିବା ପାଇଁ ପ୍ରତିଶ୍ରୁତି ମିଳିଥିଲା।

ବର୍ତ୍ତମାନ ସାରା ରାଜ୍ୟରେ ଛତୁ ଫୁଟିଲା ଭଳି ବିଭିନ୍ନ ଘରୋଇ ବା ବେସରକାରୀ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଛି ଏବଂ ଶିକ୍ଷାଦାନକୁ ନେଇ ଏହି ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଚାଲିଛି। ଏଥିରେ ପ୍ରଭାବିତ ହୋଇ ପ୍ରତ୍ୟେକ ମାତାପିତା ସେମାନଙ୍କ ପିଲାଙ୍କୁ ଉଚ୍ଚଶିକ୍ଷା ଆଶାରେ ସରକାରୀ ସ୍କୁଲ୍‌ରେ ନ ପଢ଼ାଇ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରି ଘରୋଇ ଇଂଲିଶ ମାଧ୍ୟମ ସ୍କୁଲ୍‌ରେ ପଢ଼ାଉଛନ୍ତି। ଏବେ ପ୍ରତ୍ୟେକ ମାତାପିତା ନିଜର ଶିଶୁକୁ ୨ ବର୍ଷ ହୋଇଗଲା ପରେ ତା'ର ଶିକ୍ଷା ପ୍ରତି ବ୍ୟଗ୍ର ହୋଇପଡୁଛନ୍ତି। ୨ରୁ ୩ ବର୍ଷର ଶିଶୁକୁ ପ୍ରଥମେ ପ୍ଲେ ସ୍କୁଲ୍‌ରେ ଓ ପରେ ଏଲ୍‌କେଜି, ୟୁକେଜିରେ ନାମ ଲେଖାଉଛନ୍ତି। ଫଳରେ ଶିଶୁଟି 'ଅ, ଆ, କ, ଖ' ବଦଳରେ 'ଏ ଫର୍ ଆପୁଲ୍, ବି ଫର ବଲ୍, ସି ଫର କ୍ୟାଟ୍' ଇତ୍ୟାଦି ପଢ଼ିବା ଆରମ୍ଭ କଲା। ଇଂଲିଶ ପଢ଼ିବା ଫଳରେ ଶିଶୁମାନଙ୍କ ମାତୃଭାଷା ପ୍ରତି ଦୁର୍ବଳତା ବଢ଼ିଚାଲିଲା। ଏବେକାର ପିଲାମାନେ ବାପା, ମାଆ ଡାକିବା ବଦଳରେ ମମି, ଡାଡି ଡାକିବା, ଶିକ୍ଷକମାନଙ୍କୁ ଦେଖିଲେ ମୁଣ୍ଡିଆ ମାରିବା ବଦଳରେ ଗୁଡମର୍ଣ୍ଣିଂ ସାର୍, ଗୁଡମର୍ଣ୍ଣିଂ ମାମ୍ ଆଦି ସମ୍ବୋଧନ କରି ପାଶ୍ଚାତ୍ୟ ସଭ୍ୟତାକୁ ଆପଣାଇ ନେଇଛନ୍ତି। ପ୍ରତ୍ୟେକ ମାତାପିତାଙ୍କ ଧାରଣା, ବେସରକାରୀ ଶିକ୍ଷାନୁଷ୍ଠାନରେ ପାଠ ପଢ଼ିଲେ ଆତ୍ମନିଯୁକ୍ତି କ୍ଷେତ୍ରରେ ସେମାନଙ୍କର ପିଲାମାନେ ଅଗ୍ରାଧିକାର ଭିତ୍ତିରେ ସୁଯୋଗ ପାଇପାରିବେ। ବାସ୍ତବରେ ଏହା ଆଦୌ ଗ୍ରହଣୀୟ ନୁହେଁ, କାରଣ ସରକାରୀ ସ୍କୁଲ୍‌ରେ ପାଠ ପଢ଼ି ଅନେକ ପିଲା ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟର, ଓ.ଏ.ଏସ୍. ଓ ଆଇ.ଏ.ଏସ୍.ର ଅଧିକାରୀ ହୋଇପାରିଛନ୍ତି। ଏବେ ସମୟ ବଳଦି ଯାଇଛି, ସେ ଗାଁ ଚାଟଶାଳୀ ନାହିଁ କି ଅବଧାନ ମଧ୍ୟ ନାହାନ୍ତି। ବେସରକାରୀ ଶିକ୍ଷାନୁଷ୍ଠାନ ଗଢ଼ିଉଠିବା ଫଳରେ ଏହିସବୁ ଶିକ୍ଷାନୁଷ୍ଠାନରେ ଉପସ୍ଥାନ ସଂଖ୍ୟା ବଢ଼ିବାରେ ଲାଗିଲା ଓ ପିଲାମାନେ ସରକାରୀ ସ୍କୁଲଗୁଡ଼ିକରୁ ମୁହଁ ଫେରାଇ ନେଉଛନ୍ତି। ଫଳରେ ଧୀରେ ଧୀରେ ସରକାରୀ ସ୍କୁଲ୍ ବନ୍ଦ ହେବାକୁ ବସିଲାଣି। ଗତବର୍ଷ ମାର୍ଚ୍ଚ ମାସରୁ ମହାମାରୀ କରୋନା ଯୋଗୁ ଶିକ୍ଷା ବ୍ୟବସ୍ଥା ଏକପ୍ରକାର ଭୁଶୁଡ଼ି ପଡ଼ିଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ରାଷ୍ଟ୍ରୀୟ ଶିକ୍ଷାନୀତି ପ୍ରଚଳନ କରାଯାଇଛି; ଯାହା ଏକବିଂଶ ଶତାବ୍ଦୀର ଶିକ୍ଷା ଆବଶ୍ୟକତାକୁ ପୂରଣ କରିପାରିବ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ ପ୍ରକାଶ କରିଛନ୍ତି। ଘୋଷିବା ଦ୍ୱାରା ନିଜ ଅନ୍ତର୍ନିହିତ ଜ୍ଞାନର ବିକାଶ ହୁଏ ନାହିଁ, ଏଥିପାଇଁ ଦରକାର ପ୍ରାଥମିକ ଶିକ୍ଷା ଓ ମାତୃଭାଷାର ଆବଶ୍ୟକତା ଓ ସୃଜନଶୀଳତାର ବିକାଶ। କିନ୍ତୁ ମାତାପିତାମାନେ ମାତୃଭାଷା ପ୍ରତି ଗୁରୁତ୍ୱ ନ ଦେବା ଫଳରେ ସେମାନଙ୍କ ପିଲାମାନେ କେତେଦୂର ସଫଳ ହୋଇପାରିବେ ତାହା ଦେଖିବାର କଥା।

କଣ୍ଟି, ବାହାରଣା, ବାଲିକୁଦା, ଜଗତ୍‌ସିଂହପୁର,
ମୋ: ୮୩୨୮୮୪୦୨୧୪

## ଏଇ ଭାରତରେ

ଅଭାବୀ ପେଟର ଜ୍ୱାଳାକୁ ଚିହ୍ନୁଥିବା ବ୍ୟକ୍ତି ଦୁନିଆରେ ବିରଳ। ସେହି ବିରଳ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ମଧ୍ୟପ୍ରଦେଶର ଶିବମ ସୋନି। ସେ ଇନ୍ଦୋରରେ ଏକ ହଙ୍ଗର ଲାଙ୍ଗର ଖୋଲିଛନ୍ତି। ପ୍ରତିଦିନ ସେଠାରେ ଲୋକମାନଙ୍କୁ ୧୦ ଟଙ୍କାରେ ମିଲ୍ ଯୋଗାଇ ଦେଉଛନ୍ତି। ଶିବମ୍‌ଙ୍କ ବୟସ ୨୪। କରୋନା ମହାମାରୀ ପୂର୍ବରୁ ସେ ଏକ ରେସ୍ତୋରାଁ ଖୋଲିଥିଲେ। ସେ ତାଙ୍କ ସାଙ୍ଗମାନଙ୍କ ଠାରୁ ୨୦ ହଜାର ଟଙ୍କା ଉଧାର ଆଣି ଏହା ଆରମ୍ଭ କରିଥିଲେ। ଲକ୍‌ଡାଉନ ପରେ ଇନ୍ଦୋରରୁ ୪୦୦ କି.ମି. ଦୂର ତାଙ୍କ ଗାଁ ସିକନ୍ଦକୁ ସେ ଫେରି ପାରି ନ ଥିଲେ। ସେତେବେଳେ ତାଙ୍କ ପାଖରେ ଥିଲା କେବଳ ୫୦୦ ଟଙ୍କା । ରୋସ୍ତୋରାଁ ବନ୍ଦ ହେବା ପରେ ସେ ରାସ୍ତାରେ ଲୋକମାନେ ଦେଉଥିବା ଖାଦ୍ୟ ଖାଉଥିଲେ ଓ ଷ୍ଟେଶନରେ ଶୋଉଥିଲେ। ଏମିତି କି ଉପାସ ବି ରହିଛନ୍ତି। ସେତେବେଳେ ଜୀବନର ମୂଲ୍ୟ ଓ ପେଟର ଜ୍ୱାଳା ଅନୁଭବ କରିଥିଲେ ଶିବମ। ଲକ୍‌ଡାଉନ ପରେ ଦିନରେ ଏକ ସରକାରୀ ହସ୍ପିଟାଲରେ ଓ ରାତିରେ ଘରୋଇ କମ୍ପାନୀରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରି ଟଙ୍କା ସଞ୍ଚି ରୋସ୍ତୋରାଁର ନାମ ବଦଳାଇ ହଙ୍ଗର ଲଙ୍ଗର ଆରମ୍ଭ କରିଥିଲେ। ପ୍ରତିଦିନ ଲଙ୍ଗରରେ ୫୦୦ ଜଣ ଖାଉଛନ୍ତି। ଯେଉଁମାନେ ଖାଦ୍ୟର ମୂଲ୍ୟ ଦେବା ଭଳି ଯୋଗ୍ୟ ସେମାନଙ୍କଠାରୁ ସେ ୧୦ ଟଙ୍କା ନେଉଛନ୍ତି । ଗରିବଙ୍କୁ ମାଗଣାରେ ଖାଇବାକୁ ଦେଉଛନ୍ତି। ଖାଉଥିବା ଲୋକମାନଙ୍କ ମଧ୍ୟରୁ ଶହେରୁ ଦେଢ଼ଶହ ଲୋକ ତାଙ୍କୁ ଏହି ସେବା ଲାଗି ଟଙ୍କା ଦାନ କରୁଛନ୍ତି। ଇନ୍ଦୋରର ବିଭିନ୍ନ ସ୍ଥାନରେ ଗରିବମାନଙ୍କୁ ୫ ଟଙ୍କାରେ ମିଲ ଦେବା ପାଇଁ ସେ ଯୋଜନା କରୁଛନ୍ତି।

## ଚିରନ୍ତନୀ

ଏ ବିଶ୍ୱର ଏକତମ କେନ୍ଦ୍ର ଯାହା
ଚଉପାଶେ ଯା'ର
ଘୂରିବୁଲେ କୋଟି ଗ୍ରହ ବହି କୋଟି
ଆଚାର ବିଚାର।

(ପ୍ରାଚୀନ ଓ ନବୀନ)

—କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ମୁଗ ଫସଲରେ ପୋକ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ଅଞ୍ଚଳରେ ମୁଗ ଫସଲରେ ଏବେ ବ୍ୟାପକ ରୋଗ ପୋକ ଦେଖାଦେଇଛି, ଯାହାକୁ ନେଇ ଚାଷୀ ହତାଶ ହୋଇଛନ୍ତି। ବ୍ଲକର ୨୪ଟି ପଞ୍ଚାୟତର ହଜାର ହଜାର ଏକର ଜମିରେ ରବି (ମୁଗ ଓ ବିରି) ଫସଲରେ ରୋଗ ଓ ପୋକ ବ୍ୟାପକ ଭାବରେ ଲାଗିଛି। ଫସଲରେ କି ପ୍ରକାର ପୋକ ଲାଗିଛି ବା ରୋଗ ହୋଇଛି ତାହାର ନିରାକରଣ ନିମନ୍ତେ ଚାଷୀମାନେ କାହାଠାରୁ ପରାମର୍ଶ ପାଇପାରୁ ନାହାନ୍ତି। ବିଡମ୍ବନାର ବିଷୟ ଗତ ଫନୀ ସାମୁଦ୍ରିକ ମହାବାତ୍ୟା ପରେ କୃଷି ବିଭାଗ ପକ୍ଷରୁ ରବି ଫସଲ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ହିତାଧିକାରୀଙ୍କୁ ବର୍ତ୍ତମାନ ସୁଦ୍ଧା ଆର୍ଥିକ ସହାୟତା ଦିଆଯାଇପାରି ନାହିଁ। ତୁରନ୍ତ ରବି ଫସଲରେ ରୋଗ ପୋକର ନିୟନ୍ତ୍ରଣ ପାଇଁ ଚାଷୀମାନଙ୍କୁ ମାଗଣାରେ କୀଟନାଶକ ଯୋଗାଇ ଦିଆଯାଉ।

—ଦେବବ୍ରିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## କୋଭିଡ୍ ନିୟମ କେହି ମାନୁନାହାନ୍ତି

କୋଭିଡ୍ ନିୟମ ପାଳନ କରିବାକୁ ଶୀର୍ଷ ରାଜନେତାମାନେ ବାରମ୍ବାର ପରାମର୍ଶ ଦେଉଛନ୍ତି। କିନ୍ତୁ ଏହାକୁ କେହି ପାଳନ କରୁନାହାନ୍ତି। ବଡ଼ ବଡ଼ ସହରରେ କିଛି ଲୋକ ମାସ୍କ ପିନ୍ଧୁଛନ୍ତି। ମାତ୍ର ଗ୍ରାମାଞ୍ଚଳରେ ୯୯ ପ୍ରତିଶତ ଲୋକ ମାସ୍କ ପିନ୍ଧୁ ନାହାନ୍ତି । ସାମାଜିକ ଦୂରତା କଥା ନ କହିଲେ ଭଲ। ଶତ ପ୍ରତିଶତ ଲୋକ ୨ଫୁଟର ସାମାଜିକ ଦୂରତା ମାନୁ ନାହାନ୍ତି। ସବୁଠାରୁ ଅଧିକ ମାନୁ ନାହାନ୍ତି ଜନ ପ୍ରତିନିଧିମାନେ। ରାଜନୈତିକ ଦଳଗୁଡ଼ିକ ତରଫରୁ ହେଉଥିବା ଶୋଭାଯାତ୍ରା, ରୋଡ୍ ଶୋ ଓ ସାଧାରଣ ସଭାରୁ ଏହା ସ୍ପଷ୍ଟ ଜଣାପଡୁଛି। ସମସ୍ତେ ଜାଣିବା ଉଚିତ ଯେ, ମାସ୍କ ହେଉଛି ପ୍ରଥମ ଟିକା। ଏଣୁ ସମସ୍ତେ ଅନ୍ତତଃ ମାସ୍କ ପିନ୍ଧନ୍ତୁ ଓ ନିଜକୁ ନିରାପଦ ରଖନ୍ତୁ।

—ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୩,୭୭,୩୦,୯୪୩ | ୨୯,୬୪,୮୪୮ | ୧୧,୦୭,୬୭,୪୧୪ |
| ଭାରତ | ୧,୩୮,୫୨,୭୧୧ | ୧,୭୧,୯୨୯ | ୧,୨୩,୨୬,୯୩୫ |
| ଓଡ଼ିଶା | ୩,୫୩,୦୮୬ | ୧୯୩୦(+୫୩) | ୩,୪୧,୧୨୩ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ପ୍ରତିଷ୍ଠା ହେବ ଓଡ଼ିଶା ଜଳ ଏକାଡେମୀ

ଭୁବନେଶ୍ୱର, ୧୩।୪(ବ୍ୟୁରୋ)

**ସରକାରଙ୍କ ନିଷ୍ପତ୍ତି**

ଭୁବନେଶ୍ୱରରେ ଏକ ସେଣ୍ଟର ଅଫ୍ ଏକ୍ସେଲେନ୍ସି ଭାବେ 'ଓଡ଼ିଶା ଜଳ ଏକାଡେମୀ' ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ଏକାଡେମୀ ଜଳ ଏବଂ ବର୍ଜ୍ୟଜଳ ସେବା ଯୋଗାଣ କ୍ଷେତ୍ରରେ ଗ୍ରାହକ ସନ୍ତୁଷ୍ଟି ଓ ସେବାର ଗୁଣବତ୍ତା ବୃଦ୍ଧିର ଲକ୍ଷ୍ୟ ସହିତ ଏକ ଅଗ୍ରଗଣ୍ୟ ତାଲିମ ଏବଂ ଦକ୍ଷତା ବିକାଶ ଅନୁଷ୍ଠାନ ଭାବେ କାର୍ଯ୍ୟ କରିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁପ୍ରେରଣାରେ 'ଓଡ଼ିଶା ଜଳ ଏକାଡେମୀ' ପ୍ରତିଷ୍ଠା ରାଜ୍ୟ ସରକାରଙ୍କ ଜଳ ଯୋଗାଣ ଏବଂ ବର୍ଜ୍ୟଜଳ ପରିଚାଳନା ସଂସ୍କାର କ୍ଷେତ୍ରରେ ଆଉ ଏକ ଉଲ୍ଲେଖନୀୟ ସଫଳତା। ଏହି ଅବସରରେ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ପ୍ରତ୍ୟେକ ସହରୀ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଏବଂ ବର୍ଜ୍ୟଜଳ ପରିଚାଳନା ସେବା ଯୋଗାଇ ଦେବା ସରକାରଙ୍କ ପାଇଁ ସବୁବେଳେ ପ୍ରାଥମିକତା ହୋଇ ରହି ଆସିଛି। ଓଡ଼ିଶା ଜଳ ନିଗମ, ଜନସ୍ୱାସ୍ଥ୍ୟ କାରିଗରୀ ସଂସ୍ଥା, ଓଡିଶା ଜଳ ଯୋଗାଣ ଓ ପରିମଳ ପରିଷଦ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସଙ୍ଗଠନ ଅଧୀନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ଦକ୍ଷତା ବିକାଶ ପାଇଁ ଏହି ଏକାଡେମୀ ଏକ ଅଗ୍ରଣୀ ଅନୁଷ୍ଠାନ ଓ ଉତ୍କର୍ଷ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। ପୂର୍ବାପେକ୍ଷା ରାଜ୍ୟରେ ପାନୀୟ ଜଳ ଯୋଗାଣ ଏବଂ ବର୍ଜ୍ୟଜଳ ପରିଚାଳନାକୁ ଅଧିକ ଦକ୍ଷତାର ସହିତ ସମ୍ପାଦନ କରିବା ପାଇଁ ଏହିଏକାଡେମୀରେ ଉଭୟ ପରିଚାଳକ ଏବଂ କର୍ମଚାରୀ ସବୁ ପର୍ଯ୍ୟାୟରେ ଅତ୍ୟାଧୁନିକ ଓ ଅଭିନବ ପ୍ରଯୁକ୍ତି ସହାୟତାରେ ତାଲିମ ଏବଂ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ସୋସାଇଟି ରେଜିଷ୍ଟ୍ରେଶନ୍ ଆକ୍ଟ, ୧୮୬୦ ଅନୁଯାୟୀ ଏହି ଏକାଡେମୀ ପଞ୍ଜୀକୃତ ହେବ ଏବଂ ଓଡ଼ିଶା ଜଳ ନିଗମର ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରିବ।

# ୟାକୁବଙ୍କୁ ୭ଦିନିଆ ରିମାଣ୍ଡରେ ନେଲା ପୋଲିସ

କଟକ ଅଫିସ, ୧୩।୪: ଏସ୍‌ସିବିରୁ ଫେରାର ଗ୍ୟାଙ୍ଗଷ୍ଟର ହାଇଦରଙ୍କ ସହଯୋଗୀ ୟାକୁବ ଖାନ୍‌ଙ୍କୁ ମଙ୍ଗଳବାର କମିଶନରେଟ ପୋଲିସ ୭ଦିନିଆ ରିମାଣ୍ଡରେ ନେଇଛି। ୟାକୁବ୍ ସୋମବାର ଚାଉଳିଆଗଞ୍ଜ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ନିଲମ୍ବିତ କନଷ୍ଟେବଳ ମହମ୍ମଦ ମୌସୁମ୍‌ଙ୍କ ଅଭିଯୋଗକ୍ରମେ ରୁଜୁ ହୋଇଥିବା ମାମଲା(ନଂ.୧୦୧/୨୦୨୧)ରେ ୟାକୁବ୍‌ଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏଥିସହ ତାଙ୍କୁ ୭ଦିନ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। ୟାକୁବ୍ ସୋମବାର ଆତ୍ମସର୍ପମଣ କରିବାବେଳେ ହାଇଦରଙ୍କ ଫେରାର ଘଟଣାରେ ତାଙ୍କର କୌଣସି ହାତ ନାହିଁ ବୋଲି ଗଣମାଧ୍ୟମରେ ଆଗରେ କହିଥିଲେ। ହେଲେ ତାଙ୍କୁ ପଚରାଉଚରା କରାଯିବାବେଳେ ପୋଲିସ ଅନେକ ତଥ୍ୟ ହାସଲ କରିଥିଲା। ଡିସିପି ପ୍ରତୀକ ସିଂଙ୍କ କହିବା ହେଲା ୟାକୁବ୍ ଗ୍ୟାଙ୍ଗଷ୍ଟର ହାଇଦରଙ୍କ ଜଣେ ପୁରୁଣା ସହଯୋଗୀ। ଏପରି କି ହାଇଦର ଏସ୍‌ସିବିରେ ଥିବାବେଳେ ସେ ନିୟମିତ ଦେଖାକରିବା ସହ ଖାଦ୍ୟପଦାର୍ଥ ଦେଉଥିଲେ। ହାଇଦର ଫେରାର ଘଟଣାରେ ୟାକୁବ୍‌ଙ୍କ ହାତ ଥିବା ସେ ସ୍ୱୀକାର କରିଛନ୍ତି। ରିମାଣ୍ଡ ସମୟରେ ଅଧିକ ତଥ୍ୟ ଆଦାୟ କରାଯିବ ବୋଲି ଡିସିପି ସିଂ କହିଛନ୍ତି।

**■ ହାଇଦର ଫେରାରରେ ୟାକୁବଙ୍କ ହାତ: ଡିସିପି**

**■ ପୋଲିସକୁ ସୂଚନା ନ ଦେବା ଭୁଲ୍: ଏସସିବି ଜରୁରିକାଳୀନ ଅଧିକାରୀ**


ୟାକୁବ ଖାନ୍

ଅପରପକ୍ଷରେ ଏସ୍‌ସିବିର ଜରୁରୀକାଳୀନ ଅଧିକାରୀ ଭୁବନ ମହାରଣା କହିଛନ୍ତି, ହାଇଦର ବୁର୍ଲା ମେଡିକାଲ ଦ୍ୱାରା ରେଫର ହୋଇ ମାର୍ଚ୍ଚ ୨୩ରେ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ନିୟମାନୁଯାୟୀ, ସ୍ଥାନୀୟ ପୋଲିସକୁ ଏନେଇ ଅବଗତ କରିବା ଜରୁରୀ ଥିଲା, ମାତ୍ର ତାହା କରାଯାଇ ନାହିଁ। ଏପରି କି ତାଙ୍କର ହାଇଡ୍ରୋସିଲ ସମେତ ଡାଇବେଟିସ, ବ୍ଲଡ ପ୍ରେସର, କିଡ୍‌ନୀ ସମସ୍ୟା ଆଦି ରହିଥିଲା। ଏଥିପାଇଁ ବିଭିନ୍ନ ବିଭାଗ ପକ୍ଷରୁ ନିୟମିତ ତାଙ୍କର ଯାଞ୍ଚ କରାଯାଉଥିଲା। ତାଙ୍କର ବ୍ଲଡ ପ୍ରେସର ଓ ଡାଇବେଟିସ ନିୟନ୍ତ୍ରଣ ହେବାପରେ ଅସ୍ତ୍ରପଚାର ହୋଇଥାନ୍ତା। ତେଣୁ ସେ କ୍ୟାବିନରେ ରହିଥିଲେ। କ୍ୟାବିନ୍ ପାଇଁ ହାଇଦର ନିଜେ ଆବେଦନ କରିଥିଲେ ବୋଲି ମହାରଣା ସୂଚନା ଦେଇଛନ୍ତି।










## ବଡ଼ଧରଣର ଲକ୍‌ଡାଉନ କରାଯିବନି: ସୀତାରାମନ

ନୂଆଦିଲ୍ଲୀ,୧୩।୪: ଦେଶ ମଧ୍ୟରେ କରୋନା ସଂକ୍ରମଣ ବଢ଼ି ଚାଲିଥିବା ବେଳେ ପୁଣି ଥରେ ଲକଡାଉନ ହେବା ନେଇ ଆଶଙ୍କା କରାଯାଉଛି। ଏହାକୁ ନେଇ ମଙ୍ଗଳବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସ୍ପଷ୍ଟୀକରଣ ଦେଇଛନ୍ତି। ସେ କହିଛନ୍ତି, ସରକାର ଦେଶ ମଧ୍ୟରେ ବଡ଼ଧରଣର ଲକ୍‌ଡାଉନ କରିବେ ନାହିଁ। ସ୍ଥିତିକୁ ନଜରରେ ରଖି ସ୍ଥାନୀୟ ଭାବେ କିଛି କିଛି ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ କରାଯାଇ କରୋନା ନିୟନ୍ତ୍ରଣ ଉପରେ ଧ୍ୟାନ ରଖାଯିବ। କରୋନାର ଦ୍ୱିତୀୟ ଲହରକୁ ରୋକିବା ଲାଗି ପାଞ୍ଚ ସୂତ୍ରୀ କୌଶଳ ଉପରେ ଫୋକସ୍ କରାଯାଇଛି। ବଡ଼ଧରଣର ଲକ୍‌ଡାଉନ କରି ଅର୍ଥ ବ୍ୟବସ୍ଥାକୁ ଚାପଗ୍ରସ୍ତ କରିବାକୁ ସରକାର ଚାହୁଁ ନାହାନ୍ତି ବୋଲି ସେ ମତ ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

### ବଦଳିଲେ ଏଫଏମ୍ ବିଶ୍ୱବିଦ୍ୟାଳୟ କୁଳପତି



ଡ. କିଶୋର କେ. ବାସା

**ବାଲେଶ୍ୱର ଅଫିସ,୧୩।୪:** ବାଲେଶ୍ୱର ଜିଲା ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ଅତିରିକ୍ତ ଦାୟିତ୍ୱ ନେଇଛନ୍ତି ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର କୁଳପତି ଡ. କିଶୋର କେ. ବାସା। ବୁଧବାର ସେ ଦାୟିତ୍ୱ ଗ୍ରହଣ କରିବେ ବୋଲି ପ୍ରକାଶ କରିଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ପୂର୍ବତନ କୁଳପତି ପ୍ରଫେସର ଦୀନବନ୍ଧୁ ସାହୁ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ନିକଟକୁ ଇସ୍ତଫା ପତ୍ର ପ୍ରେରଣ କରିଥିଲେ।

### ଜଙ୍ଗଲରେ ଲ୍ୟାଣ୍ଡମାଇନକୁ ନିଷ୍କ୍ରିୟ କଲେ ଯବାନ

ମାଲକାନଗିରି,୧୩।୪(ଡି.ଏନ.ଏ.): ଯବାନଙ୍କୁ ଟାର୍ଗେଟ କରି ମଙ୍ଗଳବାର ମାଓବାଦୀମାନେ ଖଞ୍ଜିଥିବା ଲ୍ୟାଣ୍ଡମାଇନକୁ ଯବାନମାନେ ନିଷ୍କ୍ରିୟ କରି ଦେଇଛନ୍ତି। ଫଳରେ ମଙ୍ଗଳବାର ଏକ ବଡ଼ ଧରଣର ବିସ୍ଫୋରଣରୁ ଯବାନମାନେ ବର୍ତ୍ତିଯାଇଛନ୍ତି। ସୀମାନ୍ତ ଛତିଶଗଡ଼ର ସୁକ୍‌ମା ଜିଲାରେ ଏପରି ଘଟଣା ଘଟିଛି। ମାଓବାଦୀ ଉପଦ୍ରୁତ ଅଞ୍ଚଳ ରୂପେ ପରିଚିତ ମିନିପାଠାରୁ ବୁର୍କାପାଲ ପର୍ଯ୍ୟନ୍ତ ଚାଲିଥିବା ରାସ୍ତା କାମର ସୁରକ୍ଷା ପାଇଁ ସିଆର୍‌ପିଏଫ୍ ଯବାନ ନିୟୋଜିତ ହୋଇଥିଲେ। ଏହି ସମୟରେ ଯବାନମାନେ ସର୍ଚ୍ଚ ଅପରେଶନ କରୁଥିବା ବେଳେ ମିନିପା ଜଙ୍ଗଲ ନିକଟରେ ଏକ ଲ୍ୟାଣ୍ଡମାଇନ ଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ଏହି ଲ୍ୟାଣ୍ଡମାଇନକୁ ଜବତ କରି ଯବାନମାନେ ନିଷ୍କ୍ରିୟ କରି ଦେଇଥିଲେ। ମିଳିଥିବା ବୋମାର ଓଜନ ପ୍ରାୟ ୧୦ କି.ଗ୍ରା.ରୁ ଅଧିକ ରହିଛି। ସମ୍ପୃକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରାଯାଇଛି।

### ସ୍ଥାୟୀ ଜମିପଟ୍ଟା, ପକ୍କାଘର ଲାଗି ଧର୍ମେନ୍ଦ୍ରଙ୍କୁ ଭେଟିଲେ ବସ୍ତିବାସୀ

ଭୁବନେଶ୍ୱର, ୧୩।୪(ବ୍ୟୁରୋ): ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ ସାଲିଆସାହି ବସ୍ତିର କେତେକ ବାସିନ୍ଦା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ବାସଭବନରେ ଭେଟି ସ୍ଥାୟୀ ଜମିପଟ୍ଟା ଓ ପକ୍କାଘର ପ୍ରଦାନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ସମୟରେ ଭୁବନେଶ୍ୱରରେ ରହୁଥିବା ବସ୍ତି ବାସିନ୍ଦାଙ୍କ ସମସ୍ୟା ନେଇ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭଡ଼େକର ଏବଂ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀଙ୍କ ସହ ଆଲୋଚନା କରାଯିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଧର୍ମେନ୍ଦ୍ର କହିଛନ୍ତି, ସହରର ବସ୍ତି ବାସିନ୍ଦାଙ୍କୁ ଜମି ପଟ୍ଟା ଓ ଘର ଯୋଗାଇବା ସମସ୍ୟାର ସ୍ଥାୟୀ ସମାଧାନ ତଥା ଏନେଇ କିପରି ଏକ ବିଶେଷ ପ୍ରକଳ୍ପ ଯୋଜନା ହୋଇପାରିବ ସେନେଇ ଚେଷ୍ଟା କରାଯିବ। ସାଲିଆ ସାହି ସମେତ ରାଜଧାନୀରେ ଦୀର୍ଘଦିନରୁ ବାସ କରୁଥିବା ଲୋକଙ୍କୁ ସେମାନଙ୍କ ବାସସ୍ଥାନ ପାଇଁ ସ୍ଥାୟୀ ଜମି ପଟ୍ଟା ଓ ଘର ଯୋଗାଇ ଦେବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ହେବା ଦରକାର।

### ପିପିଲିରେ ମୁଖ୍ୟମନ୍ତ୍ରୀଙ୍କ ଭର୍ଚୁଆଲ ପ୍ରଚାରକୁ ଭାଜପାର ଟାର୍ଗେଟ

ଭୁବନେଶ୍ୱର, ୧୩।୪(ବ୍ୟୁରୋ): ପିପିଲି ଉପନିର୍ବାଚନ ଅବସରରେ ସୋମବାର ମୁଖ୍ୟମନ୍ତ୍ରୀ ନିଜ ଦଳ ପାଇଁ ଭର୍ଚୁଆଲ ମାଧ୍ୟମରେ ପ୍ରଚାର କଲେ। ବିକାଶର ଗୋଲାପି ଚିତ୍ର ଆଙ୍କିଲେ। ହେଲେ ତୃଣମୂଳସ୍ତରରେ ବାସ୍ତବ ସ୍ଥିତି ସମ୍ପର୍କରେ କାହିଁକି ଚୁପ୍ ରହିଲେ। ଏହା ପିପିଲି-ଡେଲାଙ୍ଗ ଜନସାଧାରଣଙ୍କୁ ବ୍ୟଥିତ କରିଛି ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ଅତୀତରେ ରାଜ୍ୟରେ ଯେଉଁଠି ଉପନିର୍ବାଚନ ହୁଏ, ସେହି ଅଞ୍ଚଳର ବିକାଶର ଦାୟିତ୍ୱ ମୁଖ୍ୟମନ୍ତ୍ରୀ ନିଜେ ନିଅନ୍ତି ବୋଲି ପ୍ରଚାର କରିଥାନ୍ତି। ସୋମବାର ମଧ୍ୟ ପିପିଲି ଉପନିର୍ବାଚନ ପାଇଁ ଭର୍ଚୁଆଲରେ ପିପିଲି ଅଞ୍ଚଳର ବିକାଶର ଦାୟିତ୍ୱ ନେବେ ବୋଲି ପୂର୍ବଭଳି ପୁଣିଥରେ କହିଛନ୍ତି। ଆଜି ପର୍ଯ୍ୟନ୍ତ ଏହି ଦାୟିତ୍ୱ କିଏ ନେଇଥିଲା ବୋଲି ସମୀର ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ପିପିଲି ଚାନ୍ଦୁଆ କଥା ମନେ ପକାଇଲେ। ପିପିଲି ଶାନ୍ତ ରହିଲେ ଯାଇ ଚାନ୍ଦୁଆ ବିକ୍ରି ହୋଇପାରିବ। ପିପିଲିକୁ ହିଂସ୍ର କିଏ କରୁଛି ବୋଲି ସମୀର ପ୍ରଶ୍ନ କରିଛନ୍ତି। ମୋଦି ସରକାର ଫନୀ ବାତ୍ୟା ବିପନ୍ନଙ୍କ ପାଇଁ ଘର କରିବାକୁ ଟଙ୍କା ପଠାଇଲେ। ଏବେ ପିପିଲି-ଡେଲାଙ୍ଗର ହଜାର ହଜାର ପରିବାର ପଲିଥିନ ଟାଣି ଖୋଲା ଆକାଶ ତଳେ କାହିଁକି ରହିଛନ୍ତି ବୋଲି ସମୀର ପଚାରିଛନ୍ତି।

# ଭର୍ତ୍ତୃହରିଙ୍କୁ ନେଇ ବିଜେଡି-ଭାଜପା ରାଜନୀତି ତେଜିଲା

ଭୁବନେଶ୍ୱର, ୧୩।୪(ବ୍ୟୁରୋ)

କଟକ ଏମ୍‌ପି ଭର୍ତ୍ତୃହରି ମହତାବଙ୍କୁ ନେଇ ବିଜେଡି-ଭାଜପା ମୁହାଁମୁହିଁ ହୋଇଛନ୍ତି। ଭର୍ତ୍ତୃହରି ମହତାବଙ୍କ ଅଭିଜ୍ଞତା କଥା କହି ବିଜେଡିକୁ ଟାର୍ଗେଟ କରିଛି ଭାଜପା। ଏହାକୁ ବିଜେଡି ମଧ୍ୟ ପ୍ରସଙ୍ଗ କରି ଭାଜପା ଉପରେ ବର୍ଷିଛି। ଭର୍ତ୍ତୃହରିଙ୍କୁ ନେଇ ବିଜେଡି-ଭାଜପା ମଧ୍ୟରେ ଏକ ପ୍ରକାର ରାଜନୀତି ତେଜିବାରେ ଲାଗିଛି।

କଟକର ଏକ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଉପସ୍ଥିତ ଥିଲେ। ଏହି ଅବସରରେ ଧର୍ମେନ୍ଦ୍ର ନିଜ ବକ୍ତବ୍ୟରେ କହିଥିଲେ ଯେ, ଭର୍ତ୍ତୃହରିଙ୍କୁ ଦଳ କାହିଁକି ଗୁରୁତ୍ୱ ଦେଉନାହିଁ ତାହା ତାଙ୍କୁ ଆଶ୍ଚର୍ଯ୍ୟ କରୁଛି। ସମ୍ବିଧାନ ଦିବସ ପାଳନ ପଛରେ ଭର୍ତ୍ତୃହରିଙ୍କ ପ୍ରମୁଖ ଭୂମିକା ରହିଛି । କିନ୍ତୁ ବିଜେଡି ତାଙ୍କ ଦଳର ବରିଷ୍ଠ ଏମ୍‌ପିଙ୍କୁ ଗୁରୁତ୍ୱ ଦେଉନାହିଁ । ଧର୍ମେନ୍ଦ୍ରଙ୍କ ଏଭଳି ମନ୍ତବ୍ୟ ପରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଟୁଇଟ୍ କରି କେନ୍ଦ୍ରମନ୍ତ୍ରୀଙ୍କୁ ପଲଟା ଟାର୍ଗେଟ କରିବାକୁ ପଛାଇ ନାହାନ୍ତି। ପ୍ରଣବ ତାଙ୍କ ଟୁଇଟ୍‌ରେ ଧର୍ମେନ୍ଦ୍ରଙ୍କୁ ଭାଇ ବୋଲି ସମ୍ବୋଧନ କରି କହିଛନ୍ତି, ଆପଣ କଲମ୍ବସ




ପରି ଭର୍ତ୍ତୃହରି ବାବୁଙ୍କ ବୁଦ୍ଧି ଓ ଅଭିଜ୍ଞତାର ଆବିଷ୍କାର କରିଛନ୍ତି। ମୋର ଅନୁରୋଧ ଆପଣ ଲାଲକୃଷ୍ଣ ଆଡଭାନୀ ଏବଂ ମୁରଲୀ ମନୋହର ଜୋଷୀଙ୍କ ଅମାପ ଅଭିଜ୍ଞତା ଓ ଦକ୍ଷତାର ମଧ୍ୟ ସେହିଭଳି ସହଯୋଗ କରନ୍ତୁ। ସେମାନେ ମଧ୍ୟ ଯଥେଷ୍ଟ ବୁଦ୍ଧିମାନ ଏବଂ ଭାଜପା ପାଇଁ ସମର୍ପିତ ବୋଲି ପ୍ରଣବ କହିଛନ୍ତି। ପ୍ରଣବଙ୍କ ଏଭଳି ଟୁଇଟ୍ ପରେ ଭାଜପା ପୁଣି ବିଜେଡି ଆଡକୁ ସମାଲୋଚନା କରି ନିଜର ମନ୍ତବ୍ୟ ରଖିଛି। ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ କହିଛନ୍ତି, ଏଭଳି ନିରାଟ ସତ୍ୟ କଥାକୁ ଧର୍ମେନ୍ଦ୍ର ପ୍ରଧାନ କହିଥିବାରୁ ବିଜେଡି ବିଧାୟକ ପ୍ରଣବ ପ୍ରକାଶ ଦାସ ଟିକିଏ ବିବ୍ରତ ହୋଇପଡିଛନ୍ତି। ବବି ବାବୁଙ୍କ ପାଠ କମ୍, ବସ୍ତାନି ବଡ । ଓଡିଶା ଏବଂ ରାଜ୍ୟ ମହାପୁରୁଷଙ୍କ ସମ୍ପର୍କରେ ତାଙ୍କର ଜ୍ଞାନ ଗରିମା କମ୍ ଅଛି । ଯେଉଁମାନେ ଜାତି ଓ ଦେଶ ପାଇଁ କାମ କରିଛନ୍ତି, ତାଙ୍କୁ ସମ୍ମାନ କଲେ ପ୍ରଣବଙ୍କୁ କଷ୍ଟ ଲାଗୁଛି । ଏଭଳି ମନ୍ତବ୍ୟ ଦେଇ ସେ ତାଙ୍କର ଏବଂ ଦଳର ଗରିମା ନଷ୍ଟ କରିଛନ୍ତି । ଓଡିଶାର ମହାପୁରୁଷଙ୍କୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଧର୍ମେନ୍ଦ୍ର ଅହରହ ପ୍ରଚେଷ୍ଟା ଚଳାଇଛନ୍ତି। କିନ୍ତୁ ବିଜେଡି ଓଡିଶାର ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଚିନ୍ତା କରୁନାହାନ୍ତି ବୋଲି କାଳନ୍ଦୀ କହିଛନ୍ତି।

ଅନ୍ୟପକ୍ଷରେ ଭାଜପା ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର ଟୁଇଟ୍ କରି ପ୍ରଣବଙ୍କୁ ଟାର୍ଗେଟ କରି କହିଛନ୍ତି, ଭର୍ତ୍ତୃହରିଙ୍କ ନାଁ ଶୁଣି ଆପଣ ଏତେ ଅସହିଷ୍ଣୁ କାହିଁକି ହେଉଛନ୍ତି। ଭର୍ତ୍ତୃହରି ବାବୁଙ୍କ







ପ୍ରଚେଷ୍ଟାରେ ନଭେମ୍ବର ୨୬କୁ ସମଗ୍ର ଦେଶ ସମ୍ବିଧାନ ଦିବସ ଭାବେ ପାଳନ କରୁଛି। ତାଙ୍କ ଯୋଗଦାନକୁ ଦଳମତ ନିର୍ବିଶେଷରେ ପ୍ରଶଂସା କରାଯାଉଛି। ଏହାଛଡା ଓଡ଼ିଆ ଲୋକ ଏବଂ ବିଜେଡି ନେତା। ଆପଣ ଖୁସି ହେବା ପରିବର୍ତ୍ତେ କାହିଁକି ରାଗିଯାଉଛନ୍ତି ବୋଲି ସମ୍ବିତ କହିଛନ୍ତି।

## କବିତା ଜଲାନ୍ ସିଭିଲ୍ ଆଭିଏଶନ ଡିଡିଜି

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ଓଡ଼ିଶା କ୍ୟାଡର୍ ଆଇପିଏସ୍ କବିତା ଜଲାନ୍‌ଙ୍କୁ ବ୍ୟୁରୋ ଅଫ୍ ସିଭିଲ୍ ଆଭିଏଶନ୍ (ବେସାମରିକ ଜାହାଜ ଚଳାଚଳ) ଡିଡିଜି ଭାବେ ନୂଆ ନିଯୁକ୍ତି ମିଳିଛି। ସେ କେନ୍ଦ୍ରୀୟ ଡେପୁଟେସନରେ ଯାଇ ଏହି ପଦବୀରେ ଯୋଗ ଦେବେ। ଜଲାନ୍‌ଙ୍କ ଡେପୁଟେଶନ ନେଇ ଗତ ଫେବୃୟାରୀ ୨୬ରେ



ଗୃହ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାକୁ ଭିତ୍ତି କରି ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ଗତ ୯ତାରିଖରେ ସ୍ପଷ୍ଟ କରାଯାଇଥିଲା। କବିତା ରାଉରକେଲାରେ ପଶ୍ଚିମାଞ୍ଚଳ ଆଇଜି ଭାବେ କାର୍ଯ୍ୟ କରୁଥିଲେ। କେନ୍ଦ୍ରୀୟ ଡେପୁଟେସନରେ ଯିବା ପରେ ସେ ତାଙ୍କ ଦାୟିତ୍ୱ ତାଳଚେର ଏନ୍‌ସିଆର୍ ଡିଆଇଜି ଡ଼. ସାର୍ଥକ ଷଡ଼ଙ୍ଗୀଙ୍କୁ ହସ୍ତାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ଉତ୍ତରପ୍ରଦେଶର କବିତା ୨୦୦୩ ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର। ସେ ଆଇନରେ ମାଷ୍ଟରଡିଗ୍ରୀ ହାସଲ କରିଛନ୍ତି। ସେ ପୂର୍ବରୁ କେନ୍ଦୁଝର ଏସ୍‌ପି ଭାବେ କାର୍ଯ୍ୟ କରିଛନ୍ତି।

# କୋଇଲା ତଳୁ ଯୁବକ ଉଦ୍ଧାର



ୱାଗନ ମଧ୍ୟରେ କୋଇଲା ତଳେ ରହିଯାଇଥିବା ଯୁବକଙ୍କୁ ଉଦ୍ଧାର କରାଯାଉଛି।

ତାଳଚେର,୧୩।୪(ନି.ପ୍ର.)

ଟ୍ରେନ୍ ୱାଗନରେ କୋଇଲା ବୋଝେଇ ବେଳେ ପୋତି ହୋଇଯାଇଥିବା ଜଣେ ଯୁବକଙ୍କୁ ଉଦ୍ଧାର କରାଯାଇଛି। ଘଟଣା ଘଟିଛି ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଅନନ୍ତ କୋଇଲା ଖଣିରେ। ଉଦ୍ଧାର ଯୁବକଙ୍କୁ ଚିକିତ୍ସା ପାଇଁ ସେଣ୍ଟ୍ରାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ଅନନ୍ତ କୋଇଲା ଖଣି ଅଞ୍ଚଳରେ ଟ୍ରେନ୍‌ରେ କୋଇଲା ଲୋଡ୍ କରାଯାଉଥିଲା। ୱାଗନଗୁଡ଼ିକ ତନଖି କରା ନ ଯାଇ ଲୋଡର ମାଧ୍ୟମରେ କୋଇଲା ଭରାଯାଉଥିବା ବେଳେ ହଠାତ୍ ଏକ ୱାଗନ ମଧ୍ୟରୁ ଚିତ୍କାର ଶୁଭିଥିଲା। ସେଠାରେ ଥିବା ଶ୍ରମିକ ଓ କର୍ମଚାରୀମାନେ ତୁରନ୍ତ କାର୍ଯ୍ୟ ବନ୍ଦ କରି ୱାଗନ ମଧ୍ୟକୁ ପଶି କୋଇଲା ଗଦା ତଳୁ ଜଣେ ଯୁବକଙ୍କୁ ଉଦ୍ଧାର କରିଥିଲେ। ସମ୍ପୃକ୍ତ ଯୁବକଙ୍କ ନାମ ସନ୍ତୋଷ କୁମାର ମୁଖୀ ଓ ଘର ଜଗତସିଂହପୁର ଅଞ୍ଚଳରେ ବୋଲି ଜଣାପଡିଛି। ତେବେ ସନ୍ତୋଷ କିପରି ଅନନ୍ତ କୋଇଲା ଖଣି ମଧ୍ୟରେ ଥିବା ରେଳ ୱାଗନ ଭିତରକୁ ଗଲେ ତାହା ଜଣାପଡ଼ି ନାହିଁ। ଖଣି ଭିତରେ ସୁରକ୍ଷା କର୍ମଚାରୀମାନେ ନିୟୋଜିତ ଥିବାବେଳେ ବାହାର ଲୋକ ସେଠାକୁ ଯିବା ଓ କୋଇଲା ଲୋଡ୍ ପୂର୍ବରୁ ୱାଗନଗୁଡ଼ିକ ତନଖି କରା ନ ଯିବା ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଖଣି କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରି ନାହିଁ।

## ୧୧୪ଖଣ୍ଡ ୫ଶହ ଟଙ୍କିଆ ଜାଲ୍‌ନୋଟ୍ ଜବତ

■ ରେଳ କର୍ମଚାରୀ ଗିରଫ

ଝାରସୁଗୁଡ଼ା ଅଫିସ,୧୩।୪

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ଥାନା ପୋଲିସ ଜଣେ ରେଳ କର୍ମଚାରୀଙ୍କୁ ଜାଲ୍ ନୋଟ୍ କାରବାରରେ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ମଧ୍ୟପ୍ରଦେଶ କୋତୱାଲି ସହର ଶାହାଦୋଲ ରେଲ୍‌ୱେ କଲୋନୀର ମୂଳବାସିନ୍ଦା ରମଣ କୁମାର ରଜକ(୩୨)। ରଜକ ବ୍ରଜରାଜନଗର ରେଳ ଷ୍ଟେଶନରେ କର୍ମଚାରୀ ଭାବେ କାମ କରୁଥିବାବେଳେ ଭଡ଼ାଘରେ ରହୁଛନ୍ତି। ପୋଲିସ ଉକ୍ତ ଘରେ ଚଢ଼ାଉ କରି ୧୧୪ଖଣ୍ଡ ୫ଶହ ଟଙ୍କିଆ ଜାଲ୍‌ନୋଟ୍ ଜବତ କରିଛି। ଏଥିମଧ୍ୟରେ ୫୨ଖଣ୍ଡ ନୋଟ୍ ଗୋଟିଏ ନମ୍ବରର ରହିଥିବାବେଳେ ବାକି ୬୨ଖଣ୍ଡ ନୋଟ୍ ଆଉ ଗୋଟିଏ ନମ୍ବରର ରହିଛି। ଏ ନେଇ ପୋଲିସ ଥାନା କେସ୍ ନଂ.୧୦୩/୨୧ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ଏସ୍‌ପି ବିକାଶ ଚନ୍ଦ୍ର ଦାସ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଜାଲ୍ ନୋଟ୍ କାରବାର ସମ୍ପର୍କରେ ପୋଲିସକୁ ପୂର୍ବରୁ ସୂଚନା ରହିଥିଲା। ବଜାରକୁ ପ୍ରବେଶ କରିବା ପୂର୍ବରୁ ସମ୍ପୃକ୍ତ ରେଳ କର୍ମଚାରୀ ରଜକଙ୍କୁ ପୋଲିସ ଗିରଫ କରି ତାଙ୍କଠାରୁ ସମସ୍ତ ଜାଲ୍ ନୋଟ୍ ଜବତ କରିଛି। ରଜକ ପୂର୍ବରୁ ଋଣଗ୍ରସ୍ତ ଥିଲେ। ଏହି ଋଣ ପରିଶୋଧ ପାଇଁ ସେ ବିଳାସପୁର ଅଞ୍ଚଳରେ ରହୁଥିବା ତାଙ୍କର ଜଣେ ସମ୍ପର୍କୀୟଙ୍କ ସହିତ ଯୋଗାଯୋଗ କରିଥିଲେ। ସମ୍ପର୍କୀୟ ଜଣଙ୍କ ନାଗପୁର ଅଞ୍ଚଳର ଏକ ଜାଲ୍ ନୋଟ୍ ର୍‍ୟାକେଟ୍ ସମ୍ପର୍କରେ ଆସି କେତେକ ଜାଲ୍ ନୋଟ୍ ଆଣି ରଜକଙ୍କୁ ଯୋଗାଇଥିଲେ। ରଜକ ଏହାକୁ ପାଖରେ ରଖି ଅସଲି ନୋଟ୍‌ରେ ମିଶାଇ ବଜାରକୁ ଛାଡିଥାନ୍ତେ ବୋଲି ଯୋଜନା କରିଥିଲେ। ଏହି ର୍‍ୟାକେଟ୍‌ର ଚେର ବ୍ରଜରାଜନଗରରୁ ବିଳାସପୁର ଓ ନାଗପୁର ସହରକୁ ଲମ୍ବିଛି। ର୍‍ୟାକେଟ୍‌କୁ ଧରିବା ପାଇଁ ପୋଲିସ ତା'ର ଜାଲ ବିଛାଇଛି। ଏଥିରେ ସମ୍ପୃକ୍ତ ମାଷ୍ଟରମାଇଣ୍ଡ ସମେତ ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯାଇ ଏହାର ପର୍ଦ୍ଦାଫାଶ କରାଯିବ ବୋଲି ଏସ୍‌ପି ଦାସ କହିଛନ୍ତି। ଜାଲ୍ ନୋଟ୍ ଜବତ ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଏଥିରେ ଏସ୍‌ଡିପିଓ ଦିଲୀପ ଦାସ, ଆଇଆଇସି ନଳିତା ମୋଦି ଓ ଏସ୍‌ଆଇ ପି.କେ. ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

## ଚାକିରି ନାଁରେ ନାବାଳିକାଙ୍କୁ ଯୌନ ଶୋଷଣ

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ଏକ ପେପର କମ୍ପାନୀରେ ଚାକିରି ଦେବାକୁ କହି ଜଣେ ନାବାଳିକାଙ୍କୁ ଭୁବନେଶ୍ୱର ଭରତପୁର ଥାନା ତାରିଣୀ ବସ୍ତିରେ ଏକ ଘରେ ରଖି ଦେହ ବ୍ୟବସାୟରେ ଲଗାଯାଉଥିବା ନେଇ ଅଭିଯୋଗ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ନାବାଳିକାଙ୍କ ସବତ ମା'ଙ୍କ ମଧ୍ୟ ସମ୍ପୃକ୍ତି ରହିଥିବା କୁହାଯାଉଛି। ତେବେ ସୌଭାଗ୍ୟବଶତଃ ନାବାଳିକା ଜଣକ ମଙ୍ଗଳବାର ସନ୍ଧ୍ୟାରେ ସେଠାରୁ ଖସି ଆସି ସ୍ଥାନୀୟ ଜଣଙ୍କ ଘରେ ପଶିଯିବା ପରେ ସମ୍ପୂର୍ଣ୍ଣ ଘଟଣା ବିଷୟରେ ମୁହଁ ଖୋଲିଥିଲେ। ଏପରି କି ଗୋଡ଼ହାତ ଧରି ସ୍ଥାନୀୟ ଲୋକଙ୍କୁ ରକ୍ଷା କରିବାକୁ ନିବେଦନ କରିଥିଲେ। ଏବିଷୟରେ ସ୍ଥାନୀୟ ଲୋକେ ଭରତପୁର ଥାନା ପୋଲିସକୁ ଖବର ଦେଇଥିଲେ। ଖବରପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ସହ ନାବାଳିକା ଏବଂ ସ୍ଥାନୀୟ ଲୋକଙ୍କଠାରୁ ସମସ୍ତ କଥା ଶୁଣିଥିଲେ। ପରେ ପୋଲିସ ନାବାଳିକାଙ୍କୁ ଥାନାକୁ ନେଇ ଚାଇଲ୍ଡ ଲାଇନକୁ ହସ୍ତାନ୍ତର ନ କରି ନାବାଳିକାଙ୍କ ସମ୍ପୃକ୍ତ ସାବତ ମା'ଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି। ଏନେଇ ଭରତପୁର ଥାନା ଅଧିକାରୀ ଦୁର୍ଗା ପ୍ରସାଦ ଜେନାଙ୍କୁ ପଚାରିବାରୁ , ସେ କହିଛନ୍ତି ନାବାଳିକା ଜଣକ ଆମ ସମ୍ମୁଖରେ କୌଣସି ଅଭିଯୋଗ କରି ନାହାନ୍ତି। ସେ ତାଙ୍କ ମା'ଙ୍କୁ ଚିହ୍ନିବା ସହ ନିଜ ସହମତି ପ୍ରକଶ କରିବାରୁ ତାଙ୍କ ସହ ଆମେ ଛାଡିଛୁ। ଏଥିସହ ନାବଳିକାଙ୍କ ସମ୍ବନ୍ଧରେ ଚାଇଲ୍ଡ ଲାଇନକୁ ସମସ୍ତ ତଥ୍ୟ ପ୍ରଦାନ କରାଯାଇଛି ବୋଲି କହିଛନ୍ତି। ଏନେଇ ଡିସିପି ଉମାଶଙ୍କର ଦାଶ କହିଛନ୍ତି ଘଟଣା ସମ୍ପର୍କରେ ମୋ ପାଖକୁ ଖବର ଆସିଛି। ଏନେଇ ତଦନ୍ତ କରି ରିପୋର୍ଟ ଦେବାକୁ ସମ୍ପୃକ୍ତ ଜୋନ୍ ଏସିପିଙ୍କୁ କୁହାଯାଇଛି। ଅପରପକ୍ଷରେ ଶିଶୁ ସୁରକ୍ଷା ଆୟୋଗ ସନ୍ଧ୍ୟାବତୀ ପ୍ରଧାନଙ୍କୁ ପଚାରିବାରୁ ଘଟଣାର ତଦନ୍ତ କରାଯିବ। ଅଭିଯୋଗରେ ସତ୍ୟାସତ୍ୟ ଥିଲେ ତଥା ଏଥିରେ କାହାର ସମ୍ପୃକ୍ତି ଜଣାପଡ଼ିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ଅଭିନେତା ବଦ୍ରି ନାରାୟଣ ମହାପାତ୍ରଙ୍କ ପରଲୋକ

ଭୁବନେଶ୍ୱର,୧୩।୪(ବ୍ୟୁରୋ): ବରିଷ୍ଠ ଚଳଚ୍ଚିତ୍ର, ଟିଭି, ବେତାର ଓ ମଞ୍ଚ ଅଭିନେତା, ନିର୍ଦ୍ଦେଶକ ତଥା ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାର ବିଜେତା ଅଭିନେତା ବଦ୍ରି ନାରାୟଣ ମହାପାତ୍ରଙ୍କ ମଙ୍ଗଳବାର ପରଲୋକ ହୋଇଛି। ତାଙ୍କ ପରଲୋକରେ କଳାହାଣ୍ଡି କଳା ଜଗତରେ ଗଭୀର ଶୋକର ଛାୟା ଖେଳିଯାଇଛି।



ବଦ୍ରିନାରାୟଣଙ୍କ ପରଲୋକ ଖବର ପାଇ ମୁଖ୍ୟମନ୍ତ୍ରୀ ଟୁଇଟ ଯୋଗେ ଶୋକବ୍ୟକ୍ତ କରିଛନ୍ତି। ସମର୍ପଣ, ପଳାତକ ଓ ଜନ୍ମଦାତା ଭଳି ଚଳଚ୍ଚିତ୍ରରେ ସେ ଛାଡ଼ିଯାଇଥିବା ଛାପ ସର୍ବଦା ସ୍ମରଣୀୟ। ସ୍ୱର୍ଗତ ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି। କଳାହାଣ୍ଡି କେସିଙ୍ଗାରେ ଜନ୍ମିତ ବଦ୍ରିନାରାୟଣଙ୍କ ପରଲୋକରେ ଗୃହରାଷ୍ଟ୍ର ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ଲୋକ ସଭା ଏମ୍‌ପି ବସନ୍ତ ପଣ୍ଡା, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରା ପ୍ରମୁଖ ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି।

## ଓଏସ୍‌ଏଲ୍‌ଏସ୍‌ଏ ସଦସ୍ୟ ସଚିବ ଭାବେ ଦାୟିତ୍ୱ ନେଲେ ବିଦ୍ୟୁତ୍ ମିଶ୍ର



କଟକ ଅଫିସ,୧୩।୪

ଓଡ଼ିଶା ରାଜ୍ୟ ଆଇନସେବା ପ୍ରାଧିକରଣ (ଓଏସ୍‌ଏଲ୍‌ଏସ୍‌ଏ)ର ସଦସ୍ୟ ସଚିବ ଭାବେ ବିଦ୍ୟୁତ୍ କୁମାର ମିଶ୍ର ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ କଟକସ୍ଥିତ ବିଭାଗୀୟ କାର୍ଯ୍ୟାଳୟରେ ଡେପୁଟି ସେକ୍ରେଟାରି ଜ୍ୟୋତି ରଞ୍ଜନ ଦାଶ ଓ କମଳାକାନ୍ତ କର ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ, ମିଶ୍ର ଏହା ପୂର୍ବରୁ ପୁରୀ ଜିଲା ଦୌରାଜଜ୍ ଭାବେ କାର୍ଯ୍ୟ କରୁଥିଲେ।

## ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ | ପ୍ରତି ନିର୍ବାଚନମଣ୍ଡଳୀରେ ହେବ ରକ୍ତଦାନ ଶିବିର

■ କୋଭିଡ୍ ନିୟମ ସହ ପାଳିବାକୁ ଦଳୀୟ କର୍ମୀଙ୍କୁ ନବୀନଙ୍କ ଚିଠି

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ଆସନ୍ତା ୧୭ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହେବ। ବିଜୁବାବୁଙ୍କ ଶ୍ରାଦ୍ଧ ଦିବସ ରାଜ୍ୟସ୍ତରରେ ତଥା ନିର୍ବାଚନମଣ୍ଡଳୀସ୍ତରରେ କୋଭିଡ୍ ନିୟମ ଅନୁଯାୟୀ ପାଳନ କରିବାକୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ କର୍ମୀ ଓ ନେତାମାନଙ୍କୁ ଆହ୍ୱାନ କରିଛନ୍ତି। ଏ ନେଇ ନବୀନ ପୁରୀ ଜିଲା ବ୍ୟତୀତ ସମସ୍ତ ରାଜ୍ୟ କର୍ମକର୍ତ୍ତା, ଏମ୍‌ପି, ବିଧାୟିକା, ବିଧାୟକ, ଜିଲା ସଭାପତି, ଜିଲା ପର୍ଯ୍ୟବେକ୍ଷକ, ଜିଲା ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ପୌର ପରିଷଦ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ବ୍ଲକ ସଭାପତି ଓ ନଗର ସଭାପତିଙ୍କୁ ମଙ୍ଗଳବାର ଚିଠି ଲେଖିଛନ୍ତି।



ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି, ପ୍ରତିବର୍ଷ ବିଜୁ ଜନତା ଦଳ ବିଜୁବାବୁଙ୍କ ତିରୋଧାନ ଦିବସକୁ ନିରାଡ଼ମ୍ବର ଭାବେ ପାଳନ କରିଆସୁଛି। ବିଜୁ ପଟ୍ଟନାୟକ ଥିଲେ ସେବା, ତ୍ୟାଗ ଏବଂ ସ୍ୱାଭିମାନର ପ୍ରତୀକ। ପ୍ରତ୍ୟେକ ଓଡ଼ିଆଙ୍କ ମୁହଁରେ ହସ ଫୁଟାଇବା, ଦାରିଦ୍ର୍ୟ ବିରୋଧରେ ନିରବଚ୍ଛିନ୍ନ ସଂଗ୍ରାମ ସହିତ ଓଡ଼ିଶାର ସର୍ବାଙ୍ଗୀନ ବିକାଶ, ଶିଳ୍ପ ସମୃଦ୍ଧି, ଯୁବଶକ୍ତିର ସଦୁପଯୋଗ, ମହିଳା ସଶକ୍ତୀକରଣ, ଉତ୍କଳୀୟ ସ୍ୱାଭିମାନ ରକ୍ଷା, ସାମାଜିକ ଏବଂ ଅର୍ଥନୈତିକ ପ୍ରଗତି ସହିତ ନିର୍ଭୀକତାର ସହ ନ୍ୟାଯ୍ୟ ଦାବି ହାସଲ ପାଇଁ ବିଜୁବାବୁ ନିରବଚ୍ଛିନ୍ନ ସଂଗ୍ରାମରତ ଥିଲେ। ବିଜୁବାବୁଙ୍କ ସେବା, ତ୍ୟାଗ ଓ କର୍ମମୟ ଜୀବନର ଅତୁଳନୀୟ ଆଲେଖ୍ୟ ବିନା ଆମ ଜାତିର ଇତିହାସ ଅସମ୍ପୂର୍ଣ୍ଣ । ଏବର୍ଷ ଏହି ମହତ୍ ପୁରୁଷଙ୍କ ଶ୍ରାଦ୍ଧ ଦିବସକୁ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ କୋଭିଡ୍ କଟକଣା ସହ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ଦିବସରେ ବିଜୁ ଜନତା ଦଳର ପ୍ରତ୍ୟେକ ସଦସ୍ୟ ବିଜୁବାବୁଙ୍କ ଅଭିଳଷିତ ଓଡ଼ିଶା ଗଠନ ନିମନ୍ତେ ଏକ ମନପ୍ରାଣ ହୋଇ କାର୍ଯ୍ୟ କରିବା ନିମନ୍ତେ ସଂକଳ୍ପବଦ୍ଧ ହେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ରାଜ୍ୟବାସୀଙ୍କ ପ୍ରତି ରହିଥିବା ସାମାଜିକ ପ୍ରତିବଦ୍ଧତାର ପରିପାଳନ ନିମନ୍ତେ ଓଡ଼ିଶା ମୋ ପରିବାର ତରଫରୁ ଜୀବନବିନ୍ଦୁ କାର୍ଯ୍ୟକ୍ରମ ଜରିଆରେ ରକ୍ତଦାନ ଶିବିର ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଆୟୋଜନ କରାଯିବା ସହିତ ପ୍ରତ୍ୟେକ ସ୍ଥାନରେ ଲୋକଙ୍କୁ ମାସ୍କର ବାଧ୍ୟତାମୂଳକ ବ୍ୟବହାର ଏବଂ କୋଭିଡ୍ ନିୟମ କଡ଼ାକଡ଼ି ଭାବେ ପାଳନ କରିବା ନିମନ୍ତେ ସଚେତନ କରାଯିବ।

ଆମ ରାଜ୍ୟ ଓ ଦେଶ ଏବେ କଷ୍ଟକର ସମୟ ଦେଇ ଗତିକରୁଛି। ବିଜୁବାବୁ ସବୁବେଳେ ଲୋକ ସେବାକୁ ସର୍ବାଧିକ ଗୁରୁତ୍ୱାରୋପ କରୁଥିଲେ। ଆମେ କୋଭିଡ୍ ସମୟରେ ଏହି ସେବା ମନୋଭାବକୁ ଆହୁରି ପରିବର୍ଦ୍ଧିତ କରିପାରିବା। ସମଗ୍ର ଓଡ଼ିଶାକୁ ଗୋଟିଏ ପରିବାର ଭାବେ ବିବେଚନା କରି ନିଜର ସାରା ଜୀବନ ଓଡ଼ିଶାବାସୀଙ୍କ କଲ୍ୟାଣ ଏବଂ ସଶକ୍ତୀକରଣ ନିମନ୍ତେ ଉତ୍ସର୍ଗ କରିଥିବା ବିଜୁବାବୁଙ୍କ ପ୍ରତି ଏହା ହିଁ ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## 'ଯୋଜନା ଅର୍ଥ ଖର୍ଚ୍ଚ ନ କରିପାରିଲେ କାର୍ଯ୍ୟାନୁଷ୍ଠାନ'

ଭୁବନେଶ୍ୱର, ୧୩।୪(ବ୍ୟୁରୋ)

ଯୋଜନାର ଅର୍ଥ ଧାର୍ଯ୍ୟ ସମୟ ମଧ୍ୟରେ ଖର୍ଚ୍ଚ କରି ନ ପାରିଲେ ଖିଲାପୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କୃଷକଙ୍କୁ ଉଦ୍ୟାନ କୃଷି ତରଫରୁ ଯୋଗାଇ ଦିଆଯାଉଥିବା ସାମଗ୍ରୀ ଯେପରି ଉନ୍ନତ ମାନର ଓ ପର୍ଯ୍ୟାପ୍ତ ପରିମାଣର ହୋଇପାରିବ ସେଥିଲାଗି ଠିକ୍ ଯାଞ୍ଚ ଓ ନିୟମିତ ସମୀକ୍ଷା କରିବା ପାଇଁ କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି ।

କୃଷି ଭବନଠାରେ ଆୟୋଜିତ ଉତ୍ତରାଞ୍ଚଳ ରାଜସ୍ୱ ଜିଲାଗୁଡ଼ିକର ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଓ ସହକାରୀ ନିର୍ଦ୍ଦେଶକମାନଙ୍କ ସମୀକ୍ଷା ବୈଠକରେ ମଙ୍ଗଳବାର ଯୋଗଦେଇ ମନ୍ତ୍ରୀ ସାହୁ କହିଛନ୍ତି, ବିଭାଗ ଦ୍ୱାରା ଜିଲାରେ ହେଉଥିବା ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ନିର୍ଦ୍ଦେଶାଳୟ ଦ୍ୱାରା ପ୍ରତିମାସରେ ସମୀକ୍ଷା କରିବା ଦରକାର। ଏଥି ସହିତ କୌଣସି ପ୍ରକାରର ଆର୍ଥିକ ଅସଙ୍ଗତି ପରିଲକ୍ଷିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ରାଜ୍ୟରେ ଉଦ୍ୟାନ କୃଷିର ବିସ୍ତୃତ ସୁଯୋଗ ରହିଥିବା ଓ କୃଷକଙ୍କ ଆୟ ବୃଦ୍ଧି ଦିଗରେ ଫଳ, ପନିପରିବା ଆଦି ଚାଷ ସହାୟକ ହେଉଥିବା ସ୍ଥଳେ ଅଧିକରୁ ଅଧିକ ଚାଷୀ ଯେପରି ଉଦ୍ୟାନ କୃଷି ପ୍ରତି ଆଗ୍ରହ ପ୍ରକାଶ କରିବେ ସେଥିପ୍ରତି କ୍ଷେତ୍ର କର୍ମଚାରୀମାନେ ଅଧିକ ତତ୍ପରତା ପ୍ରକାଶ କରିବା ପାଇଁ ମନ୍ତ୍ରୀ କହିଛନ୍ତି । ଏଥି ନିମନ୍ତେ ଅଧିକରୁ ଅଧିକ କୃଷକ ଉତ୍ପାଦକ ଗୋଷ୍ଠୀ ଗଠନ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଯେଉଁସବୁ ଅଞ୍ଚଳରେ ପାରମ୍ପରିକ ଭାବେ ପନିପରିବା ଚାଷ ହେଉଛି ସେଥିପ୍ରତି ଅଧିକ ଧ୍ୟାନ ଦେବା ଆବଶ୍ୟକ। ସ୍ୱଚ୍ଛତା ରକ୍ଷା ଦିଗରେ ଉଦ୍ୟାନ କୃଷିର ସମସ୍ତ ତଥ୍ୟ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଇବା ଦରକାର । ବିଭାଗ ଦ୍ୱାରା ବିଭିନ୍ନ କ୍ଷେତ୍ରରେ ହାସଲ କରିଥିବା ସଫଳତାକୁ ମଧ୍ୟ ଲୋକଲୋଚନକୁ ଆଣିବା ନିମନ୍ତେ ଏହାକୁ ୱେବ୍‌ସାଇଟ୍‌ରେ ଉପଲବ୍ଧ କରାଇବା ଆବଶ୍ୟକ ବୋଲି ମନ୍ତ୍ରୀ ସାହୁ କହିଛନ୍ତି।






# ପଣା ସଂକ୍ରାନ୍ତି

ପଣା ସଂକ୍ରାନ୍ତିକୁ ମହାବିଷୁବ ସଂକ୍ରାନ୍ତି କୁହାଯାଏ। ସୂର୍ଯ୍ୟ ଏହି ଦିନ ବିଷୁବରେଖାରେ ଅବସ୍ଥାନ କରନ୍ତି। ବର୍ଷକ ୩୬୫ ଦିନ ହେଉ ବା ୩୫୪ ଦିନ ହେଉ ସମୟ ଧାର୍ଯ୍ୟକୁ ୧/୧, ୩୬୦୦ରେ ବୃତ୍ତର ଧାର୍ଯ୍ୟ ରଖାଯାଏ। ଏମିତିକି ବାର୍ହସ୍ପତ୍ୟ ବର୍ଷର ମାନ ୩୬୧ ପାଖାପାଖି ସମୟକୁ ସେହି ୩୬୦୦ ଆବର୍ତ୍ତନରେ ପକାଇ ଗଣନା କରାଯାଏ। ଏହାର ଅର୍ଥ ସମୟ ଦୌଡ଼ ଚକ୍ରାକାର କ୍ଷେତ୍ର। ବର୍ଷକ ଯେଉଁ ବାରମାସ ଏହା ବି ଗଣନାର ଉତ୍ସ ଏହି ମହାବିଷୁବ ସଂକ୍ରାନ୍ତିର ଉତ୍ସ ବାର। ପଞ୍ଚାଙ୍ଗ ଗଣନା ସୃଷ୍ଟିର ଆଦି ଦିନରୁ ଅର୍ଥାତ ଯୁଗର ଆଦି ଦିନରୁ ଓ କୌଣସି ନିର୍ଦ୍ଦିଷ୍ଟ ବର୍ଗର ଗଣନା ସ୍ଥିର ରହିବା ଦିନରୁ କରାଯାଏ। ବିଚକ୍ଷଣ ଗଣିତ ଜ୍ୟୋତିଷୀ ଏହି ୩କୁ ସାମ୍ୟ ନକଲେ ଗଣନା ଭ୍ରମ ରହିଯାଇପାରେ। ଶକାବ୍ଦଃର ଆଦ୍ୟ ଦିନର ବାରରୁ ଆଗାମୀ ବର୍ଷର ସମସ୍ତ ରୂପରେଖ ପ୍ରସ୍ତୁତ କରାଯାଏ। ବର୍ଷା ଉପରେ କୃଷି ଓ ଜନତା ନିର୍ଭରଶୀଳ, ଏମିତି ପଶୁପକ୍ଷୀ, ବୃକ୍ଷଲତା ନିର୍ଭରଶୀଳ, ରାଜକର ନିର୍ଭରଶୀଳ। ଏଥିପାଇଁ ଏହି ଶକାବ୍ଦଃ ସିଦ୍ଧାନ୍ତରୁ ବାରମାସର ଆରମ୍ଭ ତିଥିବାର ନକ୍ଷତ୍ର ଲଗ୍ନରୁ ବହୁ ସିଦ୍ଧାନ୍ତ ସ୍ଥିର କରି ପାଞ୍ଜିରେ ଦିଆଯାଇଥାଏ। ଜ୍ୟେଷ୍ଠ ମାସର ସଂଶ୍ଳିଷ୍ଟ ବୃଷ ରବି ସ୍ଥିତିରେ ଓ ମାର୍ଗଶିର ମାସର ସଂଶ୍ଳିଷ୍ଟ ବିଛା ରବିରେ ରଖାଯାଇଥାଏ। ଏହି ଦୁଇମାସର ରବି ପ୍ରବେଶକାଳୀନ ଲଗ୍ନରୁ ସ୍ଥାନୀୟ ଖରିଫ ଓ ରବି ଫସଲର ଭାଗ୍ୟ ଅନୁମାନ ବିଚାର କରାଯାଏ। ମୃଗଶିରା ନକ୍ଷତ୍ର ଏକ ଦ୍ୱି ଦ୍ୱିପାଦ ଭଙ୍ଗ ନକ୍ଷତ୍ର। ଏହାର ପ୍ରଥମ ଦ୍ୱିପାଦ ଭଙ୍ଗର ପରେ ରବି ପ୍ରବେଶ, ୨ୟ ଦ୍ୱିପାଦ ଆରମ୍ଭରେ ମିଥୁନ ରବି ହୁଏ। ଏହା ପ୍ରତିବର୍ଷ ପାଇଁ ହୋଇଆସୁଛି। ୮ ଜୁନରୁ ୨୧ ଜୁନ ମଧ୍ୟରେ ମୃଗଶିରାରେ ରବି ରହନ୍ତି, ୨୨ ଜୁନର ଆଗପଛ ଗଣନାଦୃଷ୍ଟେ ଦିନେ ଦୁଇ ଦିନ ମଧ୍ୟରେ ଆର୍ଦ୍ରା ନକ୍ଷତ୍ରରେ ରବି ପ୍ରବେଶ କରନ୍ତି। ଏଇ ଆର୍ଦ୍ରା ଅର୍ଥ କାଉଁଦା ଓଦା। ଏ ସମୟରୁ ମୌସୁମୀ ବର୍ଷା ଓଡ଼ିଶାରେ ଆରମ୍ଭ ହୁଏ। ପଣା ସଂକ୍ରାନ୍ତି ଅଶ୍ୱିନୀ ରବି ପ୍ରବେଶ ୧୩/୧୪ ଅପ୍ରେଲରେ ପ୍ରତ୍ୟେକ ବର୍ଷ ଏ ସମୟରେ ପଡ଼ିଆସୁଛି। ପଞ୍ଚାଙ୍ଗ ଗଣନା ପାଇଁ ବାର ସିଦ୍ଧାନ୍ତ ଏକ ଜରୁରୀ ବିଷୟ। ସିଦ୍ଧାନ୍ତ ତନ୍ତ୍ରକରଣ ତ୍ରିବିଧି ପଦ୍ଧତିକୁ ସମତା ବାର ହିଁ ରଖିପାରେ। ଅର୍ହଗଣ, ଜଣା ନ ପଡ଼ିଲେ ସ୍ଥିର ନ ହେଲେ ଗ୍ରହ ନକ୍ଷତ୍ର ତିଥି ଆଦି ସ୍ଥିର ହୋଇ ନ ପାରେ। ଅର୍ହଗଣ ଅର୍ଥ ବିଗତ ସୃଷ୍ଟ୍ୟାଦି ଯୁଗାଦି ବା ନିର୍ଦ୍ଦିଷ୍ଟ ଧାର୍ଯ୍ୟ ବର୍ଷର ପାଞ୍ଜିରୁ ଗଣନା ଦିବସର ସଂଖ୍ୟା। ଶକାବ୍ଦଃର ଆଦ୍ୟ ଦିନ ସ୍ଥିରରୁ ଅନ୍ୟ ସବୁ କ୍ରମ ସଠିକ୍ ହୋଇଯାଏ। ଆମ ଓଡ଼ିଶାରେ ପୁଣ୍ୟକାଳ, ଦାନ ପାଇଁ ଉଦ୍ଦିଷ୍ଟ। ସମୟ ଭୋଗ ଅନୁସାରେ ଦ୍ରବ୍ୟଦାନ ଧାର୍ଯ୍ୟ ବି ରହିଛି। ଯଥା ଶୀତଦିନେ କମ୍ବଳ, ଶୀତବସ୍ତ୍ର ଦାନ, ଖରାଦିନେ ପଥିକମାନଙ୍କୁ ଛତ୍ର ପାଣ୍ଡୋଇ (ଜୋତା ଚପଲ, କଠଉ), ପାନୀୟ, ବିଭିନ୍ନ ବିଶେଷ ପର୍ବରେ ବସ୍ତ୍ର ନିଜର ବ୍ୟକ୍ତିଗତ ଶୁଦ୍ଧି ପ୍ରକ୍ରିୟାରେ ବା ବିବାହାଦି କାର୍ଯ୍ୟରେ ଅନ୍ନ, ବସ୍ତ୍ର, ଅଳଙ୍କାର, ଶଯ୍ୟା ଦାନ କରାଯାଏ। ଗୃହାରମ୍ଭ, ଗୃହ ପ୍ରବେଶ, କନ୍ୟା ବିବାହ ଆଦିରେ ଗୋଦାନ କରାଯାଏ। ଏହି ମହାବିଷୁବ ସଂକ୍ରାନ୍ତିରେ ପାଣିପଣା ଦାନ କରାଯାଏ। ପ୍ରକୃତରେ ଯେଉଁ ଜଳକଷ୍ଟ ଅଛି ସେଠାରେ ପୁଷ୍କରିଣୀ, କୂପାଦି ଧନୀ ଜମିଦାରମାନେ ଏଇ ଦିନଠାରୁ ଖନନ କରି ଉତ୍ସର୍ଗ କରୁଥିଲେ। ଅବଢ଼ାପାଣି, ଏକ ଜଳ ଦହି ମିଶ୍ରଣର ଘୋଳ ଏହା ପଥଚାରୀଙ୍କୁ ମଧ୍ୟାହ୍ନ କାଳରେ ପ୍ରଦାନ କରାଯାଏ। ଏହି ମେଷ ରବି ଗ୍ରୀଷ୍ମଋତୁର ୧ମ ମାସ, ଏ ସମୟ ମୃତ୍ତିକା ସ୍ତରର ଜଳ ସର୍ବନିମ୍ନ ସ୍ତରଗାମୀ ହୋଇଥାଏ। ମାଟି ଶୁଖି ଠୋ ଠୋ ହୋଇଥାଏ। ବୃକ୍ଷଲତା ଜଳ ଆହରଣରେ ପ୍ରବଳ ବାଧାରେ ଥାଆନ୍ତି। ବୃକ୍ଷ ମୂଳରେ ମଳା କରି ଜଳ ସିଞ୍ଚନ କରାଯାଏ। ତୁଳସୀ ଚଉଁରାରେ ବସନ୍ତରା ଘଡ଼ି ବସାଯାଏ। ସେଥିରେ ଜଳ ଭରି ଘଡ଼ି ନିମ୍ନ ଛିଦ୍ରରେ କୁଶାଗ୍ରରେ ଟୋପା ଟୋପା ଜଳ ତୁଳସୀ ବୃକ୍ଷରେ ପକାଇ ବୃକ୍ଷକୁ ଉଜ୍ଜୀବିତ ରଖିବାକୁ ଚେଷ୍ଟା କରାଯାଏ। ବୃକ୍ଷକୁ ଜଳଦାନ ପ୍ରକୃତରେ ଏହା ଏକ ସୂଚନା।

> ଏହି ମେଷ ରବି ଗ୍ରୀଷ୍ମଋତୁର ୧ମ ମାସ, ଏ ସମୟ ମୃତ୍ତିକା ସ୍ତରର ଜଳ ସର୍ବନିମ୍ନ ସ୍ତରଗାମୀ ହୋଇଥାଏ। ମାଟି ଶୁଖି ଠୋ ଠୋ ହୋଇଥାଏ। ବୃକ୍ଷଲତା ଜଳ ଆହରଣରେ ପ୍ରବଳ ବାଧାରେ ଥାଆନ୍ତି। ବୃକ୍ଷ ମୂଳରେ ମଳା କରି ଜଳ ସିଞ୍ଚନ କରାଯାଏ। ତୁଳସୀ ଚଉଁରାରେ ବସନ୍ତରା ଘଡ଼ି ବସାଯାଏ। ସେଥିରେ ଜଳ ଭରି ଘଡ଼ି ନିମ୍ନ ଛିଦ୍ରରେ କୁଶାଗ୍ରରେ ଟୋପା ଟୋପା ଜଳ ତୁଳସୀ ବୃକ୍ଷରେ ପକାଇ ବୃକ୍ଷକୁ ଉଜ୍ଜୀବିତ ରଖିବାକୁ ଚେଷ୍ଟା କରାଯାଏ।

ମଧୁଏକ 'ରାକ୍ଷସ' ଥିଲେ। ତା'ର ଅନ୍ତ କରିବା ବ୍ୟକ୍ତି 'ମାଧବ'। ମଧୁମାସ ନାମ ଚୈତ୍ର ମାସର ମାଧବ ମାସ ବୈଶାଖ ମାସର ବୈଦିକ ଜ୍ୟୋତିଷରେ ବର୍ଣ୍ଣନା ଅଛି। ପକ୍ଷାନ୍ତରେ ମଧୁ ଏକ ସୁନ୍ଦର ନାମ। ବସନ୍ତ ଋତୁର ଦକ୍ଷିଣା ପବନ ପ୍ରବାହିତ ସମୟ ମହୁ ସଂଗ୍ରହର ମାସ। ବହୁ ଫୁଲ ଏ ସମୟରେ ନବପଲ୍ଲବିତ ବୃକ୍ଷରେ ଫୁଟେ। ଏଥିରେ ମହୁମାଛି ମହୁ ସଂଗ୍ରହ କରି ମଧୁଚକ୍ର ବାନ୍ଧିଥାନ୍ତି। ବର୍ତ୍ତମାନ ଝାଞ୍ଜି ବହିବା ସମୟ। ମନୁଷ୍ୟ ବୁଦ୍ଧିମାନ୍ ବିଚାର ଶକ୍ତିରେ ନିଜେ ବଞ୍ଚିବା ସହିତ ଅନେକଙ୍କୁ ବଞ୍ଚାଇ ଖୁସି ରଖାଇ ପାରିଲେ ପୁଣ୍ୟକର୍ମ ଧରାଯାଏ। ବୈଶାଖ ପୁଣ୍ୟ ମାସରେ ଆସେ। ଦୁର୍ଲଭ ଜଳ ପଶୁପକ୍ଷୀ ମନୁଷ୍ୟ ବୃକ୍ଷଲତାକୁ ପ୍ରଦାନ କଲେ ପୁଣ୍ୟଫଳ ମିଳିଥାଏ।

–ଅଜୟ କୁମାର ବେହେରା

# ମା' ତାରିଣୀଙ୍କ ଚଇତିପର୍ବ

ଚଇତିପର୍ବ ମା' ତାରିଣୀଙ୍କ ପ୍ରସିଦ୍ଧ ପର୍ବ ଭାବେ ପରିଚିତ। ଏହି ପର୍ବ ଲାଗି କେନ୍ଦୁଝର ଜିଲା ଘଟଗାଁସ୍ଥିତ ମା'ତାରିଣୀଙ୍କ ପୀଠରେ ମୁଖରିତ ହୋଇଉଠେ। ପୂର୍ବରୁ ଏହି ପର୍ବ କେବଳ ପଣା ସଂକ୍ରାନ୍ତି ଦିନହିଁ ପାଳିତ ହେଉଥିଲା। ମାତ୍ର ୧୯୩୭ ମସିହା ପରଠାରୁ ଏହି ପର୍ବ ୭ଦିନ ବ୍ୟାପୀ ପାଳିତ ହୋଇଆସୁଛି। ଚଇତି ପର୍ବରେ ପ୍ରତିଦିନ ମା'ଙ୍କ ସୁନାବେଶ କରାଯିବା ସହ ସକାଳ ଓ ସନ୍ଧ୍ୟା ସମୟରେ ସ୍ୱତନ୍ତ୍ର ଭାବେ ମଙ୍ଗଳଆଳତୀ, ଭାଗବତ ପାଠ, ଚଣ୍ଡୀପାଠ ଓ ସତ୍ୟନାରାୟଣଙ୍କ ଆସ୍ଥାନ ପୂଜା ବିଧି ମୁତାବକ ହୋଇଥାଏ। ଚଳିତବର୍ଷ କରୋନା କଟକଣା ମଧ୍ୟରେ ୯ରୁ ଆରମ୍ଭ ହୋଇଥିବା ଏହି ପର୍ବ ୧୫ ତାରିଖରେ ଶେଷ ହେବ। ଅଧିକ ଭକ୍ତଙ୍କ ସମାବେଶକୁ ଆଖି ଆଗରେ ୧୩ରେ ମନ୍ଦିର ବନ୍ଦ ରହିଥିଲା। ଏଥିସହ ପଣାସଂକ୍ରାନ୍ତି ଦିନ ମନ୍ଦିର ବନ୍ଦ ରହିବା ସହ ଭକ୍ତଙ୍କ ଦର୍ଶନ ଉପରେ କଟକଣା ଲଗାଯାଇଛି। ଏଣୁ ଏହି ଅବସରରେ ମା' ତାରିଣୀ ୱେବ ସାଇଟ, ଫେସ ବୁକ ଲାଇଭ, ହ୍ୱାଟସଆପ ତଥା ଏଲଇଡି ଟିଭି ମାଧ୍ୟମରେ ମା' ଙ୍କ ପୂଜା ଓ ରୀତିନୀତିକୁ ପ୍ରଚାର କରିବା ପାଇଁ ବ୍ୟବସ୍ଥା କରାଯାଇଛି।

– ନରେଶ ପଟ୍ଟନାୟକ









# ମେଷ ରାଶିରେ ସୂର୍ଯ୍ୟ



ଓଡ଼ିଆ ପରମ୍ପରାନୁଯାୟୀ ଆଜିଠାରୁ ନୂତନ ବର୍ଷ ଆରମ୍ଭ ହୋଇଥାଏ। ଓଡ଼ିଆ ସଂସ୍କୃତି ଓ କାଳ ଗଣନାରେ ଗୋଟିଏ ବର୍ଷ ବୈଶାଖରୁ ଆରମ୍ଭ ହୋଇ ଚୈତ୍ରରେ ସମାପ୍ତ ହୋଇଥାଏ। ସେହିଭଳି ଜ୍ୟୋତିଷ ଗଣନା ଅନୁଯାୟୀ ଏହି ଦିନକୁ ମେଷ ସଂକ୍ରାନ୍ତି ବୋଲି କୁହାଯାଏ।

ମେଷ ମାସର ସଂକ୍ରାନ୍ତି ତଥା ମହାବିଷୁବ ପଣାସଂକ୍ରାନ୍ତି। ଏହିଦିନଠାରୁ ୧ ମାସ ପର୍ଯ୍ୟନ୍ତ ସୂର୍ଯ୍ୟଦେବ ମେଷ ରାଶିରେ ଅବସ୍ଥାନ କରିଥାନ୍ତି। ଦୋଳପୂର୍ଣ୍ଣିମାରେ ଦୋଳଗୋବିନ୍ଦଙ୍କ ନିକଟରେ ସମର୍ପଣ ହୋଇଥିବା ପାଞ୍ଜି ପଣାସଂକ୍ରାନ୍ତିରୁ ପ୍ରଚଳନ ହୋଇଥାଏ।

ପୁରାଣ ଅନୁଯାୟୀ, ମହାବିଷୁବ ସଂକ୍ରାନ୍ତି ବେଶ ଗୁରୁତ୍ୱପୂର୍ଣ୍ଣ। ଏହିଦିନ ଜଳବାୟୁରେ ଏକ ପରିବର୍ତ୍ତନ ହୋଇଥାଏ। ସୂର୍ଯ୍ୟ ମଧ୍ୟଭାଗକୁ ଚାଲି ଆସିଥାନ୍ତି। ସୂର୍ଯ୍ୟ ବିଷୁବରେଖାରେ ଅବସ୍ଥାନ କରିଥାନ୍ତି। ସୂର୍ଯ୍ୟଙ୍କ ପ୍ରବଳ ତାପମାତ୍ରା ଯୋଗୁ ପ୍ରଭୁ ବିଷ୍ଣୁଙ୍କ ପ୍ରିୟ ତୁଳସୀ ମୂଳରେ ପଣା ଅର୍ପଣ କରାଯାଇଥାଏ। ଘରେ ଏଥିପାଇଁ ଛତୁଆ, କଦଳୀ, ନଡ଼ିଆ, ଛେନା, ଆମ୍ବ ଆଦିରେ ସ୍ୱତନ୍ତ୍ର ପଣା ପ୍ରସ୍ତୁତ କରାଯାଇଥାଏ। ଆଜିର ଦିନରେ ଓଡ଼ିଆଣୀ ମାନେ ଅଗଣାରେ ଥିବା ତୁଳସୀ ଚଉରା ଉପରେ ଏକ ଛାମୁଣ୍ଡିଆ କରି ଏକ ପାଣିଭର୍ତ୍ତି ଛୋଟ ଠେକି ରଖିଥାନ୍ତି। ଏହା ତଳେ ଏକ ଛୋଟ ଛିଦ୍ର ଥାଏ। ଉକ୍ତ ଛିଦ୍ର ଦେଇ ପାଣି ତୁଳସୀ ଗଛରେ ପଡ଼ିଥାଏ।

ଏହି ଦିନ ଓଡ଼ିଶାରେ ହନୁମାନ ଜୟନ୍ତୀ ପାଳନ କରାଯାଏ। ଓଡ଼ିଆ ଲୋକେ ହନୁମାନ ମନ୍ଦିରରେ ୧୦୮ ହନୁମାନ ଚାଳିଶା ପାଠ କରି ନିଜର ମନସ୍କାମନା ପୂରଣ କରିଥାନ୍ତି।






# GOVERNMENT OF ODISHA
# FOREST & ENVIRONMENT DEPARTMENT

No. CAD-97
No. FE-DIV-FLD-0044-2020-7326/F&F, Bhubaneswar, dated the 08.04.2021
10F (Cons) 131/18

## ORDER

Sub: Proposal for according permission for use of 5.782 ha of forest land within total PL area of 153.571 ha in PL Block No.II (Chromite) Ore located in village Kaliapani and Forest Block No.27 under Sukinda Tahasil of Jajpur district (within jurisdiction of Cuttack Forest Division), Odisha for undertaking exploratory drilling of 95 no. of boreholes (95 boreholes @ 0.02 ha each totalling 1.90 ha and 3.882 ha for construction of road) by MJs Odisha Mining Corporation Ltd.

WHEREAS, the Managing Director, Odisha Mining Corporation Ltd, Bhubaneswar had sought permission for use of 5.782 ha of forest land within total PL area of 153.571 ha in PL Block No.II (Chromite) Ore located in village Kaliapani and Forest Block No.27 under Sukinda Tahasil of Jajpur district (within jurisdiction of Cuttack Forest Division), Odisha for undertaking exploratory drilling of 95 no. of boreholes (95 boreholes @ 0.02 ha each totalling 1.90 ha and 3.882 ha for construction of road) for prospecting of minerals.

And whereas, the Ministry of Environment, Forests and Climate Change, Government of India had accorded 'in-principle' approval for use of 5.782 ha of forest land within total PL area of 153.571 ha in PL Block No.II (Chromite) Ore located in village Kaliapani and Forest Block No.27 under Sukinda Tahasil of Jajpur district (within jurisdiction of Cuttack Forest Division), Odisha for undertaking exploratory drilling of 95 no. of boreholes (95 boreholes @ 0.02 ha each totalling 1.90 ha and 3.882 ha for construction of road) by M/s Odisha Mining Corporation Ltd. for prospecting of minerals vide its letter F.No.8-50/2018-FC dtd.14.09.2018 **(Annexure-I)**.

And whereas, the MoEF&CC, Government of India in consideration of the compliance of the conditions of the 'in-principle' approval, has accorded Stage-II/ final approval for use of 5.782 ha of forest land within total PL area of 153.571 ha in PL Block No.II (Chromite) Ore located in village Kaliapani and Forest Block No.27 under Sukinda Tahasil of Jajpur district (within jurisdiction of Cuttack Forest Division), Odisha for undertaking exploratory drilling of 95 no. of boreholes (95 boreholes @ 0.02 ha each totalling 1.90 ha and 3.882 ha for construction of road) in favour of above mentioned applicant agency vide its letter F.No.8-50/2018-FC dtd.05.03.2021 **(Annexure-II)** subject to fulfillment of certain conditions as laid down therein.

Now therefore, the Government of Odisha, do hereby allow M/s Odisha Mining Corporation Ltd for use of 5.782 ha of forest land within total PL area of 153.571 ha in PL Block No.II (Chromite) Ore located in village Kaliapani and Forest Block No.27 under Sukinda Tahasil of Jajpur district (within jurisdiction of Cuttack Forest Division), Odisha for undertaking exploratory drilling of 95 no. of boreholes (95 boreholes @ 0.02 ha each totalling 1.90 ha and 3.882 ha for construction of road) subject to having valid lease. The location of proposed boreholes as received from PCCF, Odisha vide letter No.12472 dtd.08.06.2018 is appended herewith as **(Annexure-III)**.

The Collector, Jajpur / DFO, Cuttack, as the case may be, is authorized to handover the forest land, as has been allowed to be utilized for the purpose of prospecting, to the user agency subject to having valid lease following due procedure of law. Before handing over the forest land to the user agency, it shall be ensured that compensatory levies including NPV, as due, for this project as well as for any other projects, belonging to same user agency, is deposited, in full, at applicable rates.

The Divisional Forest Officer of Cuttack Division is also directed to monitor compliance to the conditions stipulated for such use of forest land in the respective forest/ Wildlife clearance order and to report violations, if any, to the Nodal Officer, 0/o PCCF, Odisha and to the Forest &. Environment Department.

Execution of project activities will be subject to having valid lease and availability of all other statutory clearances required under relevant Act/Rules for this project, deposit of requisite funds and compliance of Court's order, if any.

**By order of Governor**
**(Jitendra Kumar)**
**Special Secretary to Government**

Memo No.7327/F&E, Date 08.04.2021

Copy along with the copy of Annexure-I, Annexure-II and Annexure-III as referred above forwarded to the Principal Chief Conservator of Forests, Odisha for kind information and necessary follow up action.

Appropriate instruction to the Divisional Forest Officer, Cuttack Forest Division, Divisional Forest Officer, Kalahandi (South) Forest Division and the applicant agency may be imparted for required follow up action at their end. It may be ensured by the Divisional Forest Officers that compensatory levies, as due, for this project of applicant agency, is deposited by them in appropriate head of account in full, at applicable rates. The applicant agency may also be instructed to furnish compliance to the conditions of forest clearance pertaining to the project in every quarter to the Divisional Forest Officer, Cuttack Forest Division and Divisional Forest Officer, Kalahandi (South) Forest Division for facilitating monitoring of compliances.

Special Secretary to Government

Memo No.7328/F&E, Date 08.04.2021

Copy along with the copy of Annexures as above forwarded to the Asst. Inspector General of Forests, Government of India, MoEF&CC (FC Division), Indira Paryavaran Bhawan, Jor Bagh, Aliganj Road, New Delhi, Pin-110003/ Deputy Director General of Forests (Central), MoEF&CC,

Government of India, IRO, A/3, Chandrasekharpur, Bhubaneswar for kind information and necessary follow up action in compliance to the order of the Hon'ble NGT dtd.07.11.2012 in Appeal No.7/2012 communicated by the MoEF, Govt. of India vide their F.No.7-23/2012-FC dtd.24.07.2013.

Special Secretary to Government

Memo No.7329/F&E, Date 08.04.2021

Copy along with the copy of Annexures as above forwarded to the Principal Chief Conservator of Forests (WL) & Chief Wildlife Warden, Odisha/ Director, Environment, Forest & Environment Department/ Member Secretary, State Pollution Control Board, Odisha for information and necessary action.

Special Secretary to Government

Memo No.7330/F&E, Date 08.04.2021

Copy along with the copy of Annexures as above forwarded to the Regional Chief Conservator of Forests, Angul Circle / Regional Chief Conservator of Forests, Bhawanipatna Circle / Divisional Forest Officer, Cuttack Forest Division/ Divisional Forest Officer, Kalahandi (South) Forest Division for information and immediate necessary compliance.

It may be ensured by the Divisional Forest Officer, Cuttack Forest Division/ Divisional Forest Officer, Kalahandi (South) Forest Division that compensatory levies, as due, for this project of applicant agency, shall be deposited by them in full at applicable rates in appropriate head of account before allowing use of the forest land by the user agency. Besides, any other funds due to be deposited by the user agency for this project shall also be deposited by the agency before the forest land is allowed to be utilized for the purpose of prospecting. The applicant agency may also be instructed to furnish compliance to the conditions of forest clearance pertaining to the project in every quarter to the Divisional Forest Officer, Cuttack Forest Division/ Divisional Forest Officer, Kalahandi (South) Forest Division for facilitating monitoring of compliances by them.

The Divisional Forest Officer, Cuttack Forest Division/ Divisional Forest Officer, Kalahandi (South) Forest Division are also instructed to ensure that the direction given to the applicant agency is executed immediately.

Special Secretary to Government

Memo No.7331/F&E, Date 08.04.2021

Copy along with copy of Annexures as above forwarded to the Steel & Mines Department/ Director of Mines, Odisha/Collector, Jajpur/ Collector, Kalahandi for information and necessary follow up action.

Special Secretary to Government

Memo No.7332/F&E, Date 08.04.2021

Copy along with copy of Annexures as above forwarded to the Private Secretary to Minister of Forest & Environment Department for kind information of Hon'ble Minister.

Special Secretary to Government

Memo No.7333/F&E, Date 08.04.2021

Copy along with the copy of the Annexures forwarded to the Managing Director, Odisha Mining Corporation Limited (OMC), OMC House, Bhubaneswar for information and immediate necessary action.

The user agency is asked to take following actions immediately as per orders of Hon'ble National Green Tribunal dtd.07.11.2012 in Appeal No.7/2012 communicated by the MoEF, Government of India vide their letter F. No.7-23/2012-FC dtd.24.07.2013.

*i. They shall publish the entire forest clearance granted in verbatim along with conditions and safeguards imposed by the Central Government in their approval order in two widely circulated daily newspapers, one in vernacular language and the other in English language so as to make people aware of the permission granted to the Project for use of forest land for non forest purposes.*

*ii. They shall submit the copies of forest clearance orders granted by the Central Government/State Government to the Heads of local bodies, Panchayats and Municipal bodies in addition to the relevant offices of the Government, who in turn, has to display the same for 30 days from date of receipt.*

*iii. Detailed action taken in compliance to the above order of State Government shall be intimated to the Divisional Forest Officer, Cuttack Forest Division/ Divisional Forest Officer, Kalahandi (South) Forest Division/ Regional Chief Conservator of Forests, Angul Circle/ Regional Chief Conservator of Forests, Bhawanipatna Circle/ Principal Chief Conservator of Forests, Odisha/Forest & Environment Department for reference.*

*Besides the above, the applicant agency is also asked to deposit Compensatory Levies, as due for the project in full, at applicable rates. Requisite funds due for deposit by the agency on account of this project shall also be deposited under appropriate head.*

*The applicant agency shall furnish compliances to the conditions prescribed in the forest/wildlife clearance order to the Divisional Forest Officer, Cuttack Forest Division/ Divisional Forest Officer, Kalahandi (South) Forest Division in every quarter for the purpose of monitoring by him.*

Special Secretary to Government

Memo No.7334/F&E, Date 08.04.2021

Copy with copy of Annexures forwarded to the Head, State Portal, I.T. Centre, Odisha Secretariat, Bhubaneswar for information and necessary action. He is requested to upload this order along with its enclosures in the website of Forest & Environment Department immediately, for information of all concerned. **This is required in compliance to order of Hon'ble National Green Tribunal dtd.07.11.2012 in Appeal No.7/2012. Hence this may be done unfailingly.**

Special Secretary to Government

Memo No.7335/F&E, Date 08.04.2021

Copy with copy of enclosures forwarded to the Under Secretary to Government, Office Establishment Section, F&E Department for information and necessary action with reference to their letter No.12939/F&E, dtd.16.07.2016.

Special Secretary to Government

## F. No. 8-50/2018-FC
## Government of India
## Ministry of Environment, Forests and Climate Change
### (FC Division)
### Indira Paryavaran Bhawan, Aliganj, Jor Bag Road, New Delhi - 110003.

**Dated: 14th September, 2018**

To,
The Principal Secretary (Forests),
Government of Odisha,
Bhubaneswar.

Sub: Proposal for according permission for use of 5.782 ha. of forest land within total PL area of 153.571 ha. in PL Block No. II (Chromite) Ore located in village Kaliapani and Forest Block No. 27 under Sukinda Tahasil of Jajpur District (Within jurisdiction of Cuttack Forest Division), Odisha for undertaking exploratory drilling of 95 nos. of boreholes (95 boreholes @ 0.02 ha each totalling 1.90 ha and 3.882 ha. for construction of road) by M/s Odisha Mining Corporation Ltd.

Sir,

I am directed to refer to the State Government's letter No. 10F(Cons)-131/2018-13603/ F&E dated 20.06.2018 submitting the above subject proposal for seeking prior approval of the Central Government under Section-2 of the Forest (Conservation) Act, 1980 and to say that the said proposal has been examined by the Forest Advisory Committee constituted by the Central Government under Section-3 of the aforesaid Act.

2. After careful consideration of the proposal of the State Government of Odisha and on the basis of the recommendations of the Forest Advisory Committee, ***In-principle*** approval is hereby granted for use of 5.782 ha. of forest land within total PL area of 153.571 ha. in PL Block No. II (Chromite) Ore located in village Kaliapani and Forest Block No. 27 under Sukinda Tahasil of Jajpur District (Within jurisdiction of Cuttack Forest Division), Odisha for undertaking exploratory drilling of 95 nos. of boreholes (95 boreholes @ 0.02 ha each totalling 1.90 ha and 3.882 ha. for construction of road) by M/s Odisha Mining Corporation Ltd. for prospecting of minerals subject to the following conditions:

(i) The user agency shall complete the exploration work within 2 years.
(ii) State government shall calculate compensatory levies and NPV for the prospecting proposal as per MoEF&CC guidelines no 5-3/2007-FC dated 09/05/2018. The amount shall be deposited in Adhoc CAMPA account prior to Stage II approval.
(iii) Permission granted for prospecting under the provisions of FCA 1980, shall not confer any right of user agency to get permission for extraction of mineral and diversion of Forest land under section 2(ii) of FCA 1980.
(iv) Existing path and roads only will be used by the user agency for the purpose of prospecting activities. In addition to existing paths and forest road, user agency is allowed to use 3.88 ha. of forest land for construction of temporary path. The temporary path construction shall not involve any tree cutting and same shall be restored to original land use after the work of exploration is accomplished
(v) User agency shall provide 3.88 ha of Non- Forest land for CA. The same shall be mutated and transferred in favour of forest department prior to stage II approval. State forest department shall certify that the land is suitable for plantation and free from encroachment.CA scheme shall be prepared and submitted accordingly along with the shape files.
(vi) The amount of CA scheme shall be deposited online in the Adhoc CAMPA account. Thus, the User Agency shall transfer the cost of raising and maintaining the compensatory afforestation at the current wage rate in consultation with State Forest Department in the account of Ad-hoc CAMPA of the concerned State through online portal. The scheme may include appropriate provision for anticipated cost increase for works scheduled for subsequent years;
(vii) User agency shall seek permission of DFO, Cuttack Forest Division before entering into the forest area.
(viii) Each bore-hole shall be dug with prior permission of the DFO, Cuttack Forest Division.
(ix) Proper plugging of boreholes shall be made after exploration activities are complete.
(x) No tree felling shall be undertaken for exploration activities. Project activities shall be restricted to clearing of bushes and lopping of tree branches if any for the purpose of site preparation.
**(xi) Existing path and roads only will be used by the user agency for the purpose of prospecting activities in addition to 3.882 ha. of forest land to be used for this purpose in the ML area.**
(xii) Drilling of boreholes will be limited to 95 no. with diameter of 4" within forest land.
(xiii) No labour camp shall be established on the forest land.
(xiv) No work shall be allowed after sunset.
(xv) No other construction activities shall be done by the user agency on forest land.
(xvi) User agency shall report the progress of drilling work to the DFO, Cuttack and also furnish detailed report thereof on completion of the project.
(xvii) Adequate measures shall be taken by the user agency to ensure that prospecting activities do not harm the wildlife in the area. Any damage done in this context, shall be compensated by the user agency as per assessment by the DFO, Cuttack.
(xviii) The user agency shall be responsible for any loss to the flora and fauna in the surrounding. Any damage done in this regard shall be compensated by the user agency from the project cost as per assessment of the DFO, Cuttack
(xix) Instant permission of Govt. of India for prospecting in forest area, would not confer any rights on the user agency to obtain diversion of forest land for mining of chromite from this area in future.
(xx) In case, rights over forest land proposed to be used for prospecting purpose, has been already been settled in favour of eligible claimants as per provisions of the Forest Rights Act, 2006, the claimants shall either be compensated appropriately or location of boreholes be suitably re-located.
(xxi) DFO, Cuttack Forest Division may impose any other condition for protection and conservation of the flora and fauna in the forest area.
(xxii) Prospecting activities within the PL area shall be subject to having valid lease.
(xxiii) Compliance of stipulations indicated at point (vi),(viii), (ix) of GoI, MoEF&CC guidelines on prospecting dt 9.5.2018 shall be furnished.
(xxiv) In case of violations of conditions by the user agency, the permission for prospecting of minerals shall be suspended by the DFO and enquired by the Nodal officer (FCA) of the State Government and report shall be submitted to the Regional office for appropriate action.
(xxv) The samples collected during the prospecting shall be used purely for investigation purposes and shall in no case be used for trade or commerce purpose.
(xxvi) The State Government and the user agency shall comply with any other condition that the concern Regional Office of this Ministry may stipulate, from time to time, in the interest of conservation, protection and development of forests & wildlife;
(xxvii) The State Government and user agency shall comply the provisions of the all Acts, Rules, Regulations, Guidelines, NGT order & Hon'ble Court Order (s) pertaining to this project, if any, for the time being in force, as applicable to the project.

After receipt of the report on the compliance to the conditions stipulated in the paragraph-2 above from the State Government of Odisha , final/stage-II approval for use of 5.782 ha. of forest land within total PL area of 153.571 ha. in PL Block No. II (Chromite) Ore located in village Kaliapani and Forest Block No. 27 under Sukinda Tahasil of Jajpur District (Within jurisdiction of Cuttack Forest Division), Odisha for undertaking exploratory drilling of 95 nos. of boreholes (95 boreholes @ 0.02 ha each totalling 1.90 ha and 3.882 ha. for construction of road) by M/s Odisha Mining Corporation Ltd. for prospecting of minerals under Section-2 of the Forest (Conservation) Act, 1980 will be considered by this Ministry.

Yours faithfully,
**(SandeepSharma)**
Assistant Inspector General of Forest (FC)

Copy to:
1. The Principal Chief Conservator of Forests, Government of Odisha, Bhubaneswar.
2. The Nodal Officer, O/o the PCCF, Government of Government of Odisha, Bhubaneswar.
3. The Addl. PCCF (Central), Regional Office, Bhubaneswar
4. User Agency
5. Monitoring Cell of FC Division, MoEF&CC, New Delhi.
6. Guard File

**(SandeepSharma)**
Assistant Inspector General of Forest (FC)

## Government of India
## Ministry of Environment, Forest and Climate Change
### (Forest Conservation Division)
### Indira Paryavaran Bhawan, Aliganj, Jor Bag Road, New Delhi - 110003.

**Dated: 5th March, 2021**

To,
The Addl. Secretary (Forests),
Government of Odisha,
Bhubaneswar.

**Sub: Proposal for according permission for use of 5.782 ha. of forest land within total PL area of 153.571 ha. in PL Block No. II (Chromite) Ore located in village Kaliapani and Forest Block No. 27 under Sukinda Tahasil of Jajpur District (Within jurisdiction of Cuttack Forest Division), Odisha for undertaking exploratory drilling of 95 nos. of boreholes (95 boreholes @ 0.02 ha each totalling 1.90 ha and 3.882 ha. for construction of road) by M/s Odisha Mining Corporation Ltd.**

Sir,

I am directed to refer to the Government of Odisha's letter No. 10F(Cons) 131/2018-13603/F&E dated 20.06.2018 on the above mentioned subject seeking prior approval of the Central Government under Section 2 of the Forest (Conservation) Act, 1980 and to say that the said proposal has been examined by the Forest Advisory Committee constituted by the Central Government under Section-3 of the aforesaid Act. After careful consideration of the proposal by the Forest Advisory Committee (FAC) constituted under section-3 of the said Act, **'in-principle'** approval was granted vide this Ministry's letter of even number dated 14.09.2018 subject to fulfilment of certain conditions. The State Government has furnished compliance report in respect of the conditions stipulated in the approval and has requested the Central Government to grant final approval.

2. In this connection, I am directed to say that on the basis of the compliance report furnished by the Government of Odisha vide their letter No. 18572/9F (MG)- 372/2017 dated 22.10.2020 and 2035/9F(MG)-372/2017 dated 01.02.2021, Stage- II/Final approval of the Central Government is hereby granted under Section-2 of the Forest (Conservation) Act, 1980 for according permission for use of 5.782 ha. of forest land within total PL area of 153.571 ha. in PL Block No. II (Chromite) Ore located in village Kaliapani and Forest Block No. 27 under Sukinda Tahasil of Jajpur District (Within jurisdiction of Cuttack Forest Division), Odisha for undertaking exploratory drilling of 95 nos. of boreholes (95 boreholes @ 0.02 ha each totaling 1.90 ha and 3.882 ha. for construction of road) by M/s Odisha Mining Corporation Ltd subject to following conditions:

i. The State Government ensure that the user agency shall complete the exploration work within 2 years.
ii. Permission granted for prospecting under the provisions of FCA 1980, shall not confer any right of user agency to get permission for extraction of mineral and diversion of Forest land under section 2(ii) of FCA 1980.
iii. The State Government and user agency shall ensure that existing path and roads only will be used by the user agency for the purpose of prospecting activities. In addition to existing paths and forest road, user agency is allowed to use 3.882 ha of forest land for construction of temporary path. The temporary path construction shall not involve any tree cutting and same shall be restored to original land use after the work of exploration is accomplished.
iv. The State Govt. shall ensure that compensatory afforestation shall be raised over 3.88 ha of non-forest land within three years from the date of issue of Stage-II Clearance and maintained thereafter as per approved plan by the State Forest Department at the cost of the User Agency;
v. The State Government ensure that the user agency shall seek permission of DFO, Cuttack Forest Division before entering into the forest area.
vi. The State Government and user agency shall ensure that each bore-hole shall be dug with prior permission of the DFO, Cuttack Forest Division.
vii. The State Government and user agency shall ensure that proper plugging of boreholes shall be made after exploration activities are complete.
viii. The State Government and user agency shall ensure that no tree felling shall be undertaken for exploration activities. Project activities shall be restricted to clearing of bushes and lopping of tree branches if any for the purpose of site preparation.
ix. The State Government and user agency shall ensure that drilling of boreholes will be limited to 95 no. with diameter of 4" within forest land.
x. The State Government and user agency shall ensure that no labour camp shall be established on the forest land.
xi. The State Government and user agency shall ensure that no work shall be allowed after sunset.
xii. The State Government shall ensure that no other construction activities shall be done by the user agency on forest land.
xiii. The State Government shall ensure that user agency shall report the progress of drilling work to the DFO, Cuttack and also furnish detailed report thereof on completion of the project.
xiv. The State Government shall ensure that adequate measures shall be taken by the user agency to ensure that prospecting activities do not harm the wildlife in the area. Any damage done in this context, shall be compensated by the user agency as per assessment by the DFO, Cuttack.
xv. The State Government ensure that the user agency shall be responsible for any loss to the flora and fauna in the surrounding. Any damage done in this regard shall be compensated by the user agency from the project cost as per assessment of the DFO, Cuttack.
xvi. Instant permission of Govt. of India for prospecting in forest area, would not confer any rights on the user agency to obtain diversion of forest land for mining of chromite from this area in future.
xvii. In case, rights over forest land proposed to be used for prospecting purpose, has already been settled in favour of eligible claimants as per provisions of the Forest Rights Act, 2006, the claimants shall either be compensated appropriately or location of boreholes be suitably re-located.
xviii. DFO, Cuttack Forest Division may impose any other condition for protection and conservation of the flora and fauna in the forest area.
xix. Prospecting activities within the PL area shall be subject to having valid lease.
xx. In case of violations of conditions by the user agency, the permission for prospecting of minerals shall be suspended by the DFO and enquired by the Nodal Officer (FCA) of the State Government and report be submitted to the Integrated Regional Office for appropriate action.
xxi. The State Government shall ensure that the samples collected during the prospecting shall be used purely for investigation purposes and shall in no case be used for trade or commerce purpose.
xxii. The State Government and the user agency shall comply with any other condition that the concerned Integrated Regional Office of this Ministry may stipulate, from time to time, in the interest of conservation, protection and development of forests & wildlife;
xxiii. The State Government and user agency shall comply the provisions of the all Acts, Rules, Regulations, Guidelines, NGT order & Hon'ble Court Order(S) pertaining to this project, if any, for the time being in force, as applicable to the project.

Yours faithfully
Sd./- **(Sandeep Sharma)**
Assistant Inspector General of Forests

Copy to:
1. The Principal Chief Conservator of Forests, Government of Odisha, Bhubaneswar
2. The Regional Officer (Central), Integrated Regional Office, MoEF&CC, Bhubaneswar
3. The Nodal Officer, O/o the PCCF, Government of Odisha, Bhubaneswar
4. User Agency
5. Monitoring Cell, FC Division, MoEF&CC
6. Guard File

**Annexure-III**

| Location of Proposed boreholes (PBH) | | | | | |
|---|---|---|---|---|---|
| **Proposed Boreholes** | **Longitude** | **Lattitude** | **Proposed Boreholes** | **Longitude** | **Lattitude** |
| PBH-1 | 85°46'26.51" | 21°02'21.65" | PBH-49 | 85°46'44.99" | 21°02'28.19" |
| PBH-2 | 85°46'29.32" | 21°02'23.55" | PBH-50 | 85°46'42.18" | 21°02'26.28" |
| PBH-3 | 85°46'32.12" | 21°02'25.46" | PBH-51 | 85°46'39.38" | 21°02'24.37" |
| PBH-4 | 85°46'34.93" | 21°02'27.37" | PBH-52 | 85°46'36.57" | 21°02'22.47" |
| PBH-5 | 85°46'37.73" | 21°02'29.28" | PBH-53 | 85°46'33.77" | 21°02'20.56" |
| PBH-6 | 85°46'40.54" | 21°02'31.19" | PBH-54 | 85°46'30.96" | 21°02'18.65" |
| PBH-7 | 85°46'43.34" | 21°02'33.09" | PBH-55 | 85°46'32.99" | 21°02'16.02" |
| PBH-8 | 85°46'42.57" | 21°02'28.55" | PBH-56 | 85°46'35.80" | 21°02'17.92" |
| PBH-9 | 85°46'39.76" | 21°02'26.64" | PBH-57 | 85°46'38.60" | 21°02'19.83" |
| PBH-10 | 85°46'36.96" | 21°02'24.74" | PBH-58 | 85°46'41.41" | 21°02'21.74" |
| PBH-11 | 85°46'34.15" | 21°02'22.83" | PBH-59 | 85°46'44.22" | 21°02'23.65" |
| PBH-12 | 85°46'31.35" | 21°02'20.92" | PBH-60 | 85°46'47.02" | 21°02'25.56" |
| PBH-13 | 85°46'28.54" | 21°02'19.01" | PBH-61 | 85°46'49.05" | 21°02'22.92" |
| PBH-14 | 85°46'30.58" | 21°02'16.38" | PBH-62 | 85°46'46.25" | 21°02'21.02" |
| PBH-15 | 85°46'32.63" | 21°02'13.72" | PBH-63 | 85°46'43.44" | 21°02'19.11" |
| PBH-16 | 85°46'34.64" | 21°02'11.11" | PBH-64 | 85°46'40.64" | 21°02'17.20" |
| PBH-17 | 85°46'33.38" | 21°02'18.29" | PBH-65 | 85°46'37.83" | 21°02'15.29" |
| PBH-18 | 85°46'35.41" | 21°02'15.65" | PBH-66 | 85°46'35.03" | 21°02'13.38" |
| PBH-19 | 85°46'37.45" | 21°02'13.02" | PBH-67 | 85°47'07.03" | 21°01'42.95" |
| PBH-20 | 85°46'40.25" | 21°02'14.93" | PBH-68 | 85°47'09.84" | 21°01'44.85" |
| PBH-21 | 85°46'38.22" | 21°02'17.56" | PBH-69 | 85°47'11.87" | 21°01'42.22" |
| PBH-22 | 85°46'36.19" | 21°02'20.19" | PBH-70 | 85°46'21.11" | 21°02'34.19" |
| PBH-23 | 85°46'38.99" | 21°02'22.10" | PBH-71 | 85°46'26.72" | 21°02'38.01" |
| PBH-24 | 85°46'41.02" | 21°02'19.47" | PBH-72 | 85°46'32.33" | 21°02'41.82" |
| PBH-25 | 85°46'43.06" | 21°02'16.84" | PBH-73 | 85°46'37.94" | 21°02'45.64" |
| PBH-26 | 85°46'45.86" | 21°02'18.74" | PBH-74 | 85°46'39.28" | 21°02'38.36" |
| PBH-27 | 85°46'43.83" | 21°02'21.38" | PBH-75 | 85°46'33.67" | 21°02'34.54" |
| PBH-28 | 85°46'41.80" | 21°02'24.01" | PBH-76 | 85°46'28.06" | 21°02'30.73" |
| PBH-29 | 85°46'44.60" | 21°02'25.92" | PBH-77 | 85°46'22.45" | 21°02'26.91" |
| PBH-30 | 85°46'46.63" | 21°02'23.29" | PBH-78 | 85°46'38.71" | 21°02'05.84" |
| PBH-31 | 85°46'48.67" | 21°02'20.65" | PBH-79 | 85°46'44.32" | 21°02'09.66" |
| PBH-32 | 85°46'51.47" | 21°02'22.56" | PBH-80 | 85°46'49.93" | 21°02'13.48" |
| PBH-33 | 85°46'49.44" | 21°02'25.19" | PBH-81 | 85°46'55.54" | 21°02'17.29" |
| PBH-34 | 85°46'47.41" | 21°02'27.83" | PBH-82 | 85°46'56.80" | 21°02'10.12" |
| PBH-35 | 85°47'10.25" | 21°01'47.14" | PBH-83 | 85°46'51.19" | 21°02'06.30" |
| PBH-36 | 85°47'12.28" | 21°01'44.51" | PBH-84 | 85°46'45.58" | 21°02'02.49" |
| PBH-37 | 85°47'14.32" | 21°01'41.87" | PBH-85 | 85°46'46.84" | 21°01'55.31" |
| PBH-38 | 85°47'11.51" | 21°01'39.97" | PBH-86 | 85°46'52.45" | 21°01'59.13" |
| PBH-39 | 85°47'09.48" | 21°01'42.60" | PBH-87 | 85°46'58.06" | 21°02'02.94" |
| PBH-40 | 85°47'07.45" | 21°01'45.23" | PBH-88 | 85°47'04.93" | 21°01'59.58" |
| PBH-41 | 85°47'04.64" | 21°01'43.33" | PBH-89 | 85°46'59.32" | 21°01'55.77" |
| PBH-42 | 85°47'06.67" | 21°01'40.69" | PBH-90 | 85°46'53.71" | 21°01'51.95" |
| PBH-43 | 85°46'28.93" | 21°02'21.28" | PBH-91 | 85°46'48.10" | 21°01'48.14" |
| PBH-44 | 85°46'31.73" | 21°02'23.19" | PBH-92 | 85°46'54.97" | 21°01'44.78" |
| PBH-45 | 85°46'34.54" | 21°02'25.10" | PBH-93 | 85°47'00.58" | 21°01'48.59" |
| PBH-46 | 85°46'37.34" | 21°02'27.01" | PBH-94 | 85°47'06.19" | 21°01'52.41" |
| PBH-47 | 85°46'40.15" | 21°02'28.92" | PBH-95 | 85°47'01.84" | 21°01'41.42" |
| PBH-48 | 85°46'42.96" | 21°02'30.82" | PBH-96 | 85°46'56.23" | 21°01'37.60" |

*Continued...*

## ହାଇୱା ଧକ୍କାରେ ଯୁବକ ମୃତ

ବାଙ୍କୀ,(ବି.ପ୍ର): ବାଙ୍କୀ ଥାନା ଅଧୀନ ହଳଦିଆ ନିକଟରେ ଏକ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅଧୀନ ତାଳବସ୍ତ ପଞ୍ଚାୟତ ପଦନପୁର ଗ୍ରାମର ସୁଶାନ୍ତ କୁମାର ସ୍ୱାଇଁ(୨୨)। ସେ ତାଙ୍କ ବନ୍ଧୁଙ୍କ ସହ ହଳଦିଆ ଡାକ୍ତରଖାନାକୁ ଯାଉଥିବା ବେଳେ ଜାତମୁଣ୍ଡିଆରୁ ଖୋର୍ଦ୍ଧା ଆଡ଼କୁ ଆସୁଥିବା ଏକ ବାଲି ବୋଝେଇ ହାଇୱା ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ଖବରପାଇ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇଦେବାକୁ ଦାବି କରିଛନ୍ତି।

# 'ଶାନ୍ତି ଆସିଲେ ଅଞ୍ଚଳର ବିକାଶ ହେବ'

ପିପିଲି/ଡେଲାଙ୍ଗ,୧୩।୪ (ଡି.ଏନ୍.ଏ./ସ୍ୱ.ପ୍ର.)

ପିପିଲି ନିର୍ବାଚନମଣ୍ଡଳୀରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଦଳୀୟ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ପାଇଁ ଧର୍ମେନ୍ଦ୍ର ମେଗା ରୋଡ୍ ଶୋ କରି ପ୍ରଚାର ଆରମ୍ଭ କରିଛନ୍ତି। ଏହି ରୋଡ୍ ଶୋ ପିପିଲି ଉତ୍ତରା ଛକଠାରୁ ଶତାଧିକ କର୍ମୀଙ୍କ ଭବ୍ୟ ସ୍ୱାଗତ ପରେ ଆରମ୍ଭ ହୋଇଥିଲା। ସେଠାରୁ ବିରାଟ ପଟୁଆରରେ ପିପିଲି ଚାନ୍ଦୁଆ ବଜାର ଦେଇ ତେଇଶିପୁର ଏବଂ ପରେ ପଟ୍ଟନାୟିକିଆଠାରେ ପହଞ୍ଚିଥିଲେ। ସେଠାରୁ ପୁଣି ଡେଲାଙ୍ଗ ଅଭିମୁଖେ ପ୍ରଚାର ଯାତ୍ରା ଆରମ୍ଭ ହୋଇ ହରିରାଜପୁର ପର୍ଯ୍ୟନ୍ତ ମନ୍ତ୍ରୀ ଧର୍ମେନ୍ଦ୍ର କରିଥିଲେ ମେଗା ରୋଡ୍‌ଶୋ। ଧର୍ମେନ୍ଦ୍ରଙ୍କ ଏହି ବିରାଟ ରୋଡ୍ ଶୋରେ ପ୍ରାର୍ଥୀ ଆଶ୍ରିତଙ୍କ ସହ ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ରାଜ୍ୟ ଭାଜପା ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ସହ ସାମିଲ ହୋଇଥିଲେ ବହୁ ହେଭିୱେଟ ନେତା। ଲୋକେ ଶାନ୍ତି ପାଇଁ ଭୋଟ ଦିଅନ୍ତୁ, ଶାନ୍ତି ଆସିଲେ ଉଭୟ ଅଞ୍ଚଳର ବିକାଶ ହେବ ବୋଲି ମନ୍ତ୍ରୀ ପ୍ରଧାନ କହିଥିଲେ। ଏଥିସହ ଫନୀ ପାଇଁ କ୍ଷୟକ୍ଷତିର ସହାୟତା ବାଟମାରଣା ଓ ମୋଦି ସରକାରଙ୍କ ସୁଫଳ ଯୋଜନାର ବାଟମାରଣାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

**ପିପିଲିରେ ପ୍ରଚାର କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର**



ରୋଡ୍ ଶୋ'ରେ ଭାଜପା ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକଙ୍କ ସହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

## କଂଗ୍ରେସର ପଥପ୍ରାନ୍ତ ସଭା

ଡେଲାଙ୍ଗ,୧୩।୪(ଡି.ଏନ୍.ଏ.)

କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜ ଅସୁସ୍ଥ ଥିବାବେଳେ ହେଭିୱେଟ ନେତାମାନେ ମଇଦାନକୁ ଓହ୍ଲାଇ ଜୋରସୋର ପ୍ରଚାର ଚଳାଇଛନ୍ତି। ମଙ୍ଗଳବାର କଂଗ୍ରେସ ପକ୍ଷରୁ ରେଞ୍ଚ, ଗୁଆଳିପଡା, ବେରବୋଇ, ଡେଲାଙ୍ଗ- କୋଠବାଡ, ଚାଇଁପୁର ଓ ସିଂହବ୍ରହ୍ମପୁର ପଞ୍ଚାୟତର ଛକ ବଜାରରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। ଅଜିତଙ୍କ ପାଇଁ ପିସିସି ପକ୍ଷରୁ ପଦ୍ମାକର ଗୁରୁ, ମନୋଜ ମହାପାତ୍ର, ନାରାୟଣଚନ୍ଦ୍ର ଜେନା, ଗଣେଶ ଦାସ, ଅମିୟ ଖାଣ୍ଡ ପ୍ରମୁଖ ଏହି ପ୍ରଚାରକୁ ଜୋରଦାର କରିଥିଲେ। ପର୍ଯ୍ୟବେକ୍ଷକ ସୁବାସ ଚନ୍ଦ୍ର ପ୍ରଧାନ, ତାପସ ସେଠୀ, ପ୍ରତାପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କ ବିକାଶ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ

ପିପିଲି,୧୩।୪(ଡି.ଏନ୍.ଏ.)

ପିପିଲି ନିର୍ବାଚନମଣ୍ଡଳୀର ମଙ୍ଗଳପୁର ପଞ୍ଚାୟତରେ ବିଜେଡି ପକ୍ଷରୁ ପଞ୍ଚାୟତିସ୍ତରୀୟ ମହିଳା ସମାବେଶ ସ୍ଥାନୀୟ ମେଳଣ ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ପର୍ଯ୍ୟବେକ୍ଷକ ପ୍ରତାପ ଦେବ, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ବିଧାୟକ ବ୍ୟୋମକେଶ ରାୟ, ପ୍ରଣବ ବଳବନ୍ତ ରାୟ, ଆକାଶ ଦାସ ନାୟକ, ଉଷା ଦେବୀ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ମଙ୍ଗଳପୁର ପଞ୍ଚାୟତର ଦଳୀୟ ପର୍ଯ୍ୟବେକ୍ଷକ ରାଜ୍ୟ ଯୁଗ୍ମ ସମ୍ପାଦକ ପ୍ରକାଶ ଡଙ୍ଗ, ବିଜୁ ମହିଳା ଜନତା ଦଳର ରାଜ୍ୟ ଉପ ସଭାନେତ୍ରୀ ସରୋଜିନୀ ରାଜ, ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାୟକ, ଛାତ୍ର ଜନତା ଦଳର ରାଜ୍ୟ ଉପ ସଭାପତି ଭବାନୀ ଶଙ୍କର ଦାସ, ବିଜୁ ମହିଳା ଜନତା ଦଳର କଟକ ନଗର ସଭାନେତ୍ରୀ ନିରୁପମା ହାତୀ, ଦଳୀୟ ପ୍ରାର୍ଥୀ ରୁଦ୍ରଙ୍କ ଭଉଣୀ ପଲ୍ଲବୀ ଓ ଭିଣେଇ ଅର୍ଦ୍ଧେନ୍ଦୁ, ଅଭିନେତ୍ରୀ ସୋଫିଆ ଆଲମ ପ୍ରମୁଖ ମଞ୍ଚାସୀନ ହେବା ସହ ରାଜ୍ୟ ସରକାରଙ୍କ ମହିଳା ସଶକ୍ତୀକରଣ ଯୋଜନା ସମ୍ପର୍କରେ କହିଥିଲେ। ମହିଳାମାନଙ୍କ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ଥିବାବେଳେ ଆହୁରି ଅନେକ ଯୋଜନା ଆଣୁଥିବାର ମଞ୍ଚାସୀନ ଅତିଥିମାନେ କହିଥିଲେ।


# ଓଡ଼ିଶା ସରକାର
# ଜଙ୍ଗଲ ଓ ପରିବେଶ ବିଭାଗ

**ତା୦୮।୦୪।2021ରିଖ ପତ୍ର ସଂଖ୍ୟା FE-DDV-FLD-0044-2020-7326/F&E 10 F (Cons)79/18**

**ବିଷୟ: ଯାଜପୁର ଜିଲ୍ଲା, କଟକ ବନଖଣ୍ଡ ସୁକିନ୍ଦା ତହସିଲ ଅନ୍ତର୍ଗତ କାଳିଆପାଣି ଗ୍ରାମ ଓ ଜଙ୍ଗଲ ବ୍ଲକ-୨୭ରେ ଅବସ୍ଥିତ ଓଡ଼ିଶା ଖଣି ନିଗମର ୧୫୩.୫୭୧ ହେକ୍ଟର କ୍ଷେତ୍ରଫଳ ବିଶିଷ୍ଟ କ୍ରୋମାଇଟ ବ୍ଲକ-୨ର ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ ୫.୭୮୨ ହେକ୍ଟର ଅଞ୍ଚଳରେ ୯୫ଟି ଗର୍ତ୍ତ ଖନନ ପାଇଁ (୯୫ଟି ଗର୍ତ୍ତ ପ୍ରତ୍ୟେକ ୦.୦୨ ହେ ହିସାବରେ ୧.୯୦ ହେକ୍ଟର ଏବଂ ରାସ୍ତା ପାଇଁ ୩.୮୮୨ ହେ.) ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ପ୍ରସ୍ତାବ।**

ଯେହେତୁ ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ଖଣି ନିଗମ ଯାଜପୁର ଜିଲ୍ଲା ସୁକିନ୍ଦା ତହସିଲ କଟକ ବନଖଣ୍ଡ ଅନ୍ତର୍ଗତ କାଳିଆପାଣି ଗ୍ରାମ ଓ ଜଙ୍ଗଲ ବ୍ଲକ-୨୭ରେ ଅବସ୍ଥିତ ଓଡ଼ିଶା ଖଣି ନିଗମର ୧୫୩.୫୭୧ ହେକ୍ଟରର କ୍ଷେତ୍ରଫଳ ବିଶିଷ୍ଟ କ୍ରୋମାଇଟ ବ୍ଲକ-୨ର ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ ୫.୭୮୨ ହେକ୍ଟରର ଅଞ୍ଚଳରେ ୯୫ଟି ଗର୍ତ୍ତ ଖନନ ପାଇଁ (୯୫ଟି ଗର୍ତ୍ତ ପ୍ରତ୍ୟେକ ୦.୦୨ ହେକ୍ଟର ହିସାବରେ ଏବଂ ରାସ୍ତା ପାଇଁ ୩.୮୮୨ ହେକ୍ଟର) ଜଙ୍ଗଲ ଜମିକୁ ଅଣଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଅନୁମୋଦନ ନିମନ୍ତେ ଆବେଦନ କରିଥିଲେ।

ଏବଂ ଯେହେତୁ, ଯାଜପୁର ଜିଲ୍ଲା ସୁକିନ୍ଦା ତହସିଲର କଟକ ବନଖଣ୍ଡ ଅନ୍ତର୍ଗତ କାଳିଆପାଣି ଗ୍ରାମ ଓ ଜଙ୍ଗଲ ବ୍ଲକ-୨୭ରେ ଅବସ୍ଥିତ ଓଡ଼ିଶା ଖଣି ନିଗମର ୧୫୩.୫୭୧ ହେକ୍ଟରର କ୍ଷେତ୍ରଫଳ ବିଶିଷ୍ଟ କ୍ରୋମାଇଟ ବ୍ଲକ-୨ର ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ ୫.୭୮୨ ହେକ୍ଟରର ଅଞ୍ଚଳରେ ୯୫ଟି ଗର୍ତ୍ତ ଖନନ ପାଇଁ (୯୫ଟି ଗର୍ତ୍ତ ପ୍ରତ୍ୟେକ ୦.୦୨ ହେକ୍ଟର ହିସାବରେ ଏବଂ ରାସ୍ତା ପାଇଁ ୩.୮୮୨ ହେକ୍ଟର) ଜଙ୍ଗଲ ଜମିକୁ ଅଣଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏହି ପ୍ରସ୍ତାବକୁ ତା୦୮.୦୪.୨୦୧୧ରିଖ ପତ୍ର ସଂଖ୍ୟା F. No. 8-50/2018-FC dt.14.09.2018 (ପରିଶିଷ୍ଟ-୧) ଦ୍ୱାରା ନୀତି ଦୃଷ୍ଟିରୁ ଅନୁମୋଦନ କରିଛନ୍ତି।

ଏବଂ ଯେହେତୁ, ନୀତି ଦୃଷ୍ଟିରୁ ଅନୁମୋଦନରେ ଦିଆଯାଇଥିବା ସର୍ତ୍ତାବଳୀର ଅନୁପାଳନ ପତ୍ରକୁ ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ବିଚାର କରି ତା୦୫.୦୩.୨୦୧୧ରିଖ ପତ୍ର ସଂଖ୍ୟା F. No. 8-50/2018-FC (ପରିଶିଷ୍ଟ ୨) ଦ୍ୱାରା ଯାଜପୁର ଜିଲ୍ଲା ସୁକିନ୍ଦା ତହସିଲର କଟକ ବନଖଣ୍ଡ ଅନ୍ତର୍ଗତ କାଳିଆପାଣି ଗ୍ରାମ ଓ ଜଙ୍ଗଲ ବ୍ଲକ-୨୭ରେ ଅବସ୍ଥିତ ଓଡ଼ିଶା ଖଣି ନିଗମର ୧୫୩.୫୭୧ ହେକ୍ଟରର କ୍ଷେତ୍ରଫଳ ବିଶିଷ୍ଟ କ୍ରୋମାଇଟ ବ୍ଲକ-୨ର ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ ୫.୭୮୨ ହେକ୍ଟରର ଅଞ୍ଚଳରେ ୯୫ଟି ଗର୍ତ୍ତ ଖନନ ପାଇଁ (୯୫ଟି ଗର୍ତ୍ତ ପ୍ରତ୍ୟେକ ୦.୦୨ ହେକ୍ଟର ହିସାବରେ ଏବଂ ରାସ୍ତା ପାଇଁ ୩.୮୮୨ ହେକ୍ଟର) ଜଙ୍ଗଲ ଜମିକୁ ଅଣଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଓଡ଼ିଶା ଖଣି ନିଗମର ଆବେଦନକୁ (ଚୂଡ଼ାନ୍ତ) ଅନୁମୋଦନ ପ୍ରଦାନ କରିଛନ୍ତି।

ତେଣୁ ବର୍ତ୍ତମାନ ରାଜ୍ୟ ସରକାର ଓଡ଼ିଶା ଖଣି ନିଗମକୁ ଯାଜପୁର ଜିଲ୍ଲା ସୁକିନ୍ଦା ତହସିଲର କଟକ ବନଖଣ୍ଡ ଅନ୍ତର୍ଗତ କାଳିଆପାଣି ଗ୍ରାମ ଓ ଜଙ୍ଗଲ ବ୍ଲକ-୨୭ରେ ଅବସ୍ଥିତ ଓଡ଼ିଶା ଖଣି ନିଗମର ୧୫୩.୫୭୧ ହେକ୍ଟରର କ୍ଷେତ୍ରଫଳ ବିଶିଷ୍ଟ କ୍ରୋମାଇଟ ବ୍ଲକ-୨ର ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ ୫.୭୮୨ ହେକ୍ଟରର ଅଞ୍ଚଳରେ ୯୫ଟି ଗର୍ତ୍ତ ଖନନ ପାଇଁ (୯୫ଟି ଗର୍ତ୍ତ ପ୍ରତ୍ୟେକ ୦.୦୨ ହେକ୍ଟର ହିସାବରେ ଏବଂ ରାସ୍ତା ପାଇଁ ୩.୮୮୨ ହେକ୍ଟର) ଯଦି ଯଥାଯୁକ୍ତ ପଟ୍ଟା ଅଛି, ଜଙ୍ଗଲ ଜମିକୁ ଅଣଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଅନୁମତି ପ୍ରଦାନ କଲେ। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ପତ୍ର ସଂଖ୍ୟା ୧୨୪୭୨ ତା୦୮.୦୬.୨୦୧୮ରିଖ (ପରିଶିଷ୍ଟ-୩) ଦ୍ୱାରା ଗ୍ରହଣ କରାଯାଇଥିବା ଗର୍ତ୍ତଗୁଡ଼ିକର ଅବସ୍ଥିତିକୁ ସଂଲଗ୍ନ କରାଗଲା।

ଆଇନ ଦ୍ୱାରା ସ୍ଥିରୀକୃତ ପଦ୍ଧତି ଅବଲମ୍ବନ କରି, ନିଜ ନିଜ ଅଧୀନରେ ଥିବା ଅନୁମୋଦିତ ଜଙ୍ଗଲ ଜମିରେ ଅନୁସନ୍ଧାନ ନିମନ୍ତେ ଗର୍ତ୍ତ ଖନନ ଓ ରାସ୍ତା ନିର୍ମାଣ ପାଇଁ ପଟ୍ଟା ଥିବା ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥାକୁ ହସ୍ତାନ୍ତର କରିବା ପାଇଁ ଜିଲ୍ଲାପାଳ, ଯାଜପୁର ଓ ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡକୁ ଏତଦ୍ୱାରା କ୍ଷମତା ପ୍ରଦାନ କରାଗଲା। ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥାକୁ ଜଙ୍ଗଲ ଜମି ହସ୍ତାନ୍ତର ପୂର୍ବରୁ ସମସ୍ତ କ୍ଷତିପୂରକ କର ଆଦାୟ ସୁନିଶ୍ଚିତ କରାଯିବ।

ଜଙ୍ଗଲ ଜମିର ଅଣଜଙ୍ଗଲ ବ୍ୟବହାର ନିମନ୍ତେ ଅନୁମୋଦନରେ ସ୍ଥିରୀକୃତ ସର୍ତ୍ତାବଳୀ ଅନୁପାଳନ ହେବା ବିଷୟ ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡ ତଦାରଖ କରିବେ ଓ କୌଣସି ସର୍ତ୍ତ ଉଲ୍ଲଂଘନ ହେଲେ ସେ ସମ୍ପର୍କରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟର Nodal Officer ଏବଂ ଜଙ୍ଗଲ ଓ ପରିବେଶ ବିଭାଗକୁ ବିବରଣୀ ଦେବେ।

ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା, ଖଣି ପାଇଁ ଲାଗୁ ହେଉଥିବା ସମସ୍ତ ଅଧିନିୟମ, ନିୟମ ଅନୁସାରେ ସମସ୍ତ ବୈଧାନିକ ଅନୁମୋଦନ ମିଳିବା ଉପରେ ନିର୍ଭର କରେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
(ଜିତେନ୍ଦ୍ର କୁମାର)
ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା 7327 F&E ତା୦୮।୦୪।2021

ଏହାର ଏକକିତା ନକଲ ପରିଶିଷ୍ଟ 1 ଓ ପରିଶିଷ୍ଟ 2 ସହିତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡ଼ିଶାଙ୍କ ସଦୟ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ବନଖଣ୍ଡ ଅଧିକାରୀ କଟକ ବନଖଣ୍ଡ, ବନଖଣ୍ଡ ଅଧିକାରୀ କଳାହାଣ୍ଡି (ଦକ୍ଷିଣ) ଓ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଏ ସମ୍ପର୍କରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଅନୁରୋଧ। ସମସ୍ତ କ୍ଷତିପୂରକ କର ଉପଯୁକ୍ତ Head of Accountରେ ବ୍ୟବହାରକାରୀ ସଂସ୍ଥାଙ୍କ ତରଫରୁ ପଇଠ ହେବା ବନଖଣ୍ଡୀୟ ଅଧିକାରୀ ସୁନିଶ୍ଚିତ କରାଇବେ। ଜଙ୍ଗଲ ଓ ବନ୍ୟପ୍ରାଣୀ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀର ତ୍ରୈମାସିକ ଅନୁପାଳନ ପତ୍ର ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡ ଏବଂ ବନଖଣ୍ଡ ଅଧିକାରୀ କଳାହାଣ୍ଡି (ଦକ୍ଷିଣ) ବନଖଣ୍ଡଙ୍କୁ ଦେବାପାଇଁ ନିର୍ଦ୍ଦେଶ ଦେବେ।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା 7328/F&E ତା30।03।2021

ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଙ୍କ ତା24।07। ରିଖ ପତ୍ର ସଂଖ୍ୟା 2013 F.No. 7-23/2012-FC ଦ୍ୱାରା ପ୍ରେରିତ ମାନ୍ୟବର ଜାତୀୟ ସବୁଜ ପ୍ରାଧିକରଣଙ୍କ ଅପିଲ ସଂଖ୍ୟା 07/2012 ତା07.11.2012ରିଖର ଆଦେଶକ୍ରମେ ଏହାର ଏକକିତା ନକଲ ସମସ୍ତ ପରିଶିଷ୍ଟ ସହିତ ସହକାରୀ ବନ ମହାନିରୀକ୍ଷକ ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ (ବନ ସଂରକ୍ଷଣ ବିଭାଗ), ଇନ୍ଦିରା ପର୍ଯ୍ୟାବରଣ ଭବନ, ଜୋରବାଗ, ଅଲିଗଞ୍ଜ ରୋଡ, ନୂଆଦିଲ୍ଲୀ, ୧୧୦୦୦୩/ ଉପ ସାଧାରଣ ନିର୍ଦ୍ଦେଶକ ଜଙ୍ଗଲ (କେନ୍ଦ୍ରୀୟ), ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, A/3 ଚନ୍ଦ୍ରଶେଖରପୁର, ଭୁବନେଶ୍ୱରଙ୍କ ସଦୟ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା 7329 F&E ତା30।03।2021

ଏହାର ଏକକିତା ନକଲ ସମସ୍ତ ପରିଶିଷ୍ଟ ସହିତ ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ଓଡ଼ିଶା/ନିର୍ଦ୍ଦେଶକ ପରିବେଶ, ଜଙ୍ଗଲ ଓ ପରିବେଶ ବିଭାଗ/ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା 7330 F&E ତା30।03।2021

ଏହାର ଏକକିତା ନକଲ ସମସ୍ତ ପରିଶିଷ୍ଟ ସହିତ ଜଙ୍ଗଲର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଅନୁଗୁଳ/ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଭବାନୀପାଟଣା/ ବିଭାଗୀୟ ବନ ଅଧିକାରୀ, କଟକ ବନଖଣ୍ଡ/ ବିଭାଗୀୟ ବନ ଅଧିକାରୀ, କଳାହାଣ୍ଡି (ଦକ୍ଷିଣ) ବନଖଣ୍ଡଙ୍କ ଅବଗତି ଓ ତୁରନ୍ତ ଆଜ୍ଞାପାଳନ ନିମନ୍ତେ ପ୍ରେରଣ କରାଗଲା।

ଜଙ୍ଗଲ ଜମିକୁ ଅଣଜଙ୍ଗଲ ବ୍ୟବହାର ପାଇଁ ଦେବା ପୂର୍ବରୁ ଏହି ଜଙ୍ଗଲ ଜମିର ସମସ୍ତ କ୍ଷତିପୂରକ କର ଉପଯୁକ୍ତ Head of Account ରେ ବ୍ୟବହାରକାରୀ ସଂସ୍ଥାଙ୍କ ତରଫରୁ ପଇଠ ହେବା ବନଖଣ୍ଡୀୟ ଅଧିକାରୀ ସୁନିଶ୍ଚିତ କରାଇବେ। ଏହାଛଡ଼ା, ଦିଆଯିବାକୁ ଥିବା ଅନ୍ୟ ସମସ୍ତ ପାଣ୍ଠି ଉପଯୁକ୍ତ Head of Accountରେ Adhoc CAMPAରେ ବ୍ୟବହାରକାରୀ ସଂସ୍ଥାଙ୍କ ତରଫରୁ ପଇଠ ହେବା ବନଖଣ୍ଡୀୟ ଅଧିକାରୀ ଜଙ୍ଗଲ ଜମି ହସ୍ତାନ୍ତର ପୂର୍ବରୁ ସୁନିଶ୍ଚିତ କରାଇବେ। ଜଙ୍ଗଲ ଓ ବନ୍ୟପ୍ରାଣୀ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀର ତ୍ରୈମାସିକ ଅନୁପାଳନ ପତ୍ର ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ବନଖଣ୍ଡୀୟ ଅଧିକାରୀ, କେନ୍ଦୁଝର ବନଖଣ୍ଡଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦେବେ, ଯଦ୍ୱାରା ସମସ୍ତ ସର୍ତ୍ତାବଳୀର ଅନୁପାଳନ ହୋଇପାରିବ।

ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥାଙ୍କ ପ୍ରତି ଥିବା ସମସ୍ତ ନିର୍ଦ୍ଦେଶ ତୁରନ୍ତ ପାଳନ ହେବା ସୁନିଶ୍ଚିତ କରିବା ପାଇଁ ବନଖଣ୍ଡୀୟ ଅଧିକାରୀ, କଟକ ବନଖଣ୍ଡ/ ବନଖଣ୍ଡୀୟ ଅଧିକାରୀ, କଳାହାଣ୍ଡି (ଦକ୍ଷିଣ) ବନଖଣ୍ଡଙ୍କୁ ନିର୍ଦ୍ଦେଶ ଦିଆଗଲା।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା 7341F&E ତା30।03।2021

ଏହାର ଏକକିତା ନକଲ ସମସ୍ତ ପରିଶିଷ୍ଟ ସହିତ ଇସ୍ପାତ ଓ ଖଣି ବିଭାଗ/ ଖଣି ନିର୍ଦ୍ଦେଶକ/ ଜିଲ୍ଲାପାଳ ଯାଜପୁର/ ଜିଲ୍ଲାପାଳ କଳାହାଣ୍ଡିଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା 7332/F&E ତା08.04.2021

ଏହାର ଏକ କିତା ନକଲ ସମସ୍ତ ପରିଶିଷ୍ଟ ସହିତ ମାନ୍ୟବର ମନ୍ତ୍ରୀଙ୍କ ଅବଗତି ନିମନ୍ତେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ନିକଟକୁ ପ୍ରେରଣ କରାଗଲା।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା 7333/F&E ତା08.04.2021

ଏହାର ଏକ କିତା ନକଲ ସମସ୍ତ ପରିଶିଷ୍ଟ ସହିତ ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା ଖଣି ନିଗମ, ଭୁବନେଶ୍ୱରଙ୍କ ଅବଗତି ଓ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟଙ୍କ ତା24.07.2013ରିଖ ପତ୍ର ସଂଖ୍ୟା F. No.7-23-2012-FC ଦ୍ୱାରା ପ୍ରେରିତ ମାନ୍ୟବର ଜାତୀୟ ସବୁଜ ପ୍ରାଧିକରଣଙ୍କ ଅପିଲ ସଂଖ୍ୟା 07/2012 ତା07.11.2012ରିଖ ଆଦେଶକ୍ରମେ ଜଙ୍ଗଲ ଜମି ବ୍ୟବହକାରୀ ସଂସ୍ଥା ତୁରନ୍ତ ନିମ୍ନଲିଖିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ:-

1. ଜଙ୍ଗଲ ଜମି ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଦିଆଯାଇଥିବା ଅନୁମୋଦନ ସହିତ କେନ୍ଦ୍ର ସରକାରଙ୍କ ଅନୁମୋଦନରେ ଦିଆଯାଇଥିବା ସମସ୍ତ ସର୍ତ୍ତାବଳୀକୁ, ଜନସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଦୁଇଟି ବହୁଳ ପ୍ରସାରିତ ସମ୍ବାଦପତ୍ରରେ, ଗୋଟିଏରେ ଇଂରାଜୀ ଓ ଅନ୍ୟଟିରେ ସ୍ଥାନୀୟ ଭାଷାରେ ପ୍ରକାଶିତ କରିବେ।
2. କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପ୍ରଦତ୍ତ ଜଙ୍ଗଲ ଜମି ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଦିଆଯାଇଥିବା ଅନୁମୋଦନ ଆଦେଶର ନକଲକୁ ସ୍ଥାନୀୟ ସ୍ୱାୟତ୍ତ ଶାସନ ମୁଖ୍ୟ, ମ୍ୟୁନିସିପାଲିଟି ମୁଖ୍ୟ ଓ ଏ ସମ୍ପର୍କିତ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ପ୍ରେରଣ କରିବେ ଏବଂ ସେମାନେ ଏହାକୁ 30 ଦିନ ପର୍ଯ୍ୟନ୍ତ ପ୍ରଦର୍ଶିତ କରାଇବେ।
3. ରାଜ୍ୟ ସରକାରଙ୍କ ଉପରୋକ୍ତ ଆଦେଶର ଅନୁପାଳନ ପତ୍ର ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡ/ ବନଖଣ୍ଡ ଅଧିକାରୀ, କଳାହାଣ୍ଡି (ଦକ୍ଷିଣ) ବନଖଣ୍ଡ/ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଅନୁଗୁଳ/ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଭବାନୀପାଟଣା/ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓଡ଼ିଶା ଏବଂ ଜଙ୍ଗଲ ଓ ପରିବେଶ ବିଭାଗଙ୍କ ଅବଗତି ନିମନ୍ତେ ପ୍ରେରଣ କରିବେ।

ଏସମସ୍ତ ବ୍ୟତୀତ, ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ସମସ୍ତ କ୍ଷତିପୂରକ କର ଲାଗୁ ହୋଇଥିବା ଦରରେ ପୂର୍ଣ୍ଣରୂପେ, ପ୍ରଦାନ କରିବେ। ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦେବାକୁ ଥିବା ସମସ୍ତ ପାଣ୍ଠି ଉପଯୁକ୍ତ Head of Accountରେ ପ୍ରଦାନ କରିବେ।

ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଜଙ୍ଗଲ ଓ ବନ୍ୟପ୍ରାଣୀ ଅନୁମୋଦନରେ ଦିଆଯାଇଥିବା ସମସ୍ତ ସର୍ତ୍ତାବଳୀରେ ତ୍ରୈମାସିକ ଅନୁପାଳନ ପତ୍ର ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡ/ ବନଖଣ୍ଡ ଅଧିକାରୀ, କଳାହାଣ୍ଡି (ଦକ୍ଷିଣ) ବନଖଣ୍ଡଙ୍କୁ ପ୍ରେରଣ କରିବେ।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା 7334/F&E dt.08.04.2021

ଏହାର ଏକକିତା ନକଲ ସମସ୍ତ ପରିଶିଷ୍ଟ ସହିତ ମୁଖ୍ୟ, ସୂଚନା ଓ ପ୍ରଯୁକ୍ତି ବିଭାଗ, ରାଜ୍ୟ ସଚିବାଳୟ, ଭୁବନେଶ୍ୱରଙ୍କ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା। ସମସ୍ତଙ୍କ ସୂଚନା ନିମନ୍ତେ ଭାରତ ସରକାରଙ୍କ ପରିବେଶ ଓ ବନ ମନ୍ତ୍ରଣାଳୟଙ୍କ ଅନୁମୋଦନ ପତ୍ର ସହିତ ଏହି ପତ୍ରକୁ ଜଙ୍ଗଲ ଓ ପରିବେଶ ବିଭାଗର websiteରେ ତୁରନ୍ତ ସ୍ଥାନିତ କରିବା ପାଇଁ ଅନୁରୋଧ କରାଗଲା। ମାନ୍ୟବର ଜାତୀୟ ସବୁଜ ପ୍ରାଧିକରଣଙ୍କ ଅପିଲ ନମ୍ବର 07/2012 ତା07.11.2012ରିଖରେ ଆଦେଶ ମୁତାବକ ଏହା ଆବଶ୍ୟକ, ତେଣୁ ଏହା ନିଶ୍ଚିନ୍ତ ରୂପେ କରାଯିବାକୁ ଅନୁରୋଧରିଖରେ ଦିଆଯାଇଥିବା।

ସ୍ୱତନ୍ତ୍ର ଶାସନ ସଚିବ

ଜ୍ଞାପକ ସଂଖ୍ୟା 7335/F&E, dt.08.04.2021

ଏହାର ଏକକିତା ନକଲ ସମସ୍ତ ପରିଶିଷ୍ଟ ସହିତ ଉପ ଶାସନ ସଚିବ, କାର୍ଯ୍ୟାଳୟ ସଂସ୍ଥାପନ ଶାଖା, ଜଙ୍ଗଲ ଓ ପରିବେଶ ବିଭାଗଙ୍କ ପତ୍ର ସଂଖ୍ୟା 12939/F&E ତା16।07।ରିଖ ସମ୍ବନ୍ଧରେ ଅବଗତି ଓ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ 2016 କରାଗଲା।

ସ୍ୱତନ୍ତ୍ର ଶାସନ ସଚିବ

**F. No. 8-50/2018-FC**

# ଭାରତ ସରକାର
## ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ
(ବନ ସଂରକ୍ଷଣ ଡିଭିଜନ)

ଇନ୍ଦିରା ପର୍ଯ୍ୟାବରଣ ଭବନ, ଆଲିଗଞ୍ଜ ଜୋରବାଗ ରୋଡ୍, ନୂଆଦିଲ୍ଲୀ-110003

Dated: 14th Sept., 2018

ପ୍ରାପ୍ତେଷୁ
ପ୍ରମୁଖ ସଚିବ (ଜଙ୍ଗଲ)
ଓଡ଼ିଶା ସରକାର
ଭୁବନେଶ୍ୱର

**ବିଷୟ: ଯାଜପୁର ଜିଲ୍ଲା, କଟକ ବନଖଣ୍ଡ ସୁକିନ୍ଦା ତହସିଲ ଅନ୍ତର୍ଗତ କାଳିଆପାଣି ଗ୍ରାମ ଓ ଜଙ୍ଗଲ ବ୍ଲକ-୨୭ରେ ଅବସ୍ଥିତ ଓଡ଼ିଶା ଖଣି ନିଗମର ୧୫୩.୫୭୧ ହେକ୍ଟର କ୍ଷେତ୍ରଫଳ ବିଶିଷ୍ଟ କ୍ରୋମାଇଟ ବ୍ଲକ-୨ର ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ ୫.୭୮୨ ହେକ୍ଟର ଅଞ୍ଚଳରେ ୪ ଇଞ୍ଚ ବ୍ୟାସ ବିଶିଷ୍ଟ ଗର୍ତ୍ତ ଖନନ ପାଇଁ (୯୫ଟି ଗର୍ତ୍ତ ପ୍ରତ୍ୟେକ ୦.୦୨ ହେ ହିସାବରେ ୧.୯୦ ହେକ୍ଟର ଏବଂ ରାସ୍ତା ପାଇଁ ୩.୮୮୨ ହେ.) ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ପ୍ରସ୍ତାବ।**

ମହାଶୟ,

ବନ ସଂରକ୍ଷଣ ଆଇନ 1980ର ଧାରା 2 ଅନୁସାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଓଡ଼ିଶା ଖଣି ନିଗମ ଦ୍ୱାରା ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ ଉପରୋକ୍ତ ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ଅନୁମୋଦନ ନିମିତ୍ତ ରାଜ୍ୟ ସରକାରଙ୍କ ପ୍ରେରିତ ପତ୍ର ସଂଖ୍ୟା 10F(Cons)-131/2018-13603/F&E ତା20-06-2018ରିଖକୁ ଆପଣଙ୍କ ଧ୍ୟାନ ଆକର୍ଷଣ କରି ଜଣାଉଅଛି ଯେ, ବନ ସଂରକ୍ଷଣ ଆଇନ 1980ର ଧାରା 3 ଅନୁସାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ବନ ଉପଦେଷ୍ଟା କମିଟି ଉପରୋକ୍ତ ପ୍ରସ୍ତାବକୁ ବିଚାର କରିଛନ୍ତି।

ପ୍ରସ୍ତାବକୁ ବିଚାର କଲାପରେ, ଓଡ଼ିଶା ରାଜ୍ୟ ସରକାରଙ୍କ ପ୍ରସ୍ତାବ ଓ ବନ ଉପଦେଷ୍ଟା କମିଟିଙ୍କ ସୁପାରିଶ ଅନୁସାରେ, ଏତଦ୍ୱାରା ଯାଜପୁର ଜିଲ୍ଲା, କଟକ ବନଖଣ୍ଡ, ସୁକିନ୍ଦା ତହସିଲ କାଳିଆପାଣି ଗ୍ରାମ ଓ ଜଙ୍ଗଲ ବ୍ଲକ-୨୭ରେ ଅବସ୍ଥିତ ଓଡ଼ିଶା ଖଣି ନିଗମର ୧୫୩.୫୭୧ ହେକ୍ଟର କ୍ଷେତ୍ରଫଳ ବିଶିଷ୍ଟ କ୍ରୋମାଇଟ ବ୍ଲକ-୨ର ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ ୫.୭୮୨ ହେକ୍ଟର ଅଞ୍ଚଳରେ ୪ ଇଞ୍ଚ ବ୍ୟାସ ବିଶିଷ୍ଟ ଗର୍ତ୍ତ ଖନନ ପାଇଁ (୯୫ଟି ଗର୍ତ୍ତ ପ୍ରତ୍ୟେକ ୦.୦୨ ହେ ହିସାବରେ ୧.୯୦ ହେକ୍ଟର ଏବଂ ରାସ୍ତା ପାଇଁ ୩.୮୮୨ ହେ.) ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ବନ ସଂରକ୍ଷଣ ଆଇନ 1980ର ଧାରା 2 ଅନୁସାରେ ନିମ୍ନ ସର୍ତ୍ତାବଳୀ ସହ, ନୀତି ଦୃଷ୍ଟିରୁ ଅନୁମୋଦନ (In-principle Approval) ପ୍ରଦାନ କରାଗଲା:-

(i) ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା 2 ବର୍ଷ ମଧ୍ୟରେ ଅନୁସନ୍ଧାନ କାର୍ଯ୍ୟ ସମାପ୍ତ କରିବେ।
(ii) ରାଜ୍ୟ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ନଂ. 5-3/2007-FC ତା09/05/2018ରିଖ ଅନୁଯାୟୀ କ୍ଷତିପୂରଣ ଏବଂ NPV ଏହି ଅନୁସନ୍ଧାନ ପ୍ରସ୍ତାବ ପାଇଁ ଆଦାୟ କରିବେ। ଦ୍ୱିତୀୟ ପର୍ଯ୍ୟାୟ ଅନୁମୋଦନ ପୂର୍ବରୁ ଏହି ରାଶି Adhoc CAMPA ଆକାଉଣ୍ଟରେ ଜମା ହେବ।
(iii) ଅନୁସନ୍ଧାନ ପାଇଁ ଅନୁମତି ଜଙ୍ଗଲ ଜମି ବ୍ୟବହାର ସଂସ୍ଥାକୁ ଜଙ୍ଗଲ (ସଂରକ୍ଷଣ) ଅଧିନିୟମ, 1980ର ଧାରା 2 (ii) ଅନୁଯାୟୀ ସେହି ନିର୍ଦ୍ଦିଷ୍ଟ ଜମିରେ ଖଣିଜ ଉତ୍ତୋଳନ ପାଇଁ ଅଣଜଙ୍ଗଲ ବ୍ୟବହାର ନିମନ୍ତେ କୌଣସି ଅଧିକାର ପ୍ରଦାନ କରିବ ନାହିଁ।
(iv) କେବଳ ବିଦ୍ୟମାନ ପଥ ଏବଂ ସଡ଼କ ଜଙ୍ଗଲ ଜମି ବ୍ୟବହାର ସଂସ୍ଥା ଦ୍ୱାରା ଅନୁସନ୍ଧାନ କାର୍ଯ୍ୟକଳାପ ଉଦ୍ଦେଶ୍ୟରେ ବ୍ୟବହୃତ ହେବ। ବିଦ୍ୟମାନ ରାସ୍ତା ଏବଂ ଜଙ୍ଗଲ ରାସ୍ତାକୁ ଛାଡ଼ି, ଜଙ୍ଗଲ ଜମି ବ୍ୟବହାର ସଂସ୍ଥାକୁ 3.88 ହେକ୍ଟର ଅସ୍ଥାୟୀ ନିର୍ମାଣ ପଥ ବ୍ୟବହାର କରିବାକୁ ଅନୁମତି ଦିଆଯାଇଛି। ଅସ୍ଥାୟୀ ପଥ ନିର୍ମାଣରେ କୌଣସି ଗଛ କଟାଯିବ ନାହିଁ ଏବଂ ଅନୁସନ୍ଧାନ କାର୍ଯ୍ୟ ସମାପ୍ତ ହେବାପରେ ସମାନ ମୂଳ ଜମି ବ୍ୟବହାରକୁ ପୁନଃସ୍ଥାପିତ ହେବ।
(v) ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା କ୍ଷତିପୂରଣ ବନୀକରଣ ପାଇଁ 3.88 ହେକ୍ଟର ଅଣ-ଜଙ୍ଗଲ ଜମି ଯୋଗାଇବ। ଦ୍ୱିତୀୟ ପର୍ଯ୍ୟାୟ ଅନୁମୋଦନ ପୂର୍ବରୁ କିସମ ପରିବର୍ତ୍ତନ କରାଯାଇ ଜଙ୍ଗଲ ବିଭାଗ ସପକ୍ଷରେ ସ୍ଥାନାନ୍ତର କରାଯିବ। ରାଜ୍ୟ ଜଙ୍ଗଲ ବିଭାଗ ପ୍ରମାଣିତ କରିବ ଯେ ଜମି ବୃକ୍ଷରୋପଣ ପାଇଁ ଉପଯୁକ୍ତ ଏବଂ ଜବରଦଖଲରୁ ମୁକ୍ତ। କ୍ଷତିପୂରଣ ବନୀକରଣ ଯୋଜନା ପ୍ରସ୍ତୁତ କରି shape file ସହିତ ଦାଖଲ କରିବେ।
(vi) କ୍ଷତିପୂରଣ ବନୀକରଣ ଯୋଜନାର ଖର୍ଚ୍ଚ ଅନଲାଇନ୍ ମାଧ୍ୟମରେ Adhoc CAMPA ଆକାଉଣ୍ଟରେ ଜମା ହେବ। ଜଙ୍ଗଲ ଜମି ବ୍ୟବହାରକାରି ସଂସ୍ଥା ରାଜ୍ୟ ଜଙ୍ଗଲ ବିଭାଗ ସହିତ ପରାମର୍ଶ କରି ଅନଲାଇନ୍ ପୋର୍ଟାଲ୍ ମାଧ୍ୟମରେ ସମ୍ପୃକ୍ତ ରାଜ୍ୟର Adhoc CAMPA ଆକାଉଣ୍ଟରେ ବର୍ତ୍ତମାନର ମଜୁରୀ ହାରରେ କ୍ଷତିପୂରଣ ବୃକ୍ଷରୋପଣ ଏବଂ ରକ୍ଷଣାବେକ୍ଷଣର ମୂଲ୍ୟ ହସ୍ତାନ୍ତର କରିବେ। ପରବର୍ତ୍ତୀ ବର୍ଷଗୁଡ଼ିକ ପାଇଁ ଧାର୍ଯ୍ୟ କାର୍ଯ୍ୟଗୁଡ଼ିକ ପାଇଁ ଆନୁମାନିକ ମୂଲ୍ୟ ବୃଦ୍ଧି ପାଇଁ ଏହି ଯୋଜନାରେ ଉପଯୁକ୍ତ ବ୍ୟବସ୍ଥା ଅନ୍ତର୍ଭୁକ୍ତ ହୋଇପାରେ।
(vii) ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଜଙ୍ଗଲ ଅଞ୍ଚଳରେ ପ୍ରବେଶ କରିବା ପୂର୍ବରୁ ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡର ଅନୁମତି ମାଗିବେ।
(viii) ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡର ପୂର୍ବ ଅନୁମତି ସହିତ ପ୍ରତ୍ୟେକ Borehole ଖୋଳାଯିବ।
(ix) ଅନୁସନ୍ଧାନ କାର୍ଯ୍ୟ ସମାପ୍ତ ହେବା ପରେ Boreholeଗୁଡ଼ିକୁ ସଠିକ୍ ଭାବରେ ପୋତାଯିବ।
(x) ଅନୁସନ୍ଧାନ କାର୍ଯ୍ୟ ପାଇଁ କୌଣସି ଗଛ କଟାଯିବ ନାହିଁ। ପ୍ରକଳ୍ପ କାର୍ଯ୍ୟକଳାପ ବୁଦା ସଫା କରିବା ଏବଂ ଜମି ପ୍ରସ୍ତୁତି ଉଦ୍ଦେଶ୍ୟରେ ବୃକ୍ଷର ଶାଖା କାଟିବାରେ ସୀମିତ ରହିବ।
(xi) ଏହା ସହିତ ବିଦ୍ୟମାନ ପଥ ଏବଂ ସଡ଼କଗୁଡ଼ିକ କେବଳ ଉପଭୋକ୍ତା ଏଜେନ୍ସି ଦ୍ୱାରା 3.882 ହେକ୍ଟର ଅନୁସନ୍ଧାନ କାର୍ଯ୍ୟକଳାପ ଉଦ୍ଦେଶ୍ୟରେ ଏହି ML ରେ ବ୍ୟବହୃତ ହେବ।
(xii) 4" ବ୍ୟାସ ପରିମିତ ୯୫ଟି ବୋରହୋଲ ଜଙ୍ଗଲ ଜମି ମଧ୍ୟରେ ସୀମିତ ରହିବ।
(xiii) ଜଙ୍ଗଲ ଜମିରେ କୌଣସି ଶ୍ରମିକ ବସତି ପ୍ରତିଷ୍ଠା ହେବ ନାହିଁ।
(xiv) ସୂର୍ଯ୍ୟାସ୍ତ ପରେ କୌଣସି କାର୍ଯ୍ୟକୁ ଅନୁମତି ଦିଆଯିବ ନାହିଁ।
(xv) ଜଙ୍ଗଲ ଜମିରେ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦ୍ୱାରା ଅନ୍ୟ କୌଣସି ନିର୍ମାଣ କାର୍ଯ୍ୟ କରାଯିବ ନାହିଁ।
(xvi) ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଡ୍ରିଲିଂ କାର୍ଯ୍ୟର ଅଗ୍ରଗତି ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡକୁ ରିପୋର୍ଟ କରିବେ ଏବଂ ପ୍ରକଳ୍ପ ସମାପ୍ତ ହେବାପରେ ଏହାର ବିସ୍ତୃତ ରିପୋର୍ଟ ମଧ୍ୟ ପ୍ରଦାନ କରିବେ।
(xvii) ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦ୍ୱାରା ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯିବ ଯେ ଅନୁସନ୍ଧାନ କାର୍ଯ୍ୟ ସେହି ଅଞ୍ଚଳର ବନ୍ୟଜନ୍ତୁଙ୍କ ଉପରେ କୌଣସି କ୍ଷତି ପହଞ୍ଚାଇବ ନାହିଁ। ଏହି ପ୍ରସଙ୍ଗରେ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦ୍ୱାରା କରାଯାଇଥିବା ଯେକୌଣସି କ୍ଷତି, ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡଙ୍କ ଦ୍ୱାରା ମୂଲ୍ୟାଙ୍କନ ଅନୁଯାୟୀ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଭରଣା କରିବେ।
(xviii) ଆଖପାଖ ଉଭିଦ ଏବଂ ଜୀବଜନ୍ତୁଙ୍କର ଯେକୌଣସି କ୍ଷତି ପାଇଁ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦାୟୀ ରହିବେ। ଏହି ପରିପ୍ରେକ୍ଷୀରେ କରାଯାଇଥିବା ଯେକୌଣସି କ୍ଷତି, ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡଙ୍କ ମୂଲ୍ୟାଙ୍କନ ଅନୁଯାୟୀ ପ୍ରକଳ୍ପ ମୂଲ୍ୟରୁଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦ୍ୱାରା କ୍ଷତିପୂରଣ ଦିଆଯିବ।
(xix) ଯଦି ଭାରତ ସରକାରଙ୍କ ଦ୍ୱାରା ଜଙ୍ଗଲ ଜମିରେ ଅନ୍ୱେଷଣ ପାଇଁ ତତ୍‌କ୍ଷଣାତ୍ ଅନୁମତି ଦିଆଯାଏ, ତାହା ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥାକୁ ଭବିଷ୍ୟତରେ ଏହି ଜଙ୍ଗଲ ଜମିରେ କ୍ରୋମାଇଟ ଖନନ ପାଇଁ ଜଙ୍ଗଲ ଜମିକୁ ଅଣଜଙ୍ଗଲରେ ବ୍ୟବହାର କରିବାର କୌଣସି ଅଧିକାର ପ୍ରଦାନ କରିବ ନାହିଁ।
(xx) ଯଦି, ଅନୁସନ୍ଧାନ ଉଦ୍ଦେଶ୍ୟରେ ବ୍ୟବହୃତ ହେବାକୁ ଥିବା ଜଙ୍ଗଲ ଜମିକୁ ଜଙ୍ଗଲ ଅଧିକାର ଆଇନ 2006 ଅନୁଯାୟୀ, କୌଣସି ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଛି, ଦାବିକାରୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବ କିମ୍ବା ଅନ୍ୟ ସ୍ଥାନରେ ଉକ୍ତ ଗର୍ତ୍ତ କରାଯିବ।
(xxi) ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡଙ୍କ ଜଙ୍ଗଲ ଅଞ୍ଚଳରେ ଉଭିଦ ଏବଂ ଜୀବଜନ୍ତୁଙ୍କ ସୁରକ୍ଷା ତଥା ସଂରକ୍ଷଣ ପାଇଁ ଅନ୍ୟ କୌଣସି ସର୍ତ୍ତ ଲଗାଇପାରନ୍ତି।
(xxii) ଅନ୍ୱେଷଣ କାର୍ଯ୍ୟକଳାପଗୁଡ଼ିକ ଅନ୍ୱେଷଣ ପଟ୍ଟା ମଧ୍ୟରେ ଲିଜ୍ ବୈଧତା ଉପରେ ଅଧୀନ।
(xxiii) ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ନିର୍ଦ୍ଦେଶାବଳୀ ତା09.05.2018ରିଖରେ ସୂଚିତ (vi), (viii), (ix) ବିନ୍ଦୁଗୁଡ଼ିକର ଅନୁପାଳନ ତଥ୍ୟ ପ୍ରଦାନ କରିବେ।
(xxiv) ଯଦି ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦ୍ୱାରା ସର୍ତ୍ତଗୁଡ଼ିକୁ ଉଲ୍ଲଂଘନ କରାଯାଏ, ତାହେଲେ ଖଣିଜ ପଦାର୍ଥ ଅନୁସନ୍ଧାନ ପାଇଁ ଅନୁମତି ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ବରଖାସ୍ତ କରାଯିବ ଏବଂ ରାଜ୍ୟ ସରକାରଙ୍କ ନୋଡାଲ ଅଧିକାରୀ (ବନ ସଂରକ୍ଷଣ ଆଇନ) ଦ୍ୱାରା ଅନୁସନ୍ଧାନ କରାଯିବ ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଆଞ୍ଚଳିକ କାର୍ଯ୍ୟାଳୟରେ ରିପୋର୍ଟ ଦାଖଲ କରାଯିବ।
(xxv) ଅନୁସନ୍ଧାନ ସମୟରେ ସଂଗୃହିତ ନମୁନାଗୁଡ଼ିକ କେବଳ ଅନୁସନ୍ଧାନ ଉଦ୍ଦେଶ୍ୟରେ ବ୍ୟବହୃତ ହେବ ଏବଂ କୌଣସି କ୍ଷେତ୍ରରେ ବାଣିଜ୍ୟ କିମ୍ବା ବଣିଜ ଉଦ୍ଦେଶ୍ୟରେ ବ୍ୟବହୃତ ହେବନାହିଁ।
(xxvi) ଜଙ୍ଗଲ ଓ ବନ୍ୟଜୀବଙ୍କ ସଂରକ୍ଷଣ ସୁରକ୍ଷା ଓ ଉନ୍ନୟନ ନିମିତ୍ତ ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ବିଭିନ୍ନ ସମୟରେ ନିର୍ଦ୍ଧାରିତ ସମସ୍ତ ସର୍ତ୍ତାବଳୀ ରାଜ୍ୟ ସରକାରଙ୍କ ଜଙ୍ଗଲ ଜମି ବ୍ୟବହକାରକାରୀ ସଂସ୍ଥା ପାଳନ କରିବେ।
(xxvii) ରାଜ୍ୟ ସରକାର ଓ ଜଙ୍ଗଲ ଜମି ବ୍ୟବହକାରକାରୀ ସଂସ୍ଥା ଏହି ପ୍ରକଳ୍ପ ପାଇଁ ଲାଗୁ ହେଉଥିବା ସମସ୍ତ ଆଇନ, ନିୟମାବଳୀ, ଅଦାଲତ ନିର୍ଦ୍ଦେଶାବଳୀ ଓ ଜାତୀୟ ସବୁଜ ପ୍ରାଧିକରଣଙ୍କ ନିର୍ଦ୍ଦେଶାବଳୀ ଏହି ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ ଆଦେଶ ପାଳନ କରିବେ।

ଓଡ଼ିଶା ରାଜ୍ୟ ସରକାରଙ୍କଠାରୁ ଉପରୋକ୍ତ ଅନୁଚ୍ଛେଦ-2ରେ ଧାର୍ଯ୍ୟ କରାଯାଇଥିବା ସର୍ତ୍ତଗୁଡ଼ିକର ଅନୁପାଳନ ଉପରେ ରିପୋର୍ଟ ପାଇବା ପରେ ଯାଜପୁର ଜିଲ୍ଲା, କଟକ ବନଖଣ୍ଡ, ସୁକିନ୍ଦା ତହସିଲ କାଳିଆପାଣି ଗ୍ରାମ ଓ ଜଙ୍ଗଲ ବ୍ଲକ-୨୭ରେ ଅବସ୍ଥିତ ଓଡ଼ିଶା ଖଣି ନିଗମର ୧୫୩.୫୭୧ ହେକ୍ଟର କ୍ଷେତ୍ରଫଳ ବିଶିଷ୍ଟ କ୍ରୋମାଇଟ ବ୍ଲକ-୨ର ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ ୫.୭୮୨ ହେକ୍ଟରଅଞ୍ଚଳରେ ୪ ଇଞ୍ଚ ବ୍ୟାସ ବିଶିଷ୍ଟ ଗର୍ତ୍ତ ଖନନ ପାଇଁ (୯୫ଟି ଗର୍ତ୍ତ ପ୍ରତ୍ୟେକ ୦.୦୨ ହେ ହିସାବରେ ୧.୯୦ ହେକ୍ଟର ଏବଂ ରାସ୍ତା ପାଇଁ ୩.୮୮୨ ହେ.) ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ଚୂଡ଼ାନ୍ତ/ଦ୍ୱିତୀୟ ପର୍ଯ୍ୟାୟ ଅନୁମୋଦନ ପାଇଁ ମନ୍ତ୍ରଣାଳୟ ଦ୍ୱାରା ବିଚାର କରାଯିବ।

ଆପଣଙ୍କର ବିଶ୍ୱସ୍ତ
ସ୍ୱା./- ସନ୍ଦୀପ ଶର୍ମା
Assistant Inspector General of Forests (FC)

ଏକ କିତା ନକଲ ଦିଆଗଲା:-
1. ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଭୁବନେଶ୍ୱର, ଓଡ଼ିଶା ସରକାର
2. ନୋଡାଲ ଅଧିକାରୀ ଭୁବନେଶ୍ୱର, ଓଡ଼ିଶାଙ୍କ କାର୍ଯ୍ୟାଳୟ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ,
3. ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, (କେନ୍ଦ୍ରୀୟ) ଆଞ୍ଚଳିକ କାର୍ଯ୍ୟାଳୟ, ଭୁବନେଶ୍ୱର
4. ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା
5. ପର୍ଯ୍ୟବେକ୍ଷଣ ପ୍ରକୋଷ୍ଠ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଜଙ୍ଗଲ, ବନ ସଂରକ୍ଷଣ ଡିଭିଜନ, ନୂଆ ଦିଲ୍ଲୀ
6. ଗାର୍ଡ ଫାଇଲ

ସ୍ୱା./- ସନ୍ଦୀପ ଶର୍ମା
Assistant Inspector General of Forests (FC)

**F. No. 8-51/2018-FC**

# ଭାରତ ସରକାର
## ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ
(ବନ ସଂରକ୍ଷଣ ଡିଭିଜନ)

ଇନ୍ଦିରା ପର୍ଯ୍ୟାବରଣ ଭବନ, ଆଲିଗଞ୍ଜ ଜୋରବାଗ ରୋଡ୍, ନୂଆଦିଲ୍ଲୀ-110003

Dated: 5th March, 2021

ପ୍ରାପ୍ତେଷୁ
ଅତିରିକ୍ତ ସଚିବ (ଜଙ୍ଗଲ)
ଓଡ଼ିଶା ସରକାର
ଭୁବନେଶ୍ୱର

**ବିଷୟ: ଯାଜପୁର ଜିଲ୍ଲା, କଟକ ବନଖଣ୍ଡ ସୁକିନ୍ଦା ତହସିଲ ଅନ୍ତର୍ଗତ କାଳିଆପାଣି ଗ୍ରାମ ଓ ଜଙ୍ଗଲ ବ୍ଲକ-୨୭ରେ ଅବସ୍ଥିତ ଓଡ଼ିଶା ଖଣି ନିଗମର ୧୫୩.୫୭୧ ହେକ୍ଟର କ୍ଷେତ୍ରଫଳ ବିଶିଷ୍ଟ କ୍ରୋମାଇଟ ବ୍ଲକ-୨ର ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ ୫.୭୮୨ ହେକ୍ଟର ଅଞ୍ଚଳରେ ୪ ଇଞ୍ଚ ବ୍ୟାସ ବିଶିଷ୍ଟ ଗର୍ତ୍ତ ଖନନ ପାଇଁ (୯୫ଟି ଗର୍ତ୍ତ ପ୍ରତ୍ୟେକ ୦.୦୨ ହେ ହିସାବରେ ୧.୯୦ ହେକ୍ଟର ଏବଂ ରାସ୍ତା ପାଇଁ ୩.୮୮୨ ହେ.) ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ପ୍ରସ୍ତାବ।**

ମହାଶୟ,

ଉପରୋକ୍ତ ବିଷୟ ସମ୍ବନ୍ଧରେ ବନ ସଂରକ୍ଷଣ ଆଇନ, ୧୯୮୦ ଧାରା ୨ ଅନୁସାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ଅନୁମୋଦନ ନିମିତ୍ତ ରାଜ୍ୟ ସରକାରଙ୍କ ପ୍ରେରିତ ପତ୍ର ସଂଖ୍ୟା 10F(Cons)-131/2018-13603/F&E ତା20।06।2018ରିଖକୁ ଆପଣଙ୍କ ଧ୍ୟାନ ଆକର୍ଷଣ କରି ଜଣାଉଅଛି ଯେ, ବନ ସଂରକ୍ଷଣ ଆଇନ 3 1980ର ଧାରା ଅନୁସାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ବନ ଉପଦେଷ୍ଟା କମିଟି ଉପରୋକ୍ତ ପ୍ରସ୍ତାବକୁ ବିଚାର କରିଛନ୍ତି। ବନ ଉପଦେଷ୍ଟା କମିଟିଙ୍କ ନିର୍ଣ୍ଣୟ ଅନୁସାରେ, ଏହି ମନ୍ତ୍ରଣାଳୟ ତା14।09।2018ରିଖ ପତ୍ର ଅନୁସାରେ କେତେକ ସର୍ତ୍ତ ସହ ନୀତି ଦୃଷ୍ଟିରୁ ଅନୁମତି ପ୍ରଦାନ କରିଥିଲା। ରାଜ୍ୟ ସରକାର ସର୍ତ୍ତାବଳୀ ସମ୍ପର୍କରେ ଅନୁପାଳନ ପତ୍ର ପ୍ରଦାନ କରି ଚୂଡ଼ାନ୍ତ ଅନୁମୋଦନ ନିମନ୍ତେ ଅନୁରୋଧ କରିଛନ୍ତି।

2. ଓଡ଼ିଶା ରାଜ୍ୟ ସରକାରଙ୍କ ପତ୍ର ସଂଖ୍ୟା 18572/9F(MG)-375/2017 ତା22।10।2020ରିଖ ଏବଂ ପତ୍ର ସଂଖ୍ୟା 2035/9F(MG)-372/2017 ତା01।02।2021ରିଖରେ ଦିଆଯାଇଥିବା ଅନୁପାଳନପତ୍ର ଭିତ୍ତିରେ କେନ୍ଦ୍ର ସରକାର ଏତଦ୍ୱାରା ଯାଜପୁର ଜିଲ୍ଲା, କଟକ ବନଖଣ୍ଡ ସୁକିନ୍ଦା ତହସିଲ ଅନ୍ତର୍ଗତ କାଳିଆପାଣି ଗ୍ରାମ ଓ ଜଙ୍ଗଲ ବ୍ଲକ-୨୭ରେ ଅବସ୍ଥିତ ଓଡ଼ିଶା ଖଣି ନିଗମର୧୫୩.୫୭୧ ହେକ୍ଟର କ୍ଷେତ୍ରଫଳ ବିଶିଷ୍ଟ କ୍ରୋମାଇଟ ବ୍ଲକ-୨ର ଖଣିଜ ଦ୍ରବ୍ୟ ଅନୁସନ୍ଧାନ ନିମନ୍ତେ ୫.୭୮୨ ହେକ୍ଟର ଅଞ୍ଚଳରେ ୪ ଇଞ୍ଚ ବ୍ୟାସ ବିଶିଷ୍ଟ ଗର୍ତ୍ତ ଖନନ ପାଇଁ (୯୫ଟି ଗର୍ତ୍ତ ପ୍ରତ୍ୟେକ ୦.୦୨ ହେ ହିସାବରେ ୧.୯୦ ହେକ୍ଟର ଏବଂ ରାସ୍ତା ପାଇଁ ୩.୮୮୨ ହେ.) ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ବନ ସଂରକ୍ଷଣ ଆଇନ, ୧୯୮୦ର ଧାରା ୨ ଅନୁସାରେ ନିମ୍ନ ସର୍ତ୍ତାବଳୀ ସହ ଦ୍ୱିତୀୟ ଚରଣ ଅନୁମୋଦନ ପ୍ରଦାନ କରୁଛନ୍ତି।

(i) ରାଜ୍ୟ ସରକାର ନିଶ୍ଚିତ କରିବେ ଯେ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା 2 ବର୍ଷ ମଧ୍ୟରେ ଅନୁସନ୍ଧାନ କାର୍ଯ୍ୟ ସମାପ୍ତ କରିବେ।
(ii) ଅନୁସନ୍ଧାନ ପାଇଁ ଅନୁମତି ଜଙ୍ଗଲ ଜମି ବ୍ୟବହାର ସଂସ୍ଥାକୁ ଜଙ୍ଗଲ (ସଂରକ୍ଷଣ) ଅଧିନିୟମ, ୧୯୮୦ର ଧାରା ୨ (ii) ଅନୁଯାୟୀ ସେହି ନିର୍ଦ୍ଦିଷ୍ଟ ଜମିରେ ଖଣିଜ ଉତ୍ତୋଳନ ପାଇଁ ଅଣଜଙ୍ଗଲ ବ୍ୟବହାର ନିମନ୍ତେ କୌଣସି ଅଧିକାର ପ୍ରଦାନ କରିବ ନାହିଁ।
(iii) ରାଜ୍ୟ ସରକାର ଏବଂ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ନିଶ୍ଚିତ କରିବେ ଯେ କେବଳ ବିଦ୍ୟମାନ ପଥ ଏବଂ ସଡ଼କ ଜଙ୍ଗଲ ଜମି ବ୍ୟବହାର ସଂସ୍ଥା ଦ୍ୱାରା ଅନୁସନ୍ଧାନ କାର୍ଯ୍ୟକଳାପ ଉଦ୍ଦେଶ୍ୟରେ ବ୍ୟବହୃତ ହେବ। ବିଦ୍ୟମାନ ରାସ୍ତା ଏବଂ ଜଙ୍ଗଲ ରାସ୍ତାକୁ ଛାଡ଼ି, ଜଙ୍ଗଲ ଜମି ବ୍ୟବହାର ସଂସ୍ଥାକୁ 3.882 ହେକ୍ଟର ଅସ୍ଥାୟୀ ନିର୍ମାଣ ପଥ ବ୍ୟବହାର କରିବାକୁ ଅନୁମତି ଦିଆଯାଇଛି। ଅସ୍ଥାୟୀ ପଥ ନିର୍ମାଣରେ କୌଣସି ଗଛ କଟାଯିବ ନାହିଁ ଏବଂ ଅନୁସନ୍ଧାନ କାର୍ଯ୍ୟ ସମାପ୍ତ ହେବାପରେ ସମାନ ମୂଳ ଜମି ବ୍ୟବହାରକୁ ପୁନଃସ୍ଥାପିତ ହେବ।
(iv) ରାଜ୍ୟ ସରକାର ନିଶ୍ଚିତ କରିବେ ଯେ 3.882 ହେକ୍ଟର ଅଣଜଙ୍ଗଲ ଜମିରେ ଦ୍ୱିତୀୟ ପର୍ଯ୍ୟାୟ ଅନୁମୋଦନର ତିନିବର୍ଷ ମଧ୍ୟରେ କ୍ଷତିପୂରଣ ବନୀକରଣ କରାଯିବ ଏବଂ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦ୍ୱାରା ଜମା କରାଯାଇଥିବା ଅର୍ଥରେ ରାଜ୍ୟ ଜଙ୍ଗଲ ବିଭାଗ ଦ୍ୱାରା ରକ୍ଷଣାବେକ୍ଷଣ କରାଯିବ।
(v) ରାଜ୍ୟ ସରକାର ନିଶ୍ଚିତ କରିବେ ଯେ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଜଙ୍ଗଲ ଅଞ୍ଚଳରେ ପ୍ରବେଶ କରିବା ପୂର୍ବରୁ ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡର ଅନୁମତି ମାଗିବେ।
(vi) ରାଜ୍ୟ ସରକାର ଏବଂ ଜଙ୍ଗଲ ଜମି ବ୍ୟବହାର ସଂସ୍ଥା ନିଶ୍ଚିତ କରିବେ ଯେ ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡର ପୂର୍ବ ଅନୁମତି ସହିତ ପ୍ରତ୍ୟେକ Borehole ଖୋଳାଯିବ।
(vii) ରାଜ୍ୟ ସରକାର ଏବଂ ଜଙ୍ଗଲ ଜମି ବ୍ୟବହାର ସଂସ୍ଥା ନିଶ୍ଚିତ କରିବେ ଯେ ଅନୁସନ୍ଧାନ କାର୍ଯ୍ୟ ସମାପ୍ତ ହେବା ପରେ Boreholeଗୁଡ଼ିକୁ ସଠିକ୍ ଭାବରେ ପୋତାଯିବ।
(viii) ରାଜ୍ୟ ସରକାର ଏବଂ ଜଙ୍ଗଲ ଜମି ବ୍ୟବହାର ସଂସ୍ଥା ନିଶ୍ଚିତ କରିବେ ଯେ ଅନୁସନ୍ଧାନ କାର୍ଯ୍ୟ ପାଇଁ କୌଣସି ବୃକ୍ଷ କଟାଯିବ ନାହିଁ। ପ୍ରକଳ୍ପ କାର୍ଯ୍ୟକଳାପ ବୁଦା ସଫା କରିବା ଏବଂ ଜମି ପ୍ରସ୍ତୁତି ଉଦ୍ଦେଶ୍ୟରେ ବୃକ୍ଷର ଶାଖା କାଟିବାରେ ସୀମିତ ରହିବ।
(ix) ରାଜ୍ୟ ସରକାର ଏବଂ ଜଙ୍ଗଲ ଜମି ବ୍ୟବହାର ସଂସ୍ଥା ନିଶ୍ଚିତ କରିବେ ଯେ 95ଟି 4" ବ୍ୟାସ ବିଶିଷ୍ଟ ଛିଦ୍ରଗର୍ତ୍ତ ଜଙ୍ଗଲ ଜମି ମଧ୍ୟରେ ସୀମିତ ରହିବ।
(x) ରାଜ୍ୟ ସରକାର ଏବଂ ଜଙ୍ଗଲ ଜମି ବ୍ୟବହାର ସଂସ୍ଥା ନିଶ୍ଚିତ କରିବେ ଯେ ଜଙ୍ଗଲ ଜମିରେ କୌଣସି ଶ୍ରମିକ ବସତି ପ୍ରତିଷ୍ଠା ହେବ ନାହିଁ।
(xi) ରାଜ୍ୟ ସରକାର ଏବଂ ଜଙ୍ଗଲ ଜମି ବ୍ୟବହାର ସଂସ୍ଥା ନିଶ୍ଚିତ କରିବେ ଯେ ସୂର୍ଯ୍ୟାସ୍ତ ପରେ କୌଣସି କାର୍ଯ୍ୟକୁ ଅନୁମତି ଦିଆଯିବ ନାହିଁ।
(xii) ରାଜ୍ୟ ସରକାର ନିଶ୍ଚିତ କରିବେ ଯେ ଜଙ୍ଗଲ ଜମିରେ ଜଙ୍ଗଲ ଜମି ବ୍ୟବହାର ସଂସ୍ଥା ଦ୍ୱାରା ଅନ୍ୟ କୌଣସି ନିର୍ମାଣ କାର୍ଯ୍ୟ କରାଯିବ ନାହିଁ।
(xiii) ରାଜ୍ୟ ସରକାର ନିଶ୍ଚିତ କରିବେ ଯେ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଡ୍ରିଲିଂ କାର୍ଯ୍ୟର ଅଗ୍ରଗତି ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡକୁ ରିପୋର୍ଟ କରିବେ ଏବଂ ପ୍ରକଳ୍ପ ସମାପ୍ତ ହେବା ପରେ ଏହାର ବିସ୍ତୃତ ରିପୋର୍ଟ ମଧ୍ୟ ପ୍ରଦାନ କରିବେ।
(xiv) ରାଜ୍ୟ ସରକାର ନିଶ୍ଚିତ କରିବେ ଯେ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦ୍ୱାରା ପର୍ଯ୍ୟାପ୍ତ ପଦକ୍ଷେପ ଗ୍ରହଣ କରାଯିବ ଯେ ଅନୁସନ୍ଧାନ କାର୍ଯ୍ୟ ସେହି ଅଞ୍ଚଳର ବନ୍ୟଜନ୍ତୁଙ୍କୁ କ୍ଷତି ପହଞ୍ଚାଇବ ନାହିଁ। ଏହି ପ୍ରସଙ୍ଗରେ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦ୍ୱାରା କରାଯାଇଥିବା ଯେକୌଣସି କ୍ଷତି, ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡଙ୍କ ଦ୍ୱାରା ମୂଲ୍ୟାଙ୍କନ ଅନୁଯାୟୀ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଭରଣା କରିବେ।
(xv) ରାଜ୍ୟ ସରକାର ନିଶ୍ଚିତ କରିବେ ଯେ ଆଖପାଖର ଉଭିଦ ଏବଂ ଜୀବଜନ୍ତୁଙ୍କ କ୍ଷତି ପାଇଁ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦାୟୀ ରହିବେ। ଏହି ପରିପ୍ରେକ୍ଷୀରେ କରାଯାଇଥିବା ଯେକୌଣସି କ୍ଷତି, ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡଙ୍କ ମୂଲ୍ୟାଙ୍କନ ଅନୁଯାୟୀ ପ୍ରକଳ୍ପ ମୂଲ୍ୟରୁ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦ୍ୱାରା କ୍ଷତିପୂରଣ ଦିଆଯିବ।
(xvi) ଯଦି ଭାରତ ସରକାରଙ୍କ ଦ୍ୱାରା ଜଙ୍ଗଲ ଜମିରେ ଅନ୍ୱେଷଣ ପାଇଁ ତତ୍‌କ୍ଷଣାତ ଅନୁମତି ଦିଆଯାଏ, ତାହା ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥାକୁ ଭବିଷ୍ୟତରେ ଏହି ଜଙ୍ଗଲ ଜମିରେ କ୍ରୋମାଇଟ ଖନନ ପାଇଁ ଜଙ୍ଗଲ ଜମିକୁ ଅଣଜଙ୍ଗଲରେ ବ୍ୟବହାର କରିବାର କୌଣସି ଅଧିକାର ପ୍ରଦାନ କରିବ ନାହିଁ।
(xvii) ଯଦି, ଅନୁସନ୍ଧାନ ଉଦ୍ଦେଶ୍ୟରେ ବ୍ୟବହୃତ ହେବାକୁ ଥିବା ଜଙ୍ଗଲ ଜମିକୁ ଜଙ୍ଗଲ ଅଧିକାର ଆଇନ 2006 ଅନୁଯାୟୀ, କୌଣସି ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଛି, ଦାବିକାରୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବ କିମ୍ବା ଅନ୍ୟ ସ୍ଥାନରେ ଉକ୍ତ ଗର୍ତ୍ତ କରାଯିବ।
(xviii) ବନଖଣ୍ଡ ଅଧିକାରୀ, କଟକ ବନଖଣ୍ଡଙ୍କ ଜଙ୍ଗଲ ଅଞ୍ଚଳରେ ଉଭିଦ ଏବଂ ଜୀବଜନ୍ତୁଙ୍କ ସୁରକ୍ଷା ତଥା ସଂରକ୍ଷଣ ପାଇଁ ଅନ୍ୟ କୌଣସି ସର୍ତ୍ତ ଲଗାଇପାରନ୍ତି।
(xix) ଅନ୍ୱେଷଣ କାର୍ଯ୍ୟକଳାପଗୁଡ଼ିକ ଅନ୍ୱେଷଣ ପଟ୍ଟା ମଧ୍ୟରେ ଲିଜ୍ ବୈଧତା ଉପରେ ଅଧୀନ।
(xx) ଯଦି ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଦ୍ୱାରା ସର୍ତ୍ତଗୁଡ଼ିକୁ ଉଲ୍ଲଂଘନ କରାଯାଏ, ତାହେଲେ ଖଣିଜ ପଦାର୍ଥ ଅନୁସନ୍ଧାନ ପାଇଁ ଅନୁମତି ବନଖଣ୍ଡ ଅଧିକାରୀଙ୍କ ଦ୍ୱାରା ବରଖାସ୍ତ କରାଯିବ ଏବଂ ରାଜ୍ୟ ସରକାରଙ୍କ ନୋଡାଲ ଅଧିକାରୀ (ବନ ସଂରକ୍ଷଣ ଆଇନ) ଦ୍ୱାରା ଅନୁସନ୍ଧାନ କରାଯିବ ଓ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଆଞ୍ଚଳିକ କାର୍ଯ୍ୟାଳୟରେ ରିପୋର୍ଟ ଦାଖଲ କରାଯିବ।
(xxi) ରାଜ୍ୟ ସରକାର ନିଶ୍ଚିତ କରିବେ ଯେ ଅନୁସନ୍ଧାନ ସମୟରେ ସଂଗୃହୀତ ନମୁନାଗୁଡ଼ିକ କେବଳ ଅନୁସନ୍ଧାନ ଉଦ୍ଦେଶ୍ୟରେ ବ୍ୟବହୃତ ହେବ ଏବଂ କୌଣସି କ୍ଷେତ୍ରରେ ବାଣିଜ୍ୟ କିମ୍ବା ବଣିଜ ଉଦ୍ଦେଶ୍ୟରେ ବ୍ୟବହୃତ ହେବନାହିଁ।
(xxii) ଜଙ୍ଗଲ ଓ ବନ୍ୟଜୀବଙ୍କ ସଂରକ୍ଷଣ, ସୁରକ୍ଷା ଓ ଉନ୍ନୟନ ନିମିତ୍ତ ଆଞ୍ଚଳିକ କାର୍ଯ୍ୟାଳୟ ଦ୍ୱାରା ବିଭିନ୍ନ ସମୟରେ ନିର୍ଦ୍ଧାରିତ ସମସ୍ତ ସର୍ତ୍ତାବଳୀ ରାଜ୍ୟ ସରକାର ଓ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ପାଳନ କରିବେ।
(xxiii) ରାଜ୍ୟ ସରକାର ଓ ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା ଏହି ପ୍ରକଳ୍ପ ପାଇଁ ଲାଗୁ ହେଉଥିବା ସମସ୍ତ ଆଇନ, ନିୟମାବଳୀ, ଅଦାଲତ ନିର୍ଦ୍ଦେଶାବଳୀ ଓ ଜାତୀୟ ସବୁଜ ପ୍ରାଧିକରଣଙ୍କ ନିର୍ଦ୍ଦେଶାବଳୀ ଏହି ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ ଆଦେଶ ପାଳନ କରିବେ।

ଆପଣଙ୍କର ବିଶ୍ୱସ୍ତ
ସ୍ୱା./- ସନ୍ଦୀପ ଶର୍ମା
Assistant Inspector General of Forests (FC)

ଏକ କିତା ନକଲ ଦିଆଗଲା:-
1. ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଭୁବନେଶ୍ୱର, ଓଡ଼ିଶା ସରକାର
2. ଆଞ୍ଚଳିକ ଅଧିକାରୀ (କେନ୍ଦ୍ରୀୟ), ସମନ୍ୱିତ ଆଞ୍ଚଳିକ କାର୍ଯ୍ୟାଳୟ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଭୁବନେଶ୍ୱର
3. ନୋଡାଲ ଅଧିକାରୀ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ, ଓଡ଼ିଶା ସରକାର, ଭୁବନେଶ୍ୱର
4. ଜଙ୍ଗଲ ଜମି ବ୍ୟବହାରକାରୀ ସଂସ୍ଥା
5. ପର୍ଯ୍ୟବେକ୍ଷଣ ପ୍ରକୋଷ୍ଠ, ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ବନ ସଂରକ୍ଷଣ ବିଭାଗ
6. ଗାର୍ଡ ଫାଇଲ

**OIPR-30005/11/0006/2122**

# ପିଆଜ, ରସୁଣର ଅମଳ ପରବର୍ତ୍ତୀ ଯତ୍ନ



ଡ. ପରେଶ କୁମାର ପଣ୍ଡା



ସାଧାରଣ ଲୋକଟିଏ ଭାତ ମୁଠିଏ ସାଥିରେ ଚେନାଏ ପିଆଜକୁ ନିଶ୍ଚିତ ଖୋଜିଥାଏ। ଉଦୁଉଦିଆ ଖରାବେଳେ ପରିଶ୍ରମ କରି ହାଲିଆ ହୋଇ ପଡିଥିବା ଯେ କୌଣସି ଲୋକ ପାଇଁ ପିଆଜ ଔଷଧ ପରି କାମ କରିଥାଏ। ତରକାରିରେ ବିଲାତି ବାଇଗଣ ସହ ପିଆଜର ବ୍ୟବହାର ସଭିଏ ଜାଣନ୍ତି। ସବୁ ବର୍ଗର ଲୋକଙ୍କ ପାଇଁ ରସୁଣର ଔଷଧୀୟ ଗୁଣ ରହିଛି। ବହୁତ କାରଣରୁ ପିଆଜ ଏବଂ ରସୁଣର ଆବଶ୍ୟକତାକୁ ସହଜରେ ଅନୁମାନ କରାଯାଇପାରେ।

ପିଆଜକୁ ଏକ ପରିବା, ମସଲା ଦ୍ରବ୍ୟ ତଥା ଅର୍ଥକରୀ ଫସଲ ରୂପେ ବିବେଚନା କରାଯାଉଥିବା ବେଳେ ରସୁଣର ମସଲା, ଔଷଧୀୟ ଗୁଣ ଓ ଲାଭକାରୀ ବିଶେଷତଃ ସହଜରେ ଅନୁମେୟ। କିନ୍ତୁ ତାହାର ଯୋଗାଣ ଅନିୟମିତ ହେଲେ ଅଭାବୀ ବଜାର ହେତୁ ମୂଲ୍ୟ ଚଢ଼ା ହୋଇଥାଏ।

ଉଭୟ ପିଆଜ ଏବଂ ରସୁଣ ଅର୍ଦ୍ଧ-ପଚନଶୀଳ ଉତ୍ପାଦ ରୂପେ ଓଜନଜନିତ ଭୌତିକ ହ୍ରାସର ସମ୍ମୁଖୀନ ହୋଇଥାଆନ୍ତି, ଯାହା ଯଥାକ୍ରମେ ଆର୍ଦ୍ରତା ହ୍ରାସ ଓ ଶୁଷ୍କତା (୩୦-୪୦ ପ୍ରତିଶତ) ପଚନ (୧୦-୧୨ ପ୍ରତିଶତ), ରୋଗ ସଂକ୍ରମଣ (୧୫-୨୦ ପ୍ରତିଶତ) ଓ ଗଜା ହେବା (୮-୧୦ ପ୍ରତିଶତ) ହୋଇଥାଏ। ସେସବୁ କ୍ଷୟକ୍ଷତିକୁ ହ୍ରାସ କରିବା ନିମନ୍ତେ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦେବା ଆବଶ୍ୟକ।

-ଅମଳ ପୂର୍ବ ବିଷୟ ରୂପେ କିସମ ଚୟନ, ପୋଷକ ପରିଚାଳନା ଏବଂ ଜଳସେଚନ ଗୁରୁତ୍ୱପୂର୍ଣ୍ଣ। ପିଆଜର ରଙ୍ଗଜନିତ ଗ୍ରୁପ୍ ଅନୁଯାୟୀ କିସମ ସାଇତା କାଳ ଭିନ୍ନ ହୋଇଥାଏ। ବର୍ଷାଦିନିଆ ପିଆଜ କିସମ ରବି ଋତୁରେ ଏବଂ ରବି ଶୀତଦିନିଆ କିସମକୁ ବର୍ଷାଦିନେ ଚାଷ କରାଯାଇ ନ ଥାଏ। ନ ହେଲେ ସଅଳ ଫୁଲ ଆସି ଅମଳ କମ ହୋଇଥାଏ। ମୋଟା କୋଳା ତୁଳନାରେ ଛୋଟ କୋଳାଯୁକ୍ତ ପିଆଜ ଓ ରସୁଣ ଅଧିକ କାଳ ସାଇତି ରଖିହୁଏ।

-ପିଆଜ ଓ ରସୁଣର ସାଇତା କ୍ଷେତ୍ରରେ ଜଳସେଚନ ଓ ସାର ପ୍ରୟୋଗ ଗୁରୁତ୍ୱପୂର୍ଣ୍ଣ ବିଷୟ। ସୁଷମ ସାର ଓ ତାହାର ପ୍ରୟୋଗ ଏକ ଆବଶ୍ୟକତା ବିଷୟ। ଫସଲର ଅମଳ ସମୟରେ ଅଧିକ ଯବକ୍ଷାରଜାନ ପ୍ରୟୋଗ କଲେ ଗଛ ବଢ଼ିଥାଏ। ପରିପକ୍ୱତାରେ ବିଳମ୍ବ ଘଟି ସାଇତା କାଳ ମଧ୍ୟରେ ଅଣୁଜୀବମାନଙ୍କର ସଂକ୍ରମଣ ବଢ଼ାଇଥାଏ। ସାଇତା କାଳ ବୃଦ୍ଧି ନିମନ୍ତେ ପଟାସ୍ ଓ ଗନ୍ଧକ ମଧ୍ୟ ସହାୟକ ହୋଇଥାଏ, ତଥା ଅମଳର ଅନ୍ୟୂନ ଦୁଇ ସପ୍ତାହ ପୂର୍ବରୁ ଜଳସେଚନ ବନ୍ଦ କରାଯାଏ।

-ଗଛର ବେକ ଶୁଖି ଆସିବା ଏବଂ ଅଗ ତଳକୁ ଭାଙ୍ଗି ଆସିବା ହେଉଛି ପିଆଜ ଅମଳର ସମୟ। ଅମଳ ବେଳକୁ ପିଆଜର ସାନ୍ଦ୍ରତା ଓ ରାଗର ମାତ୍ରା ବୃଦ୍ଧି ପାଇଥାଏ। ଅମଳ ଡେରି ହେଲେ ଚୋପାର ଉତ୍କୃଷ୍ଟତା, ଦୃଢ଼ତାରେ ହ୍ରାସ ପରିଲକ୍ଷିତ ହେବା ସହ ଗଜା ହେବା, ଚେର ବାହାରିବା, ଓଜନ କ୍ଷୟ ଓ ସାଇତାଜନିତ ପଚାର ମାତ୍ରା ବୃଦ୍ଧି ପାଇଥାଏ। ବର୍ଷାଦିନିଆ ପିଆଜକୁ ସାଧାରଣତଃ ସବୁଜ ସାଲାଡ ରୂପେ ବ୍ୟବହାର କରାଯାଏ। ରସୁଣ ଅମଳ ନିମନ୍ତେ ଅଗ ହଳଦିଆ ପଡି ଶୁଖିଯାଇ ବାଙ୍କି ଯାଇଥିବା ଦରକାର। ଯେତେବେଳେ ପିଆଜ ଫସଲ ୫୦ ପ୍ରତିଶତ ବେକ ଭାଙ୍ଗି ଆସିଥାଏ ଓ ରସୁଣ ଫସଲର ୫୦ ପ୍ରତିଶତ ପତ୍ର ଶୁଖି ଆସିଥାଏ, ସେତେବେଳେ ଅମଳ କରାଯାଏ। ଅମଳ ବେଳକୁ ମୂଳ ଦୃଢ଼, ଶଣ୍ଢ ଓ ଚୋପା ପାକଳ ଓ ଉତ୍ତମ ଆକାର ହୋଇଥିବା ଭଲ।

- ପିଆଜ ଏବଂ ରସୁଣ ଅମଳ ସମୟରେ ହାଲୁକା ମାଟିରେ ହାତରେ ଟାଣି ଦିଆଯାଏ କିମ୍ବା ଯନ୍ତ୍ର ସାହାଯ୍ୟରେ ଖୋଳାଯାଏ। ସରୁଆ ଶଣ୍ଢଯୁକ୍ତ ପିଆଜ ସାଇତା ପାଇଁ ଉତ୍ତମ।

-ବର୍ଷାଦିନେ ଚାଷ ହୋଇଥିବା ପିଆଜ ନଭେମ୍ବର-ଡିସେମ୍ବର ବେଳକୁ ଓ ଶୀତଦିନିଆ ପିଆଜକୁ ମଇ ମାସ ବେଳକୁ ଅମଳ କରାଯାଏ।

-ରସୁଣ କେବଳ ରବି ଋତୁରେ ହିଁ ଚାଷ କରାଯାଏ।

-ରବି ଋତୁରେ ଚାଷ କରାଯାଇଥିବା ପିଆଜ ସାଇତା କାଳ ଅଧିକ। ଏହି ସମୟରେ ତ୍ରୁଟିଯୁକ୍ତ, ଗଜା ଆସିଥିବା, ପୋକ କ୍ଷତଯୁକ୍ତ, ସୌର ଚିହ୍ନଯୁକ୍ତ, ସବୁଜ ଏବଂ ଘଷରା ପିଆଜକୁ ଅଲଗା ରଖାଯାଏ।

ଏଠାରେ ଉଲ୍ଲେଖ କରିବା ଗୁରୁତ୍ୱପୂର୍ଣ୍ଣ ଯେ, କ୍ଷେତରେ ଉପୁଡା ପରେ ପିଆଜ ଓ ରସୁଣ ମୁଣ୍ଡା ଉପରେ ସାଇଁକୁ ଘୋଡାଇ ରଖି ଧାଡି କରି ୪-୫ଦିନ ଶୁଖାଯାଏ। ତହିଁ ପରେ ଛାଇ ଜାଗାରେ ୨-୩ ସପ୍ତାହ ପାଇଁ ତାହାକୁ ଖେଳାଇ ଶୁଖାଯାଏ, ଯଦ୍ୱାରା ଚୋପା ଟାଣ ଓ ଉତ୍ତମ ରଙ୍ଗଯୁକ୍ତ ହେବ, ଜଳୀୟ ଅଂଶ ହ୍ରାସ ପାଇବ ଓ ସାଇତା କାଳରେ ଅଣୁଜୀବ ସଂକ୍ରମଣ ଯଥେଷ୍ଟ କମିଯିବ। ସମ୍ପୂର୍ଣ୍ଣ ଶୁଖିଯିବା ପରେ ପିଆଜ ଓ ରସୁଣ ମୂଳଠାରୁ ଦୁଇ ସେମି ରଖି ପତ୍ର ସହ କାଟି ଦିଆଯାଏ। ତା'ପରେ ବ୍ୟାସ ଅନୁସାରେ ୪ଟି ଆକାରରେ ଯଥା- ବଡ, ମଧ୍ୟମ, ସାନ ଓ ଖୁବ୍ ସାନ ଭାବରେ ବର୍ଗୀକରଣ କରାଯାଏ।

> "ବର୍ଷାଦିନିଆ ପିଆଜ କିସମ ରବି ଋତୁରେ ଏବଂ ରବି ଶୀତଦିନିଆ କିସମକୁ ବର୍ଷାଦିନେ ଚାଷ କରାଯାଇ ନ ଥାଏ। କାରଣ ଏଭଳି କଲେ ସଅଳ ଫୁଲ ଆସି ଅମଳ କମ ହୋଇଥାଏ। ମୋଟା କୋଳା ତୁଳନାରେ ଛୋଟ କୋଳାଯୁକ୍ତ ପିଆଜ ଓ ରସୁଣ ଅଧିକ କାଳ ସାଇତି ରଖିହୁଏ।"





ସାଇତା ଘରର ଆପେକ୍ଷିତ ଆର୍ଦ୍ରତା ଓ ତାପମାତ୍ରା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଆପେକ୍ଷିକ ଆର୍ଦ୍ରତା ୬୫-୭୦ ଶତକଡା ରହିଲେ ଭଲ। ୭୦ ଶତକଡାରୁ ଅଧିକ କ୍ଷେତ୍ରରେ ଚାରା ଆସିବା, ଫିମ୍ପି ବୃଦ୍ଧି ଓ ପଚନ ବୃଦ୍ଧି ଘଟିଥାଏ। କିନ୍ତୁ ୬୫ ଶତକଡାରୁ କମ୍ ହେଲେ ପିଆଜ ଓ ରସୁଣ ଅଧିକ ଶୁଖି ଶୁକୁଟି ଯାଏ ଓ ଓଜନ କମିଯାଏ। ୫-୨୦ ଡିଗ୍ରୀ ସେଲସିୟସ ଉତ୍ତାପ ମଧ୍ୟରେ ଗଜା ଆସିଥାଏ। ମାତ୍ର ୩୦-୩୫ ଡିଗ୍ରୀ ସେଲସିୟସ ତାପମାତ୍ରା ସାଇତା ପାଇଁ ଉପଯୁକ୍ତ। ସାଇତା ସ୍ଥାନ ପରିଷ୍କାର ଓ ଶୁଖିଲା ରହିବା ଆବଶ୍ୟକ। ପ୍ରତି ଦୁଇ ସପ୍ତାହରେ ଥରେ ସାଇତା ଘରେ ଖେଳାଇ ଦେଖି ପଚା ଓ ସଂକ୍ରମିତ ପିଆଜ ଓ ରସୁଣକୁ ବାହାର କରିଦିଆଯାଏ। ଭଲ ପବନ ଆତଯାତ ହୋଇ ପାରୁଥିବା ଡୋଲି ଅଥବା ଅଳ୍ପ ଖର୍ଚ୍ଚରେ ତିଆରି ସାଇତା କୋଠରି ତିଆରି କରି ସାଇତି ରଖାଯାଇପାରିବ। କାଠ ଓ ବାଉଁଶରେ ଡୋଲି ତିଆରି କରାଯାଇପାରିବ। ସ୍ୱଳ୍ପ ମୂଲ୍ୟର ସାଇତା ଗୃହ (ବର୍ଗାକାର), ଇଟା, ବାଲି ଓ ସିମେଣ୍ଟରେ କାନ୍ଥ ତିଆରି କରି ନିର୍ମାଣ କରାଯାଇପାରିବ। ତା' ଉପରେ ବାଉଁଶ ଓ ନଡା ଦ୍ୱାରା ଚାଳ ଛପର କରାଯାଏ। ଏହା ତିନି ବା ଊର୍ଦ୍ଧ୍ୱ ଥାକ ବିଶିଷ୍ଟ ଭାଡିରେ ସାଇତା ଲାଗି ଉପଯୁକ୍ତ ହୋଇପାରିବ। ଏହା ସହ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ସମୟରେ ମୂଷା ପ୍ରତି ଦୃଷ୍ଟି ଦେବା ଦରକାର।

ସୁତରାଂ, ଅମଳ ପରବର୍ତ୍ତୀ ରଖା ଓ ସାଇତାଜନିତ ପଦକ୍ଷେପ ଗ୍ରହଣ କରି କ୍ଷୟକୁ ହ୍ରାସ କରିବା ସହିତ ଉତ୍ତମ ଗୁଣ ମାନର ପିଆଜ ଓ ରସୁଣ ଉତ୍ପାଦରୁ ଉଚିତ ବଜାର ଦର୍ ପାଇ ଆମ ରାଜ୍ୟର କୃଷକ ଭାଇ ଓ ଭଉଣୀମାନେ ବେଶ୍ ଲାଭବାନ ହୋଇପାରିବେ।

*-ସହକାରୀ ବିହନ ପ୍ରମାଣନ ଅଧିକାରୀ, ଭୁବନେଶ୍ୱର*
*ମୋ : ୭୨୦୫୦୯୬୦୮୦*

# ରୋଜଗାରର ବାଟ ଦେଖାଉଛନ୍ତି ପ୍ରଦୀପ

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ଗ୍ରାମର ପ୍ରଦୀପ କୁମାର ସେଠୀ। ପୂର୍ତ୍ତ ବିଭାଗରେ ମୁଖ୍ୟ କିରାଣି ଭାବରେ କାମ କରନ୍ତି। କିନ୍ତୁ ବାପାଙ୍କ ସମୟରୁ କରିଆସୁଥିବା ଚାଷକୁ ଛାଡିନାହାନ୍ତି। ନିଜେ ଅମଳ କରୁଥିବା ପନିପରିବା ଧରି ହାଟବଜାରରେ ବିକିବାକୁ ଯାଇଥାନ୍ତି। ତା' ସହ ୧୦ଜଣଙ୍କୁ ଚାଷ କାର୍ଯ୍ୟରେ ଲଗାଇ ରୋଜଗାରକ୍ଷମ କରାଇପାରିଛନ୍ତି। ଏବେ ଅନ୍ୟମାନଙ୍କୁ ଚାଷ ପ୍ରଣାଳୀ ଶିଖାଇବା ସହ ଚାଷ ଲାଗି ପ୍ରୋତ୍ସାହିତ କରି ସ୍ଥାନୀୟ ଅଞ୍ଚଳରେ ଉଦାହରଣ ପାଲଟିଛନ୍ତି। "ଏବେ ମୁଁ ପାଖାପାଖି ୧୦ ଏକର ଜମିରେ ବାଇଗଣ, ବିଲାତି, ଭେଣ୍ଡି, କାକୁଡି, ସୂର୍ଯ୍ୟମୁଖୀ, ଧଣିଆ ଆଦି ଚାଷ କରୁଛି। ଏହାବ୍ୟତୀତ ଧାନ, ଗହମ, ସୋରିଷ, ମୁଗ, ହରଡ ଆଦି ଚାଷ ମଧ୍ୟ ହୋଇଛି। ପାଖାପାଖି ୨୦ ବର୍ଷ ହେଲା ଚାଷ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଛି। ମୋ ବାପା ଶ୍ୟାମ ସୁନ୍ଦର ସେଠୀ ମଧ୍ୟ ଚାକିରି କରିବା ସହ ଧାନ ଚାଷ କରୁଥିଲେ। ତେଣୁ ତାଙ୍କ ଦ୍ୱାରା ପ୍ରଭାବିତ ହୋଇ ଚାଷକାର୍ଯ୍ୟ ଜାରି ଯୋଡି ହୋଇଛନ୍ତି। ତେବେ ଏଠାରେ ମୁଖ୍ୟ ସମସ୍ୟା ହେଉଛି ବଜାର। ଅନେକ ସମୟରେ ଅଭାବୀ ବିକ୍ରିର ସମ୍ମୁଖୀନ ହେବାକୁ ପଡୁଛି। ପନିପରିବା ସାଇତିବା ପାଇଁ ଶୀତଳ ଭଣ୍ଡାର ନ ଥିବାରୁ କମ ଦାମରେ ବିକିବାକୁ ବାଧ୍ୟ ହେଉଛୁ। କେତେକ ସମୟରେ ପନିପରିବା ବିକ୍ରି ହୋଇ ନ ପାରିଲେ ନଷ୍ଟ ହୋଇଯାଏ ଏବଂ ଫୋପାଡିବାକୁ ପଡେ ବୋଲି କହନ୍ତି ପ୍ରଦୀପ।"

ପ୍ରାୟ ଏକ ଏକର ଜମିରେ ବାଇଗଣ, ଦୁଇ ଏକରରେ ଟମାଟୋ ଚାଷ କରିଛନ୍ତି ସେ। ପାଖାପାଖି ୫୦ ହଜାର ଖର୍ଚ୍ଚ କରିଛନ୍ତି। ଠିକ ଦର ମିଳିଲେ ୩/୪ ଲକ୍ଷ ଟଙ୍କା ମିଳିବ ବୋଲି କହନ୍ତି ପ୍ରଦୀପ। ଅଫିସରୁ ଫେରିବା ପରେ ସେ ତୋଳାଯାଇଥିବା ପନିପରିବାକୁ ଧୋଇ ବସ୍ତା/ବ୍ୟାଗରେ ଭର୍ତ୍ତି କରିଥାନ୍ତି। ଭୋରରୁ ଉଠି ସେସବୁ ବିକିବାକୁ ନିଜେ ହାଟବଜାରକୁ ଯାଇଥାନ୍ତି। କେତେକ ସମୟରେ ପିକଅପ ଭ୍ୟାନ ଧରି ବେପାରୀମାନେ ଆସି ଏଠାରୁ ପନିପରିବା ଅନ୍ୟ ଜିଲା ବା ରାଜ୍ୟକୁ ନେଇଯାଆନ୍ତି। ତେବେ ଏହି ଚାଷ କାର୍ଯ୍ୟରେ ସ୍ତ୍ରୀ ରୀନା ସେଠୀ ସହଯୋଗ କରିଥାନ୍ତି। ତାଙ୍କର ଦୁଇ ପୁଅ ପାଠ ପଢୁଛନ୍ତି। ପ୍ରକୃତ ପକ୍ଷେ



ନିଜ କ୍ଷେତରେ ପ୍ରଦୀପ କୁମାର ସେଠୀ

ରଖିଛି। ଚାଷୀମାନଙ୍କ ମଧ୍ୟରେ ଏକତା ରକ୍ଷା କରିବା ପାଇଁ ଅନ୍ୟମାନଙ୍କ ସହଯୋଗରେ କେନ୍ଦୁଝର ଜିଲା କୃଷକ ମହାସଂଘ ଗଠନ କରିଛି। ଏଥିରେ ପ୍ରାୟ ୫୦୦ ଚାଷୀ ଚାଷ ମାଧ୍ୟମରେ ଅନ୍ୟକୁ ରୋଜଗାରର ବାଟ ଦେଖାଇବା ଆଉ ଚାଷୀଙ୍କୁ ନୂତନ ଚାଷ ପ୍ରଣାଳୀ ପ୍ରଶିକ୍ଷଣ ଦେବାରେ ଅଧିକ ଆନନ୍ଦ ମିଳିଥାଏ ବୋଲି କୁହନ୍ତି ପ୍ରଦୀପ।

**-ନରେଶ ଚନ୍ଦ୍ର ପଟ୍ଟନାୟକ**

# ମାଛ ଯାଆଁଳ ଛାଡ଼ିବା ପରେ...



ମାଛ ଯାଆଁଳ ସଂଗ୍ରହ କରନ୍ତୁ। ଯାଆଁଳ ଛାଡ଼ିବା ପରେ ଅଖା ଭିତରେ ଖତ ଓ କୁଣ୍ଡା ରଖି ପୋଖରୀରେ ଛାଡି ଦିଅନ୍ତୁ। ନୂଆକରି ମାଛଚାଷ କରୁଥିଲେ ପୋଖରୀର ଆକାର ଦେଖି ପୋଖରୀ ପ୍ରତି ୫ରୁ ୧୦କିଗ୍ରା ଚୂନ ପ୍ରୟୋଗ କରନ୍ତୁ। ପାଣିର ସୁବିଧା ଦେଖି ମାଛ ଯାଆଁଳ ଚାଷ କରନ୍ତୁ। ଯାଆଁଳ ଉତ୍ପାଦନ କେନ୍ଦ୍ରରୁ ମାଛ ବିହନକୁ ଯାଆଁଳ ପର୍ଯ୍ୟନ୍ତ ବଢ଼ାଇ ଯେଉଁଠି ଅଧିକ ପାଣିର ସୁବିଧା ରହିଛି ସେଠାରେ ଆଗାମୀ ଦିନ ପାଇଁ ସାଇତି ରଖିହେବ। ପୋଖରୀରେ ପଟୁମାଟି ମାଡିଯାଇଥିଲେ ଏହାକୁ କାଢ଼ି ପାଣି ନିର୍ମଳ ହେବାପରେ ମାଛ ଯାଆଁଳ ଛାଡ଼ନ୍ତୁ।

# ଚିନାବାଦାମରେ କୋଡ଼ାଖୁସା ସମୟରେ...



ଆଗରୁ ଲଗାଯାଇଥିବା ଚିନାବାଦାମ ଚାରି ସପ୍ତାହର ହୋଇଯାଇଥିଲେ କୋଡାଖୁସା କରି ଘାସ ବାଛି ଦିଅନ୍ତୁ ଏବଂ ତା'ପରେ ଏକର ପ୍ରତି ୧୦୦ କିଗ୍ରା ଜିପ୍ସମ୍ ଛାଟନ୍ତୁ। ଯଦି ଗଛ ଧାଡିର ପାର୍ଶ୍ୱରେ ଲାଇନ୍ କରି ପକାଯାଏ, ଏକର ପ୍ରତି କେବଳ ୫୦ କିଗ୍ରା ଜିପ୍ସମ୍ ଆବଶ୍ୟକ ହୋଇଥାଏ। ଫସ୍‌ଫରସ୍ ସାରକୁ ଆମୋନିୟମ୍ ସଲ୍‌ଫେଟ୍ କିମ୍ବା ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରିଥିଲେ ଜିପ୍‌ସମ୍‌ର ଆବଶ୍ୟକତା ପଡେ ନାହିଁ। ଜମିର ବତର ଦେଖି ଜଳସେଚନର ବ୍ୟବସ୍ଥା କରନ୍ତୁ। ରବି, ଚିନାବାଦାମ ପାଇଁ ଜମି ପ୍ରସ୍ତୁତ କରନ୍ତୁ ଓ ଉନ୍ନତ କିସମ ଯଥା ଏକେ ୧୨ - ୨୪, ସ୍ମୃତି କିମ୍ବା ଜେ.ଏଲ୍ - ୨୪ ଆଦି ବ୍ୟବହାର କରନ୍ତୁ।

# ପାଳଛତୁ ଚାଷ ପାଇଁ ପ୍ରସ୍ତୁତି



ପାଳଛତୁ ଚାଷ ଲାଗି କୌଣସି ଏକ କୁଣ୍ଡ କିମ୍ବା ବଡ ଓସାରିଆ ଟିଣ ପାତ୍ରରେ (ଆଖୁରସ ରାନ୍ଧିବା ଟିଣ ହେଲେ ଭଲ) ୧୦୦ ଲିଟର ପାଣି ନିଅନ୍ତୁ। ସେଥିରେ ୮ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ଦିଅନ୍ତୁ। ସେହି ପାଣିରେ ନଡାବିଡାଗୁଡିକୁ (୩୦ ବିଡା) ୧୨ ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ବତୁରାଇ ଦିଅନ୍ତୁ। ତା' ପରେ ନଡା ଛାଣି ନଡାରୁ ଅଧିକ ପାଣି ନିଗାଡି ଦେବା ପାଇଁ ବିଡାଗୁଡିକୁ ୨ ରୁ ୩ ଘଣ୍ଟା ପର୍ଯ୍ୟନ୍ତ ଛାଇରେ ଛିଡା କରି ରଖନ୍ତୁ। ବୋତଲ ବା ପ୍ୟାକେଟରୁ ଛତୁ ମଞ୍ଜିକୁ ଅଗବଙ୍କା ହୋଇଥିବା ଲୁହାଖାଡି ସାହାଯ୍ୟରେ କିମ୍ବା ବୋତଲ ଭାଙ୍ଗି ବାହାର କରି ତାକୁ ଭାଗ କରନ୍ତୁ। ଭାଡି ଉପରେ ପ୍ରଥମେ ପୂର୍ବ ପଶ୍ଚିମ ଭାବରେ ୯ ଇଞ୍ଚ ବହଳରେ ୯ ଭିଜା ବିଡା ନଡାକୁ ଖୋଲି ବିଛାଇ ଦିଅନ୍ତୁ। ଯେପରି ନଡା ମୂଳ ଭାଗ ବାହାରକୁ ରହିବ। ତା'ପରେ ସେହି ଛତୁ ମଞ୍ଜି ଖଣ୍ଡଗୁଡିକ ଉପରେ ୧ ଭାଗ ବୁଟଗୁଣ୍ଡ ବା ହରଡ ଗୁଣ୍ଡ ବୁଣି ଦିଅନ୍ତୁ। ବର୍ତ୍ତମାନ ୨ୟ ସ୍ତର ନଡା(୯ ବିଡାକୁ) ୯ ଇଞ୍ଚ ବହଳରେ ଉତ୍ତର ଦକ୍ଷିଣ ଭାବେ ବିଛାନ୍ତୁ। ଠିକ୍ ପୂର୍ବ ପରି ଛତୁ ମଞ୍ଜି ଓ ବୁଟଗୁଣ୍ଡ ବା ହରଡ ଗୁଣ୍ଡ ପ୍ରୟୋଗ କରନ୍ତୁ। ତା' ପରେ ତୃତୀୟ ସ୍ତର ନଡା (୯ ବିଡାକୁ) ୯ ଇଞ୍ଚ ବହଳରେ ପୂର୍ବ ପଶ୍ଚିମ ଭାବେ ବିଛାନ୍ତୁ। ଏହା ପରେ ଦ୍ୱିତୀୟ ଭାଗ ଛତୁ ମଞ୍ଜିକୁ ପୂର୍ବ ପରି ଚାରିକଡେ ଓ ମଝିରେ ମଧ୍ୟ ରଖନ୍ତୁ। ପୁଣି ବଳକା ଦ୍ୱିତୀୟ ଭାଗ ବୁଟଗୁଣ୍ଡ ବା ହରଡଗୁଣ୍ଡ ପ୍ରୟୋଗ କରନ୍ତୁ। ଶେଷରେ ରହିଥିବା ୩ ବିଡା ନଡାକୁ ଏହି ତୃତୀୟ ସ୍ତର ଉପରେ ଉତ୍ତର ଦକ୍ଷିଣ ଭାବରେ (ଚତୁର୍ଥ ସ୍ତର)୨ - ୩ ଇଞ୍ଚ ବହଳରେ ବିଛାଇ ଦିଅନ୍ତୁ। ବର୍ତ୍ତମାନ ଏହି ଛତୁ ବେଡ୍ ବା ଛତୁ ପଟିକୁ ପଲିଥିନ୍ ଚାଦର ଦ୍ୱାରା ସମ୍ପୂର୍ଣ୍ଣ ଘୋଡାଇ ଦିଅନ୍ତୁ। ୭ ରୁ ୮ ଦିନ ପରେ ଏହି ପଲିଥିନ୍ ଚାଦରକୁ କାଢି ଦିଅନ୍ତୁ। ପଲିଥିନ୍ କାଢିବାର ଦିନକ ପରେ ପ୍ରତିଦିନ ସ୍ପ୍ରେୟର ଦ୍ୱାରା କିମ୍ବା ଝରା ଦ୍ୱାରା ୩ - ୪ ଥର ପାଣି ସ୍ପ୍ରେ କରନ୍ତୁ।

# ଫଳଚାଷ ପୂର୍ବରୁ...



ଓଡ଼ିଶାର ଜଳବାୟୁରେ ବିଭିନ୍ନପ୍ରକାର ଫଳଚାଷ ଲାଭଜନକ ଭାବେ କରାଯାଇପାରିବ, ଯଥା- ଆମ୍ବ, ନଡିଆ, କଦଳୀ, କାଜୁବାଦାମ, ପିଜୁଳି, ସପେଟା, ଅମୃତଭଣ୍ଡା ଇତ୍ୟାଦି। ଉଚ୍ଚ ଗଡାଣିଆ ବା ଅନୁର୍ବର ଜମିରେ ମଧ୍ୟ ଏହି ଚାଷ କରାଯାଇପାରିବ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାର କରି ଦୁଇ ତିନି ଓଡ ଚାଷ କରନ୍ତୁ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖନ୍ତୁ। ଗାତରୁ ଖୋଳା ହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ, କମଳା, ନଡିଆ, ପିଜୁଳି, ପଣସ, ଲିଚୁ ଇତ୍ୟାଦି ପାଇଁ ଏକ ମିଟର ଗଭୀର ଓ ଏକ ମିଟର ଗୋଲେଇର ଗାତ, କଦଳୀ ଓ ଅମୃତଭଣ୍ଡା ଲାଗି ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଖୋଳନ୍ତୁ। ସପୁରି ପାଇଁ ୩୦ସେମି ଚଉଡା ଓ ୧୫ସେମି ଗଭୀରରେ ନାଳୀ ଖୋଳିବା ଆବଶ୍ୟକ।

## ଏଥର ହେବନି ଝଣ୍ଡାଯାତ୍ରା

କଟକ ଅଫିସ, ୧୩।୪: କଟକ ମହାନଗର ଏକତା କମିଟି ପକ୍ଷରୁ ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଝଣ୍ଡାଯାତ୍ରା ବନ୍ଦ ରଖାଯିବାକୁ ନିଷ୍ପତ୍ତି ନିଆଯାଇଛି। ସ୍ଥାନୀୟ ବଡେଇସାହିସ୍ଥିତ ରାମମନ୍ଦିର ପରିସରରେ ମଙ୍ଗଳବାର ଅନୁଷ୍ଠିତ ସଭାରେ ଏହି ନିଷ୍ପତ୍ତି ହୋଇଛି। ଏହି ସଭାରେ କମିଟିର ରାଜ୍ୟ ସଂଗଠନ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ, ସଭାପତି ପ୍ରକାଶ ମହାନ୍ତି, ସାଧାରଣ ସମ୍ପାଦକ ପରୀକ୍ଷିତ ମହାରଣା, ଗୌତମ ପରିଡ଼ା, ବିକ୍ରମ ବାରିକ, ଲିଙ୍ଗରାଜ ହାତୀ, ଚିରଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ୨ ଆଇଟି ସକ୍ଷମ ମଡ୍ୟୁଲ୍ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୩।୪(ବ୍ୟୁରୋ)

- ଓଏମ୍‌ସିରେ ଯୋଗଦେଲେ ୧୦୦ ଜେଇଏ
- ଦକ୍ଷତାର ସହ କାର୍ଯ୍ୟ କରିବାକୁ ପରାମର୍ଶ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ୫-ଟି ପଦକ୍ଷେପ ଅନୁଯାୟୀ ୨ଟି ଆଇଟି ସକ୍ଷମ ମଡ୍ୟୁଲ୍‌ର ଶୁଭାରମ୍ଭ କରିଛନ୍ତି। ଲୋକସେବା କନ୍‌ଭେନଶନ ସେଣ୍ଟରଠାରେ ଓଡ଼ିଶା ଖଣି ନିଗମରେ ନବନିଯୁକ୍ତ ୧୦୦ଜୁନିୟର ଏକ୍‌ଜିକ୍ୟୁଟିଭ ଆସିଷ୍ଟାଣ୍ଟ(ଜେଇଏ)ଙ୍କ ପାଇଁ ଆୟୋଜିତ କର୍ମଶାଳାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂତନ ଭାବେ ନିଯୁକ୍ତ ହୋଇଥିବା ଜେଇଏମାନେ ସ୍ୱଚ୍ଛତା ଏବଂ ଦଳଗତ ଭାବେ କାର୍ଯ୍ୟକରିବା ଆବଶ୍ୟକ। ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧି ସହାୟତା କରୁଥିବା ଏବଂ ଗୋଷ୍ଠୀଗତ ସାମାଜିକ ଉତ୍ତରଦାୟିତ୍ୱ(ସିଏସ୍‌ଆର) କାର୍ଯ୍ୟକଳାପରେ ବହୁ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀ ଓଏମ୍‌ସିକୁ ପ୍ରଶଂସା କରିଛନ୍ତି। ୨ଟି ଅତିରିକ୍ତ ଆଇଟି ସିଷ୍ଟମ୍ ଲାଗୁ କରି ଓଏମ୍‌ସି ଦେଶରେ ବୃହତ୍ ତଥା ଦ୍ରୁତତମ ସରକାରୀ ଖଣି ଉଦ୍ୟୋଗରେ ପରିଣତ ହୋଇ ଏହାର ବ୍ୟବସାୟ ପ୍ରକ୍ରିୟାକୁ ଆହୁରି ମଜଭୁତ କରିପାରିଛି। 'ଗନ୍ଧମାର୍ଦ୍ଦନ ଆଇରନ୍ ଓର୍ ମାଇନ୍ସ ଟ୍ରାଫିକ୍ ଆଣ୍ଡ ଓର୍ ଡେସ୍‌ପାଚ୍ ଅଟୋମେଶନ୍ ପ୍ରକଳ୍ପ' ହେଉଛି ଏକ ଟେକ୍ନୋଲୋଜି ସକ୍ଷମ ସମାଧାନ, ଯାହା ଖଣିଜ ପଦାର୍ଥ ବିକ୍ରୟ ବୃଦ୍ଧି, ସ୍ୱଚ୍ଛତା ଓ ସୁରକ୍ଷାର ମାନକୁ ନିଶ୍ଚିତ କରିଥାଏ। ଅନ୍ୟାନ୍ୟ ଆଇଟି ମଡ୍ୟୁଲ୍ 'ଭେଣ୍ଡର ଇନ୍‌ଭଏସ୍ ମ୍ୟାନେଜମେଣ୍ଟ ସିଷ୍ଟମ୍'କେନ୍ଦ୍ରାଙ୍କୁ ଠିକ୍ ସମୟରେ ଦେୟ ପ୍ରଦାନ ଏବଂ ସ୍ୱଚ୍ଛ ପ୍ରକ୍ରିୟା ଇନ୍‌ଭଏସ ପ୍ରକ୍ରିୟାକରଣ ପାଇଁ ଏକ ଡିଜିଟାଲ୍ ପ୍ଲାଟଫର୍ମ ପ୍ରଦାନ କରେ। ଇସ୍ପାତ୍ ଏବଂ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି ଯେ ୧୯୫୬ରୁ ଓଏମ୍‌ସି ବିକାଶ ଏବଂ ସିଏସ୍‌ଆର କାର୍ଯ୍ୟକଳାପ କ୍ଷେତ୍ରରେ ରାଜ୍ୟକୁ ଆଗେଇ ନେଉଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ। ଇସ୍ପାତ ଓ ଖଣି ବିଭାଗ ସଚିବ ତଥା ଓଏମ୍‌ସି ଅଧକ୍ଷ ସୁରେନ୍ଦ୍ର କୁମାର ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଏମ୍‌ସି ଏମ୍‌ଡି ବଲୱନ୍ତ ସିଂ ଧନ୍ୟବାଦ ଅର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ ୫-ଟି ଅଭିନବ କାର୍ଯ୍ୟକ୍ରମ ସମ୍ପର୍କରେ ଜେଇଏମାନଙ୍କୁ ଅବଗତ କରାଇଥିଲେ। ରାଜ୍ୟରେ ପରିବର୍ତ୍ତନ ଆଣିବାରେ ସେମାନେ କିପରି ୫-ଟିର ନୀତି ଅନୁସରଣ କରିବେ ସେ ବିଷୟରେ ସୂଚନା ଦେଇଥିଲେ।



ଲୋକସେବା ଭବନ କନ୍‌ଭେନ୍ସନ ସେଣ୍ଟରରେ ମଙ୍ଗଳବାର ଓଡ଼ିଶା ଖଣି ନିଗମରେ ନୂତନ ଭାବେ ନିଯୁକ୍ତ ୧୦୦ କନିଷ୍ଠ କାର୍ଯ୍ୟନିର୍ବାହୀ ସହାୟକଙ୍କ ପାଇଁ ଆୟୋଜିତ ଆଭିମୁଖ୍ୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ସ୍ୱଚ୍ଛତା ଏବଂ ଦଳଗତ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବା ସହ ନିଯୁକ୍ତି ପତ୍ର ପ୍ରଦାନ କରୁଛନ୍ତି।

# 'ରାଜଧାନୀକୁ ସୁନ୍ଦର ରଖିବା ସମସ୍ତଙ୍କ କର୍ତ୍ତବ୍ୟ'

ଭୁବନେଶ୍ୱର, ୧୩।୪(ବ୍ୟୁରୋ)



ସୂଚନା ଭବନଠାରେ ରାଜଧାନୀ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଏବଂ ଅନ୍ୟ ଅତିଥିମାନେ।

- ୭୩ ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳିତ
- ୧୩ ଜଣଙ୍କୁ ରାଜଧାନୀ ଗୌରବ ସମ୍ମାନ

ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟି ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ୭୩ତମ ରାଜଧାନୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କୋଭିଡ୍ କଟକଣା ଅନୁପାଳନ ପୂର୍ବକ ଏହି କାର୍ଯ୍ୟକ୍ରମ ଉଭୟ ମଞ୍ଚ ଓ ଭର୍ଚୁଆଲ ମାଧ୍ୟମରେ ହୋଇଥିଲା। ସନ୍ଧ୍ୟାରେ ସୂଚନା ଭବନରେ ଆୟୋଜିତ କାର୍ଯ୍ୟକ୍ରମକୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରି ପ୍ରାଚୀନ ଓଡ଼ିଶାର ଗୌରବମୟ ଇତିହାସ ଓ ରାଜଧାନୀ ଭୁବନେଶ୍ୱରର ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦିଗ୍‌ଦର୍ଶନ ଫଳରେ ସହରର ବିକାଶ ହେବା ସହ ଏହାର ରୂପରେଖରେ ପରିବର୍ତ୍ତନ ଆସିଛି। ସେହିପରି ବୃହତ୍ତର ସହରର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରରେ ବିକାଶ ଯୋଗୁ ରାଜଧାନୀ ଭୁବନେଶ୍ୱର ସମସ୍ତଙ୍କର ପ୍ରିୟ ହୋଇପାରିଛି। ତେବେ ରାଜଧାନୀକୁ ସର୍ବଦା ସ୍ୱଚ୍ଛ ଓ ସୁନ୍ଦର ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ତଥା କର୍ତ୍ତବ୍ୟ ବୋଲି ପାତ୍ର ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇଥିଲେ। ଭୁବନେଶ୍ୱର ମନ୍ଦିରମାଳିନୀ ସହରରୁ ବିକଶିତ ହୋଇ ସ୍ମାର୍ଟ ସିଟିର ମାନ୍ୟତା ପାଇବା ଓ ଦେଶରେ ଅଗ୍ରଣୀ ସହରର ସମତୁଲ୍ୟ ହେବା ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ ବୋଲି ସେ କହିଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଓଡିଶା ରିଭ୍ୟୁ ତଥା ଉତ୍କଳ ପ୍ରସଙ୍ଗର ସମ୍ପାଦକ ଡ. ଲେନିନ୍ ମହାନ୍ତି, ଖୋର୍ଦ୍ଧା ଜିଲାପାଳ ସନତ କୁମାର ମହାନ୍ତି, ରାଜଧାନୀ ପ୍ରତିଷ୍ଠା ଦିବସ କମିଟି ସଭାପତି ତଥା ବରିଷ୍ଠ ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ, ସାଧାରଣ ସମ୍ପାଦକ ସନତ ମିଶ୍ର, ଉପସଭାପତି ପ୍ରଦ୍ୟୁମ୍ନ ମହାନ୍ତି ପ୍ରମୁଖ ଯୋଗଦେଇ ଏହି ସହରର ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡା. ପ୍ରସନ୍ନ କୁମାର ଦାସ, ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ ଗଭର୍ନର ଡ. ଶକ୍ତିକାନ୍ତ ଦାସ, ଆଇନଜ୍ଞ ପ୍ରସନ୍ନ କୁମାର ପଟ୍ଟନାୟକ, ବିଶିଷ୍ଟ ସାମାଜିକ କର୍ମୀ ରାଜକିଶୋର ଶୀଳା, ଅଭିନେତା ସମ୍ବିତ୍ ଆଚାର୍ଯ୍ୟ, ଅଭିନେତ୍ରୀ ଭୂମିକା ଦାସ, ନର୍ସ ନିଶାମଣି ଦେବୀ, ମେଧାବୀ ଛାତ୍ରୀ ଗୁଗଲ ଗାର୍ଲ ମେଘାଳି ମାଳବିକା ସ୍ୱାଇଁ, ପୋଷ୍ଟମ୍ୟାନ ମିଟୁ ମହାରଣା, ଟ୍ରାଫିକ୍ କନଷ୍ଟେବଳ ଶୁଭ୍ରାଂଶୁ ଶେଖର ସାହୁ, କ୍ରୀଡ଼ା କ୍ଷେତ୍ରରେ ପ୍ରତ୍ୟୁଷ ରାୟ, ପରିମଳ କର୍ମଚାରୀ ରୋହିତ ନାୟକ, ସଙ୍ଗୀତ ନିର୍ଦ୍ଦେଶକ ମଳୟ ମିଶ୍ର ପ୍ରମୁଖ ୧୩ଜଣଙ୍କୁ 'ରାଜଧାନୀ ଗୌରବ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ଦେଇ ୨୦୧୧ ମସିହାଠାରୁ ଏହି ଉତ୍ସବ ମୁଖ୍ୟମନ୍ତ୍ରୀଙ୍କ ସ୍ୱୀକୃତି ଫଳରେ ସରକାରୀ ସ୍ତରରେ ପାଳନ କରାଯାଉଥିବା କହିଥିଲେ। ବିଭାଗର ସହକାରୀ ନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ କମିଟି ଉପସଭାପତି ପ୍ରଦ୍ୟୁମ୍ନ ମହାନ୍ତି ଧନ୍ୟବାଦ ଦେଇଥିଲେ। କମିଟିର ସାଂସ୍କୃତିକ ସମ୍ପାଦକ ଲକ୍ଷ୍ମୀନାରାୟଣ ଅଗ୍ରୱାଲ, ପ୍ରଭାସ ରଞ୍ଜନ ଦାସ, ହିମାଂଶୁ ଶେଖର ମହାନ୍ତି, ବିଶ୍ୱରଞ୍ଜନ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପୂର୍ବାହ୍ନରେ ପିଏମ୍‌ଜି ଛକସ୍ଥିତ ରାଜଧାନୀ ଶିଳାନ୍ୟାସ ଫଳକରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ଜଳ ସମ୍ପଦ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ପ୍ରମୁଖ ପୁଷ୍ପଗୁଚ୍ଛ ଅର୍ପଣ କରିଥିଲେ।

## ଟୁଇଟ୍ କରି ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହରବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ, ମନ୍ଦିରମାଳିନୀ ଭୁବନେଶ୍ୱର ଏବେ ବିଶ୍ୱ ସହର, ସ୍ମାର୍ଟ ସିଟି ଓ ଦେଶର କ୍ରୀଡ଼ା ରାଜଧାନୀରେ ପରିଣତ ହୋଇଛି। ରାଜ୍ୟ ସରକାରଙ୍କ ଲଗାତର ଉଦ୍ୟମ ଯୋଗୁ ଏହା ଏକ ଉତ୍ତମ ବାସୋପଯୋଗୀ ସହରରେ ପରିଣତ ହେବା ସହ ପୁରାତନ ସଂସ୍କୃତି, ସ୍ଥାପତ୍ୟ ଓ ଐତିହ୍ୟକୁ ସଂରକ୍ଷିତ ରଖାଯାଇ ପାରିଛି।

## ରାଧାକାନ୍ତ ମଠ ମହନ୍ତ ଧ୍ୟାନଚାନ୍ଦ୍ର ଦାସଙ୍କ ପରଲୋକ

ପୁରୀ ଅଫିସ,୧୩।୪

ପୁରୀ ରାଧାକାନ୍ତ ମଠ ମହନ୍ତ ଧ୍ୟାନଚାନ୍ଦ୍ର ଦାସ ଗୋସ୍ୱାମୀ ମହାରାଜ ମଙ୍ଗଳବାର ଇହଲୀଳା ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୯୫ ବର୍ଷ ବୟସ ହୋଇଥିଲା। ରାଧାକାନ୍ତ ମଠ ମଠାଧୀଶ ମହନ୍ତ ଧ୍ୟାନଚାନ୍ଦ୍ର ଦାସ ଗୋସ୍ୱାମୀ ମହାରାଜ କିଛିଦିନ ହେବ ଶାରିରୀକ ଅସୁସ୍ଥ ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଗତମାସ ୩୦ ତାରିଖରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା। ତେବେ ମଙ୍ଗଳବାର ତାଙ୍କର ମୃତ୍ୟୁ ହୋଇଥିବା ମଠ ପକ୍ଷରୁ ସୂଚନା ଦିଆଯାଇଥିଲା। ମହନ୍ତଙ୍କ ମୃତ୍ୟୁ ଖବରପାଇ ପୁରୀର ବିଭିନ୍ନ ମଠର ମହନ୍ତ ଏବଂ ସାଧୁ ସନ୍ଥ ଆସି ମହନ୍ତଙ୍କ ଶେଷ ଦର୍ଶନ କରିଥିଲେ। ପରେ ମହନ୍ତଙ୍କୁ ଏକ ଶୋଭାଯାତ୍ରରେ ସ୍ୱର୍ଗଦ୍ୱାରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମହନ୍ତଙ୍କ ଉତ୍ତରାଧିକାରୀ ସନ୍ଥ କୃଷ୍ଣ ଦାସ ଗୋସ୍ୱାମୀ ମୁଖାଗ୍ନି ଦେଇଥିଲେ।

## ମାସ୍କ ନ ପିନ୍ଧି ୨ ହଜାର ଦଣ୍ଡ ଗଣିଲେ କନଷ୍ଟେବଳ

ପୁରୀ ଅଫିସ, ୧୩।୪

ମାସ୍କ ନ ପିନ୍ଧି ପୁରୀ ଅଞ୍ଚଳର ଜଣେ ଟ୍ରାଫିକ କନଷ୍ଟେବଳ ୨୦୦୦ଟଙ୍କା ଜରିମାନା ଦେଇଥିବା ଜଣାପଡ଼ିଛି। ଏ ନେଇ ପୁରୀ ପୋଲିସ ଟୁଇଟରରେ ଏକ ପୋଷ୍ଟ କରିଛି। ଯାହା ଏବେ ପୁରୀରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। କରୋନା ସଂକ୍ରମଣ ରାଜ୍ୟରେ ବୃଦ୍ଧି ପାଉଥିବାରୁ ରାଜ୍ୟ ସରକାର ମାସ୍କ ପିନ୍ଧିବା ନେଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସର୍ବସାଧାରଣ ସ୍ଥାନରେ ମାସ୍କ ନ ପିନ୍ଧିବା ଲୋକଙ୍କଠୁ ୨ ହଜାର ଟଙ୍କା ଫାଇନ ଆଦାୟ କରାଯାଉଛି। ତେବେ ମଙ୍ଗଳବାର ଜଣେ ଟ୍ରାଫିକ କନଷ୍ଟେବଳ ମୁହଁରେ ମାସ୍କ ନ ପିନ୍ଧି କାର୍ଯ୍ୟ କରୁଥିଲେ। ଟ୍ରାଫିକ ଆଇଆଇସିଙ୍କ ନଜରକୁ ଏହା ଆସିବା ପରେ ଉକ୍ତ ଟ୍ରାଫିକ କନଷ୍ଟେବଳଙ୍କୁ ଡକାଇ ମାସ୍କ ପିନ୍ଧି ନଥିବାରୁ ତାଙ୍କଠାରୁ ୨ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ।

## ଟ୍ରକ୍‌କୁ ପିଟିଲା ହାଇୱା, ଚାଳକ ମୃତ

ବାରଙ୍ଗ,୧୩।୪(ଡି.ଏନ୍.ଏ.): ଚନ୍ଦକା ଥାନା ଅନ୍ତର୍ଗତ ନନ୍ଦନକାନନ ପଛ ରାସ୍ତାରେ ଥିବା ବ୍ୟାଟେରି ଗୋଦାମ ନିକଟରେ ରହିଥିବା ଏକ ଟ୍ରକକୁ ମଙ୍ଗଳବାର ରାତିରେ ଏକ ହାଇୱା ଧକ୍କା ଦେବାରୁ ହାଇୱା ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ସଦର ଢିହପୁର ଗ୍ରାମର ସଚ୍ଚିଦାନନ୍ଦ ଜୟସିଂ(୪୫)। ସୂଚନା ମୁତାବକ, ସଚ୍ଚିଦାନନ୍ଦ ହାଇୱା ନେଇ ବାରଙ୍ଗ ଅଭିମୁଖେ ଆସୁଥିବାବେଳେ ବ୍ୟାଟେରି ଗୋଦାମ ନିକଟରେ ଥିବା ଏକ ଟ୍ରକକୁ ପଛ ପଟୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଚନ୍ଦକା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡ଼ିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।




## ପ୍ରଥମ ପୃଷ୍ଠାରୁ...

### ମୋ'ରେ ଶୀର୍ଷକୁ...

ସମୟରେ କାଶ, କଫ, ଜ୍ୱର ହେବା ସହ ଦେହ ଦରଜ, ନିମୋନିଆ ପରି ଲକ୍ଷଣ ଦେଖାଦେଉଥିଲା। ଏହାପରେ ବିଭିନ୍ନ ଅଙ୍ଗ କ୍ରମଶଃ ଅଚଳ ହୋଇଯାଉଥିଲା। ଏବେ ମଧ୍ୟ କରୋନା ସଂକ୍ରମଣ ହେଲେ ନିମୋନିଆ ହେବାର ସମ୍ଭାବନା ଅଧିକ ରହିଛି। ଏଥିସହ ଆଖି ଲାଲ, ପେଟ ଦରଜ, ଭୋକ ନ ଲାଗିବା, ଖାଦ୍ୟ ସ୍ୱାଦ ବାରି ନ ହେବା, ବାନ୍ତି ଲାଗିବା, ଡାଇରିଆ ହେବା ପରି ଲକ୍ଷଣ ଦେଖାଦେଲେ କରୋନା ଟେଷ୍ଟ କରାଇ ନେବାକୁ ଡାକ୍ତର ଅଶୋକ ମହାପାତ୍ର ପରାମର୍ଶ ଦେଇଛନ୍ତି। ଓଡ଼ିଶାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ନିୟନ୍ତ୍ରଣରେ ରହିଛି। ହେଲେ ଛତିଶଗଡ଼ ପରିସ୍ଥିତିକୁ ଦେଖିଲେ ଅଧିକ ସଜାଗ ହେବାକୁ ହେବ ପଡ଼ିବ ବୋଲି ମହାପାତ୍ର କହିଛନ୍ତି।

ସେପଟେ ପୁଣି ଚିନ୍ତା ବଢ଼ାଇଲାଣି ନୂଆପଡ଼ା। ପଡ଼ୋଶୀ ରାଜ୍ୟ ଛତିଶଗଡ଼ ପାଇଁ ନୂଆପଡ଼ା ଜିଲାରେ ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ରାଜ୍ୟରେ ଗତ ୨୪ଘଣ୍ଟା ମଧ୍ୟରେ ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତଙ୍କ ଭିତରେ ୧,୦୩୪ କ୍ୱାରାଣ୍ଟାଇନ ସେଣ୍ଟରର ଥିବା ବେଳେ ୭୪୯ ସ୍ଥାନୀୟ ଆକ୍ରାନ୍ତ ଅଛନ୍ତି। ତେବେ ଏଥିରେ ନୂଆପଡ଼ାରୁ ସର୍ବାଧିକ ୩୦୩ ଜଣ ରହିଛନ୍ତି। ସେହିପରି ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ସୁନ୍ଦରଗଡ଼ରୁ ୨୪୧, ଖୋର୍ଦ୍ଧାରୁ ୨୦୧, ସମ୍ବଲପୁରରୁ ୧୧୪, ବଲାଙ୍ଗୀରରୁ ୯୧, ବରଗଡରୁ ୮୭, ଗଞ୍ଜାମରୁ ୮୦, ବାଲେଶ୍ୱରରୁ ୭୨, କଳାହାଣ୍ଡିରୁ ୬୮, ନବରଙ୍ଗପୁରରୁ ୬୭, କଟକରୁ ୫୯, କେନ୍ଦୁଝରରୁ ୫୪, ପୁରୀରୁ ୫୩ଜଣ ରହିଛନ୍ତି। ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୩,୫୩,୦୮୬ରେ ପହଞ୍ଚିଛି। ପୂର୍ବରୁ ରାଜ୍ୟରେ ଖୋର୍ଦ୍ଧା, ସୁନ୍ଦରଗଡ଼ ରେଡ୍ ଜୋନ୍‌ରେ ଥିବା ବେଳେ କଳାହାଣ୍ଡି, ସମ୍ବଲପୁର ୟେଲୋ ଜୋନ୍‌ରେ ଥିଲା। ଏବେ ପୁଣି ଆଉ ଦୁଇଟି ଜିଲା ନୂଆପଡ଼ା ଓ ବରଗଡ଼ ୟେଲୋ ଜୋନ୍‌ରେ ସାମିଲ ହୋଇଛି।

### ଗଞ୍ଜାମରେ ୭ ଦିନ...

ଓ ସୁନାପୁର ବେଳାଭୂମି, ବ୍ରହ୍ମପୁରସ୍ଥିତ ରାମଲିଙ୍ଗେଶ୍ୱର ପାର୍କ, ତାମ୍ପରା, ପଡିଆ, ପର୍ଯ୍ୟଟନସ୍ଥଳୀ ଓ ପିକ୍‌ନିକ୍ ସ୍ପଟ୍ ଆଦି ସର୍ବସାଧାରଣଙ୍କ ପାଇଁ ବନ୍ଦ ରହିବ। ବନ୍ଦ ସମୟରେ ଫାୟାର ବିଭାଗ ପକ୍ଷରୁ ମନ୍ଦିର ଓ ପାର୍କ ଆଦି ସାନିଟାଇଜ୍ କରାଯିବ। ଏହି ସମୟରେ କେବଳ ପୂଜକମାନେ ପୂଜା କରିପାରିବେ। ବେଳାଭୂମିଗୁଡିକ ମଧ୍ୟ ସଫେଇ କରାଯିବ। ଫଳରେ ଉକ୍ତ ସବୁସ୍ଥଳ ସଫେଇ ସହ ସାନିଟାଇଜ୍ ହୋଇପାରିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ପିକନିକ୍ ସ୍ଥଳରୁ ସବୁ ରନ୍ଧା ସାମଗ୍ରୀ ଜବତ କରିବାକୁ କୁହାଯାଇଛି। ଯେଉଁମାନେ ଏହି ନିୟମକୁ ଅବମାନନା କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି।

### ପଣା ସଂକ୍ରାନ୍ତି,...

ମସ୍‌ଜିଦରେ ପ୍ରବେଶ ବେଳେ ଟୋକନ୍ ବ୍ୟବସ୍ଥା ଆପଣାଇବାକୁ ପରାମର୍ଶ ଦିଆଯାଇଛି। ସମସ୍ତଙ୍କ ପାଇଁ ଗୋଟିଏ ସ୍ଥାନରେ ଧୁଆଧୋଇ ହେବା ବାରଣ କରାଯାଇଛି। ବହୁବିଧ ରୋଗାକ୍ରାନ୍ତ ଓ ୫ ବର୍ଷରୁ କମ୍ ପିଲାଙ୍କୁ ପ୍ରବେଶ ମନା କରାଯାଇଛି। ହ୍ୟାଣ୍ଡ ସାନିଟାଇଜର, ଥର୍ମାଲ ସ୍କ୍ରିନିଂ, ମାସ୍କ ପରିଧାନ ବାଧ୍ୟତାମୂଳକ କରାଯାଇଛି। ପ୍ରାର୍ଥନା ସମୟରେ ସାମାଜିକ ଦୂରତ୍ୱ ନିଶ୍ଚିତ ବଜାୟ ରଖିବେ। ଯଦି କେହି ଗାଇଡ୍‌ଲାଇନ୍‌ର ଉଲଂଘନ କରନ୍ତି ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଏମ୍‌ସି ପକ୍ଷରୁ କୁହାଯାଇଛି।

### ପ୍ରେମୀଯୁଗଳଙ୍କ ମୃତଦେହ...

୧୦ ତାରିଖରେ ପୁଅ ଝିଅ ଘରକୁ ଯାଇ ତାଙ୍କୁ ସାଙ୍ଗରେ ଧରି ଘରକୁ ପଳାଇ ଆସିଥିଲେ। ପରେ ଝିଅଘର ଲୋକେ ଖୋଜାଖୋଜି କରି ପୁଅଘରେ ପହଞ୍ଚିଥିଲେ। ପୁଅଘର ଗ୍ରାମରେ ଉଭୟ ପରିବାରକୁ ନେଇ ଏକ ବୈଠକ ହୋଇଥିଲା। ପୁଅ ଓ ଝିଅ ଗୋଟିଏ ଜାତିର ହୋଇଥିବାରୁ ଏହି ବିବାହକୁ ଉଭୟ ପରିବାର ସ୍ୱୀକୃତି ଦେଇଥିଲେ। ପୁଅ ଝିଅ ସ୍ୱାମୀ ସ୍ତ୍ରୀ ହିସାବରେ ରହିଥିଲେ। ଗତ ରବିବାର ରାତିରେ ଉଭୟ ଖାଇପିଇ ଏକ କୋଠରିରେ ଶୋଇଥିଲେ। ସକାଳୁ ନ ଉଠିବାରୁ ଘର ଲୋକେ କବାଟ ବାଡେଇଥିଲେ। ହେଲେ ସେମାନେ ଉଠି ନ ଥିଲେ। ପରେ ପରିବାର ଲୋକେ ପୋଲିସକୁ ଜଣାଇଥିଲେ। କୁମ୍ଭାରବନ୍ଧ ଫାଣ୍ଡି ପୋଲିସ ପହଞ୍ଚି କବାଟ ଭାଙ୍ଗି ଉଭୟଙ୍କ ମୃତଦେହ ଘର ଭିତରେ ଝୁଲୁଥିବା ଦେଖିଥିଲା। ଉଭୟଙ୍କ ମୃତଦେହ ତଳକୁ ଛୁଇଁଥିଲା। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋଲିସ ମୃତଦେହ ତଳକୁ ଓହ୍ଲାଇଥିଲା।

### ବାଲେଶ୍ୱରର ବିକାଶ...

ଦୃଷ୍ଟିରେ ରଖି ୮ କୋଟି ଟଙ୍କା ବ୍ୟୟରେ ସହଦେବଖୁଣ୍ଟା ବସଷ୍ଟାଣ୍ଡର ବିକାଶ କରାଯିବ। ଡୁମୁଲିଆ ଟେଗ ଫ୍ଲାଏ ଓଭରଠାରୁ ଷ୍ଟେଶନ ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାକୁ ଛଅ ଥାକିଆ କରାଯିବ। ଏହାସହ ଏ ରାସ୍ତାରେ ଆଧୁନିକ ଷ୍ଟ୍ରିଟ ଲାଇଟିଂ ବ୍ୟବସ୍ଥା ହେବ। ବାଲେଶ୍ୱର ମ୍ୟୁନିସିପାଲିଟିର ସବୁ ମୁଖ୍ୟ ରାସ୍ତାର ଉନ୍ନତୀକରଣ କରାଯିବ। ଏଥିରେ ୭୦ କୋଟି ଟଙ୍କା ଖର୍ଚ୍ଚ ହେବା ନେଇ ଆକଳନ ହୋଇଛି। ଏହା ସହରରେ ଟ୍ରାଫିକ ସମସ୍ୟା ଦୂର କରିବାରେ ସହାୟକ ହେବ। ବାଲେଶ୍ୱର କ୍ରୀଡାବିତଙ୍କ ଭିତରେ ଥିବା ପ୍ରତିଭାର ବିକାଶ ପାଇଁ ବାଲେଶ୍ୱର ମ୍ୟୁନିସିପାଲିଟିରେ ୧୪ କୋଟି ଟଙ୍କା ବ୍ୟୟରେ ମଲ୍ଟି ପରପସ ଇଣ୍ଡୋର ହଲ, ସୁଇମିଂ ପୁଲ୍ ଆଦି କ୍ରୀଡ଼ା ଭିତ୍ତିଭୂମିର ବିକାଶ କରାଯିବ। ଏହାସହ କ୍ରୀଡ଼ାବିତମାନଙ୍କ ପାଇଁ ଉଚ୍ଚମାନର ତାଲିମ ବ୍ୟବସ୍ଥା ହେବ। ବୁଢାବଳଙ୍ଗ ନଦୀ ବାଲେଶ୍ୱର ମ୍ୟୁନିସିପାଲିଟି ଅଞ୍ଚଳର ଜୀବନରେଖା। ତେଣୁ ୫୩କୋଟିଟଙ୍କା ଖର୍ଚ୍ଚରେ ବୁଢାବଳଙ୍ଗ ନଦୀ ବନ୍ଧର ସୁରକ୍ଷା ସହିତ ସୌନ୍ଦର୍ଯ୍ୟକରଣ କରାଯିବ। ବାଲେଶ୍ୱର ସହରବାସୀଙ୍କ ପାଇଁ ଅବସର ବିନୋଦନ ନିମନ୍ତେ ବୁଢାବଳଙ୍ଗ ନଦୀକୂଳର ଆବଶ୍ୟକ ଉନ୍ନତି କରାଯିବ। ସେହିପରି ବାଲେଶ୍ୱର ମ୍ୟୁନିସିପାଲଟି ଅଞ୍ଚଳର ମୁଖ୍ୟ ପୋଖରୀଗୁଡିକ ଯଥା ଗଡ଼ଗଡ଼ିଆ, ଶୋଭାରାମପୁର, ବଡ଼ଖୁଆ, ନୂଆ, ହରଚନ ଏବଂ ହରଗଙ୍ଗା ପୋଖରୀ ଆଦିର ସୌନ୍ଦର୍ଯ୍ୟକରଣ ସହିତ ବିକାଶ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ସହରର ପରିବେଶକୁ ସୁନ୍ଦର କରିବା ସହିତ ନାଗରିକମାନଙ୍କ ନିମନ୍ତେ ଖୋଲା ସ୍ଥାନ ସୃଷ୍ଟି କରାଯିବ। ବାଲେଶ୍ୱର ମ୍ୟୁନିସିପାଲିଟି ଅଞ୍ଚଳର ଡ୍ରେନେଜଖ ଚ୍ୟାନେଲ ଓ ଏହାସହିତ ରାସ୍ତାଗୁଡିକର ୭ କୋଟି ଟଙ୍କା ବ୍ୟୟରେ ବିକାଶ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ବାଲେଶ୍ୱର ମେଡିକାଲ କଲେଜର ଟିଚିଂ ହସ୍ପିଟାଲ ନିମନ୍ତେ ୨୭୫ କୋଟି ଟଙ୍କାର କର୍ଯ୍ୟ ଚାଲୁ ରହିଛି। ସେହିଭଳି ଗତ ୪ରୁ ୫ ମାସ ହେବ ବାଲେଶ୍ୱର ମ୍ୟୁନିସିପାଲଟି ପକ୍ଷରୁ ୧୬ କୋଟି ଟଙ୍କା ବ୍ୟୟରେ ସହରରେ ସିମେଣ୍ଟ କଂକ୍ରିଟ ରୋଡ, କମ୍ୟୁନିଟି ସେଣ୍ଟର ଆଦି ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟ ମଧ୍ୟ ଜାରି ରହିଛି। କଥା ନୁହେଁ କାମରେ ବିଶ୍ୱାସ କରେ ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ ପ୍ରାସ୍ତାବିତ କାମ ତୁରନ୍ତ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିଲାଗି ମୁଖ୍ୟମନ୍ତ୍ରୀ ବାଲେଶ୍ୱରବାସୀଙ୍କ ସହଯୋଗ କାମନା କରିଛନ୍ତି।

### ଏ ବର୍ଷ ଭଲ...

ହେବାକୁ ଥିବା ବେଳେ ୧୩୦୨ ମିଲିମିଟର ହୋଇଥିଲା। ମାଲକାନଗିରି ଓ ଝାରସୁଗୁଡ଼ା ଜିଲାରେ ଅଧିକ ବର୍ଷା ରେକର୍ଡ କରାଯାଇଥିଲା। ଜୁନ ପହିଲାରୁ ଅକ୍ଟୋବର ୨୭ ମଧ୍ୟରେ ରାଜ୍ୟରେ ୧୦ଟି ଲଘୁଚାପ ସୃଷ୍ଟି ହୋଇଥିଲା। ଦକ୍ଷିଣ ପଶ୍ଚିମ ମୌସୁମୀ ଜୁନ ୧୧ରେ ରାଜ୍ୟକୁ ପ୍ରବେଶ କରିଥିଲା। ଜୁନ୍‌ରେ ସାଧାରଣ ବୃଷ୍ଟିପାତଠାରୁ ୯.୩ ପ୍ରତିଶତ ଅଧିକ ବର୍ଷା ହୋଇଥିବାବେଳେ ଜୁଲାଇରେ ୩୪.୯ ପ୍ରତିଶତ କମ୍ ବର୍ଷା ହୋଇଥିଲା। ଫଳରେ ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଥିଲା। ତେବେ ଅଗଷ୍ଟରେ ୪୫.୨ ପ୍ରତିଶତରୁ ଅଧିକ ବର୍ଷା ହୋଇଥିଲା। ଯେଉଁ ଜିଲାଗୁଡ଼ିକରେ ଜୁଲାଇରେ ନିଅଣ୍ଟିଆ ବର୍ଷା ହୋଇଥିଲା ତାହା ଅଗଷ୍ଟରେ ଭରଣା ହୋଇଥିଲା।






**ସେନ୍‌ସେକ୍ସ ୬୬୧ ପଏଣ୍ଟ ବୃଦ୍ଧି**

ସାରା ଦେଶରେ କୋଭିଡ-୧୯ର ୨ୟ ଲହର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ପରିଲକ୍ଷିତ ହୋଇଛି। ମହାମାରୀର ପ୍ରଭାବ ଯୋଗୁ ସୋମବାର ଶେୟାର ବଜାରରେ ନିରାଶ ଦେଖାଦେଇଥିବା ବେଳେ ମଙ୍ଗଳବାର କାରବାର କିଛି ପରିମାଣରେ ନିବେଶକଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛି। ମଙ୍ଗଳବାର ସେନସେକ୍ସ ପ୍ରାୟ ୬୬୧ ପଏଣ୍ଟ ବୃଦ୍ଧି ପାଇ ୪୮,୫୪୪.୦୬ ପଏଣ୍ଟରେ ପହଞ୍ଚି ଯାଇଥିଲା। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି ମଙ୍ଗଳବାର ମଧ୍ୟ ୧୪୪ ପଏଣ୍ଟ ବୃଦ୍ଧି ପାଇ ୧୪,୫୦୪.୮୦ରେ ରହିଛି।

## ସଂକ୍ଷେପରେ

### ସମୟ ଆସିଲେ ତେଲ ଉପରୁ ଟିକସ ହ୍ରାସ ନିଷ୍ପତ୍ତି ହେବ

ନୂଆଦିଲ୍ଲୀ,୧୩।୪: ବର୍ତ୍ତମାନ ପେଟ୍ରୋଲ ଏବଂ ଡିଜେଲ ଦର ରେକର୍ଡ ସ୍ତରରେ ରହିଛି। ସରକାର ଇନ୍ଧନ ଉପରୁ ଟିକସ ହ୍ରାସ କରି ସରକାର ଲୋକଙ୍କୁ ଆଶ୍ୱସ୍ତି ଦିଅନ୍ତୁ ବୋଲି ବିଭିନ୍ନ ବର୍ଗ ସରକାରଙ୍କୁ ନିବେଦନ କରିଛନ୍ତି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ(ସିବିଆଇସି) ଅଧକ୍ଷ ଏମ୍.ଅଜିତ କୁମାର ଏକ ସ୍ପଷ୍ଟୀକରଣ ରଖିଛନ୍ତି। ସେ କହିଛନ୍ତି, ଠିକ୍ ସମୟ ଆସିଲେ ସରକାର ତେଲ ଉପରେ ଲାଗୁ ହେଉଥିବା ଟିକସ ହ୍ରାସ ନେଇ ବିଚାର କରିବେ। ଉଲ୍ଲେଖଯୋଗ୍ୟ, ପୂର୍ବ ବର୍ଷଗୁଡିକ ତୁଳନାରେ ୨୦୨୦-୨୧ ମାର୍ଚ୍ଚ ୩୧ରେ ସରକାର ପେଟ୍ରୋଲ ଏବଂ ଡିଜେଲ ଉପରେ ସରକାର ରେକର୍ଡ ପରିମାଣର ଉତ୍ପାଦ ଟିକସ ବଢ଼ାଇବା ଯୋଗୁ ଏହି ବାବଦକୁ ଟିକସ ସଂଗ୍ରହ ୫୯% ବୃଦ୍ଧି ପାଇଛି। କୁମାର ପୁଣି କହିଛନ୍ତି, ଆସନ୍ତା ମାସଗୁଡିକରେ ଟିକସ ଆଦାୟରେ ଉନ୍ନତି ହେବ ବୋଲି ଆଶା କରାଯାଉଛି।

### ଏୟାର ଇଣ୍ଡିଆ ବିକ୍ରି ପ୍ରକ୍ରିୟା ସେପ୍ଟେମ୍ବରରେ ଶେଷ ହେବ

**ନୂଆଦିଲ୍ଲୀ,୧୩।୪:** ଏୟାର ଇଣ୍ଡିଆ ଦୀର୍ଘ ବର୍ଷ ହେବ କ୍ଷତିରେ ଚାଲୁଛି। ସରକାର ମଧ ଏହାକୁ ଆଉ ଚଳାଇବା ସ୍ଥିତିରେ ନାହାନ୍ତି। ଗତ ୨ ବର୍ଷ ହେବ ସରକାର ଏହାର ଘରୋଇକରଣ ଯୋଜନା କରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ହୋଇପାରିନାହିଁ। ଏଭଳି ସ୍ଥିତିରେ ସରକାର ଚଳିତବର୍ଷ ସେପ୍ଟେମ୍ବର ସୁଦ୍ଧା ଏହି ବିମାନ କମ୍ପାନୀର ନିଲାମ ନେଇ ସମସ୍ତ ପ୍ରକ୍ରିୟା ଶେଷ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସରକାର ବର୍ତ୍ତମାନ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଦେଶର ପ୍ରମୁଖ ବାଣିଜ୍ୟିକ ଗ୍ରୁପ ଟାଟା ଏହି କମ୍ପାନୀକୁ କିଣିବା ନେଇ ଏକ ପ୍ରକାର ଚୂଡ଼ାନ୍ତ ହୋଇଥିବା ବିଭିନ୍ନ ଜାତୀୟ ଗଣମାଧମରେ ଚର୍ଚ୍ଚା ହେଉଛି। ସେହିଭଳି ସରକାରଙ୍କ ପକ୍ଷରୁ ଆହ୍ୱାନ କରାଯାଇଥିବା ଫାଇନାଲ ବିଡ୍‌ରେ ମଧ ଟାଟା ଅଂଶ ଗ୍ରହଣ କରିଥିବା ଜଣାପଡିଛି। ଗତ ବର୍ଷ ଡିସେମ୍ବରରେ ଏହି ବିମାନ କମ୍ପାନୀ ପାଇଁ ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସରକାରଙ୍କ ବହୁ ଚେଷ୍ଟା ପରେ ଏଭଳି ବିକ୍ରି ପ୍ରକ୍ରିୟା ଆରମ୍ଭ ହୋଇଛି।

### ବେତନ ବୃଦ୍ଧି ଲାଗି ୫୯% ସଂସ୍ଥା ଆଗ୍ରହୀ

**ନୂଆଦିଲ୍ଲୀ,୧୩।୪:** ଗତ ବର୍ଷ କରୋନା ପାଇଁ ଅର୍ଥ ବ୍ୟବସ୍ଥା ସଙ୍କଟ ସ୍ଥିତିକୁ ଚାଲିଯାଇଥିଲା। ବର୍ତ୍ତମାନ ଆର୍ଥିକ କାର୍ଯ୍ୟକଳାପ ଟ୍ରାକ୍‌କୁ ଫେରୁଛି। ଏକ ଅଧ୍ୟୟନ ମୁତାବକ ଦେଶର ୫୯% କମ୍ପାନୀ ୨୦୨୧ ସେମାନଙ୍କ କର୍ମଚାରୀଙ୍କ ବେତନ ବଢାଇବାକୁ ଇଚ୍ଛୁକ ରହିଛନ୍ତି। ଷ୍ଟାଫିଂ କମ୍ପାନୀ ଜିନିୟସ କନ୍‌ସଲଟାଣ୍ଟ ପକ୍ଷରୁ କୁହାଯାଇଛି, ବଜାରରେ ଅଭିବୃଦ୍ଧି ଫେରୁଛି। ସ୍ଥିତିରେ ସୁଧାର ପରିଲକ୍ଷିତ ହେଉଥିବାରୁ କମ୍ପାନୀଗୁଡିକ ସେମାନଙ୍କ କୌଶଳ ଏବଂ ଶ୍ରମଶକ୍ତିକୁ ଆହୁରି ଦୃଢ଼ୀଭୂତ କରିବା ଦିଗରେ ଆହୁରି ଧ୍ୟାନ କେନ୍ଦ୍ରିତ କରିବେ। ବେତନ ବୃଦ୍ଧି ଯୋଜନା ରହିଥିବା ୫୯% କମ୍ପାନୀ କହିଥିବା ବେଳେ ଏମାନେ ୫ରୁ ୧୦% ବେତନ ବଢାଇବେ। ସେହିଭଳି ୨୦% କହିଛନ୍ତି, ବେତନ ୫%ରୁ କମ୍ ବଢ଼ିପାରେ। ୨୦୨୧ରେ ବେତନ ବଢାଇବା ନେଇ କୌଣସି ଯୋଜନା ନାହିଁ ବୋଲି ୨୧% ସଂସ୍ଥା କହିଛନ୍ତି।

### ନୂଆ ବିଆଇଏସ୍ ଲାଇସେନ୍ସ କ୍ଷେତ୍ରରେ ରିହାତି ଘୋଷଣା

ନୂଆଦିଲ୍ଲୀ,୧୩।୪: ନୂଆ ବିଆଇଏସ୍ ଲାଇସେନ୍ସ କ୍ଷେତ୍ରରେ ସରକାର କ୍ଷୁଦ୍ର ଉଦ୍ୟୋଗ, ଷ୍ଟାର୍ଟ ଅପ୍ ଏବଂ ମହିଳା ଉଦ୍ୟୋଗୀଙ୍କ ଲାଗି ପ୍ରୋତ୍ସାହନ ସୁବିଧା ଘୋଷଣା କରିଛନ୍ତି। ନୂଆ ବିଆଇଏସ୍ ଲାଇସେନ୍ସ ଏବଂ ପ୍ରମାଣପତ୍ର ଲାଭ କରିବା ଲାଗି ସରକାର ମଙ୍ଗଳବାର ବାର୍ଷିକ ମାର୍କିଂ ଫି ୫୦% ଛାଡ଼ କରିଛନ୍ତି। ବର୍ତ୍ତମାନଠାରୁ ବିଆଇଏସ୍ ସେବାକୁ ସମସ୍ତଙ୍କ ଲାଗି ମାଗଣା କରାଯାଇଛି। ଇ-ବିଆଇଏସ୍‌ରୁ ଏହାକୁ ଡାଉନଲୋଡ୍ କରାଯାଇପାରିବ। ଭୋକାଲ ଫର୍ ଲୋକାଲ ଅଭିଯାନକୁ ଉତ୍ସାହିତ କରିବା ଲାଗି ସରକାର ଏଭଳି ନିଷ୍ପତ୍ତି ନେଇଥିବା କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋୟଲ ଟୁଇଟ ଯୋଗେ ସୂଚନା ଦେଇଛନ୍ତି। ଯେଉଁ ମାନେ ଲାଇସେନ୍ସ ପୂର୍ବରୁ ଲାଭ କରିଛନ୍ତି ସେମାନଙ୍କୁ ଫି କ୍ଷେତ୍ରରେ ୧୦% ରିହାତି ମିଳିବ।

# ପରୋକ୍ଷ ଟିକସ ଆଦାୟ ୧୨% ବୃଦ୍ଧି

**ନୂଆଦିଲ୍ଲୀ,୧୩।୪**




ଆର୍ଥିକ ବର୍ଷ ୨୦୨୦-୨୧ରେ କେନ୍ଦ୍ର ସରକାରଙ୍କ ନେଟ୍ ପରୋକ୍ଷ ଟିକସ ଆଦାୟ ୧୨.୩% ବୃଦ୍ଧି ପାଇଛି। ଉଭୟ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ଏବଂ ଅଣ ଜିଏସ୍‌ଟି ବାବଦକୁ ଟିକସ ସଂଗ୍ରହ ୧୦.୭୧ ଲକ୍ଷ କୋଟି ଟଙ୍କା ରହିଛି। ଏହା ୨୦୧୯-୨୦ରେ ୯.୫୪ ଲକ୍ଷ କୋଟି ଟଙ୍କା ରହିଥିଲା। ୨୦୨୦-୨୧ର ପରିବର୍ତ୍ତିତ ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ପରୋକ୍ଷ ଟିକସ ସଂଗ୍ରହ ୯.୮୯ ଲକ୍ଷ କୋଟି ଟଙ୍କା ରହିବ ବୋଲି ସରକାର ଆକଳନ କରିଥିଲେ। ସରକାର କେନ୍ଦ୍ର ଜିଏସ୍‌ଟି, ସମନ୍ୱିତ ଜିଏସ୍‌ଟି ଏବଂ କ୍ଷତିପୂରଣ ସେସ୍ ବାବଦ ନେଟ୍ ୫.୪୮ ଲକ୍ଷ କୋଟି ସଂଗ୍ରହ କରିଛନ୍ତି। ଏହା ୨୦୧୯-୨୦ରେ ୫.୯୯ ଲକ୍ଷ କୋଟି ରହିଥିଲା। ଜିଏସ୍‌ଟି ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟର ୧୦୬% ରହିଛି। ୨୦୧୯-୨୦ ତୁଳନାରେ ଏହା ୮% କମ୍।

ଗତ ବର୍ଷ ପ୍ରଥମ ୬ ମାସରେ ଜିଏସ୍‌ଟି ଆଦାୟ ଗଭୀର ଭାବେ ପ୍ରଭାବିତ ହୋଇଛି। କୋଭିଡ୍ ଯୋଗୁ ଟିକସ ଆଦାୟ ପ୍ରଭାବିତ ସ୍ଥିତିରେ ରହିଛି। ମାତ୍ର ଦ୍ୱିତୀୟାର୍ଦ୍ଧରେ ଜିଏସ୍‌ଟି ଆଦାୟରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ଗତ ୬ ମାସ ହେବ ପ୍ରତି ମାସରେ ପରୋକ୍ଷ ଟିକସ ଆଦାୟ ୧ ଲକ୍ଷ କୋଟି ଟଙ୍କା ଟପୁଛି। ମାର୍ଚ୍ଚରେ ଆଦାୟ ସର୍ବକାଳୀନ ରେକର୍ଡ ସ୍ତରରେ ରହିବା ସହ ୧.୨୪ ଲକ୍ଷ କୋଟି ଟଙ୍କା ରହିଥିଲା। ସେହିଭଳି ସୀମା ଶୁଳ୍କ କଥା ବିଚାରକୁ ନେଲେ ନେଟ୍ ଟିକସ ଆଦାୟ ୧.୩୨ ଲକ୍ଷ କୋଟି ଟଙ୍କା ରହିଛି। ଏଥିରେ ୨୧% ବୃଦ୍ଧି ପରିଲକ୍ଷିତ ହୋଇଛି। ୨୦୨୦-୨୧ରେ ଏହି ବାବଦକୁ ଆଦାୟ ୧.୦୯ ଲକ୍ଷ କୋଟି ଟଙ୍କା ରହିଥିଲା। ଏହାବାଦ କେନ୍ଦ୍ରୀୟ ଉତ୍ପାଦ ଟିକସ ଏବଂ ସେବା ଟିକସ ବକେୟା ବାବଦକୁ ୩.୩୧ ଲକ୍ଷ କୋଟି ଟଙ୍କା ଆଦାୟ ହୋଇଛି। ଏହା ପୂର୍ବରୁ ୨.୪୫ ଲକ୍ଷ କୋଟି ଟଙ୍କା ରହିଥିଲା।

# ଜୁନ୍ ପହିଲାରୁ ସୁନା ହଲ୍‌ମାର୍କିଂ ବାଧତାମୂଳକ ହେବ



**ଭୁବନେଶ୍ୱର,୧୩।୪:** ଚଳିତ ବର୍ଷ ଜୁନ୍ ପହିଲାରୁ ସୁନା ଅଳଙ୍କାର ହଲ୍‌ମାର୍କିଂ ନିୟମକୁ ବାଧତାମୂଳକ କରାଇବାକୁ ପ୍ରସ୍ତୁତ ଥିବା ସରକାର ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ବର୍ତ୍ତମାନ ହଲ୍‌ମାର୍କିଂକୁ ସ୍ୱେଚ୍ଛାକୃତ କରାଯାଇଛି। ହଲ୍‌ମାର୍କିଂ ବାଧତାମୂଳକ କରାଗଲେ ଏହାକୁ ବ୍ୟବହାର କରିବା ଜୁଏଲର୍ସଙ୍କ ଲାଗି ଅନିବାର୍ଯ୍ୟ ହେବ। ହଲ୍‌ମାର୍କିଂକୁ ଶୁଦ୍ଧତାର ପ୍ରମାଣପତ୍ର ଭାବେ ବିଚାର କରାଯାଇଥାଏ। ୨୦୨୧ ଜାନୁୟାରୀ ୧୫ରୁ ସୁନା ହଲ୍‌ମାର୍କିଂକୁ ସାରା ଦେଶରେ ବାଧତାମୂଳକ କରାଯିବ ବୋଲି ୨୦୧୯ ନଭେମ୍ବରରେ କେନ୍ଦ୍ର ସରକାର ଘୋଷଣା କରିଥିଲେ। ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ ସହ ପଞ୍ଜୀକୃତ ହୋଇ ନୂଆ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଇବା ଲାଗି ଜୁଏଲର୍ସଙ୍କୁ ୧ ବର୍ଷରୁ ଅଧିକ ସମୟ ଦିଆଯାଇଛି। ପୁଣି ଥରେ ସରକାର ସମୟସୀମାକୁ ୪ ମାସ ବଢ଼ାଇବା ସହ ଜୁନ୍ ୧ ଧାର୍ଯ୍ୟ କରିଛନ୍ତି। କରୋନା ମହାମାରୀ ପାଇଁ ଜୁଏଲେରି ଶିଳ୍ପ ପ୍ରଭାବିତ ହୋଇଛି। ଏହାକୁ ଧ୍ୟାନରେ ରଖି ଏହି ଶିଳ୍ପ ଏଥିଲାଗି ଅଧିକ ସମୟ ଲୋଡ଼ିଥିଲେ।

# ଖିମ୍‌ଜୀ ଫାଉଣ୍ଡେଶନର ୧୧ଲକ୍ଷ ଦାନ

**ଭୁବନେଶ୍ୱର,୧୩।୪**



ଖିମ୍‌ଜୀ ଜୁଏଲର୍ସର ଏକ ଅନନ୍ୟ ପରୋପକାରୀ ଶାଖା,ଖିମ୍‌ଜୀ ଫାଉଣ୍ଡେଶନ ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପର ବିକାଶ ପାଇଁ ୧୧ଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରଦାନ କରାଯାଇଛି। ଖିମ୍‌ଜୀ ଫାଣ୍ଡେଶନର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ ଏବଂ ସୁମିତ୍ ଖିମ୍‌ଜୀ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କୁ ଏହି ଅନୁଦାନ ପ୍ରଦାନ କରିଥିଲେ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଯୋଜନା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିଲା। ଏହି ଅବସରରେ ଖିମ୍‌ଜୀ ଫାଉଣ୍ଡେଶନର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଏହାକୁ ଦାନ ଭାବରେ ଗ୍ରହଣ କରିବା ଠିକ୍ ହେବ ନାହିଁ,କାରଣ ବ୍ରହ୍ମାଣ୍ଡ ଚଳାଉଥିବା ଠାକୁରଙ୍କୁ କିଏ ବା ଦାନ କରିପାରିବ। ଏହି ଅନୁଦାନ ହେଉଛି ଆମର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ପ୍ରକଳ୍ପ ପାଇଁ ଯାହା ବିଶ୍ୱର ବିଭିନ୍ନ ସ୍ଥାନରୁ ଆସୁଥିବା ତୀର୍ଥଯାତ୍ରୀମାନଙ୍କର ଆରାମ ବୃଦ୍ଧି କରିବା ସହ ଆମର ଐତିହ୍ୟକୁ ପୁନଃ ସ୍ଥାପିତ କରିବା ଲାଗି ଉଦ୍ଦିଷ୍ଟ ହେବ। ରାଜ୍ୟ ସରକାରଙ୍କ ଏପରି ଏକ ଉଦ୍ୟମ ପାଇଁ ଆମେ ଆନ୍ତରିକତାର ସହିତ କୃତଜ୍ଞତା ଜଣାଉଛୁ ଯାହାଦ୍ୱାରା ଦେଶ ବିଦେଶରୁ ଆସୁଥିବା ତୀର୍ଥଯାତ୍ରୀମାନେ ବହୁମାତ୍ରାରେ ଉପକୃତ ହେବେ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ଅଭିବୃଦ୍ଧି ୨ ଅଙ୍କ ଛୁଇଁପାରେ: ମୁଡିସ

**ନୂଆଦିଲ୍ଲୀ,୧୩।୪**

ବର୍ତ୍ତମାନ କରୋନା ମହାମାରୀର ଦ୍ୱିତୀୟ ଲହର ଯୋଗୁ ସଂକ୍ରମଣ ବଢ଼ିଛି। ଏହାକୁ ନିୟନ୍ତ୍ରଣ କରିବା ଏବେ ସରକାରଙ୍କ ଲାଗି ବଡ ଚ୍ୟାଲେଞ୍ଜ ପାଲଟିଛି। ସଂକ୍ରମଣ ବଢ଼ିଲେ ଏହା ଆର୍ଥିକ କାର୍ଯ୍ୟକଳାପକୁ ପ୍ରଭାବିତ କରିବା ଆଶଙ୍କା ଉପୁଜାଇଛି। ଏଭଳି ସ୍ଥିତିରେ ଭାରତର ଜିଡିପି ଅଭିବୃଦ୍ଧି ନେଇ ଅନ୍ତର୍ଜାତୀୟ ରେଟିଂ ଏଜେନ୍ସି ମୁଡିସ୍ ପକ୍ଷରୁ ଆକଳନ କରାଯାଇଛି। ୨୦୨୧ରେ ଭାରତର ଅଭିବୃଦ୍ଧି ୨ ଅଙ୍କ ଛୁଇଁପାରେ ବୋଲି ଏହି ଏଜେନ୍ସି ମତ ପ୍ରକାଶ କରିଛି। ବର୍ତ୍ତମାନର କରୋନା ସଂକ୍ରମଣକୁ ରୋକିବା ଲାଗି ମାଇକ୍ରୋ କଣ୍ଟେଣ୍ଟମେଣ୍ଟ ଜୋନ୍ ଉପରେ ଭାରତ ସରକାର ଧ୍ୟାନଦେବାକୁ ଏଜେନ୍ସି ଏହାର ରିପୋର୍ଟରେ କହିଛି। ସାରା ଦେଶକୁ ଲକ୍‌ଡାଉନ ନ କରି ଏଭଳି ପଦକ୍ଷେପ ନିଆଗଲେ ୨୦୨୦ ତୁଳନାରେ ଅର୍ଥ ବ୍ୟବସ୍ଥା ବେଶି କ୍ଷତିଗ୍ରସ୍ତ ହେବନାହିଁ। କ୍ୟାଲେଣ୍ଡର ବର୍ଷ ୨୦୨୧ରେ ଅର୍ଥନୈତିକ ଅଭିବୃଦ୍ଧି ୧୨% ଛୁଇଁବା ନେଇ ମୁଡିସ୍ ଆଶାବାଦୀ।

# ଏମ୍.ଜି. ଜର୍ଜ ମୁଥୁଟ କ୍ୟାନ୍‌ସର ସେଣ୍ଟର ଆରମ୍ଭ

**ଭୁବନେଶ୍ୱର,୧୩।୪**




ଦ ମୁଥୁଟ ଗ୍ରୁପ୍ କେରଳର କୋଝେଚେରୀରେ ଏମ୍. ଜି. ଜର୍ଜ ମୁଥୁଟ କ୍ୟାନ୍‌ସର ସେଣ୍ଟରର ଶୁଭାରମ୍ଭ କରୁଛି। ମୁଥୁଟ ଗ୍ରୁପ୍ ଅଫ୍ କମ୍ପାନୀର ଗ୍ରୁପ୍ ଅଧକ୍ଷ ଏମ୍. ଜି. ଜର୍ଜ ମୁଥୁଟ (୧୯୪୯-୨୦୨୧)ଙ୍କ ସ୍ମୃତିରେ ଏହି ହସ୍ପିଟାଲ ଆରମ୍ଭ ହୋଇଛି। ଏଠାରେ ଦୁର୍ବଳ ଏବଂ ଗରିବ ଶ୍ରେଣୀର ଲୋକଙ୍କୁ ଚିକିତ୍ସା କରାଯିବ। ଏହି ଷ୍ଟେଟ-ଅଫ୍-ଦି-ଆର୍ଟ

**ଗରିବଙ୍କ କର୍କଟ ରୋଗ ଚିକିତ୍ସା ପାଇଁ ଆଗଭର**

କ୍ୟାନ୍‌ସର ସେଣ୍ଟର ଆମ ସମାଜର ଦୁର୍ବଳ ଏବଂ ଦରିଦ୍ର ଲୋକମାନଙ୍କର କ୍ୟାନ୍‌ସର ଚିକିତ୍ସା କରିବାରେ ସବୁଠାରୁ ଆଗରେ ରହିବ ବୋଲି ଗ୍ରୁପ୍ ପକ୍ଷରୁ ସୂଚନା ରହିଛି। ଏହାବାଦ ପଥାନାମଥିଟ୍ଟାରେ ସ୍ଥାପିତ ହୋଇଥିବା ଦ୍ୱିତୀୟ ହସ୍ପିଟାଲ ଦୁର୍ବଳ ଏବଂ ଦରିଦ୍ର ଲୋକମାନଙ୍କୁ ହୃଦ୍‌ରୋଗ ଚିକିତ୍ସା ପ୍ରଦାନ କରିବ। ଅଧିକ ବିବରଣ ପାଇଁ ଲୋକମାନେ WWW.MGGEORGEMUTHOOT.COM ପରିଦର୍ଶନ କରିପାରିବେ। ଏହି ୪୦ତମ ବିଶେଷ ଦିବସରେ, ଏମ୍. ଜି. ଜର୍ଜଙ୍କ ସ୍ମରଣ କରିବା ଉଦ୍ଦେଶ୍ୟରେ ତାଙ୍କର ନିଜ ସହର କୋଝେଞ୍ଚେରୀଠାରେ ଏକ ପ୍ରାର୍ଥନା ସଭାର ଆୟୋଜନ କରାଯାଇଛି। ସମଗ୍ର ମୁଥୁଟ ପରିବାର ଏବଂ ସମଗ୍ର ମୁଥୁଟ ଗ୍ରୁପ୍ ତାଙ୍କର ଏହି ବ୍ୟବସାୟ ଏବଂ ମଙ୍ଗଳକାରୀ ପରମ୍ପରା ଆହୁରି ଉଚ୍ଚକୁ ନେଇଯିବା ପାଇଁ ଏକଜୁଟ ଏବଂ ପ୍ରତିଶ୍ରୁତିବଦ୍ଧ ।

ଆମ ଦେଶର କୋଣ ଅନୁକୋଣରେ ଥିବା ଲକ୍ଷ ଲକ୍ଷ ଦୁର୍ବଳ ଏବଂ ଦରିଦ୍ର ଲୋକମାନେ ଆର୍ଥିକ ଭାବରେ ଉପକୃତ ହୁଅନ୍ତୁ ବୋଲି ଏମ୍. ଜି. ଜର୍ଜ ମୁଥୁଟ ସାରା ଜୀବନ ନିରନ୍ତର ଭାବରେ ଚେଷ୍ଟା କରିଥିଲେ। ତାଙ୍କର ଅତୁଳନୀୟ ମଙ୍ଗଳକାରୀ ଏବଂ ସିଏଏସ୍‌ଆର୍‌ର ପ୍ରଚେଷ୍ଟା ସହିତ ଅତ୍ୟନ୍ତ ଲୋକପ୍ରିୟ ଏବଂ ଶସ୍ତା ପ୍ରଡକ୍ଟ ଏବଂ ସେବା ଅଗଣିତ ଭାରତୀୟମାନଙ୍କୁ ଔପଚାରିକ ଆର୍ଥିକ ସୁବିଧାର ଲାଭ କରିବାରେ ସମର୍ଥ କରିବା ସହିତ ସେମାନଙ୍କ ସ୍ୱପ୍ନକୁ ସାକାର କରିବାରେ ମଧ୍ୟ ସଫଳ କରିଛି। ୧୯୯୩ରେ ସେ ଚେୟାରମ୍ୟାନ ପଦରେ ଅଳଙ୍କୃତ ହୋଇଥିଲେ। ତାଙ୍କର ଉତ୍ସର୍ଗୀକୃତ ମନୋଭାବ ଏବଂ ଅସୀମ ଶକ୍ତି ଦେଶର ବ୍ୟାଙ୍କିଙ୍ଗ୍ ଏବଂ ଫାଇନାନ୍ସିଆଲ ସେକ୍ଟର କ୍ଷେତ୍ରରେ ମୁଥୁଟ ଗ୍ରୁପ୍‌କୁ ଅଗ୍ରଣୀ ସ୍ଥାନକୁ ଆଣିପାରିଛି। ସାରା ଭାରତରେ ୫୩୦୦ରୁ ଅଧିକ ବ୍ରାଞ୍ଚ ଏବଂ ୨୦ ଟି ବିଭିନ୍ନତା ପୂର୍ଣ୍ଣ ଡିଭିଜନ ସ୍ଥାପନ ହୋଇପାରିଛି। ଏହା ସହିତ ଆମେରିକା, ୟୁକେ, ୟୁଏଇ, କୋଷ୍ଟାରିକା, ଶ୍ରୀଲଙ୍କା ଏବଂ ନେପାଳ ଭଳି ଦେଶରେ ମଧ ନିଜର ଉପସ୍ଥିତି ରଖିପାରିଛି । ଏଠାରେ ତାଙ୍କର ବାଣୀ, ଶିକ୍ଷା ଏବଂ ଜ୍ଞାନ ଆମର ପଥକୁ ଆଲୋକିତ କରିବ, ଯେହେତୁ ଆମେ ତାଙ୍କ ଆଦର୍ଶ ଏବଂ ମୂଲ୍ୟବୋଧ ଦ୍ୱାରା ବଞ୍ଚିବା ଏବଂ କାର୍ଯ୍ୟ କରିବା ପାଇଁ ନିରନ୍ତର ପ୍ରତିଶ୍ରୁତିବଦ୍ଧ ରହିବାକୁ ପ୍ରତିଜ୍ଞା କରୁଛୁ ବୋଲି ଗ୍ରୁପ୍ କହିଛି।

# ରାଜପଥ ଲାଗି ଓଡ଼ିଶାକୁ ୧୧ଶହ କୋଟି

**ନୂଆଦିଲ୍ଲୀ,୧୩।୪**



ଆର୍ଥିକ ବର୍ଷ ୨୦୨୦-୨୧ରେ ରାଜପଥ ଉନ୍ନତୀକରଣ ଲାଗି କେନ୍ଦ୍ର ସରକାର ଓଡ଼ିଶାକୁ ୧୧୪୪.୨୯ କୋଟି ଟଙ୍କା ପ୍ରଦାନ କରିଛନ୍ତି। ମୋଟ୍ ୧୪ଟି ପ୍ରକଳ୍ପ ପାଇଁ ଏହି ଅର୍ଥ କେନ୍ଦ୍ର ସରକାର ଦେଇଛନ୍ତି। ରାଜ୍ୟରେ ୩୧୪.୧୭ କିମି ରାସ୍ତା ସହ ମୋଟ ୧୪ଟି ପ୍ରକଳ୍ପ ମଞ୍ଜୁରି ମିଳିଥିବା କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ ମଙ୍ଗଳବାର ଟୁଇଟ୍ କରି ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଏନ୍‌ଏଚ୍-୨୬ର ବରପାଲିରୁ ବାଲାଙ୍ଗୀର ପର୍ଯ୍ୟନ୍ତ ରାସ୍ତା ପାଇଁ ୪୧୪.୨୪ କୋଟି ଟଙ୍କା ମଞ୍ଜୁର ହୋଇଛି। ଏନ୍‌ଏଚ୍-୫୯ର ରତନପୁରରୁ ମୁଣ୍ଡାମାରାଇ ପର୍ଯ୍ୟନ୍ତ ୨-ଲେନ୍‌କୁ ପ୍ରଶସ୍ତ କରିବାକୁ ୧୨୫.୯୪ କୋଟି ବ୍ୟବସ୍ଥା ହୋଇଛି। ସେହିଭଳି ଏନ୍‌ଏଚ୍-୨୬ର ଭବାନୀପାଟଣା ଟାଉନ ନିର୍ଦ୍ଧାରିତ ରାସ୍ତା ନିର୍ମାଣ ପାଇଁ ୩.୨୭ କୋଟି, ଏନ୍‌ଏଚ୍ ୩୨୬-ଏର ମୋହାନା-ମାଲଓ୍ୱା ଘାଟ ୩୫ କିମି ରାସ୍ତାର ଉନ୍ନତୀକରଣ ଲାଗି ୨୩.୨୧ କୋଟି ଅନୁମୋଦନ ହୋଇଛି। ଏନ୍‌ଏଚ୍ ୧୫୩-ବି ଅଙ୍ଗାବିରା- ନାକ୍ଟିଦେଉଳ ରାଜପଥ ବିକାଶ ପାଇଁ ୧୪.୭୩ କୋଟି ଏବଂ ଏନ୍‌ଏଚ୍-୫୩ର ନର୍ମାଣ କାର୍ଯ୍ୟ ୬.୫ କୋଟି, ଏନ୍‌ଏଚ୍-୨୦ ପାଇଁ ୧୮.୦୬ କୋଟି ଟଙ୍କା ଏବଂ ଏନ୍‌ଏଚ୍- ୫୫ ଲାଗି ୨୨.୫୨ କୋଟି ବ୍ୟବସ୍ଥା ହୋଇଛି। ସେହିଭଳି ଓଡ଼ିଶାର ଏନ୍‌ଏଚ୍-୧୪୯ ପାଇଁ ୫.୭୨ କୋଟି ଟଙ୍କା, ୫ ନମ୍ବର ଏଚ୍‌ଏଲ ବ୍ରିଜ୍ ନିର୍ମାଣ ପାଇଁ ୧୫୪.୦୫ କୋଟି ଟଙ୍କାର ଅର୍ଥ ମଞ୍ଜୁର କରାଯାଇଛି। ଏନ୍‌ଏଚ୍- ୫୯ରେ ବ୍ରହ୍ମପୁର ବାଇପାସ୍ ନିର୍ମାଣ ପାଇଁ ୧୯୬.୯୪ କୋଟି ଟଙ୍କା, ରାଜ୍ୟରେ ସଡକ ସୁରକ୍ଷା କାର୍ଯ୍ୟ ପାଇଁ ୧.୪୨ କୋଟି ମଧ୍ୟ ମଞ୍ଜୁର ହୋଇଛି। ସେହିଭଳି ପୁରୀର ୩୧୬ ଏନ୍‌ଏଚ୍ ଲାଗି ୧୩୭.୬୧ କୋଟି, ପୁରୀ ଆର୍‌ଓବି ପାଇଁ ୧୧.୮ କୋଟି, ଏବଂ ଏନ୍‌ଏଚ୍-୧୫୩ବିର ଏକ ବ୍ରିଜ ନିର୍ମାଣ ପାଇଁ ୯.୭ କୋଟିର ପ୍ରକଳ୍ପ ସାମିଲ ଥିବା କେନ୍ଦ୍ରମନ୍ତ୍ରୀ ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
୧. ବଗିଚା କାମ ପାଇଁ ମାଳୀ
୨. ଅଫିସ୍ କାମ ପାଇଁ ଝିଅପିଲା ଆବଶ୍ୟକ।
ଘର ସହ 10,000/- ।
ଫୁଲନଖରା, କଟକ
ଯୋଗାଯୋଗ: 8249851363 8118078023

A 20 year old CA Firm needs the following staffs for their office and client places:
1. Senior Accountants: 6 Nos. (5-15 years Exp). (The candidate should have in-depth knowledge in Tally ERP & GST/IT filing).
2. Junior Accountants: 4 Nos.(1-4 years Exp.) (Standard Tally Knowledge).
Interested candidates may send their resumes to the following mail id:
advmail2014@yahoo.in
or Call: 7381093401

**ରୋଷେୟା ଆବଶ୍ୟକ**
ଭୁବନେଶ୍ୱରରେ ଏକ ଷ୍ଟାର୍ଟଅପ୍ ବୁକ୍ କ୍ୟାଫେ ସହିତ ରେଷ୍ଟୁରାଣ୍ଟ ପାଇଁ Cook/Chef ଆବଶ୍ୟକ ।
ଆକର୍ଷଣୀୟ ଦରମା
ଫୋନ୍: 8328985517 7358530465

**ବ୍ଲକ୍‌ସ୍ତରୀୟ ନିଯୁକ୍ତି**
ନିଜ ପଞ୍ଚାୟତ ଏବଂ ବ୍ଲକ୍‌ରେ କାମକରିବା ପାଇଁ 7th to 10th, +2, +3, ITI Diploma Candidate ଆବଶ୍ୟକ ।
ଦରମା - 7,000/- ରୁ 42,000/-
8895029591

**LEPRA SOCIETY**
Requires one Male and one Female ORWs for Target Intervention (IDU) Project, Bhubaneswar. 8th Standard with Good Knowledge of the Local Community and Local Language for ORWs. Salary: Rs.7,500/- (Per Month) Apply to hrd@leprahealthinaction.in within 7 days. For details visit:
www.leprasociety.org

**WANTED** Teaching, Marketing, Accountant, Receptionist, Computer Operator & Peon for Hotel Management, Tourism Management, BBA, BCA & ITI College. Contact: Nirmana Group of Institutions, Balakati, Bhubaneswar.
Mob: 9040479879
Email:Nirmana.nimt@gmail.com.

**ବୃନ୍ଦାବନ ଓ ଓଁ ଶ୍ରୀଜଗନ୍ନାଥ ଛପନଭୋଗ ଦୁଇଟି ରେଷ୍ଟୁରାଣ୍ଟର**
ପାହାଳ, ଜଗନ୍ନାଥ ମନ୍ଦିର ପାଖ, ଭୁବନେଶ୍ୱରରେ ନିମ୍ନଲିଖିତ ପ୍ରାର୍ଥୀ ଆବଶ୍ୟକ।
୧. ମନ୍ଦିର ରୋଷେୟା- ୨ ଜଣ (ଦରମା- ଟ ୧୫,୦୦୦/-)
୨. ଖାଇବା ସପ୍ଲାଏ ବଏ- ୧୦ ଜଣ (ଦରମା - ଟ ୮୦୦୦/-)
୩. ବାସନ ଉଠାଇବା ଲୋକ- ୨ ଜଣ (ଦରମା- ଟ ୮୦୦୦/-)
୪. ଟିଫିନ୍ ମିସ୍ତ୍ରି- ୨ ଜଣ (ଦରମା- ଟ ୧୩,୦୦୦/-)
ରହିବା ଓ ଖାଇବା ମାଗଣା ।
ଯୋଗାଯୋଗ: Mobile-8599002100

**ଏୟାରପୋର୍ଟ ରେ ଚାକିରୀ**
(ସିଧା ଭର୍ତ୍ତି, ସ୍ଥାୟୀ ନିଯୁକ୍ତି)
ଏୟାର ହୋଷ୍ଟେସ୍, ଗ୍ରାଉଣ୍ଡ ଷ୍ଟାଫ୍, ସୁପରଭାଇଜର, ଚେକର, ଲୋଡର୍, ହେଲ୍‌ପର୍
Salary : 25,500/- ରୁ 55,500/- ଯୋଗ୍ୟତା -ଅଷ୍ଟମ ରୁ ଗ୍ରାଜୁଏସନ୍ (ପୁଅ/ଝିଅ), ବିନା interview ରହିବା + ଖାଇବା ସୁବିଧା ଯୋଗାଇ ଦିଆଯିବ।
CONTACT : 8448123162

**ଆବଶ୍ୟକ** ଏକ ପ୍ରଗତିଶୀଳ ଦୁଗ୍ଧ କାରଖାନା ପାଇଁ **ମାର୍କେଟିଂ ମ୍ୟାନେଜର, ମାର୍କେଟିଂ ଏକ୍ଜିକ୍ୟୁଟିଭ୍ ଅଫିସର, ପ୍ରୋକୋରମେଣ୍ଟ ଅଫିସର, ଡାଟା ଏଣ୍ଟ୍ରି-କମ୍-ଆକାଉଣ୍ଟାଣ୍ଟ** ଓ ଅଟୋ, ଟାଟା ଏସି ବୋଲେରୋ ଗାଡ଼ି ଚଲାଉଥିବା ଅଭିଜ୍ଞତା ଥିବା ଲାଇସେନ୍ସପ୍ରାପ୍ତ **ଡ୍ରାଇଭର** ପାଇଁ ନିମ୍ନଲିଖିତ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।
**ଠିକଣା: ପ୍ରତିଚୀ ଡାଏରୀ ପ୍ରଡକ୍ଟ ପ୍ରା.ଲିଃ., ପ୍ଲଟ ନଂ. ୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ, ମୋ.- ୯୮୫୩୦୦୩୩୧୭**
Email ID: pratichidairyproducts@gmail.com

**Form. No - INS-25A**
**ଏକ ପବ୍ଲିକ୍ କମ୍ପାନୀରୁ ପ୍ରାଇଭେଟ୍ କମ୍ପାନୀକୁ ରୂପାନ୍ତରିତ ହେବା ନିମନ୍ତେ ବିଜ୍ଞାପନ**
କ୍ଷେତ୍ରୀୟ ନିର୍ଦ୍ଦେଶକଙ୍କ ସମୀପେଷୁ କର୍ପୋରେଟ ବ୍ୟାପାର ମନ୍ତ୍ରାଳୟ, ପୂର୍ବାଞ୍ଚଳ କ୍ଷେତ୍ର, କଲିକତା
କମ୍ପାନୀଜ୍ ଆକ୍ଟ, ୨୦୧୩ ଧାରା ୧୪ ଓ କମ୍ପାନୀଜ୍ ( ପ୍ରତିଷ୍ଠା ) ଅଧିନିୟମ, ୨୦୧୪ ବିଷୟକ
ଓ
ଡି.କେ.ଜେ ପ୍ରୋଜେକ୍ଟସ୍ ଏବଂ ସର୍ଭିସେସ ଲିମିଟେଡ୍ ବିଷୟକ ଯାହାକି କମ୍ପାନୀଜ୍ ଆକ୍ଟ ,୧୯୫୬ ଅନୁଯାୟୀ ଗଠିତ ଓ ଯାହାର ପଞ୍ଜିକୃତ କାର୍ଯ୍ୟାଳୟ ରେମୁଣା, ବାଲେଶ୍ୱର, ୭୫୬୦୧୯, ଓଡିଶାରେ ଅବସ୍ଥିତ ।
ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଉପରୋକ୍ତ କମ୍ପାନୀ ତା ୧୫/୦୩/୨୦୨୧ ରେ ଅନୁଷ୍ଠିତ ତାର ଅତିରିକ୍ତ ସାଧାରଣ ସଭାର ସ୍ୱତନ୍ତ୍ର ନିଷ୍ପତ୍ତି ଅନୁଯାୟୀ ତଥା କମ୍ପାନୀଜ୍ ଆକ୍ଟ , ୨୦୧୩ ଧାରା ୧୪ ଏବଂ ଆବଶ୍ୟକୀୟ ଅଧିନୀୟମ ଅନୁଯାୟୀ କେନ୍ଦ୍ର ସରକାରଙ୍କୁ ଏକ ଦରଖାସ୍ତ ପ୍ରଦାନ କରୁଛନ୍ତି ଏହା ପବ୍ଲିକ ଲିମିଟେଡ୍ ରୁ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀକୁ ରୂପାନ୍ତରିତ ହେବାକୁ ଯାଉଛି ।
ଏହାଦ୍ୱାରା ଯଦି କୌଣସି ବ୍ୟକ୍ତିଙ୍କ ସ୍ୱାର୍ଥରେ ଆଞ୍ଚ ଆସେ ତେବେ ସେହି ଆଗ୍ରହୀ ବ୍ୟକ୍ତି ଏକ ଆଫିଡେଭିଟ୍ ଜରିଆରେ ତାଙ୍କ ଆଗ୍ରହର ବିବରଣୀ ସହିତ ଆପତ୍ତିର ଭିତ୍ତି ବିଷୟରେ ପଞ୍ଜିକୃତ ଡାକ ଯୋଗେ ଏହି ବିଜ୍ଞାପନର ୧୪ ଦିନ ମଧ୍ୟରେ ନିମ୍ନ ଠିକଣାରେ ଜଣାଇବାକୁ ଅନିରୋଧ । ତାହା ସହିତ ଏହାର ଏକାକିତା ନକଲ ମଧ କମ୍ପାନୀର ପଞ୍ଜିକୃତ ଠିକଣାରେ ପଠାଇବାକୁ ଅନୁରୋଧ ।
ଡି.କେ.ଜେ ପ୍ରୋଜେକ୍ଟସ୍ ଏବଂ ସର୍ଭିସେସ୍ ଲିମିଟେଡ୍ ତରଫରୁ ସ୍ୱା/- ( ଆକାଂଶା ବେହେରା )
ନିର୍ଦ୍ଦେଶକଙ୍କ ଠିକଣା
Regional Director, Eastern Region, Nizam Palace, ii , MSO Building . 3rd Floor, 234/4, AJC Road, Kolkata - 700020
ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା
At/po - Remuna, Balasore - 756019 Odisha

**R.S. MAHAVIDYALAYA, ODAGAON**
**WALK-IN-INTERVIEW**
Candidates securing more than 55% marks at P.G. level may appear the interview for the post of lecturers on contractual basis in Philosophy, History, Political Science, Education, Sanskrit, Botany, Physics, Chemistry, Mathematics and Laboratory Assistant in Physics, Botany, Zoology and Biology (+3 Sc. with Hons.), Assistant Librarian (B.Lib.Sc.) with computer literacy at 11 A.M. on dt. 17.04.2021 in the Office of the Sub-Collector, Nayagarh with supporting documents and biodata.
Principal-cum-Secretary

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
(A Statutory Body under aegis of Ministry of Health and Family Welfare, Govt. of India)
Engineering Branch (Civil), Sijua (Patrapada), Bhubaneswar(Odisha)-751019
www.aiimsbhubaneswar.nic.in
File No. : AIIMS/BBSR/Engg./ 597/ NIT-033/ 2020-21 Dated : 13th April 2021
**NOTICE INVITING E-TENDER**
The All India Institute of Medical Sciences (AIIMS), Bhubaneswar invites e-Tender for the Work(s) for **Annual maintenance Contract of Civil Works of all the Buildings of Hospital Complex for the year of 2021-22 at AIIMS, Bhubaneswar** *(NIT No. : AIIMS/BBSR/ Engg./ 033 /2020-21)*. The detailed Tender Document along with Last Date & Time of Submission of Tender can be viewed & downloaded from the website **www.aiimsbhubaneswar.nic.in, www.tenderwizard.com/ AIIMSBBSR & CPP Portal www.eprocure.gov.in.**
Sd/-
Executive Engineer(Civil) I/C
AIIMS, Bhubaneswar

इंडियन बैंक Indian Bank
इलाहाबाद ALLAHABAD
**କ୍ଷେତ୍ରୀୟ କାର୍ଯ୍ୟାଳୟ, ସମ୍ବଲପୁର**
୨ୟ ମହଲା, ଶ୍ୟାମ ଆର୍କେଡ, କ୍ଷେତରାଜପୁର
ସମ୍ବଲପୁର-୭୬୮୦୦୩
**ଦଖଲ ନୋଟିସ୍**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍‌ର ରୁଲ ୮ ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ସାଙ୍କେତିକ ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ପାଇଁ **ଇଣ୍ଡିଆନ୍ ବ୍ୟାଙ୍କ, ଅନୁଗୁଳ ଶାଖା, ଅନୁଗୁଳ** ନିକଟରେ ଉତ୍ତରଦାୟୀ ରହିବେ।

ଋଣଗ୍ରହୀତାଙ୍କୁ ଅବଗତ କରାଇଦିଆଯାଉଛି ଯେ, ଧାରା ୧୩, ଉପଧାରା (୮)ରେ ଦିଆଯାଇଥିବା ସମୟ ମଧ୍ୟରେ ସୁରକ୍ଷିତ ସମ୍ପତ୍ତି ଉପରେ ଥିବା ପ୍ରାପ୍ୟ ଜମା କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ।

| ଶାଖା ନାମ / ଋଣଗ୍ରହୀତା / ଜାମିନଦାର / ବନ୍ଧକଦାତା / ସମ୍ପତ୍ତି ମାଲିକଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ତାରିଖ ଅନୁଯାୟୀ ବକେୟା ରାଶି |
|---|---|---|---|---|
| ଅନୁଗୁଳ ଶାଖା, ଅନୁଗୁଳ<br>ଋଣଗ୍ରହୀତାମାନେ: (୧) ଶ୍ରୀ ବିଚିତ୍ରାନନ୍ଦ ବେହେରା (ବନ୍ଧକଦାତା), ପିତା: ହୃଷିକେଶ ବେହେରା, (୨) ଶ୍ରୀମତୀ ଦମୟନ୍ତୀ ବେହେରା, ସ୍ୱାମୀ: ବିଚିତ୍ରାନନ୍ଦ ବେହେରା / ଜାମିନ୍‌ଦାର: ଶ୍ରୀ ସଚ୍ଚିଦାନନ୍ଦ ବେହେରା, ପିତା: ବିଚିତ୍ରାନନ୍ଦ ବେହେରା, ସମସ୍ତଙ୍କ ଠିକଣା-ସା: ବେଣାଗାଡ଼ିଆ, ପୋ: ଜରାସିଂହା, ଥାନା/ଜିଲ୍ଲା: ଅନୁଗୁଳ-୭୫୯୧୪୩। | ଶ୍ରୀ ବିଚିତ୍ରାନନ୍ଦ ବେହେରାଙ୍କ ନାମରେ ଥିବା ବାସ ଉପଯୋଗୀ ଜମି ଏବଂ ଗୃହ ଆଦି | ୦୬.୧୧.୨୦୧୯ | ୧୨.୦୪.୨୦୨୧ | ତା.୦୬.୧୧.୨୦୧୯ ସୁଦ୍ଧା ଟ.୬,୪୭,୧୩୭/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ |
| | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବେଣାଗାଡ଼ିଆ, ପୋ: ଜରାସିଂହା, ଥାନା: ଅନୁଗୁଳ, ଥାନା ନଂ.: ୨୭, ତହସିଲ: ଅନୁଗୁଳ/ବାଁଅରପାଳ, ସବ୍ ରେଜିଷ୍ଟର: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ପ୍ଲଟ ନଂ.: ୨୦୬୯/୩୦୬୨, ଖାତା ନଂ. : ୨୩୯/୨୨୦, କ୍ଷେତ୍ର ଏକର୦.୧୧୦ ଡିସିମିଲ, ଚୌହଦି-ପୂର୍ବ: ଜୟ ବେହେରା ଏବଂ ଅନ୍ୟମାନେ, ପଶ୍ଚିମ: ଡେରଜଙ୍ଗ ପ୍ରକଳ୍ପ, ଉତ୍ତର: ରାସ୍ତା, ଦକ୍ଷିଣ: ଚିନ୍ତାମଣି ସାହୁ। | | | |

ତାରିଖ: ୧୩.୦୪.୨୦୨୧, ସ୍ଥାନ: ସମ୍ବଲପୁର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ମୁମ୍ବାଇ ଇଣ୍ଡିଆନ୍ସର ରୋମାଞ୍ଚକ ବିଜୟ

ଚେନ୍ନାଇ, ୧୩।୪

ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ପ୍ରଥମ ବିଜୟ ହାସଲ କରିଛି। ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ମଙ୍ଗଳବାର ଅନୁଷ୍ଠିତ ଲିଗ୍‌ର ପଞ୍ଚମ ମ୍ୟାଚ୍‌ରେ ମୁମ୍ବାଇ ରୋମାଞ୍ଚକ ଭାବେ ୧୦ ରନ୍‌ରେ କୋଲକାତା ନାଇଟ ରାଇଡର୍ସଙ୍କୁ ପରାସ୍ତ କରିଛି। ପ୍ରଥମ ମ୍ୟାଚ୍‌ରେ ବାଙ୍ଗାଲୋରଠାରୁ ପରାସ୍ତ ହୋଇଥିବା ମୁମ୍ବାଇ ଏଥର ତ୍ରୁଟି ସୁଧାରିବାରେ ସଫଳ ହୋଇଛି। ଟସ୍ ଜିତି କୋଲକାତା ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ୨୦ ଓଭରରେ ୧୫୨ ରନ ସଂଗ୍ରହ କରିଥିଲା। ଜବାବରେ କୋଲକାତା ଭଲ ଆରମ୍ଭ କରିଥିଲେ ମଧ୍ୟ ୭ ଉଇକେଟ ହରାଇ ୧୪୨ ରନରେ ସୀମିତ ରହିପରାସ୍ତ ହୋଇଥିଲା। ନୀତୀଶ ରାଣା ଓ ଶୁବମନ ଗିଲଙ୍କୁ ବାଦ୍ ଦେଲେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। କୋଲକାତା ଅନ୍ତିମ ୫ ଓଭରରେ ୩ ଉଇକେଟ ହରାଇଥିଲା ଓ ମାତ୍ର ୨୦ ରନ ସଂଗ୍ରହ କରିଥିଲା।

୧୫୩ ରନ ଛୋଟିଆ ଟାର୍ଗେଟର ପିଛା କରି କୋଲକାତା ଭଲ ଆରମ୍ଭ କରିଥିଲା। ଦଳ ବିନା କ୍ଷତିରେ ୭ ଓଭରରେ ୫୦ ରନ ସଂଗ୍ରହ କରି ନେଇଥିଲା। ଦୁଇ ଓପନର ରାଣା ଓ ଶୁବମନ ପ୍ରଥମ ଉଇକେଟରେ ୫୪ ବଲରୁ ୭୨ ରନ ସଂଗ୍ରହ କରିଥିଲେ। ଶୁବମନ ୨୪ ବଲର ସମ୍ମୁଖୀନ ହୋଇ ୫ ଚୌକା ଓ ୧ ଛକା ସହ ୩୩ ରନକରି ସ୍ପିନର ରାହୁଲ ଚହରଙ୍କ ବଲ୍‌ରେ ଲଙ୍ଗଅଫ୍‌ରେ କିରନ ପୋଲାର୍ଡଙ୍କୁ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ଦ୍ୱିତୀୟ ଉଇକେଟ ରୂପେ ରାହୁଲ ତ୍ରିପାଠୀ କିନ୍ତୁ ଶୀଘ୍ର ଆଉଟ ହୋଇଥିଲେ। ଗତ ମ୍ୟାଚ୍‌ରେ ଅର୍ଦ୍ଧଶତକ ହାସଲ କରିଥିବା ତ୍ରିପାଠୀ ମାତ୍ର ୫ ରନ କରିଥିବା ବେଳେ କିପର କ୍ରିଷ୍ଟନ ଡିକକଙ୍କୁ କ୍ୟାଚ୍ ଦେଇ ଚହରଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ନୀତୀଶ କ୍ରମାଗତ ଦ୍ୱିତୀୟ ଓ କ୍ୟାରିୟରର ୧୩ତମ ଆଇପିଏଲ୍ ଅର୍ଦ୍ଧଶତକ ହାସଲ କରିଥିଲେ। ଆଉଟ ଅଫ୍ ଫର୍ମ ମୋର୍ଗାନ ପୁଣି ଥରେ ଫେଲ୍ ମାରିଥିଲେ। ସେ ମାତ୍ର ୭ ରନକରି ଚହରଙ୍କ ବଲ୍‌ରେ ଡିପ୍ ମିଡ୍ ଉଇକେଟରେ ମାର୍କୋ ଜାନସେନଙ୍କୁ କ୍ୟାଚ୍ ଦେଇ ଚହରଙ୍କ ତୃତୀୟ ଶିକାର ହୋଇଥିଲେ। ଏହାପରେ ରାଣା ୫୭ ରନ (୪୭ ବଲ, ୬ ଚୌକା, ୨ ଛକା) କରି ଚହରଙ୍କ ବଲ୍‌ରେ ଡିକକ୍‌ଙ୍କ ଦ୍ୱାରା ଷ୍ଟମ୍ପ ଆଉଟ ହୋଇଥିଲେ। ଏଥିସହ ଦମ୍‌ଦାର ବୋଲିଂ କରି ଚହର ୨୭ ରନ ବ୍ୟୟକରି ମୂଲ୍ୟବାନ ୪ ଉଇକେଟ ଅକ୍ତିଆର କରିଥିଲେ। ଏହାର ଗୋଟିଏ ବଲ୍ ପରେ ଶକିବ ଅଲ ହାସନ ବେଶି ସମୟ ତିଷ୍ଠି ନ ପାରି ମାତ୍ର ୯ ରନ କରି ଡିପ୍ ସ୍କୋୟାରରେ ସୂର୍ଯ୍ୟକୁମାର ଯାଦବଙ୍କୁ କ୍ୟାଚ୍ ଦେଇ କୃନାଲ ପାଣ୍ଡ୍ୟାଙ୍କ ଦ୍ୱାରା ଆଉଟ ହୋଇଥିଲେ। ୧୨୨ ରନରେ ଦଳର ୫ ଉଇକେଟର ପତନ ହୋଇଥିଲା। ଆନ୍ଦ୍ରେ ରସେଲ ୯ ରନକରି ଟ୍ରେଣ୍ଟ ବୋଲ୍ଟଙ୍କ ଦ୍ୱାରା କଟ୍ ଆଣ୍ଡ ବୋଲ୍ଡ ହୋଇଥିଲେ। ଏହାପର ବଲ୍‌ରେ ପ୍ୟାଟ୍ କମିନ୍ସ ଖାତା ଖୋଲିବା ପୂର୍ବରୁ ବୋଲ୍ଟଙ୍କ ଦ୍ୱାରା କ୍ଲିନ ବୋଲ୍ଡ ହୋଇଥିଲେ। କ୍ରମାଗତ ୨ଟି ବଲ୍‌ରେ ବୋଲ୍ଟ ଦୁଇ ଉଇକେଟ ଅକ୍ତିଆର କରିଥିଲେ। ଦୀନେଶ କାର୍ତ୍ତିକ ୮ ଓ ହରଭଜନ ସିଂ ୨ ରନକରି ଅପରାଜିତ ରହିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ବୋଲିଂରେ ମୁମ୍ବାଇ ତରଫରୁ ଚହର ସର୍ବାଧିକ ୪, ବୋଲ୍ଟ ୨, କୃନାଲ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।





ପାଞ୍ଚ ଉଇକେଟ ହାସଲକାରୀ ଆନ୍ଦ୍ରେ ରସେଲଙ୍କୁ ବଧେଇ ଜଣାଉଛନ୍ତି କୋଲ୍‌କାତା ଅଧିନାୟକ ଇଅନ ମୋର୍ଗାନ। ଅର୍ଦ୍ଧଶତକ ହାସଲକାରୀ ସୂର୍ଯ୍ୟକୁମାର ଯାଦବ।

## ରସେଲଙ୍କୁ ୫ ଉଇକେଟ

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ମୁମ୍ବାଇର ଆରମ୍ଭ ଭଲ ହୋଇ ନ ଥିଲା। ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା କିପର-ବ୍ୟାଟ୍ସମ୍ୟାନ କ୍ୱିଣ୍ଟନ ଡିକକ୍ ମାତ୍ର ୨ ରନ କରିଥିବା ବେଳେ ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ବଲ୍‌ରେ ଲଙ୍ଗଅନ୍‌ରେ ରାହୁଲ ତ୍ରିପାଠୀଙ୍କୁ କ୍ୟାଚ୍ ଦେଇ ପ୍ରଥମେ ଆଉଟ ହୋଇଥିଲେ। ୧୦ରନରେ ଦଳ ପ୍ରଥମ ଉଇକେଟ ହରାଇଥିଲା। ଦ୍ୱିତୀୟ ଉଇକେଟରେ ଅଧିନାୟକ ରୋହିତ ଶର୍ମା ଓ ସୂର୍ଯ୍ୟକୁମାର ଯାଦବ ୫୩ ବଲରୁ ୭୬ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ। ୯୯ ମିଟର ଲମ୍ବ ବିଶିଷ୍ଟ ଛକା ମାରି ସୂର୍ଯ୍ୟକୁମାର ୩୩ ବଲରୁ କ୍ୟାରିୟରର ଦ୍ୱାଦଶ ଆଇପିଏଲ୍ ଅର୍ଦ୍ଧଶତକ ହାସଲ କରିଥିଲେ। ତେବେ ସେ ୩୬ ବଲରୁ ୭ ଚୌକା ଓ ୨ ଛକା ସହ ୫୬ ରନକରି ଶାକିବଙ୍କ ବଲ୍‌ରେ ଲଙ୍ଗଅନ୍‌ରେ ଶୁବମନ ଗିଲଙ୍କୁ ଏକ ଉଚ୍ଚ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ଇଶାନ କିଷନ ମାତ୍ର ୧ ରନ କରିଥିବା ବେଳେ ପ୍ୟାଟ୍ କମିନ୍ସଙ୍କ ବଲ୍‌ରେ ହୁକ୍ କରିବାକୁ ଯାଇ ଫାଇନଲେଗ୍‌ରେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ରୋହିତ ୪୩ ରନ (୩୨ ବଲ, ୩ ଚୌକା, ୧ ଛକା) କରିଥିବା ବେଳେ କମିନ୍ସଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ଏହାପରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ୧୫, କିରନ ପୋଲାର୍ଡ ୫, ମାର୍କୋ ଜେନସନ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। କ୍ରିଷ୍ଣାଙ୍କ ବଲ୍‌ରେ ହାର୍ଦ୍ଦିକ ମିଡ୍‌ଅଫ୍‌ରେ ରସେଲଙ୍କୁ କ୍ୟାଚ୍ ଦେଇଥିଲେ। ସେହିପରି ପୋଲାର୍ଡ ଓ ଜାନ୍‌ସେନ ରସେଲଙ୍କ ଦ୍ୱାରା ଆଉଟ ହୋଇଥିଲେ। ଏହାପରେ ଅଷ୍ଟମ ଉଇକେଟରେ କୃନାଲ ଓ ଚହର ୧୨ ବଲରୁ ଦ୍ରୁତ ୨୪ ରନକରି ଦଳର ସ୍କୋରକୁ ଦେଢ଼ଶହରେ ପହଞ୍ଚାଇଥିଲେ। ତେବେ କୃନାଲ ୯ ବଲରୁ ୩ ଚୌକା ସହ ୧୫ ରନ କରି ରସେଲଙ୍କ ବଲ୍‌ରେ ଶର୍ଟ ଫାଇନଲେଗ୍‌ରେ କ୍ରିଷ୍ଣାଙ୍କୁ କ୍ୟାଚ୍ ଦେଇଥିଲେ। ଏହାପର ବଲ୍‌ରେ ଯଶପ୍ରୀତ ବୁମରାଙ୍କୁ ଆଉଟ କରି ରସେଲ ହ୍ୟାଟ୍ରିକ ସୁଯୋଗ ପାଇଥିଲେ। ତେବେ ଏହା ପର ବଲରେ ୨ ରନ ବ୍ୟୟ କରିଥିଲେ ରସେଲ। କିନ୍ତୁ ଇନିଂସର ଶେଷ ବଲରେ ୮ ରନ କରି ଚହର ରସେଲଙ୍କ ପଞ୍ଚମ ଶିକାର ହୋଇଥିଲେ। ଏହି ଓଭରରେ ରସେଲ ୩ଟି ଉଇକେଟ ନେଇଥିଲେ। ମାତ୍ର ୨ ଓଭର ବୋଲିଂ କରି ୧୫ ରନ ବ୍ୟୟ କରିବା ସହ ରସେଲ କ୍ୟାରିୟରର ପ୍ରଥମ ୫ ଉଇକେଟ ସଫଳତା ପାଇଥିଲେ। ରାହୁଲ ଚହର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

### ଆଇପିଏଲ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୧ | ୧ | ୦ | ୨ | +୦.୭୭୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୨ | ୧ | ୧ | ୨ | +୦.୨୨୫ |
| ପଞ୍ଜାବ କିଙ୍ଗ୍ସ | ୧ | ୧ | ୦ | ୨ | +୦.୨୦୦ |
| ରୟାଲ ଚ୍ୟାଲେଞ୍ଜର୍ସ | ୧ | ୧ | ୦ | ୨ | +୦.୦୫୦ |
| ନାଇଟ ରାଇଡର୍ସ | ୨ | ୧ | ୧ | ୨ | ୦.୦୦୦ |
| ରାଜସ୍ଥାନ ରୟାଲ୍ସ | ୧ | ୦ | ୧ | ୦ | -୦.୨୦୦ |
| ସନ୍‌ରାଇଜର୍ସ | ୧ | ୦ | ୧ | ୦ | -୦.୫୦୦ |
| ଚେନ୍ନାଇ ସୁପରକିଙ୍ଗ୍ସ | ୧ | ୦ | ୧ | ୦ | -୦.୭୭୯ |

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୫୨ ଅଲଆଉଟ (ସୂର୍ଯ୍ୟକୁମାର-୫୬, ରୋହିତ-୪୩, ହାର୍ଦ୍ଦିକ-୧୫, କୃନାଲ-୧୫, ରସେଲ-୫/୧୫, କମିନ୍ସ-୨/୨୪, ବରୁଣ-୧/୨୭, ଶକିବ-୧/୨୩, କ୍ରିଷ୍ଣା-୧/୪୨)। କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୪୨/୭ (ରାଣା- ୫୭, ଶୁବମନ- ୩୩, ଚହର- ୪/୨୭, ବୋଲ୍ଟ- ୨/୨୭, କୃନାଲ- ୧/୧୩)।

# ଷ୍ଟୋକ୍ସ ଆଇପିଏଲ୍‌ରୁ ଆଉଟ୍

**ଲଣ୍ଡନ/ମୁମ୍ବାଇ, ୧୩।୪ (ପି.ଟି.):** ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଆଇପିଏଲ୍‌ରୁ ବାହାର ହୋଇଯାଇଛନ୍ତି। ଏପ୍ରିଲ ୧୨ରେ ରାଜସ୍ଥାନ ରୟାଲ୍ସର ପଞ୍ଜାବ କିଙ୍ଗ୍ସ ବିପକ୍ଷ ପ୍ରଥମ ମ୍ୟାଚରେ ଫିଲ୍ଡିଂ କରୁଥିବାବେଳେ ତାଙ୍କ ବାମ ହାତର ଏକ ଆଙ୍ଗୁଠି ହାଡ଼ ଭାଙ୍ଗିଯାଇଛି। ତେଣୁ ଆଇପିଏଲ୍‌ରେ ଅବଶିଷ୍ଟ ମ୍ୟାଚ ଖେଳିବା ତାଙ୍କ ପକ୍ଷେ ଆଉ ସମ୍ଭବ ନୁହେଁ। ତାଙ୍କ ଫ୍ରାଞ୍ଚାଇଜ୍ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଏବିଷୟରେ ମଙ୍ଗଳବାର ସ୍ପଷ୍ଟ କରାଯାଇଛି।

# ଭୁବନେଶ୍ୱର ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ

ଦୁବାଇ, ୧୩।୪(ପି.ଟି.)

ଅଭିଜ୍ଞ ଭାରତୀୟ ସିମ୍ ବୋଲର ଭୁବନେଶ୍ୱର କୁମାର ମଙ୍ଗଳବାର ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଜିତିଛନ୍ତି। ମାର୍ଚ୍ଚରେ ଇଂଲଣ୍ଡ ବିପକ୍ଷ ସୀମିତ ଓଭର ସିରିଜରେ ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ତାଙ୍କୁ ଏହି ପୁରସ୍କାର ମିଳିଛି। ୩୧ବର୍ଷୀୟ ଏହି ଭାରତୀୟ କ୍ରିକେଟର ତିନୋଟି ଅନ୍ତର୍ଜାତୀୟ ଦିନିକିଆରେ ୪.୬୫ ଇକୋନୋମି ରେଟ୍‌ରେ ୬ ଉଇକେଟ ଅକ୍ତିଆର କରିଥିଲେ। ସେହିପରି ଭ୍ରମଣକାରୀ ଦଳ ବିପକ୍ଷ ୫ ଅନ୍ତର୍ଜାତୀୟ ଟି୨୦ରେ ୬.୩୮ ଇକୋନୋମି ରେଟ୍‌ରେ ୪ ଉଇକେଟ ହାସଲ କରିଥିଲେ। ହ୍ୱାଇଟ୍ ବଲ ସିରିଜରେ ଦୁଇ ଦଳ ମଧ୍ୟରେ ଭୁବନେଶ୍ୱର ଶ୍ରେଷ୍ଠ ବୋଲିଂ କରିଥିଲେ। ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ପୁରସ୍କାର ଚଳିତବର୍ଷ ଆରମ୍ଭରୁ ଦିଆଯାଇ ଆସୁଛି। ଏ ପର୍ଯ୍ୟନ୍ତ ୩ଥର ଯାକ ଭାରତୀୟ ଖେଳାଳି ଏହି ପୁରସ୍କାର ଜିତିଆସୁଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ଚମତ୍କାର ପ୍ରଦର୍ଶନ ପାଇଁ ଜାନୁୟାରୀରେ ଉଇକେଟକିପର ବ୍ୟାଟ୍ସମ୍ୟାନ ଋଷଭ ପନ୍ତ ପ୍ରଥମ ଖେଳାଳି ଭାବେ ଏହି ପୁରସ୍କାର ଜିତିଥିଲେ। ଇଂଲଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ପ୍ରଭାବୀ ପ୍ରଦର୍ଶନ ପାଇଁ ଫେବୃୟାରୀରେ ଭେଟେରାନ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଏହି ପୁରସ୍କାର ଲାଭ କରିଥିଲେ। ପୁରୁଷ କାଟେଗୋରିରେ ଏହି ପୁରସ୍କାର ପାଇଁ ଭୁବନେଶ୍ୱରଙ୍କ ବ୍ୟତୀତ ଆଫଗାନିସ୍ତାନର ଲେଗ୍ ସ୍ପିନର ରସିଦ ଖାଁ ଓ ଜିମ୍ବାୱେର ସିନ୍ ୱିଲିୟମ୍ସଙ୍କ ନାମ ମଧ୍ୟ ସୁପାରିସ ହୋଇଥିଲା। ଆଇସିସି ଭୋଟିଂ ଏକାଡେମୀରେ ପ୍ରତିନିଧିତ୍ୱ କରିଥିବା ପୂର୍ବତନ ଭାରତୀୟ ବ୍ୟାଟ୍ସମ୍ୟାନ ଭିଭିଏସ୍ ଲକ୍ଷ୍ମଣ କହିଛନ୍ତି, ଏକାଧିକ ଇଞ୍ଜୁରି ପାଇଁ ଭୁବନେଶ୍ୱର ପ୍ରାୟ ଦେଢ଼ ବର୍ଷ କ୍ରିକେଟରୁ ନିଜକୁ ଦୂରେଇ ରଖିଥିଲେ। ତାଙ୍କର ଏଭଳି ପ୍ରତ୍ୟାବର୍ତ୍ତନ ଘଟିବ ତାହା କଳ୍ପନା ବାହାରେ ଥିଲା। ଇଂଲଣ୍ଡର ଆକ୍ରମଣାତ୍ମକ ବ୍ୟାଟିଂ ଲାଇନ୍ ଅପ୍ ବିପକ୍ଷ ହ୍ୱାଇଟ୍ ବଲ ଫର୍ମାଟରେ ଉଭୟ ପାୱାରପ୍ଲେ ଏବଂ ଡେଥ୍ ଓଭର ବୋଲିଂ ଖୁବ୍ ଉଚ୍ଚକୋଟୀର ଥିଲା। ଓଭୟ ସିରିଜରେ ଭାରତର ବିଜୟରେ ତାଙ୍କ ଟାଇଟ୍ ବୋଲିଂ ଅନ୍ୟତମ ଭୂମିକା ନେଇଥିଲା।

ଅନ୍ୟପକ୍ଷରେ ମହିଳା ବିଭାଗରେ ଦକ୍ଷିଣ ଆଫ୍ରିକାର ଲିଜେଲି ଲି' ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ଭାରତ ବିପକ୍ଷରେ ଖେଳିଥିବା ୪ ଅନ୍ତର୍ଜାତୀୟ ଦିନିକିଆରେ ଗୋଟିଏ ଶତକ ଓ ଦୁଇଟି ଅର୍ଦ୍ଧଶତକ ହାସଲ କରିଥିଲେ। ଏଥିସହିତ ସେ ମହିଳା ଅନ୍ତର୍ଜାତୀୟ ଦିନିକିଆ ବ୍ୟାଟିଂ ର୍‍ୟାଙ୍କିଙ୍ଗରେ ଶୀର୍ଷ ସ୍ଥାନ ଅଧିକାର କରିପାରିଛନ୍ତି। ଆଇସିସି ଭୋଟିଂ ଏକାଡେମୀରେ ପ୍ରତିନିଧିତ୍ୱ କରୁଥିବା ଅନ୍ୟ ଜଣେ ରମିଜ ରାଜା ଲିଙ୍କ ପ୍ରଦର୍ଶନ ଉପରେ କହିଛନ୍ତି, ବାଉନ୍ସି ଓ ଧିମା, ନିଚା ଟର୍ନିଂ ଟ୍ରାକ୍‌ରେ ଅଧିକ ରନ ସଂଗ୍ରହ କରିବା ସବୁବେଳେ ଚ୍ୟାଲେଞ୍ଜପୂର୍ଣ୍ଣ ହୋଇଥାଏ। ଲିଜେଲି କିନ୍ତୁ ଅନାୟାଶରେ ରନ ସଂଗ୍ରହ କରିଥିଲେ। ମହିଳା ପୁରସ୍କାର ଦୌଡ଼ରେ ରହିଥିଲେ ଅନ୍ୟ ଦୁଇ ଭାରତୀୟ ରାଜେଶ୍ୱରୀ ଗାଏକ୍ୱାଡ ଓ ପୁନମ୍ ରାଉତ।




# ଓସାକାର ଶୂନ୍ୟ ପାର୍କରେ ମଶାଲ ରାଲି

**ଟୋକିଓ, ୧୩।୪(ଏପି):** କୋଭିଡ୍-୧୯ର ପ୍ରଭାବ ଆଗାମୀ ଟୋକିଓ ଅଲିମ୍ପିକ୍ସ ଉପରେ ପଡିବାର ଆଶଙ୍କା ସୃଷ୍ଟି ହୋଇଛି। ମହମାରୀ କାରଣରୁ ଅଲିମ୍ପିକ୍ସର ମଶାଲ ରାଲି ଓସାକା ସହରର ଶୂନ୍ୟ ପାର୍କରେ ମଙ୍ଗଳବାର ଆୟୋଜନ କରାଯାଇଛି। ଓସାକାର '୭୦ କମେମୋରେଟିଭ୍ ପାର୍କ'ରେ ରନରମାନେ ବସ୍‌ରେ ଆସି ପହଞ୍ଚିଥିଲେ। ମଶାଲ ଧରି ଧାବକମାନେ ସ୍ୱଳ୍ପ ଦୂରତା ବିଶିଷ୍ଟ ଅବଧି ଅତିକ୍ରମ କରିଥିଲେ। ସାଥୀରେ ସୁରକ୍ଷାକର୍ମୀମାନେ ମଧ୍ୟ ଦୌଡିଥିଲେ। ଏହି ଦିନ ଓସାକାରେ କରୋନା ଭାଇରସ ସଂକ୍ରମଣ ୧,୦୯୯ରେ ପହଞ୍ଚିଛି। ଜାପାନର ଏହି ଦ୍ୱିତୀୟ ବୃହତ୍ତମ ମେଟ୍ରୋପଲିଟାନରେ ଏହା ସିଙ୍ଗଲ ଡେ ରେକର୍ଡ ସାବ୍ୟସ୍ତ ହୋଇଛି। ୩ ଦିନ ତଳେ ଜାପାନର ଉତ୍ତରପୂର୍ବାଞ୍ଚଳରେ ମଶାଲ ରାଲି ୧୦,୦୦୦ ରନରଙ୍କୁ ନେଇ ଆରମ୍ଭ ହୋଇଥିଲା। ଜୁଲାଇ ୨୩ରେ ଟୋକିଓରେ ଆୟୋଜନ ହେବାକୁ ଥିବା ଉଦ୍‌ଘାଟନୀ ଉତ୍ସବରେ ଏହା ଶେଷ ହେବାର କାର୍ଯ୍ୟକ୍ରମ ଥିଲା। ଗତ ସପ୍ତାହର ଓସାକାର ସର୍ବସାଧାରଣ ରାସ୍ତାରୁ ରାଲିକୁ ବାତିଲ କରାଯାଇ ପାର୍କରେ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୁଧବାର ଅଲିମ୍ପିକ୍ସର ୧୦୦ ଦିନିଆ କାଉଣ୍ଟଡାଉନ ଆରମ୍ଭ ହେବ। ଏହା ମଧ୍ୟ ଏହି ପାର୍କରେ ରୁଦ୍ଧଦ୍ୱାରରେ ଆରମ୍ଭ ହେବ। କୋଭିଡ୍-୧୯ର ନୂଆ ମାମଲା ଜାପାନରେ ବୃଦ୍ଧିପାଇବାରେ ଲାଗିଛି। ୧ ପ୍ରତିଶତରୁ ସାମାନ୍ୟ କିଛି କମ୍ ଲୋକ ଟିକା ନେଇଛନ୍ତି। ଏହି ମହାମାରୀରେ ଜାପାନରେ ଏ ପର୍ଯ୍ୟନ୍ତ ୯,୫୦୦ ମୃତ୍ୟୁବରଣ କରିଛନ୍ତି। ଓସାକା, ଟୋକିଓ ଓ ଜାପାନର ଅନ୍ୟାନ୍ୟ ଅଞ୍ଚଳରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରାଯାଇଛି। ଜାପାନରେ ଅଲିମ୍ପିକ ଆୟୋଜନକୁ ମଧ୍ୟ ମହାମାରୀ ପାଇଁ ବିରୋଧ କରାଯାଉଛି। ୮୦ ପ୍ରତିଶତ ଜାପାନ ଅଧିବାସୀ ଅଲିମ୍ପିକ ବାତିଲ ହେବା ଚାହୁଁଛନ୍ତି। ଅଲିମ୍ପିକ ଓ ପାରା ଅଲିମ୍ପିକ ପାଇଁ ୧୫,୪୦୦ ଆଥ୍‌ଲେଟଙ୍କ ସହ ୧୦,୦୦୦ ଅଫିସିଆଲ, ଜଜ୍, ମିଡିଆ ଓ ବ୍ରଡ୍‌କାଷ୍ଟର୍ସ ଜାପାନ ଆସିବେ।



ଡାହାଣ ହାତରେ ଅସ୍ତ୍ରୋପଚାର ପରେ ମଙ୍ଗଳବାର ହାଲୁକା ଟ୍ରେନିଂ ଆରମ୍ଭ କରିଥିବା ରାଜସ୍ଥାନ ରୟାଲ୍ସର ଇଂଲିଶ୍ ବୋଲର ଜୋଫ୍ରା ଆର୍ଚର।

# ବଲବୀର ସିଂ ଜୁନିୟରଙ୍କ ପରଲୋକ

**ଚଣ୍ଡିଗଡ଼, ୧୩।୪ (ପି.ଟି.):** ହକି କିମ୍ବଦନ୍ତୀ ବଲବୀର ସିଂ ଜୁନିୟରଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୮୮ ବର୍ଷ ହୋଇଥିଲା। ୧୯୫୮ ଏସିଆନ୍ ଗେମ୍ସରେ ରୌପ୍ୟ ଜିତିଥିବା ଭାରତୀୟ ହକି ଦଳର ସେ ଅନ୍ୟତମ ସଦସ୍ୟ ଥିଲେ। ସେ ତାଙ୍କ ସ୍ତ୍ରୀ, ଝିଅ ଓ ପୁଅଙ୍କୁ ଛାଡ଼ି ପରଲୋକ ଗମନ କରିଛନ୍ତି। ରବିବାର ନିଦ୍ରାଗତ ଅବସ୍ଥାରେ ହୃଦ୍‌ଘାତରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ପୁଅ କାନାଡାରେ ଅବସ୍ଥାନ କରୁଛନ୍ତି। କୋଭିଡ୍ ଯୋଗୁ ସେ ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗ ଦେଇପାରି ନ ଥିଲେ। ବଲବୀର ଜୁନିୟର ଜଳନ୍ଧର ଅନ୍ତର୍ଗତ ସଂସାରପୁରରେ ଜନ୍ମଗ୍ରହଣ କରିଥିଲେ। ନର୍ସରୀ ଅଫ ଇଣ୍ଡିଆନ ହକି ରୂପେ ସେ ପରିଚିତ ଥିଲେ। ସେ ବଲବୀର ସିଂ ସିନିୟର, ଲେସ୍‌ଲି କ୍ଲାଉଡିଅସ୍, ପୃଥ୍ୱୀପାଲ ସିଂ, ବାଲକିଶନ ଓ ଚାର୍ଲ୍ସ ଷ୍ଟିଫେନ୍‌ଙ୍କ ଭଳି କିମ୍ବଦନ୍ତୀ ଖେଳାଳିଙ୍କ ସହ ଖେଳିଛନ୍ତି। ମାତ୍ର ୬ ବର୍ଷ ବୟସରେ ସେ ହକି ଖେଳ ପ୍ରତି ଆଗ୍ରହ ଦେଖାଇଥିଲେ। ଜଳନ୍ଧରସ୍ଥିତ ଲ୍ୟାଲପୁର ଖାଲ୍‌ସା କଲେଜରେ ସେ ପାଠ ପଢ଼ିଥିଲେ। ୧୯୫୧ରେ ଆଫଗାନିସ୍ତାନ ଟୁର୍ ବେଳେ ସେ ଭାରତୀୟ ହକି ଦଳ ପାଇଁ ମନୋନୀତ ହୋଇଥିଲେ। ସେ ପଞ୍ଜାବ ରାଜ୍ୟ ହକି ଦଳରୁ ସଦସ୍ୟ ଥିଲେ। ପଞ୍ଜାବ ୟୁନିଭର୍ସିଟି ଟିମ୍‌ର ଅଧିନାୟକତ୍ୱ କରିଥିଲେ। ପରେ ସେ ଭାରତୀୟ ରେଲୱେ ଦଳ ତରଫରୁ ୟୁରୋପ ଟୁର୍‌ରେ ଯାଇଥିଲେ। ସ୍ପେନ, ସୁଇଜରଲାଣ୍ଡ ଓ ଇଟାଲିରେ ମ୍ୟାଚ ଖେଳିଥିଲେ। ଏହି ଟିମ୍ ନେଦରଲାଣ୍ଡ୍ସରେ ଟେଷ୍ଟ ମ୍ୟାଚ ମଧ୍ୟ ଖେଳିଥିଲା। ୧୯୬୨ରେ ସେ ଆର୍ମିରେ ଜଣେ ଏମର୍ଜେନ୍ସି କମିଶନ୍ଡ ଅଫିସର ଭାବେ ଯୋଗ ଦେଇଥିଲେ। ସେ ଦିଲ୍ଲୀରେ ସର୍ଭିସେସ ହକି ଟିମ୍‌ରେ ପ୍ରତିନିଧିତ୍ୱ କରି ଜାତୀୟ ଟୁର୍ନାମେଣ୍ଟ ଖେଳିଥିଲେ। ସିଂ ୧୯୮୪ରେ ଜଣେ ମେଜର ଭାବେ ଅବସର ନେବା ପରେ ଗଲ୍ଫ ଖେଳ ପ୍ରତି ଆଗ୍ରହ ଦେଖାଇଥିଲେ। ଚଣ୍ଡିଗଡ଼ରେ ସେ ସ୍ଥାୟୀ ଭାବେ ବାସ କରିଆସୁଥିଲେ। ତାଙ୍କ ବିୟୋଗରେ ହକି ଇଣ୍ଡିଆ ତରଫରୁ ଗଭୀର ଶୋକପ୍ରକାଶ କରାଯାଇଛି।



# ଭାରତକୁ ହରାଇଲା ଆର୍ଜେଣ୍ଟିନା

**ବୁଏନ୍ସଏରିଜ୍, ୧୩।୪ (ପି.ଟି.):** ଆର୍ଜେଣ୍ଟିନା ଟୁର୍‌ରେ ଭାରତୀୟ ହକି ଦଳ ପ୍ରଥମ ପରାଜୟ ବରଣ କରିଛି। ମଙ୍ଗଳବାର ଅନୁଷ୍ଠିତ ତୃତୀୟ ଅଭ୍ୟାସ ମ୍ୟାଚରେ ଆର୍ଜେଣ୍ଟିନା ୧-୦ ଗୋଲରେ ଭାରତକୁ ପରାସ୍ତ କରିଛି। ଲୁକାସ ଟୋସ୍କାନି ୮ମ ମିନିଟ୍‌ରେ ମ୍ୟାଚର ଏକମାତ୍ର ଗୋଲଟିକୁ ସ୍କୋର କରିଥିଲେ। ସୂଚନାଯୋଗ୍ୟ ଏହା ପୂର୍ବରୁ ଏଫଆଇଏଚ୍ ହକି ପ୍ରୋ-ଲିଗ୍‌ର ଦୁଇଟି ମ୍ୟାଚରେ ଭାରତ ବିଜୟୀ ହୋଇଥିଲା। ପ୍ରଥମ ମ୍ୟାଚ ୨-୨ରେ ଅମୀମାଂସିତ ଭାବେ ଶେଷ ହେବା ପରେ ଭାରତ ପେନାଲ୍ଟି ଶୁଟଆଉଟରେ ଆର୍ଜେଣ୍ଟିନାକୁ ପରାସ୍ତ କରିଥିଲା। ଦ୍ୱିତୀୟଟିରେ ୩-୦ରେ ବିଜୟ ଲାଭ କରିଥିଲା। ମଙ୍ଗଳବାର ମ୍ୟାଚରେ ଭାରତ ପରାଜୟ ବରଣ କରିଥିଲେ ମଧ୍ୟ ଚମତ୍କାର ଗୋଲ ରକ୍ଷଣ ଯୋଗୁ କ୍ରିଶନ ପାଠକ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ଇଂଲଣ୍ଡକୁ ଭାରତ ୩୦ ଜଣିଆ ଦଳ ପଠାଇବ

ଲଣ୍ଡନ, ୧୩।୪(ପି.ଟି.)

- ଭାରତ 'ଏ' ଦଳର ଇଂଲଣ୍ଡ ଗସ୍ତ ସ୍ଥଗିତ
- ଟେଷ୍ଟ ସିରିଜ ପୂର୍ବରୁ ୨ଟି ଇଣ୍ଟ୍ରା-ସ୍କ୍ୱାଡ୍ ଗେମ୍ ଖେଳାଯିବ

ଚଳିତ ଗ୍ରୀଷ୍ମଋତୁରେ ଭାରତ 'ଏ' ଦଳର ଇଂଲଣ୍ଡ ଗସ୍ତକୁ ସ୍ଥଗିତ ରଖାଯାଇଛି। ତେବେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ପାଇଁ ୩୦ ଜଣିଆ ଭାରତୀୟ ଦଳ ଇଂଲଣ୍ଡ ଗସ୍ତ କରିବ। ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ଏବଂ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟରେ ବୁଝାମଣା ଭିତ୍ତିରେ ଏହି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ଅଗଷ୍ଟ-ସେପ୍ଟେମ୍ବର ମଧ୍ୟରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳାଯିବ। ଏହି ସିରିଜ ପୂର୍ବରୁ ଇଂଲଣ୍ଡରେ ଭାରତ 'ଏ' ଓ ଭାରତ ସିନିୟର ମଧ୍ୟରେ ଅଭ୍ୟାସ ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ରହିଥିଲା। ମାତ୍ର ଏହା ବଦଳରେ ୨ଟି ଇଣ୍ଟ୍ରା-ସ୍କ୍ୱାଡ୍ ଗେମ୍ ଖେଳାଯିବାକୁ ନିଷ୍ପତ୍ତି ହୋଇଛି। କୋଭିଡ୍-୧୯ ମହାମାରୀଜନିତ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ହାଇକ୍ୱାଲିଟି ଅନ୍ତର୍ଜାତୀୟ ସିରିଜ ପାଇଁ ଏପରି ନିଷ୍ପତ୍ତି ନିଆଯାଇଥିବା ଅନୁମାନ କରାଯାଉଛି।

ପୂର୍ବରୁ ଭାରତ ସିନିୟର ଓ ଭାରତ 'ଏ' ମଧ୍ୟରେ ୨ଟି ୪ ଦିନିଆ ୱାର୍ମଅପ୍ ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ରହିଥିଲା। ମାତ୍ର ଏବେ ଏହା ୪ ଦିନିଆ ୨ଟି ଇଣ୍ଟ୍ରା-ସ୍କ୍ୱାଡ୍ ଗେମ୍ ମଧ୍ୟରେ ସୀମିତ ରହିଛି। ଏହି ମ୍ୟାଚ ଦ୍ୱୟର ଭେନ୍ୟୁ ସମ୍ପର୍କରେ ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଅର୍ଥାତ୍ ଇଂଲଣ୍ଡ ଗସ୍ତ କରିଥିବା ୩୦ ଜଣିଆ ଦଳ ମଧ୍ୟରେ ଏହି ଅଭ୍ୟାସ ମ୍ୟାଚ ଖେଳାଯିବ। ଏପରି ଆଲୋଚନା ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା ଓ ପାକିସ୍ତାନ କ୍ରିକେଟ ବୋର୍ଡ ସହ ମଧ୍ୟ ହୋଇଛି ବୋଲି ଇସିବି ପକ୍ଷରୁ ପ୍ରକାଶ କରାଯାଇଛି। ଆସନ୍ତା ଗ୍ରୀଷ୍ମଋତୁରେ ସୁରକ୍ଷିତ ପରିବେଶ ସୃଷ୍ଟି ଲକ୍ଷ୍ୟରେ ଇସିବି ଏପରି ନିଷ୍ପତ୍ତି ନେଇଛି।

## ଇଞ୍ଜିନିୟରିଂ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ

ଭୁବନେଶ୍ୱର, (ବ୍ୟୁରୋ): ଚନ୍ଦ୍ରଶେଖରପୁର ଥାନା ହାଉସିଂ ବୋର୍ଡ କଲୋନୀରେ ରହୁଥିବା ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ଝୁଲନ୍ତା ମୃତଦେହକୁ ମଙ୍ଗଳବାର ସନ୍ଧ୍ୟାରେ ପୋଲିସ ଜବତ କରିଛି। ସେ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ମୃତ ଛାତ୍ର ହେଲେ ଯାଜପୁର ଜିଲା ସାରୁଅ ଅଞ୍ଚଳର ରାଜୀବ୍ କୁମାର ସେଠୀ(୧୯)। ଘରେ କେହି ନ ଥିବା ସମୟରେ ସେ କବାଟ ବନ୍ଦକରି ଫ୍ୟାନରେ ଗାମୁଛାରେ ଝୁଲି ପଡିଥିଲେ। ପରେ ପରିବାର ଲୋକ ଘରକୁ ଫେରି କବାଟ ତାଡ଼ି ରାଜୀବଙ୍କୁ ମୃତାବସ୍ଥାରେ ଉଦ୍ଧାର କରିଥିଲେ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ନାଗରିକ ଏକତା ପରିଷଦ ପକ୍ଷରୁ ଆମ୍ବେଦରଙ୍କ ଜୟନ୍ତୀ ପାଳନ ଏବଂ ଶୋଭାଯାତ୍ରା, କଳିଙ୍ଗ ବୁଦ୍ଧ ବିହାରରୁ ଏଜି ଛକ, ସକାଳ ୮ଟାରୁ ଆରମ୍ଭ।
- ପିସିସି ଅନୁଷ୍ଠାନ ପକ୍ଷରୁ ଆମ୍ବେଦର ଜୟନ୍ତୀରେ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଏଜି ଛକ, ସକାଳ ୮ଟା ୩୦।
- ଭାରତୀୟ କ୍ଷେତ ମଜଦୂର ୟୁନିଅନ, ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଆମ୍ବେଦକର ଜୟନ୍ତୀ ପାଳନ ଅବସରରେ ଶୋଭାଯାତ୍ରା, ଭଗବତୀ ଭବନ, ଅଶୋକ ନଗର, ସକାଳ ୯ଟା ୩୦।
- ଓଡ଼ିଆ ନୂଆବର୍ଷ ପାଳନ କମିଟି ପକ୍ଷରୁ ଓଡ଼ିଆ ନବବର୍ଷ ମହୋତ୍ସବ, ଗୁରୁ କେଳୁଚରଣ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ଅପରାହ୍ନ ୫ଟା।
- ସିଟିଜେନ୍ସ ଫୋରମ ପକ୍ଷରୁ ଆମ୍ବେଦର ଜୟନ୍ତୀ ଓ ଓଡ଼ିଆ ନବବର୍ଷ ପାଳନ ଅବସରରେ ବନ୍ଧୁମିଳନ, ପୁରୁଣା ସିଟୁ ଅଫିସ ପରିସର, ଖାରବେଳ ନଗର, ଅପରାହ୍ନ ୫ଟା।
- ସମାଜବାଦୀ ପାର୍ଟି ପକ୍ଷରୁ ଆମ୍ବେଦରକରଙ୍କ ଜୟନ୍ତୀ ଉପଲକ୍ଷେ ଦଳିତ ଦୀପାବଳି ପାଳନ, ପାର୍ଟି କାର୍ଯ୍ୟାଳୟ ପରିସର, ଭି.ଆର.-୩୮, ୟୁନିଟ-୬, ସନ୍ଧ୍ୟା ୬ଟା।

**ବାଲିଅନ୍ତା**

- ବାଦିପାଲା ପରିବେଷଣ, ମା' ଗେହ୍ଲାଦେବୀ ପୂଜା ମଣ୍ଡପ, ସୁନ୍ଦରପାଟଣା-ରୁଦ୍ରପୁର, ରାତି ୮ଟା।

# ଦିନରେ ରଙ୍ଗକାମ, ରାତିରେ ଚୋରି

ଭୁବନେଶ୍ୱର,୧୩।୪(ବ୍ୟୁରୋ)



ଜବତ ସାମଗ୍ରୀ



ଗିରଫ ୨ ଅଭିଯୁକ୍ତ

**୨ ସ୍ତ୍ରୀଙ୍କୁ ଗିଫ୍ଟ ଦେବାକୁ ଅଭିନବ ତରିକା**

- ଅଭିଯୁକ୍ତ ରଙ୍ଗମିସ୍ତ୍ରିଙ୍କ ସମେତ ୨ ଗିରଫ
- ୬୦ଲକ୍ଷ ଟଙ୍କାର ସୁନାଗହଣା, ୪୪ ହଜାର ଟଙ୍କା, କାର, ୩ ବାଇକ ଜବତ
- ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

ନିଜର ୨ ସ୍ତ୍ରୀଙ୍କୁ ଗିଫ୍ଟ ଦେଇ ଖୁସି କରିବାକୁ ଜଣେ ବ୍ୟକ୍ତି ଆପଣାଇଥିଲେ ଅଭିନବ ତରିକା। ଦିନରେ ରଙ୍ଗମିସ୍ତ୍ରି ଭାବେ କାମ କରୁଥିବାବେଳେ ରାତିରେ ଚୋରି କରୁଥିଲେ। ସେଥିପାଇଁ ନିଜ ବ୍ୟାଗରେ ରଙ୍ଗଦେବା ଉପକରଣ ସହ ଝରକା, କବାଟ ସ୍କ୍ରୁ ଖୋଲିବାକୁ ଯନ୍ତ୍ରପାତି ରଖୁଥିଲେ। ଏଭଳି କାର୍ଯ୍ୟ ସେ ଦୀର୍ଘଦିନ ଚଳାଇଥିବାବେଳେ ମଙ୍ଗଳବାର ଲକ୍ଷ୍ମୀସାଗର ଥାନା ପୋଲିସ ହାତରେ ଧରାପଡ଼ିଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି ନୟାଗଡ଼ର ଦିଲ୍ଲୀପ ନାୟକ। ସେ ୨୦୧୬ରୁ କମିଶନରେଟ ପୋଲିସର ମୋଷ୍ଟ ୱାଣ୍ଟେଡ୍ ଲିଷ୍ଟରେ ରହିଥିଲେ। ରଙ୍ଗମିସ୍ତ୍ରି ଆଳରେ ଦିଲୀପ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ଚୋରି କରିବା ସହ ୨୦୨୦ ଅଗଷ୍ଟ ୨୧ରେ ବଡଗଡ ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ନେଇ ମଧ ଅଭିଯୋଗ ହୋଇଥିଲା। କିନ୍ତୁ ଏ ନେଇ ତାଙ୍କ ନାମରେ କୌଣସି ଥାନାରେ ମାମଲା ରୁଜୁ ହୋଇ ନ ଥିବା ପୋଲିସ କହିଛି। ଚୋରି ଟଙ୍କାରେ ଦିଲ୍ଲୀପ ମଉଜ କରିବା ସହ ଦୁଇ ସ୍ତ୍ରୀଙ୍କୁ ଲୁଟ୍ ଅଳଙ୍କାର ଗିଫ୍ଟ ଦେଉଥିବା ପୋଲିସ ଜେରାବେଳେ ଜାଣିବାକୁ ପାଇଛି। ଚୋରି ସୁନା ଜିନିଷକୁ ନେଇ ଭୁବନେଶ୍ୱର ବାହାରେ ଥିବା ସୁନାଦୋକାନରେ ସେ ବିକ୍ରିକରୁଥିଲେ। ୧୧ଟି ଚୋରି, ବଳାତ୍କାର ମାମଲାରେ ଦିଲ୍ଲୀପଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଚୋରି ଗହଣା କିଣିଥିବା ବାଳକାଟୀର ସୁନା ଦୋକାନୀ ସୁଶାନ୍ତ କୁମାର ଜେଠୀଙ୍କୁ ମଧ ଗିରଫ କରାଯାଇଛି ବୋଲି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ଦିଲୀପଙ୍କ ଠାରୁ ଏକ କାର୍ (ଓଡି ୦୨ ବିଏକ୍ ୮୮୨୦), ୩ଟି ବାଇକ, ୬୦ଲକ୍ଷ ଟଙ୍କାର ସୁନା ଅଳଙ୍କାର, ନଗଦ ୪୪ ହଜାର ଟଙ୍କା, ଏସି, ମୋବାଇଲ ଫୋନ ଆଦି ଜବତ କରାଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ସୁନା ଦୋକାନୀ ନୟାଗଡ ଜିଲା ଚାହାଳିର ସନ୍ତୋଷ ଫେରାର ହୋଇଯାଇଛନ୍ତି।

ପୋଲିସ ସୂଚନା ମୁତାବକ, ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ମହାଦେବ ନଗର ଲେନ-୫ ଅଞ୍ଚଳରେ ସୁଶାନ୍ତ କୁମାର ମଲ୍ଲିକ ପରିବାର ସହ ଭଡ଼ାଘରେ ରହନ୍ତି। ଗତ ୩ ତାରିଖରେ ସେ ଘରେ ତାଲା ପକାଇ ପରିବାର ସହ ଲିଙ୍ଗରାଜଙ୍କ ଦର୍ଶନ ପାଇଁ ଯାଇଥିଲେ। ରାତି ସାଢେ ୮ଟାରେ ଘରକୁ ଫେରି ଝରକାର ଗ୍ରୀଲ ନ ଥିବା ଦେଖିଯାଞ୍ଚ କରିଥିଲେ। ଆଲମାରିରେ ଥିବା ସୁନାଗହଣା, ମୋବାଇଲ ଫୋନ ଓ ନଗଦ ୧ଲକ୍ଷ ଟଙ୍କା ଚୋରି ହୋଇଯାଇଥିବା ଦେଖିଥିଲେ। ଏନେଇ ସେ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଏହାପରେ ପୁଣି ଗତ ୧୨ ତାରିଖରେ ଦିଲ୍ଲୀପ ଚୋରି କରିବା ଯୋଜନାରେ ମହାଦେବ ନଗରରେ ଏକ ବ୍ୟାଗ ଧରି ବୁଲୁଥିଲେ। ଏନେଇ ପୋଲିସ ଖବର ପାଇ ତାଙ୍କୁ କାବୁ କରିଥିଲା। ତାଙ୍କ ନିକଟରୁ ଏକ ବାଇକ ଓ ବ୍ୟାଗରୁ ଝରକା, କବାଟର ସ୍କ୍ରୁ ଖୋଲିବା ଯନ୍ତ୍ରପାତି ମିଳିଥିଲା। ଜେରାବେଳେ ସେ ମହାଦେବ ନଗର ଓ ଗତ ଡିସେମ୍ବର ମାସରେ ବୈରାଗୀ ନଗରରୁ ଚୋରି କରିଥିବା ସ୍ୱୀକାର କରିଥିଲେ। ସେହିପରି ବଡଗଡ, ଧଉଳି ଓ ଅନ୍ୟ ଥାନା ଅଞ୍ଚଳରେ ଚୋରି କରିଥିବା କହିଥିଲେ। ଘରେ ୨ସ୍ତ୍ରୀଙ୍କ ନିମନ୍ତେ ରଖିଥିବା ସୁନା ଅଳଙ୍କାରକୁ ପୋଲିସ ଜବତ କରିଛି। ଆଉ କିଛି ସୁନା ଗହଣାକୁ ସନ୍ତୋଷ ଓ ସୁଶାନ୍ତ ମିଶି ବିକିଦେଇଥିବା ପୋଲିସ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ଦିଲ୍ଲୀପଙ୍କଠାରୁ ଜବତ ହୋଇଥିବା ୪୪ ହଜାର ଟଙ୍କା ଓ ଏକ ମୋବାଇଲ ଫୋନ୍‌କୁ ମଙ୍ଗଳବାର ସନ୍ଧ୍ୟାରେ ଅଭିଯୋଗକାରୀ ସୁଶାନ୍ତ କୁମାର ମଲ୍ଲିକଙ୍କୁ ପୋଲିସ ଫେରାଇଛି।

# ଫ୍ଲାଟ୍ ଦେବା ଆଳରେ ୭.୩୧ କୋଟି ଠକେଇ: ନିର୍ଦ୍ଦେଶିକା ଗିରଫ

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ଷ୍ଟୁଡିଓ ଆପାର୍ଟମେଣ୍ଟରେ ସୁଲଭ ଦରରେ ଫ୍ଲାଟ ଯୋଗାଇ ଦେବା ଆଳରେ ପ୍ରାୟ ୭୧ଜମାକରୀଙ୍କ ଠାରୁ ୭.୩୧କୋଟି ଟଙ୍କା ଠକେଇ କରିଥିବା ଅଭିଯୋଗରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ) ମଙ୍ଗଳବାର ଶ୍ରେୟା ଇନ୍‌ଫ୍ରାଷ୍ଟ୍ରକ୍ଚର ନିର୍ଦ୍ଦେଶିକାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମହିଳା ହେଲେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ହିମାଂଶୁ ଶେଖର ନାୟକଙ୍କ ସ୍ତ୍ରୀ ତଥା ନିର୍ଦ୍ଦେଶିକା ସୀମା ନାୟକ। ଗିରଫ କରାଯିବାପରେ କଟକ ଓପିଆଇଡି କୋର୍ଟରେ ହାଜର କରାଯାଇଥିଲା। ସେଠାରେ ଜାମିନ ଖାରଜ ହେବାରୁ ତାଙ୍କୁ ଜେଲ୍ ହାଜତକୁ ପଠାଯାଇଛି। ଏହି ମାମଲାରେ ପୂର୍ବରୁ ହିମାଂଶୁ ଶେଖର ନାୟକ, ଅନ୍ୟତମ ନିର୍ଦ୍ଦେଶକ ଗତିକୃଷ୍ଣ ଦାସ ଓ ସଂସ୍ଥାକୁ ଜମି ଯୋଗାଉଥିବା ରିୟଲ ଭ୍ୟାଲ୍ୟୁ ଡେଭଲପର୍ସ ଆଣ୍ଡ ବିଲ୍ଡର୍ସ ପ୍ରାଇଭେଟ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ରାମଚନ୍ଦ୍ର ପାତ୍ରଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ୨୦୧୪-୧୫ରେ ଶ୍ରେୟା ଇନ୍‌ଫ୍ରାଷ୍ଟ୍ରକ୍ଚର ସର୍ଭିସେସ୍ ଲିମିଟେଡ୍ ପୁରୀ ସିପସରୁବାଲି ଅଞ୍ଚଳରେ 'ଶ୍ରୀକ୍ଷେତ୍ର କଳିଙ୍ଗ କୁଟୀର' ନାମକ ଏକ ପ୍ରକଳ୍ପ ଆରମ୍ଭ କରିଥିଲା। ଏହି ପ୍ରକଳ୍ପ ଜରିଆରେ ୩ବର୍ଷ ମଧ୍ୟରେ ଷ୍ଟୁଡିଓ ଆପାର୍ଟମେଣ୍ଟରେ ର' ଫ୍ଲାଟ ଯୋଗାଇ ଦେବାକୁ ସଂସ୍ଥା ପ୍ରତିଶ୍ରୁତି ଦେଇଥିଲା। ଏଭଳି ପ୍ରଚାର କରି ପରିଚାଳନା ନିର୍ଦ୍ଦେଶକ ହିମାଂଶୁ ନାୟକ ଇଚ୍ଛୁକ କ୍ରେତାଙ୍କଠାରୁ ଫ୍ଲାଟ ପିଛା ୯ଲକ୍ଷ ୫୦ହଜାର ଟଙ୍କା ଲେଖାଏଁ ଟଙ୍କା ଜମା ସଂଗ୍ରହ ଆରମ୍ଭ କରିଥିଲେ। ବର୍ଷେ ଭିତରେ ୭୧ ଜଣଙ୍କ ଠାରୁ ୭ କୋଟି ୩୧ ଲକ୍ଷ ଆଦାୟ କରିଥିଲେ। ହେଲେ ୫ ବର୍ଷ ବିତିଥିଲେ ମଧ ଫ୍ଲାଟ୍ ଦେଇ ନ ଥିଲେ ବରଂ ଡାଇରେକ୍ଟରଙ୍କ ସମେତ ନିର୍ଦ୍ଦେଶିକା ଭୁବନେଶ୍ୱରରୁ ଅଫିସ୍ ବନ୍ଦ କରି ଫେରାର ହୋଇ ଯାଇଥିଲେ। ୨୦୧୮ରେ ଭୁବନେଶ୍ୱରର ଦେବଦତ୍ତ ରାଉତରାୟଙ୍କ ଅଭିଯୋଗକ୍ରମେ ଇଓଡବ୍ଲ୍ୟୁରେ ଏକ ମାମଲା ରୁଜୁ ହୋଇଥିଲା।

## ଲୁଟେରା ଗିରଫ, ୩ ମୋବାଇଲ ଫୋନ୍ ଜବତ

**ଭୁବନେଶ୍ୱର,୧୩।୪(ବ୍ୟୁରୋ):** ଶହୀଦନଗର ଅଞ୍ଚଳରେ ଲୋକଙ୍କଠାରୁ ମୋବାଇଲ ଫୋନ୍ ଝାମ୍ପିନେଉଥିବା ଜଣେ ଲୁଟେରାକୁ ପୋଲିସ ବଡ଼ଗଡ଼ ଥାନା ଅଧୀନ ମଈଁଷାଖାଲ ବସ୍ତିରୁ ଗିରଫ କରିଛି। ଗିରଫ ଲୁଟେରା ହେଲେ ନୟାଗଡ଼ ଜିଲା କଣ୍ଟିଲୋ ନୀଳମାଧବ ଖଣ୍ଡପଡ଼ାର ଦୁର୍ଗା ଚରଣ ସାହୁ। ତାଙ୍କଠାରୁ ୩ଟି ଚୋରା ମୋବାଇଲ ଜବତ କରାଯାଇଛି।

## ୧ ମାସରେ ୬ ଲୁଟେରା ଗିରଫ, ୨୦ ମୋବାଇଲ ଜବତ

**ଭୁବନେଶ୍ୱର,୧୩।୪(ବ୍ୟୁରୋ):** ଗତ ୧ ମାସ ମଧ୍ୟରେ ଖାରବେଳନଗର ଥାନା ଅଞ୍ଚଳରୁ ମୋବାଇଲ ଲୁଟ୍ କରୁଥିବା ୬ ଜଣ ଲୁଟେରାଙ୍କୁ ଖାରବେଳନଗର ଥାନା ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ୨୦ଟି ଚୋରା ମୋବାଇଲ ଫୋନ୍ ଜବତ କରିଛି। ଥାନାର ଅଧିକାରୀମାନେ ଚୋରି ହୋଇଥିବା ଲୋକଙ୍କ ତାଲିକା ପ୍ରସ୍ତୁତ କରି ମଙ୍ଗଳବାର ଜୋନ୍-୧ ଏସିପି ମାନସ ଗଡ଼ନାୟକଙ୍କ ଉପସ୍ଥିତିରେ ସମସ୍ତଙ୍କୁ ଥାନାକୁ ଡକାଯାଇ ମୋବାଇଲ ଫୋନ୍ ଫେରାଯାଇଛି। ସୂଚନା ଥାଉକି, ଗତ ୧ମାସ ଭିତରେ ଖାରବେଳନଗର ଥାନା ଅଞ୍ଚଳରୁ ୨ଟି ମୋବାଇଲ ଫୋନ୍ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଥାନା ଅଧିକାରୀ ଅରୁଣ ସ୍ୱାଇଁଙ୍କ ନେତୃତ୍ୱରେ ଚଢାଉ ଆରମ୍ଭ କରାଯାଇଥିଲା।

# ଆଜି ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

**ସିଲ୍‌ଭର ସିଟି ବୋଟ୍ କ୍ଲବ**

- ଦୁଃସାହସିକ ଜଳକ୍ରୀଡ଼ା ଉପଭୋଗ କରିବେ ସହରବାସୀ

କଟକ ଅଫିସ, ୧୩।୪



କଟକ ମାତାମଠସ୍ଥିତ ସିଲ୍‌ଭର ସିଟି ବୋଟ୍ କ୍ଲବ୍ ବୁଧବାର ଉଦ୍‌ଘାଟନ ହେବ। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ସନ୍ଧ୍ୟା ୫ଟାରେ ଉଦ୍‌ଘାଟନ କରିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପର୍ଯ୍ୟଟକମାନଙ୍କୁ ମହାନଦୀରେ ଦୁଃସାହସିକ ଜଳକ୍ରୀଡ଼ା ସହ ମନୋରଞ୍ଜନ ସୁବିଧା ଯୋଗାଇ ଦେବା ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ଏଠାରେ ୱାଟର ସ୍ପୋର୍ଟ୍ସ ପାର୍କ କରାଯାଇଛି। ଏଥିପାଇଁ ୧.୩୫ କୋଟି ଟଙ୍କା ବ୍ୟୟ କରାଯାଇଛି। ପର୍ଯ୍ୟଟକମାନେ ମହାନଦୀର ମନୋରଞ୍ଜନ ଦୃଶ୍ୟକୁ ଉପଭୋଗ କରିବା ନିମନ୍ତେ ଏକ ଭ୍ୟୁ ପଏଣ୍ଟ ଓ ସ୍ମୃତିକୁ ସାଇତି ରଖିବା ପାଇଁ ସେଲ୍‌ଫି ଜୋନ୍ କରାଯାଇଛି। ଏଠାରେ ଜେଟ୍ ସ୍କି, ସ୍ପିଡ୍ ବୋଟ୍, କ୍ରୁଜ ବୋଟ୍, ପେଡାଲ ବୋଟ୍, ହାଉସ ବୋଟ୍ ଏବଂ ଫ୍ଲୋଟିଂ କାଫେ ବ୍ୟବସ୍ଥା ହୋଇଛି। ଏତତ୍ ବ୍ୟତୀତ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଓଟିଡିସି ପକ୍ଷରୁ ଏକ ରେଷ୍ଟୁରାଣ୍ଟ କରାଯାଇଛି। ରାଜ୍ୟ ତଥା ଦେଶବିଦେଶର ପର୍ଯ୍ୟଟକଙ୍କୁ ଏଠାରେ ଅତ୍ୟାଧୁନିକ ୱାଟର ସ୍ପୋର୍ଟ୍ସ ଓ ମନୋରଞ୍ଜର ସୁବିଧା ଯୋଗାଇ ଦିଆଯିବ ବୋଲି ଓଟିଡିସିର ସହକାରୀ ନିର୍ଦ୍ଦେଶକ ସୁଜାତା ପଟ୍ଟନାୟକ କହିଛନ୍ତି।

## ଜଳିଗଲା ଲକ୍ଷାଧିକ ଟଙ୍କାର ବୋଟ୍ ଯନ୍ତ୍ରାଂଶ

**ଭୁବନେଶ୍ୱର,୧୩।୪(ବ୍ୟୁରୋ):** ମଞ୍ଚେଶ୍ୱର ଥାନା ପାଣ୍ଡରା ଛକ ନିକଟ କିମ୍ବିରିଆରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ଏଠାକାର ଏକ ସ୍ଥାନରେ ରଖାଯାଇଥିବା ବୋଟଗୁଡ଼ିକର ପ୍ଲାଷ୍ଟିକ ଓ ଫାଇବର୍ ଯନ୍ତ୍ରାଂଶ ଜଳି



ନଷ୍ଟ ହୋଇଯାଇଛି। ଏସବୁର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ସୂଚନା ଅନୁଯାୟୀ, କିମ୍ବିରିଆ ଅଞ୍ଚଳରେ ରହୁଥିବା ଲକ୍ଷ୍ମୀଧର ଭୋଇଙ୍କ ପୁଅଙ୍କ ସମ୍ପର୍କୀୟ ମାସେ ହେଲା ଏକ ସ୍ଥାନରେ ବୋଟଗୁଡ଼ିକର ପ୍ଲାଷ୍ଟିକ ଓ ଫାଇବର୍ ପାର୍ଟ୍ସ ରଖିଥିଲେ। ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ୩୦ରେ ପ୍ଲାଷ୍ଟିକ ଓ ଫାଇବର୍ ପାର୍ଟ୍ସଗୁଡିକରେ ହଠାତ୍ ନିଆଁ ଲାଗିଯାଇଥିଲା। ମଞ୍ଚେଶ୍ୱର ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚିଥିଲା। ସ୍ଥାନୀୟ ଅଞ୍ଚଳର କେହି ପିଲା ଏହି ଅଗ୍ନିକାଣ୍ଡ ଘଟାଇଥାଇପାରନ୍ତି ବୋଲି ଲକ୍ଷ୍ମୀଧର ଆଶଙ୍କା ପ୍ରକାଶ କରିଛନ୍ତି।

## ସର୍ଭେ ପାଇଁ ପ୍ରଶିକ୍ଷଣ ଆରମ୍ଭ

**ଭୁବନେଶ୍ୱର, ୧୩।୪(ବ୍ୟୁରୋ):** ଓଡ଼ିଶା ରାଜ୍ୟ ପଛୁଆବର୍ଗ କମିଶନଙ୍କ ସଂଶୋଧନ ଅଧିନିୟମ-୨୦୨୦ର ବ୍ୟବସ୍ଥା ଅନୁଯାୟୀ, ରାଜ୍ୟରେ ଥିବା ପଛୁଆ ବର୍ଗମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ଜାଣିବା ପାଇଁ ସର୍ଭେ କରାଯିବ। ଏହି ସର୍ଭେ ଲାଗି ବ୍ଲକ୍‌ସ୍ତରୀୟ ଏନୁମରେଟର ଓ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ମଙ୍ଗଳବାର ବିଏମ୍‌ସି ପକ୍ଷରୁ ଏନୁମରେଟର ଓ ସୁପରଭାଇଜରମାନଙ୍କ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଏହି ପ୍ରଶିକ୍ଷଣ ଚାଲିଛି। ସିଡିପିଓ, ଜୋନାଲ୍ କମ୍ୟୁନିଟି ଅର୍ଗାନାଇଜର, ସିଟି ମ୍ୟାନେଜ୍‌ମେଣ୍ଟ ୟୁନିଟ୍‌ର ୫ଜଣ ମ୍ୟାନେଜର୍ ଓ ଅର୍ବାନ୍ ୱେଜ୍ ଏମ୍ପ୍ଲୋୟମେଣ୍ଟ ଇନିସିଏଟିଭ୍‌ର ପ୍ରୋଗ୍ରାମ୍ କୋର୍ଡିନେଟରଙ୍କ ସମେତ ୧୨ଜଣ ବ୍ଲକ୍‌ସ୍ତରୀୟ ଏନୁମରେଟର ଏଥିରେ ଯୋଗଦେଇଥିଲେ। ଜିଲାସ୍ତରୀୟ ପ୍ରଶିକ୍ଷକ ଭାବେ ଡେପୁଟି କମିଶନର (ମାର୍କେଟିଂ) ପ୍ରମୋଦ କୁମାର ପୃଷ୍ଟି ଏମାନଙ୍କୁ ତାଲିମ ଦେଇଥିଲେ। ସମୁଦାୟ ଅଞ୍ଚଳକୁ ୧୦୧ଟି ସର୍ଭେ କେନ୍ଦ୍ରରେ ବିଭକ୍ତ କରାଯାଇ ୧୩୩ଜଣ ଅଙ୍ଗନୱାଡ଼ିକର୍ମୀଙ୍କୁ ଏନୁମରେଟର ଦାୟିତ୍ୱ ଦିଆଯାଇଛି। ଏଥିଲାଗି ୧୩ଜଣ ଆଇସିଡିଏସ୍ ସୁପରଭାଇଜରଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିସହ ବିଏମ୍‌ସିର ୩ଜଣ ଜୋନାଲ୍ ଡେପୁଟି କମିଶନର ଜୋନାଲ ନୋଡାଲ୍ ଅଫିସର୍ ଭାବେ କାର୍ଯ୍ୟ କରୁଛନ୍ତି। ମେ ୧ରୁ ଆରମ୍ଭ ହେବାକୁ ଥିବା ଏହି ସର୍ଭେ ୨୫ତାରିଖ ସୁଦ୍ଧା ସରିବାକୁ ଧାର୍ଯ୍ୟ ହୋଇଛି। ମହାନଗର ନିଗମାଞ୍ଚଳରେ ଥିବା ୧୦୧ଟି ଖାଉଟି ଯୋଗାଣ କେନ୍ଦ୍ର ନିକଟସ୍ଥ ସରକାରୀ ବିଦ୍ୟାଳୟରେ ଏହି ସର୍ଭେ କେନ୍ଦ୍ର କରାଯିବ। ସରକାରଙ୍କ ଦ୍ୱାରା ଚିହ୍ନିତ ୨୧୦ ବର୍ଗଙ୍କର ଆର୍ଥିକ ଓ ଶିକ୍ଷାଗତ ସ୍ଥିତି ଜାଣିବା ପାଇଁ କେନ୍ଦ୍ରଗୁଡ଼ିକରେ ଫର୍ମ ପୂରଣ କରାଯିବା ସହ ଅନ୍‌ଲାଇନ୍‌ରେ ଅପ୍‌ଡେଟ୍ କରାଯିବ ବୋଲି ସର୍ଭେ ସଂଯୋଜନା ଦାୟିତ୍ୱରେ ଥିବା ଡେପୁଟି କମିଶନର କମଳାକାନ୍ତ ବେହେରା କହିଛନ୍ତି।


**ODISHA JOINT ENTRANCE EXAMINATION, 2021 (OJEE 2021)**

No: OJEE/155 No. h-02 Date:12.04.2021

**NOTICE FOR ONLINE APPLICATION FOR OJEE-2021**

Odisha Joint Entrance Examination (OJEE) – 2021 will be conducted during 17th – 24th of June, 2021 (tentative) for admission to B.Pharm/ MBA / MCA / M.Tech/ M.Tech (Part Time)/ M.Arch/ M Plan/M.Pharm/ Int. MBA and Lateral Entry to B.Tech/ B.Pharm Courses in Government and Private Universities and Colleges of Odisha The Entrance Examination will be conducted in Computer Based Test (CBT) mode for all the courses as mentioned above. Interested candidates are advised to fill up the respective Application Forms online through OJEE websites (www.ojee.nic.in) only.

**IMPORTANT DATES FOR OJEE - 2021**

| | |
|---|---|
| Tentative Dates for OJEE (Computer Based Test) | : 17th – 24th of June, 2021 (Exact dates shall be notified later) |
| Filling-up of Online Application through OJEE website begins on | : 14th April, 2021 |
| Last date for filling-up of Online Application Forms | : 15th May, 2021 |
| Downloading of Admit Cards | : 1st Week of June, 2021 |
| For other details, please visit our website | : www.ojee.nic.in / www.odishajee.com. |

Sd./- Chairman, OJEE, Odisha

OIPR-14020/11/0002/2122



**OFFICE OF THE ENGINEER-IN-CHIEF (CIVIL), ODISHA**

NIRMAN SOUDHA, UNIT-V, BHUBANESWAR

E-mail ID:cebuildings_orissa@yahoo.co.in

cebuildings@rediffmail.com, Tel. -(0674)- 2391523

**INVITATIONS FOR BIDS (IFB)**

File No-B-I-(C)-08/2020 14491 / Bhubaneswar, the 30th Mar. 2021

Invitation for Bids

No. B-21 **1st Corrigendum**

**Tender Reference No. EIC(B) – 19 / 2020-21**

Name of the Work : Infrastructure Development of Maa Tara Tarini Pitha in the District of Ganjam, (Phase-III) under Integrated Development of Heritage and Monuments and Tourist Destination.

The following changes have been made in Bid Identification No. **EIC(B) – 19/2020-21**

1. Bid documents such as DTCN / BOQ etc. can be seen / downloaded from the Govt. Website i.e. **www.tendersorissa.gov.in**, during the period **dt.12.04.2021to17 hours of dt.03.05.2021** instead of **dt.31.03.2021 to dt. 20.04.2021** for ONLINE BIDDING respectively.
2. **Online** bids shall be received till **17.00 Hours of dt.03.05.2021** instead of **dt.20.04.2021**.
3. The technical bids will be opened at **11.30 A.M. of dt.04.05.2021** instead of **dt.22.04.2021**.

All other terms and conditions remain unchanged.

Sd./- Engineer-in-Chief (Buildings), Odisha, Bhubaneswar

OIPR-34117/11/0008/2122



**OFFICE OF THE ROURKELA MUNICIPAL CORPORATION, ROURKELA**

**INVITATION FOR BID**

No. 4299 Dated: 13.04.2021

**Bid Identification No. MC/RMC/14/2021**

No. C-79: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double Cover on Online Mode. Bid Identification **No. MC/RMC/14/2021 for 12 Nos**. different Civil work with value of **Rs.63.99 lakh to Rs.84.69 lakh**.

1. Bid documents will be available in website: **www.tendersorissa.gov.in** from 13.04.2021.
2. Bids must be submitted on "Online" on or before 20.04.2021 by 17.00 hours.
3. Bids shall be opened at 11.00 hours on 22.04.2021 in the Office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

Sd./- Municipal Commissioner
Rourkela Municipal Corporation

OIPR-13131/11/0002/2122



**MAHARISHI COLLEGE OF NATURAL LAW**

SAHEED NAGAR, BHUBANESWAR-751007

No:-EST-867/117/21

**CALL FOR EMPANELMENT**

No. N-02: Sealed Applications/Proposals are invited from intending vendors/suppliers/firms/Authorized Dealers/Book Sellers/Publishers having PAN & GST registration for the List of Empanelment for the Financial Year 2021-2022 for supply of Lab Equipment & Chemicals, Books, Computers, Printers, Furniture, Software, Digital Identity Card, Printing Materials, Web Development, Engagement of Security Personnel, Procurement, Repairing and Maintenance work of Electrical & Electronics items, Fabrications etc which should reach the undersigned within Three Weeks by Speed/Registered post only from date of the advertisement. The undersigned reserves the right to reject any or all proposal without assigning any reason thereof. The details are available in the College Website **www.maharishicollege.ac.in** (Tenders).

Sd./- Principal

OIPR-11037/11/0001/2122



No. D-06

**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ ଭାମିନୀ, ରାୟଗଡ଼ା**

**ବିଜ୍ଞାପନ**

ନାମ:- ରାଜୀବ ଲୋଚନ ଜେନା
କନଷ୍ଟେବଲ ନଂ.:- ୭୨
ପିତା:- ଆର୍ତ୍ତବଲ୍ଲଭ ଜେନା
ଗ୍ରାମ:- ଦେଓଗାଁ
ପୋ:- କୁଶଳେଶ୍ୱର
ଥାନା:- ଘସିପୁରା
ଜିଲ୍ଲା:- କେନ୍ଦୁଝର

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ, ଆପଣ ତା୧୮।୧୧।୨୦୧୯ରିଖ ଅପରାହ୍ନଠାରୁ ତା୦୮।୧୨।୨୦୧୯ରିଖ ଅପରାହ୍ନ ପର୍ଯ୍ୟନ୍ତ ୨୦ ଦିନ ଅର୍ଜିତ ଛୁଟିରେ ଯାଇଥିଲେ । ଆପଣ, ଆପଣଙ୍କ କାର୍ଯ୍ୟରେ ତା୦୯।୧୨।୨୦୧୯ରିଖ ପୂର୍ବାହ୍ନରେ ଯୋଗ ଦେବା ବଦଳରେ କୌଣସି ସୂଚନା ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ସରକାରୀ ସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଲେନାହିଁ । ଏଣୁ ଆପଣଙ୍କ ବିରୁଦ୍ଧରେ ବିଭାଗୀୟ ପ୍ରସିଡିଂ ନମ୍ବର-୧୭/୨୦୨୦ ଆରମ୍ଭ କରାଯାଇଅଛି । ପୁନର୍ବାର ଆପଣଙ୍କୁ ସରକାରୀ ସ୍ତରରେ ତଲବ ଦେବା ସତ୍ତ୍ୱେ ଆପଣ ତଦନ୍ତ ସମୟରେ ଉପସ୍ଥିତ ହେଲେ ନାହିଁ କିମ୍ବା ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି କି ଆପଣ ଉଦ୍ଦେଶ୍ୟମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ, ଆପଣ ସରକାରୀ ନିୟମ ଅବମାନନା କରିଛନ୍ତି ଏବଂ ଆପଣଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ ପୁଲିସ ବିଭାଗରେ ନିଯୁକ୍ତ କରାଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ ।

ଏଣୁ ଏହି ନୋଟିସ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ଆପଣ ସମ୍ବାଦ ପ୍ରକାଶନର ୧୫ ଦିନ ମଧ୍ୟରେ ନିଜର ତଳ ଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯଦି ଯୋଗଦାନ ନ କରିବେ, ତେବେ ଧରିନିଆଯିବ ଯେ ଆପଣଙ୍କର ଏହି ବିଭାଗରେ ଚାକିରି କରିବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ଆପଣଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରାଯିବ ।

ସ୍ୱା./- ଦୁର୍ଗପତି
୨ୟ ଆଇ.ଆର୍.ବିଏନ୍, ଭାମିନୀ, ରାୟଗଡ଼ା

OIPR-12029/11/0001/2122



See Career Appointment on every Wednesday & Saturday



**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**

**OFFICE OF THE SUPERINTENDING ENGINEER, RURAL WORKS CIRCLE, BERHAMPUR**

At: Ambapua, P.O.- Engineering School,
Near Income Tax Office, Berhampur - 760011
E-mail: serwbpr2004@yahoo.com, Tel/Fax: 0680-2404287

**NOTICE**

**FOR PRADHAN MANTRI GRAM SADAK YOJANA (PMGSY)**

**NATIONAL COMPETITIVE BIDDING THROUGH "e"-Procurement**

**Bid Identification No. Online Tender / 03-2021-22/PMGSY/BPR**

No. O-45: The Superintending Engineer, Rural Works Circle, Berhampur on behalf of Odisha State Rural Road Agency invites the percentage rate bids in electronic tendering system for construction of roads & bridges under Pradhan Mantri Gram Sadak Yojana in the districts of **Boudh, Ganjam & Kandhamal for 81 (Eighty One)** number of packages with estimated cost totalling to **Rs.266.67 Cr (Approximate)** including their maintenance for five years from the eligible contractors registered with **State PWD /CPWD/MES/Railways**. The registered bidder of outside Odisha, can also particiapte in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of invitation for bids through e-procurement Dtd.16.04.2021.

**Availablity of Bid Documents and mode of Submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidders is required to have a valid Digital Signature Certificate (DSC) from one of the authorized Certifying Authorities. The bidders are requied to submit (a) Original Demand Draft towards the cost of bid document and (b) Original Bid Security in approved form and (c) Original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with **Superintending Engineer, Rural Works Cirlce, Berhampur // Executive Engineer of the Concerned divisions on a date not later than three working days after the opening of technical qualification part of the Bid, either by Registered Post or by Hand,** failing which the bids shall be declared non-responsive.

**Last date/time for receipt of bids through e-procurement: 06.05.2021 upto 3.00 P.M.**

**For further details and Corrigendum (if any) please log on to www.pmgsytenders.gov.in.**

**OIPR-25071/11/0003/2122** **Sd./- Superintending Engineer, R.W. Circle, Berhampur**



**ବେସରକାରୀ ବିଦ୍ୟାଳୟଗୁଡ଼ିକରେ ନିଃଶୁଳ୍କ ନାମଲେଖା ବିଜ୍ଞାପନ**

No. n-05:- ଏତଦ୍ୱାରା ଓଡ଼ିଶାର ସର୍ବସାଧାରଣ ଓ ବେସରକାରୀ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଚଳିତ ଶିକ୍ଷାବର୍ଷଠାରୁ ଶିକ୍ଷା ଅଧିକାର ଆଇନ, ୨୦୦୯ ଧାରା ୧୨(୧)(c) ଅନୁଯାୟୀ ଓଡ଼ିଆ/ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ନାମଲେଖା ପାଇଁ www.rteparadarshi.odisha.gov.in ପୋର୍ଟାଲ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଅଛି । ସାମାଜିକ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ପାଇଁ ପ୍ରତ୍ୟେକ ବେସରକାରୀ ବିଦ୍ୟାଳୟରେ ୨୫% ସ୍ଥାନ ସଂରକ୍ଷଣ ରହିଛି । ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶୈକ୍ଷିକ ଅନଗ୍ରସର, ଭିନ୍ନକ୍ଷମ, H.I.V. ଆକ୍ରାନ୍ତ ପିତାମାତାଙ୍କ ଶିଶୁ, ଶିଶୁ ଶ୍ରମିକ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କ ପାଇଁ ଆବଶ୍ୟକୀୟ ଦସ୍ତାବିଜ ସହିତ ପୋର୍ଟାଲରେ ଆବେଦନ କରିପାରିବେ । ଆବେଦନ ଗ୍ରହଣ କରିବାର ଶେଷ ତାରିଖ ୩୦.୦୪.୨୦୨୧ । ବିସ୍ତୃତ ବିବରଣୀ ପାଇଁ ଲଗ୍ ଅନ୍ କରନ୍ତୁ www.rteparadarshi.odisha.gov.in ।

ନିର୍ଦ୍ଦେଶକ,
ପ୍ରାଥମିକ ଶିକ୍ଷା, ଓଡ଼ିଶା
ଭୁବନେଶ୍ୱର

OIPR-27005/11/0001/2122



ସାଉଥ୍ ସୁପରଷ୍ଟାର ପ୍ରଭାସଙ୍କ ବହୁ ପ୍ରତିକ୍ଷୀତ ଫିଲ୍ମ 'ରାଧେ ଶ୍ୟାମ' ରିଲିଜ୍ ଅପେକ୍ଷାରେ ରହିଛି। ଇତିମଧ୍ୟରେ ଫିଲ୍ମର ନୂଆ ପୋଷ୍ଟର ରିଲିଜ୍ ହୋଇଛି। ପ୍ରଭାସ ଏହି ପୋଷ୍ଟରକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଏଥିରେ ତାଙ୍କୁ ଧୂସର ରଙ୍ଗର ସାର୍ଟ ଏବଂ ଚେକ୍ ପ୍ୟାଣ୍ଟ ପିନ୍ଧିଥିବାର ଦେଖିବାକୁ ମିଳୁଛି। ଫଟୋରେ ସେ ହସୁଥିବା ଦେଖାଯାଉଛନ୍ତି। ଅଭିନେତା ପୋଷ୍ଟର ଶେୟାର କରି ଲେଖିଛନ୍ତି, ଅନେକ ପର୍ବ, ଗୋଟିଏ ପ୍ରେମ। ଏଥିସହ ପୋଷ୍ଟରରେ ଫିଲ୍ମର ନାମ ଏବଂ ରିଲିଜ୍ ତାରିଖ ଜୁଲାଇ ୩୦ ଲେଖାହୋଇଛି।



# ଗୋପନୀୟ ଫଟୋ ବିକୁଛନ୍ତି ମହିଳା

**ବିଶ୍ୱ ଅର୍ଥନୀତିକୁ ତଳମୁହାଁ କରିଛି କରୋନା ମହାମାରୀ। ବିଭିନ୍ନ ସଂସ୍ଥାରେ କାର୍ଯ୍ୟ କରୁଥିବା ଅନେକେ ଚାକିରି ହରାଇଛନ୍ତି। ଜୀବନଧାରଣ ପାଇଁ ଅର୍ଥ ଅପରିହାର୍ଯ୍ୟ ହୋଇପଡ଼ିଥିବାବେଳେ ଜନସାଧାରଣଙ୍କୁ ଘାରିଛି ଚାକିରି ଚିନ୍ତା। ନିଜ ଯୋଗ୍ୟତା ଅନୁସାରେ କାମ ନ ମିଳିଲେ ମଧ୍ୟ ଅନେକ ଯେ ପଦବୀରେ କାମ କରିବାକୁ ବାଧ ହେଉଛନ୍ତି। ରୋଜଗାର ହରାଇଥିବା ମହିଳା ମଧ୍ୟ ସମାନ ଦୁର୍ଦ୍ଦଶା ଦେଇ ଗତିକରୁଛନ୍ତି। ଆର୍ଥିକ ସ୍ଥିତି ସୁଧାରିବା ପାଇଁ ନିଜ ବ୍ୟକ୍ତିଗତ ତଥା ଗୋପନୀୟ ଫଟୋ ବିକ୍ରି କରିବା ପନ୍ଥା ମଧ୍ୟ ସେମାନେ ଆପଣାଇଛନ୍ତି, ଯାହା ଏବେ ବ୍ରିଟେନରେ ଦେଖିବାକୁ ମିଳିଛି।**



**ଲଣ୍ଡନ:** କରୋନା ଯୋଗୁ କାମ ହରାଇଥିବା ଏବଂ ନୂଆ ଚାକିରି ଆଶାୟୀମାନେ ଏବେ ଅର୍ଥ ଉପାର୍ଜନ ପାଇଁ ଯେ କୌଣସି ପନ୍ଥା ଆପଣାଇବାକୁ ପଛଘୁଞ୍ଚା ଦେଉନାହାନ୍ତି। ଆର୍ଥିକ ସ୍ଥିତିରେ ସୁଧାର ପାଇଁ କେହି କମ୍ ଯୋଗ୍ୟତା ବିଶିଷ୍ଟ ପଦବୀରେ ବସୁଥିବାବେଳେ କେହି ଛୋଟମୋଟ କାମକୁ ମଧ୍ୟ ଭରସା କରୁଛନ୍ତି। ହେଲେ ବ୍ରିଟେନର ଅନେକ ମହିଳା ତଥା ଯୁବତୀ ଏବେ ରୋଜଗାର ପାଇଁ ଯେଉଁ ପନ୍ଥା ଆପଣାଇଛନ୍ତି ତାହା ହୁଏତ କରିବା ସମସ୍ତଙ୍କ ପକ୍ଷେ ସହଜ ହୋଇ ନ ପାରେ। ବ୍ରିଟେନର ଅନେକ ମହିଳା ଏପରିକି କଲେଜ, ୟୁନିଭର୍ସିଟି ଛାତ୍ରୀମାନେ ଏବେ ସେମାନଙ୍କ ଗୋପନୀୟ ଫଟୋକୁ ରୋଜଗାରର ମାଧ୍ୟମ କରିଛନ୍ତି। ବ୍ୟକ୍ତିଗତ ଫଟୋଗୁଡ଼ିକୁ ସେମାନେ ଅନ୍‌ଲାଇନରେ ବିକ୍ରି କରି ଅର୍ଥ ଉପାର୍ଜନ କରୁଥିବା ଜଣାଯାଇଛି।

ସେକ୍ସ ୱାର୍କର୍ସଙ୍କ ସୁରକ୍ଷା ପାଇଁ କାମ କରୁଥିବା ଇଂଲିଶ କଲେକ୍ଟିଭ ଅଫ୍ ପ୍ରଷ୍ଟିଚ୍ୟୁଟ ନାମକ ଏକ ସଂସ୍ଥା ନିକଟକୁ ପ୍ରତିଦିନ ବିଭିନ୍ନ କଲେଜ, ୟୁନିଭର୍ସିଟିରୁ ବହୁସଂଖ୍ୟାରେ ଛାତ୍ରୀମାନଙ୍କ ଅଶ୍ଳୀଳ ଫଟୋ ଅନଲାଇନରେ ଆସୁଛି। ସେମାନଙ୍କ ମଧ୍ୟରୁ କେବଳ ଫଟୋ ବାବଦରେ କେତେଜଣଙ୍କୁ ଦେୟ ପ୍ରଦାନ କରାଯାଉଥିବାବେଳେ ଆଉ କେତେକ ସେକ୍ସ ୱାର୍କର ବା ଯୌନ କର୍ମୀ ଭାବେ ନିଯୁକ୍ତ ପାଇଁ ମଧ୍ୟ ଆବେଦନ କରୁଛନ୍ତି। ଏଭଳି ଆବେଦନ କରୁଥିବା ଅଧିକାଂଶଙ୍କ ଆର୍ଥିକ ସ୍ଥିତି ଖରାପ ଥିବା ଜଣାଯାଇଛି। ଉକ୍ତ ସଂସ୍ଥାର ପ୍ରବକ୍ତା ଲାରା ୱାଟସନ୍ ଏକ ସାକ୍ଷାତକାରରେ ଦେଇଥିବା

## ବାଧ କରୁଛି ବେକାରି

ସୂଚନା ଅନୁସାରେ, କଲେଜ, ୟୁନିଭର୍ସିଟିରେ ଫି' ବଢ଼ାଯିବା ସହ କରୋନାଜନିତ ସମସ୍ୟା ଯୋଗୁ ଛାତ୍ରୀମାନେ ଏଭଳି ପନ୍ଥା ଆପଣାଉଛନ୍ତି। ପ୍ରଷ୍ଟିଚ୍ୟୁଶନ ଜରିଆରେ ସେମାନେ ରୋଜଗାର କରିବା ପୂର୍ବରୁ ଥରେ ହେଲେ ଚିନ୍ତା କରୁନାହାନ୍ତି। ଶିକ୍ଷା ସାରି ପାରମ୍ପରିକ ଭାବେ ଚାକିରି ମିଳିବା ସମ୍ଭାବନା କମ୍ ଥିବାରୁ ପିଲାମାନେ କଲେଜ ପରେ ଏହି ଧନ୍ଦାକୁ ଆସୁଛନ୍ତି। ଯେତେବେଳେ ବ୍ରିଟେନରେ ଲକଡାଉନ ଜାରି ହୋଇଥିଲା ସେତେବେଳେ ବହୁ ସଂଖ୍ୟାରେ ମହିଳା ଫଟୋ ବିକ୍ରି କରୁଥିବା ଏକ ୱେବସାଇଟ୍‌ରେ ସକ୍ରିୟ ହୋଇଯାଇଥିଲେ। ସେଠାରେ ସେମାନେ ନିଜର ହଟ୍, ସେକ୍ସି ଫଟୋ ଛାଡ଼ି ଅର୍ଥ କମାଉଥିଲେ। ସେଥିମଧ୍ୟରୁ କେତେଜଣ ଏହାକୁ ଏକ ପ୍ରକାର ପେଶା ବୋଲି ଭାବି ନେବା ସହ କ୍ରମାଗତ ଭାବେ ଉକ୍ତ ୱେବସାଇଟରୁ ଭଲ ଅର୍ଥ କମାଉଛନ୍ତି। ଏହାସହ ଅନେକେ ଖରାପ ଅନୁଭୂତି ପାଇବା ସତ୍ତ୍ୱେ ବାଧ୍ୟବାଧକତାରୁ ଏପରି କାମରୁ ଓହରି ପାରୁ ନ ଥିବା ୱାଟସନ୍ କହିଛନ୍ତି।

# କାଜଲଙ୍କ ଗୀତରେ ନାଚିଲେ ନ୍ୟାସା



**ମୁମ୍ବାଇ:** ବଲିଉଡ୍ ଷ୍ଟାର କିଡ୍ସରେ ଶାହରୁଖ ଖାଁଙ୍କ ଲଳନା ସୁହାନା ଖାଁ, ସୈଫ ଅଲ୍ଲୀ ଖାଁଙ୍କ ଝିଅ ସାରା ଅଲ୍ଲୀ ଖାଁ ଓ ଆମିର ଖାଁଙ୍କ ଝିଅ ଇରା ଖାଁ ପ୍ରାୟତଃ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ ରହିଥାନ୍ତି। ବଲିଉଡ୍‌ରେ ସାରା ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ଶାହରୁଖଙ୍କ ଝିଅ ସୁହାନା ଏବେ ଡେବ୍ୟୁ ଅପେକ୍ଷାରେ। ଅନ୍ୟପଟେ ଇରା ନିଜ ସାମାଜିକ କାର୍ଯ୍ୟ ପାଇଁ ବେଶ୍ ପରିଚିତ। ଇତିମଧ୍ୟରେ ଅଜୟ ଦେବଗନଙ୍କ ଝିଅ ନ୍ୟାସା ମଧ୍ୟ ଏହି ରେସ୍‌ରେ ପଛରେ ପଡ଼ିନାହାନ୍ତି। ଅଭିନେତ୍ରୀ ତଥା ମା' କାଜଲଙ୍କ ଭଳି ଦେଖାଯାଉଥିବା ନ୍ୟାସା ମଧ୍ୟ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚିତ। ଅଜୟଙ୍କ ଝିଅ ଲାଇମଲାଇଟରୁ ଦୂରରେ ରହିବା ସତ୍ତ୍ୱେ ସେ ସୋସିଆଲ ମିଡିଆରେ ବେଶ୍ ପପୁଲାର। ନ୍ୟାସା ଏବେ ନିଜ କାର୍ଯ୍ୟ ପାଇଁ ଚର୍ଚ୍ଚାକୁ ଆସିଛନ୍ତି। ମା' କାଜଲଙ୍କ କିଛି ଗୀତରେ ନ୍ୟାସା ଜବରଦସ୍ତ ଡାନ୍ସ କରିଥିବା ଦେଖିବାକୁ ମିଳିଛି। ଯାହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସୂଚନାଯୋଗ୍ୟ, ସିଙ୍ଗାପୁରର ଏକ ସ୍କୁଲରେ ନ୍ୟାସା ପାଠପଢ଼ନ୍ତି। ସ୍କୁଲର ଏକ କାର୍ଯ୍ୟକ୍ରମରେ ନ୍ୟାସା କାଜଲଙ୍କ ସୁପରହିଟ୍ ଫିଲ ଗୀତ 'ବୋଲେ ଚୁଡିଆ', 'ସଜଦା' ଓ 'ତେରେ ନୈନା'ରେ ଏକ ଗ୍ରୁପ୍ ଡାନ୍ସ କରୁଥିବା ନଜର ଆସିଛନ୍ତି। ଭିଡିଓକୁ ନ୍ୟାସା ଦେବଗନଙ୍କ ଫ୍ୟାନ ଆକାଉଣ୍ଟରେ ଶେୟାର କରାଯାଇଛି। ନ୍ୟାସାଙ୍କ ଡାନ୍ସକୁ ପ୍ରଶଂସକ ବେଶ୍ ପସନ୍ଦ କରିଥିବା ବେଳେ ଅନେକ ପ୍ରତିକ୍ରିୟା ମଧ୍ୟ ଦେଇଛନ୍ତି।

# ଭାଲୁ ଖାଉଛି ଆଇସକ୍ରିମ୍

**ରାୟପୁର:** ଜଙ୍ଗଲର ଜୀବଜନ୍ତୁଙ୍କୁ ଆଇସକ୍ରିମ୍ ବହୁତ ପସନ୍ଦ ହୋଇଥାଏ। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି ଛତିଶଗଡ଼ରେ। ଏଠାରେ ଏକ ଭାଲୁ ଆଇସକ୍ରିମ୍ ଚୋରି କରି ଖାଉଥିବାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଛତିଶଗଡ଼ କାଙ୍କେର ଜିଲାର ଶୀତଲାପରା ଅଞ୍ଚଳରେ କିଛି ଭାଲୁ ଆଇସକ୍ରିମ୍ ଚୋରି କରି ଖାଇ ଦେଇଛନ୍ତି। ଏଥିପାଇଁ ସମ୍ପୃକ୍ତ ବିକ୍ରେତାଙ୍କର ୫୦ ହଜାର ଟଙ୍କାର କ୍ଷତି ହୋଇଛି। ଆଇସକ୍ରିମ୍ ବିକ୍ରେତାଜଣକ ରାତିରେ ତାଙ୍କ ଆଇସକ୍ରିମ୍ ଗାଡିକୁ ଘର ଆଗରେ ରଖି ଶୋଇବାକୁ ଯାଇଥିଲେ। ସେହି ସମୟରେ ଆଇସକ୍ରିମ ଚୋରି ହେଉଥିବା ସେ ଜାଣିବାକୁ ପାଇଥିଲେ। ଆଇସକ୍ରିମ୍ କିଏ ଚୋରି କରୁଛି ଜାଣିବା ପାଇଁ ଆଇସକ୍ରିମ୍ ଗାଡିକୁ ରଖି ରାତି ସାରା ଜଗି ରହିଥିଲେ। ଚାରି ପାଞ୍ଚୋଟି ଭାଲୁ ଆସି ଯେତେବେଳେ ଗାଡିରୁ ଆଇସକ୍ରିମ୍ ଖାଇବା ଆରମ୍ଭ କରିଥିଲେ ସେତେବେଳେ ବିକ୍ରେତାଜଣକ ଅନ୍ୟମାନଙ୍କୁ ଡାକି ଭାଲୁ ଘଉଡାଇବାକୁ ଚେଷ୍ଟା କରିଥିଲେ। କିଛି ସମୟ ପରେ ଭାଲୁମାନେ ଜଙ୍ଗଲ ଆଡକୁ ଚାଲି ଯାଇଥିଲେ। ଭାଲୁମାନଙ୍କର ଏଭଳି ଆଇସକ୍ରିମ୍ ଚୋରି ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

# ବାଘକୁ ଝାମ୍ପିଲା କୁମ୍ଭୀର

**ନୂଆଦିଲ୍ଲୀ:** ପ୍ରାୟତଃ ପ୍ରାଣୀଙ୍କୁ ନେଇ ସୋସିଆଲ ମଡିଆରେ କିଛି ନା କିଛି ଭିଡିଓ ଏବଂ ଫଟୋ ଭାଇରାଲ ହୋଇଥାଏ। ଟୁଇଟରରେ ଏବେ ଏକ ଭିଡିଓ ବହୁତ ଭାଇରାଲ ହେବାରେ ଲାଗିଛି। ଏଥିରେ ଏକ ଜଳାଶୟରୁ ଢ଼ରିଢ଼ରି ପାଣି ପିଇବାକୁ ଯାଉଥିବା ଏକ ବାଘକୁ ଝାମ୍ପି ନେଇଛି କୁମ୍ଭୀର। ବାଘଟି ବହୁତ ପାଣିରେ ମୁହଁ ବୁଡ଼ାଇବା ମାତ୍ରେ କୁମ୍ଭୀର ତାକୁ ଟାଣି ନେଉଛି। ଏହି ଭିଡିଓକୁ ଜଣେ ୟୁଜର ଟୁଇଟରରେ ଶେୟାର କରିଛନ୍ତି। ଭିଡିଓଟି ଏବେ ବହୁ ସଂଖ୍ୟାରେ ଲୋକେ ଦେଖିସାରିଲେଣି।

# ଶିବ ବେଶରେ ପ୍ରାର୍ଥୀ



**ଲକ୍ଷ୍ନୌ:** ବିଭିନ୍ନ ରାଜ୍ୟରେ ଏବେ ନିର୍ବାଚନୀ ମାହୋଲ। ଉତ୍ତରପ୍ରଦେଶରେ ବି ଏବେ ପଞ୍ଚାୟତ ନିର୍ବାଚନ ପାଇଁ ସଜବାଜ ଆରମ୍ଭ ହେଲାଣି। ତେବେ ଉତ୍ତରପ୍ରଦେଶର ପିଲଭିଟ୍ ଅଞ୍ଚଳରେ ଜଣେ ପ୍ରାର୍ଥୀଙ୍କୁ ନେଇ ଏବେ ଚର୍ଚ୍ଚା। ପ୍ରାର୍ଥୀଜଣକ ଭଗବାନ ଶିବଙ୍କ ବେଶରେ ନାମାଙ୍କନ ଦାଖଲ କରିବାକୁ ଯାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉତ୍ତରପ୍ରଦେଶ ପିଲଭିଟର ୨୬ ନମ୍ବର ୱାର୍ଡ ପାଇଁ ନାମାଙ୍କନ ଆରମ୍ଭ ହୋଇଥିବାବେଳେ ବିଭିନ୍ନ ଅଞ୍ଚଳର ପ୍ରାର୍ଥୀ ନାମାଙ୍କନ ଆରମ୍ଭ କରିଛନ୍ତି। ତେବେ ଏହି ୱାର୍ଡରେ ଜଣେ ପ୍ରାର୍ଥୀଙ୍କ ନାମାଙ୍କନକୁ ନେଇ ଲୋକଙ୍କ ମଧ୍ୟରେ ଢେର ଚର୍ଚ୍ଚା ହେଉଛି। କାହିଁକିନା ପ୍ରାର୍ଥୀଜଣକ ଅନ୍ୟମାନଙ୍କ ଠାରୁ ଭିନ୍ନ ଏବଂ ଭିନ୍ନ ଏକ ବେଶରେ ମଧ୍ୟ ନାମାଙ୍କନ କରିବାକୁ ଆସିଥିଲେ। ଏହି ଭିନ୍ନ ଧରଣର ପ୍ରାର୍ଥୀ ଜଣକ ହେଉଛନ୍ତି ମୌନୀ ବାବା। ସ୍ଥାନୀୟ ଅଞ୍ଚଳରେ ସେ ମୌନୀ ବାବା ନାଁରେ ବେଶ୍ ପରିଚିତ। ନିର୍ବାଚନ ପାଇଁ ଏବେ ପ୍ରାର୍ଥୀମାନେ କୋଭିଡ ଗାଇଡଲାଇନ ଅନୁସାରେ ମାସ୍କ ପିନ୍ଧି ଆସି ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି। ତେବେ ମୌନୀ ବାବା ଯେତେବେଳେ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଆସିଥିଲେ ସେତେବେଳେ ଏକ ଭିନ୍ନ ମାହୋଲ ଦେଖିବାକୁ ମିଳିଥିଲା। ବାବା ତାଙ୍କ ପ୍ରଶଂସକମାନଙ୍କ ସହିତ ଆସିଥିଲେ ଭଗବାନ ଶିବଙ୍କ ବେଶରେ। ମୁଣ୍ଡରେ ଜଟା ଲଗାଇ ଖୁବ କମ୍ ବସ୍ତ୍ର ପରିଧାନ କରି ସ୍ୱତନ୍ତ୍ର ଭାବରେ ଆସିଥିଲେ। ଆଉ ତାଙ୍କ ସହିତ ଆସିଥିବା ତାଙ୍କର ପ୍ରଶଂସକମାନେ ହର ହର ମହାଦେବ ଧ୍ୱନୀରେ ଲୋକଙ୍କର ଦୃଷ୍ଟିଆକର୍ଷଣ କରିଥିଲେ। ତେବେ ମୌନୀ ବାବା ଦୀର୍ଘ ୧୪ ବର୍ଷ ହେଲାଣି ମୌନ ବ୍ରତ ଧାରଣ କରିଛନ୍ତି। ମୌନ ବ୍ରତ ଗ୍ରହଣ କରି ସେ କିଭଳିଭାବେ ନିର୍ବାଚନରେ ପ୍ରଚାର କରିବେ ବୋଲି ପଚାରିବାରୁ କହିଛନ୍ତି ଏହି ନବରାତ୍ରୀ ସମୟରେ ତାଙ୍କର ମୌନ ବ୍ରତକୁ ୧୪ ବର୍ଷ ପୁରଣ ହୋଇଯିବ। ତେଣୁ ସେ ବ୍ରତ ସମାପନ କରି ପୁଣି ଥରେ ପୂର୍ବଭଳି କଥାବାର୍ତ୍ତା କରିପାରିବେ। ଦୀର୍ଘ ଦିନ ମୌନ ବ୍ରତ କରି ତପସ୍ୟା କରିବା ପରେ ଏବେ ସେ ସମାଜସେବା କରିବା ଉଦ୍ଦେଶ୍ୟରେ ନିର୍ବାଚନ ଲଢ଼ିବାକୁ ଯାଉଛନ୍ତି ବୋଲି ମତ ଦେଇଛନ୍ତି।

# ଗ୍ରହାଣୁ ପିଣ୍ଡ ଉପରେ କରାଯିବ ବୋମାମାଡ଼

**ୱାଶିଂଟନ:** ଗ୍ରହାଣୁ ପିଣ୍ଡ ପୃଥିବୀ ଆଡ଼କୁ ମାଡ଼ି ଆସିବା ଭଳି ପ୍ରାକୃତିକ ବିପଦଠାରୁ ପୃଥିବୀକୁ ସୁରକ୍ଷିତ ରଖିବା ପାଇଁ ଆମେରିକାର ମହାକାଶ ବିଜ୍ଞାନୀମାନେ ଉଦ୍ୟମ ଆରମ୍ଭ କରିଛନ୍ତି। ଗ୍ରହାଣୁ ପିଣ୍ଡ ଉପରେ ଆଣବିକ ବୋମା ମାଡ଼ କରିବାକୁ ବୈଜ୍ଞାନିକମାନେ ଚିନ୍ତା କରୁଛନ୍ତି। ଫଳରେ ପ୍ରଚଣ୍ଡ ଧକ୍କାରୁ ପୃଥିବୀକୁ ସୁରକ୍ଷିତ ରଖାଯାଇ ପାରିବ। ନାସା ଅନୁସାରେ ଆସନ୍ତା ୧୦୦ ବର୍ଷ ମଧ୍ୟରେ ୨୨ଟି ବୃହତ୍ ଗ୍ରହାଣୁପିଣ୍ଡ ପୃଥିବୀ ସହିତ ଧକ୍କା ହେବାର ଆଶଙ୍କା ରହିଛି। ଏଭଳି ସ୍ଥିତିରେ ଆଣବିକ ବୋମା ମାଡ଼ କରି ଧ୍ୱଂସ କରାଯାଇ ସେଗୁଡ଼ିକୁ ନଷ୍ଟ କିମ୍ବା ଗତି ପକ୍ଷରୁ ବିଚ୍ୟୁତ କରାଯାଇ ପାରିବ ବୋଲି ମହାକାଶ ବିଜ୍ଞାନୀମାନେ ମତ ପୋଷଣ କରିଛନ୍ତି।


## ଓଡ଼ିଆରେ ଡକ୍ଟରେଟ୍ ଲାଭ



ହିମାଦ୍ରୀ ତନୟା ମିଶ୍ର ଉତ୍କଳ ବିଶ୍ୱବିଦ୍ୟାଳୟରୁ ଓଡ଼ିଆରେ ଗବେଷଣା କରି ନିଜସ୍ୱ ଗବେଷଣାତ୍ମକ ସନ୍ଦର୍ଭ ''ତରୁଣକାନ୍ତି ମିଶ୍ରଙ୍କ ଗଳ୍ପର ସ୍ଥାପତ୍ୟ ଓ ବୈଚିତ୍ର୍ୟ'' ଉପସ୍ଥାପନ ପୂର୍ବକ ଉତ୍କଳ ବିଶ୍ୱବିଦ୍ୟାଳୟ ତରଫରୁ ସମ୍ମାନସୂଚକ Ph.D. ଲାଭ କରିଛନ୍ତି। ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଅନାଦି ଚରଣ ଗାଁଣଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସ୍ତୁତ ଏହି ଗବେଷଣା ନିବନ୍ଧଟି ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ଓଡ଼ିଆ ବିଭାଗ କୋହ୍ଲାଣ ବିଶ୍ୱବିଦ୍ୟାଳୟର ଡ. ସୁରେଶ ଚନ୍ଦ୍ର ଦାଶ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସନ୍ତୋଷ ତ୍ରିପାଠୀ ମହୋଦୟଙ୍କ ଦ୍ୱାରା ପରୀକ୍ଷିତ ଓ ପ୍ରଶଂସିତ ହୋଇଅଛି। ଡ. ହିମାଦ୍ରୀ ତନୟା ମିଶ୍ର ବର୍ତ୍ତମାନ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଅତିଥି ଅଧ୍ୟାପିକା ଭାବରେ ଓଡ଼ିଆ ବିଭାଗରେ କାର୍ଯ୍ୟରତ ଅଛନ୍ତି। ଡ. ମିଶ୍ର ପୁରୀ ଜିଲ୍ଲା ଦୋଳମଣ୍ଡପ ନୂଆସାହି ନିବାସୀ ଶ୍ରୀ ନରେନ୍ଦ୍ର ନାଥ ମିଶ୍ର ଅବସରପ୍ରାପ୍ତ ବ୍ୟକ୍ତିଗତ ସଚିବ, ରାଜ୍ୟ ସରକାର, ସଚିବାଳୟ ଓ ସୁଶୀଳା କର ପ୍ରାକ୍ତନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କର ସୁପୁତ୍ରୀ ଅଟନ୍ତି। ତାଙ୍କର ଏହି ସଫଳତାର ଶ୍ରେୟ ସେ ପିତାମାତା, ଗୁରୁଜନ, ଦୁଇ ଭଉଣୀ: କ୍ଷୀରାବ୍ଧି ଓ ସୁସ୍ମିତା, ଦୁଇ ଭାଇ: ଆଲୋକ ମହାପାତ୍ର ଓ ପ୍ରଭାତ କିରଣ, ଆତ୍ମୀୟସ୍ୱଜନ, ଅତିପ୍ରିୟ ସାଙ୍ଗସାଥୀ, ଡ. ସନ୍ଦୀପ ମହାପାତ୍ର କାର୍ଯ୍ୟନିର୍ବାହୀ ଅଧିକାରି, ପ୍ରମେୟ news 7, ଅସିତ ପ୍ରଧାନ, ଶାନ୍ତିଲତା ଦାସ ଓ ବ୍ରଜେନ୍ଦ୍ର କୁମାର ପରିଡ଼ା, ଉତ୍କଳ ବିଶ୍ୱବିଦ୍ୟାଳୟର ସମସ୍ତ ସମ୍ମାନସ୍ପଦ କାର୍ଯ୍ୟରତ ଅଧିକାରୀ ତଥା ତାଙ୍କ ସ୍ୱାମୀ କଳାଜଗତର ଆଗ ଧାଡ଼ିର ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀମାନ୍ ସଞ୍ଜୟ ଦାଶଙ୍କୁ ଦେଇଛନ୍ତି।

ଧ-୨୦୫୦୭


## ତହସିଲଦାରଙ୍କ କାର୍ଯ୍ୟାଳୟ, କୋମନା, ଜିଲ୍ଲା ନୂଆପଡ଼ା
## ଲଘୁ ଖଣିଜ ଉତ୍ସ (ପଥର ଖାଦାନ/ବାଲି ଘାଟ) ପାଞ୍ଚ ବର୍ଷିଆ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ

ଇସ୍ତାହାର ସଂଖ୍ୟା 1148/ ତାରିଖ 13.04.2021

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, କୋମନା ତହସିଲ ଅନ୍ତର୍ଗତ ବିଭିନ୍ନ ମୌଜା ସ୍ଥିତ ଲଘୁ ଖଣିଜ ଉତ୍ସଗୁଡିକ ଟେଣ୍ଡର ମାଧ୍ୟମରେ ଦୀର୍ଘ ମିଆଦୀ ସୂତ୍ରରେ ପାଞ୍ଚ ବର୍ଷ ପାଇଁ ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି। ଏଥିପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ ନିର୍ଦ୍ଦିଷ୍ଟ ଫାରମରେ ଆବେଦନ କରିବେ। ଟେଣ୍ଡର ଫାରମ (ସମସ୍ତ ବିବରଣୀ, ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ, ୨୦୧୬ [OMMC Rule, 2016] ଅନୁଯାୟୀ ନିର୍ଦ୍ଦିଷ୍ଟ ଫାରମ-M, ଟ ୧୦୦୦.୦୦ଙ୍କା ଏବଂ ଅତିରିକ୍ତ ୦୫ ପ୍ରତିଶତ ଜିଏସ୍‌ଟି ମୂଲ୍ୟରେ ତହସିଲ କାର୍ଯ୍ୟାଳୟରୁ ତା ୧୫।୦୪।୨୧ରିଖଠାରୁ ତା୨୯।୦୪।୨୧ରିଖ ଘ.୧.୦୦ଟିକା ପର୍ଯ୍ୟନ୍ତ କେବଳ ସରକାରୀ କାର୍ଯ୍ୟଦିବସ ଓ ସମୟରେ ଉପଲବ୍ଧ ହେବ । ଉକ୍ତ ରାଶି ଫେରସ୍ତ ହେବନାହିଁ।

ସବିଶେଷ ବିବରଣୀ ନିମନ୍ତେ ତହସିଲଦାରଙ୍କ କାର୍ଯ୍ୟାଳୟ, କୋମନା ଏବଂ କୋମନା ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ କାର୍ଯ୍ୟଦିବସରେ ପାଇପାରିବେ ତଥା ନୂଆପଡ଼ା ଜିଲ୍ଲା ୱେବ୍‌ସାଇଟ୍‌ରେ (www.nuapada.nic.in) ମଧ୍ୟ ଉପଲବ୍ଧ ଅଟେ।

**ସ୍ୱା./- ତହସିଲଦାର, କୋମନା**

**OFFICE OF THE SUPERINTENIDNG ENGINEER**
**RURAL WORKS CIRCLE, BALASORE**
**E-mail ID: serw_balasore@yahoo.in, Ph.No.- 06782/260392, Balia, Balasore**
**"e" Procurement Notice for Road Work**
**Identification No.-Online Tender-Road N.C.B. No.287 for 2021-22**
**Letter No.1359/ Date:12.04.2021**

No.O-32:-

1. Name of the work : Periodical maintenance such as renewal coat with SDBC of the five year completed PMGSY roads for the year 2021-22 in the District of Balasore
2. Total No. of package : 34 Nos. (Thirty four)
3. Estimated cost : Rs.93.39 to Rs.280.79 lakhs (Approximately)
4. Eligible class of contractor : 'B' & 'A' Class (of Odisha P.W.D.) or relevant class of other licencing authorities (as per annexure).
5. Period of completion : 03 (Three) calendar months for the work
6. Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender in O/o S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Balsore | N.C.B. No.287 | Dt.15.04.2021 at 11.00 A.M. | Dt.29.04.2021 upto 5.00 P.M. | Dt.28.04.2021 upto 5.00 P.M. | Dt.30.04.2021 at 11.00 A.M. | Will be intimated later |

Further details can be seen from the website: www.tendersorissa.gov.in
OIPR-25105/11/0001/2122 **Superintending Engineer, R.W. Circle, Balasore**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BOLANGIR**
**e Procurement Notice**

No.O-27:-

| | | | |
|---|---|---|---|
| 1 | Name of work | : | Construction of H.L. bridge over river Lanth on Badipada PMGSY road to Saintala (PS Road) in the district of Bolangir (Balance Work) |
| 2 | No. of work | : | 1 (One) bridge work |
| 3 | Time for completion | : | 18 (Eighteen) calendar months |
| 4 | Approximate estimated cost | : | Rs.871.61 lakhs |
| 5 | Mode of submission of tender | : | Tender should be submitted online in www.tendersodisha.gov.in |
| 6 | Other details are as follow | | |

| Procurement Officer | Bid Identification No. | Availability of tender on line for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical bid | Financial Bid |
| Superintending Engineer, R.W. Circle, Bolangir | BLGR-Online-02/ 2021-22 | 19.04.2021 at 11.00 A.M. | 03.05.2021 upto 5.00 P.M. | 01.05.2021 upto 1.00 P.M. | 04.05.2021 at 11.00 A.M. | The date will be intimated to the technically qualified bidders later on |

Further details can be seen from the website **www.tendersodisha.gov.in**. Any corrigendum/addendum will be displayed in the above e tender website only.
OIPR-25118/11/0002/2122 **Sd./- D.K. Seth, Superintending Engineer, R.W.Circle, Bolangir**

# କେମିତି ରହିବ ଆଜିର ପାଗ

ରାଜ୍ୟ- ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ଗଜପତି, ରାୟଗଡ଼ା, କନ୍ଧମାଳ ସମେତ ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କେନ୍ଦୁଝର, ମୟୁରଭଞ୍ଜ, ବାଲେଶ୍ୱର, ଭଦ୍ରକ ଆଦି ଜିଲାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ଦିନର ସର୍ବାଧିକ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇ ନ ପାରେ।

ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପାଗ ମେଘୁଆ ରହିବା ସହ କେତେକ ସ୍ଥାନରେ ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହୋଇପାରେ। ବୁଧବାର ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୦ | ୨୫.୯ |
| ଚାନ୍ଦବାଲି | ୩୭.୪ | ୨୪.୬ |
| କଟକ | ୩୮.୫ | ୨୫.୪ |
| ପାରାଦୀପ | ୩୧.୮ | ୨୭.୨ |
| ଭୁବନେଶ୍ୱର | ୩୯.୬ | ୨୬.୦ |
| ଗୋପାଳପୁର | ୩୩.୦ | ୨୫.୩ |
| ପୁରୀ | ୩୨.୮ | ୨୮.୦ |
| ଅନୁଗୋଳ | ୪୦.୧ | ୨୩.୬ |
| ବାରିପଦା | ୩୯.୬ | ୨୪.୦ |
| ଝାରସୁଗୁଡ଼ା | ୪୧.୨ | ୨୩.୬ |
| କେନ୍ଦୁଝର | ୩୭.୦ | ୨୨.୦ |
| ସମ୍ବଲପୁର | ୪୦.୮ | ୨୪.୭ |
| ସୁନ୍ଦରଗଡ଼ | ୩୮.୦ | - |
| ହୀରାକୁଦ | ୪୦.୬ | ୨୩.୧ |
| ତାଳଚେର | ୩୯.୪ | ୨୪.୦ |
| ଭବାନୀପାଟଣା | ୩୮.୫ | ୨୩.୦ |
| ବଲାଙ୍ଗୀର | - | ୨୨.୪ |
| କୋରାପୁଟ | ୩୪.୫ | ୧୯.୨ |
| ଫୁଲବାଣୀ | - | ୨୧.୦ |
| ଟିଟିଲାଗଡ଼ | ୩୯.୦ | ୨୪.୮ |
| ମାଲକାନଗିରି | ୩୯.୦ | ୨୨.୦ |
| ସୋନପୁର | ୩୯.୬ | ୨୩.୪ |
| ଦାରିଙ୍ଗିବାଡ଼ି | - | ୧୮.୦ |
| ନୟାଗଡ଼ | ୩୯.୦ | ୨୫.୨ |
| ବୌଦ୍ଧ | ୪୦.୦ | ୨୩.୦ |
| ଛତ୍ରପୁର | ୩୪.୦ | ୨୫.୦ |
| ପାରଳାଖେମୁଣ୍ଡି | ୩୬.୦ | ୨୩.୫ |
| ରାୟଗଡ଼ା | ୩୭.୨ | ୨୧.୭ |

ଡିଗ୍ରୀ ସେଲ୍‌ସିୟସ୍


**CLASSIFIED DISPLAY**

TARIFF — **MORE SPACE • SAME PRICE** — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**GALAXY TOWER**



ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।

Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା

Bansal Tower, B wing, Bangalore Karnataka-400021

**8901110759**

**Pratichi**

ଏକ ପ୍ରଗତିଶୀଳ ଦୁଗ୍ଧ କାରଖାନା ପାଇଁ ଓଡ଼ିଶାର ପ୍ରତି ଜିଲ୍ଲାରୁ

**ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ**

ଯୋଗାଯୋଗ : ପ୍ରତିଚୀ ଡାଏରୀ ପ୍ରଡକ୍ଟ ପ୍ରା.ଲିଃ., ପ୍ଲଟ ନଂ. ୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ
ମୋ.- ୯୮୫୩୦୦୩୩୧୭
Email ID: pratichidairyproducts@gmail.com

**ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ**

୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ



ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ

A To Z Problem Solution

ବାବା କମଲ୍ ଖାନ୍

କଳାଯାଦୁର ଅଧିକାରୀ

**7699180736**
**8800979262**

Near Bus Stand

**BINODAYA FINANCE**

ପ୍ରପର୍ଟି, ପର୍ସନାଲ, ମାର୍କସିଟ୍, ବ୍ୟବସାୟ, କୃଷି, ଗୃହରଣ, ଗାଈପାଳନ ଓ କୁକୁଡ଼ା ପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ, ସୁଧ = 2%

**M=9437925782**
**M=9437927381**
**ABASING, TALAMUNDA, GAJAPATI**

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପ୍ରଥମ ବିଜୟ ଲକ୍ଷ୍ୟରେ ହାଇଦ୍ରାବାଦ

ଚେନ୍ନାଇ,୧୩।୪(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଷଷ୍ଠ ମ୍ୟାଚ୍‌ରେ ବିରାଟ କୋହଲିଙ୍କ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ଡେଭିଡ ୱାର୍ନରଙ୍କ ନେତୃତ୍ୱାଧୀନ ସନରାଇଜର୍ସ ହାଇଦ୍ରାବାଦ ପରସ୍ପରକୁ ଭେଟିବେ। ସ୍ଥାନୀୟ ଚେପକ ଷ୍ଟାଡିୟମରେ ବୁଧବାର ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଭଲ ପ୍ରଦର୍ଶନ କରି ହାଇଦ୍ରାବାଦ ପ୍ରଥମ ବିଜୟ ହାସଲ କରିବା ଲକ୍ଷ୍ୟରେ ରହିଛି। ହାଇଦ୍ରାବାଦ ତା'ର ପ୍ରଥମ ମ୍ୟାଚ୍‌ରେ କୋଲକାତା ନାଇଟ ରାଇଡର୍ସଠାରୁ ପରାସ୍ତ ହୋଇଥିଲା। ଅନ୍ୟପଟେ ପ୍ରଥମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ହରାଇଥିବା ବାଙ୍ଗାଲୋର ଦ୍ୱିତୀୟ ମ୍ୟାଚ୍ ଜିତି ସ୍ଥିତି ଦୃଢ଼ କରିବାକୁ ପ୍ରୟାସ କରିବ।

ପ୍ରଥମ ମ୍ୟାଚ୍‌ରେ ଦମ୍‌ଦାର ପ୍ରଦର୍ଶନ କରିଥିବା ବାଙ୍ଗାଲୋର ଦଳରେ ପ୍ରତିଭାସମ୍ପନ୍ନ ଓପନର ଦେବଦତ୍ତ ପଡିକାଲ ସାମିଲ ହୋଇଛନ୍ତି। ଫଳରେ ଦଳ ଆହୁରି ଦୃଢ଼ ହେବ। ପଡିକାଲ କୋଭିଡ-୧୯ ସଂକ୍ରମଣରୁ ଆରୋଗ୍ୟ ଲାଭ କରିଛନ୍ତି। ଚଳିତ ଆଇପିଏଲ୍‌ର ପ୍ରଥମ ମ୍ୟାଚ୍ ଖେଳିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି ବୋଲି ପଡିକାଲ କହିଛନ୍ତି। ଗତ ଘରୋଇ ସେସନରେ ଚମତ୍କାର ପ୍ରଦର୍ଶନ କରିଥିବା ପଡିକାଲ ସେହି ଫର୍ମ ଆଇପିଏଲ୍‌ରେ ବଜାୟ ରଖିବାକୁ ପ୍ରୟାସ କରିବେ। ମାର୍ଚ୍ଚ ୨୨ ତାରିଖରେ ସେ କରୋନାରେ ସଂକ୍ରମିତ ହୋଇଥିଲେ। ଏବେ ସେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରି ବାଙ୍ଗାଲୋରର ଅନ୍ୟ ସାଥୀ ଖେଳାଳିଙ୍କ ସହ ଅଭ୍ୟାସ କରିଛନ୍ତି। ସେ ପ୍ରଥମ ମ୍ୟାଚ୍ ଖେଳି ନ ଥିଲେ। ଫଳରେ କୋହଲି ଓ ୱାଶିଂଟନ ସୁନ୍ଦର ଇନିଂସ ଓପନ୍ କରିଥିଲେ। ଆଗାମୀ ମ୍ୟାଚ୍‌ଗୁଡିକରେ ବାଙ୍ଗାଲୋର ମହମ୍ମଦ ଆଝାରୁଦ୍ଦିନ ଓ ଅଷ୍ଟ୍ରେଲିଆ ଲେଗ୍ ସ୍ପିନର ଆଡାମ ଜାମ୍ପାଙ୍କୁ ଅନ୍ତିମ ଏକାଦଶରେ ସାମିଲ କରିପାରେ। ଦଳ ପାଇଁ କୋହଲି ଓ ଅଭିଜ୍ଞ ଏବି ଡିଭିଲର୍ସ ପୁଣିଥରେ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ଅଷ୍ଟ୍ରେଲିଆ ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ ନିଜ ଅସାଧାରଣ ପ୍ରଦର୍ଶନ ବଳରେ ପୁଣି ଥରେ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହେବେ। ପ୍ରଥମ ମ୍ୟାଚ୍‌ରେ ସେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ। ତାଙ୍କୁ ଅଧିନାୟକ କୋହଲିଙ୍କ ସମେତ ଟିମ୍ ମ୍ୟାନେଜମେଣ୍ଟ ସମର୍ଥନ କରୁଛି। କୋହଲି, ଡିଭିଲର୍ସ ଓ ମ୍ୟାକ୍ସୱେଲଙ୍କୁ ବାଦ୍ ଦେଲେ ଦଳର ବ୍ୟାଟିଂ ଲାଇନ୍ ମାମୁଲି ଜଣାପଡୁଛି। ତେଣୁ ଟପ୍ ଅର୍ଡରରେ ପଡିକାଲଙ୍କ ଗୁରୁତ୍ୱ ଯଥେଷ୍ଟ ରହିଛି। ୨୦ ବର୍ଷୀୟ କର୍ନାଟକର ଏହି ଯୁବ ବ୍ୟାଟ୍ସମ୍ୟାନ ଆଇପିଏଲ୍ ୨୦୨୦ରେ ୧୫ଟି ମ୍ୟାଚ୍ ଖେଳି ଦଳ ତରଫରୁ ସର୍ବାଧିକ ୪୭୩ ରନ ସଂଗ୍ରହ କରିଥିଲେ। ଆଇପିଏଲ୍ ପଦାର୍ପଣରେ ସେ ୫ଟି ଅର୍ଦ୍ଧଶତକ ଅର୍ଜନ କରିଥିଲେ। ସୟଦ ମୁସ୍ତାକ ଅଲି ଟ୍ରଫିରେ ସେ ୬ଟି ମ୍ୟାଚ୍ ଖେଳି ୪୩.୬୦ ରନ ହାରରେ ୨୧୮ ରନ ସଂଗ୍ରହ କରିଥିଲେ। ସେହିପରି ବିଜୟ ହଜାରେ ଟ୍ରଫିରେ ୭ଟି ମ୍ୟାଚ୍ ଖେଳି ସେ ୭୩୭ ରନ ସଂଗ୍ରହ କରିଥିଲେ। ପ୍ରଥମ ମ୍ୟାଚ୍‌ର ବିଫଳତା ପରେ ରଜତ ପଟିଦାର ଓ ସୁନ୍ଦର ଏଥର ତ୍ରୁଟି ସୁଧାରିବାକୁ ପ୍ରୟାସ କରିବେ। ମୁମ୍ବାଇ ବିପକ୍ଷରେ ବାଙ୍ଗାଲୋରର ସବୁ ବୋଲର ବେଶ୍ ମାପଚୁପ ବୋଲିଂ କରିଥିଲେ। ମିଡିୟମ ପେସର ହର୍ଷଲ ପଟେଲ ୨୭ ରନ ଦେଇ ୫ ଉଇକେଟ ଅକ୍ତିଆର କରିଥିଲେ।

ଅପରପକ୍ଷରେ ଦୁଇ ଓପନର ଋଦ୍ଧିମାନ ଶାହା ଓ ୱାର୍ନର ପ୍ରଥମ ମ୍ୟାଚ୍ ବିଫଳ ହୋଇଥିବାରୁ ହାଇଦ୍ରାବାଦ ଚିନ୍ତା ବଢିଯାଇଛି। ବାଙ୍ଗାଲୋର ବିପକ୍ଷରେ ଏମାନେ ଫର୍ମକୁ ଫେରି ବ୍ୟାଟିଂରେ କମାଲ କରିବେ ବୋଲି ଆଶା କରାଯାଉଛି। ବାଙ୍ଗାଲୋର ବିପକ୍ଷରେ ୱାର୍ନର ୬୦୦ ରନ ସଂଗ୍ରହର ନିକଟତର ହୋଇଛନ୍ତି। ପ୍ରଥମ ମ୍ୟାଚ୍‌ରେ ଜନି ବେୟାରଷ୍ଟୋ ଓ ମନୀଷ ପାଣ୍ଡେ ଦ୍ରୁତ ଅର୍ଦ୍ଧଶତକ ହାସଲ କରିଥିଲେ। ୱାର୍ନର ଭଲ ଖେଳିଲେ ଦଳର ପ୍ରଦର୍ଶନ ଆହୁରି ଦୃଢ ହେବ। କେନ୍ ୱିଲିୟମସନ ବୁଧବାର ଖେଳି ନ ପାରନ୍ତି। ସମ୍ପୂର୍ଣ୍ଣ ଫିଟ୍ ହେବା ପାଇଁ ସେ ଆହୁରି କିଛି ସମୟ ଆବଶ୍ୟକ କରୁଛନ୍ତି ବୋଲି କୋଚ୍ ଟ୍ରେଭର ବେଲିସ କହିଛନ୍ତି। ପ୍ରଥମ ମ୍ୟାଚ୍‌ରେ ମହଙ୍ଗା ସାବ୍ୟସ୍ତ ହୋଇଥିବା ଭୁବନେଶ୍ୱର କୁମାର ଖୁବ୍‌ଶୀଘ୍ର ଲୟକୁ ଫେରିବେ ଏବଂ ରସିଦ ଖାଁ ଓ ମହମ୍ମଦ ନବିଙ୍କ ଭଳି ସ୍ପିନର ପ୍ରଭାବୀ ସାବ୍ୟସ୍ତ ହେବେ ବୋଲି ଆଶା କରାଯାଉଛି।

**ଆରସିବି ଦଳ:** ବିରାଟ କୋହଲି (ଅଧିନାୟକ), ଏବି ଡିଭିଲର୍ସ, ଦେବଦତ୍ତ ପଡିକାଲ, ୟୁଜବେନ୍ଦ୍ର ଚହଲ, ମହମ୍ମଦ ସିରାଜ, କେନ୍ ରିଚାର୍ଡସନ, ୱାଶିଂଟନ ସୁନ୍ଦର, ପବନ ଦେଶପାଣ୍ଡେ, ଫିନ ଆଲେନ, ଶାହାବାଜ ଅହମଦ, ନବଦୀପ ସଇନି, ଆଡାମ ଜାମ୍ପା, କାଏଲ ଜେମିଶନ, ଗ୍ଲେନ ମ୍ୟାକ୍ସୱେଲ, ରଜତ ପଟିଦାର, ସଚିନ ବେବି, ମହମ୍ମଦ ଆଝାରୁଦ୍ଦିନ, ଡାନିଏଲ କ୍ରିଷ୍ଟିଆନ, କେ.ଏସ. ଭାରତ, ସୂୟାଶ ପ୍ରଭୁଦେଶାଇ, ଡାନିଏଲ ସାମ୍ସ ଓ ହର୍ଷାଲ ପଟେଲ।

**ହାଇଦ୍ରାବାଦ ଦଳ:** ଡେଭିଡ ୱାର୍ନର (ଅଧିନାୟକ), କେନ୍ ୱିଲିୟମସନ, ବିରାଟ ସିଂ, ମନୀଷ ପାଣ୍ଡେ, ପ୍ରିୟମ ଗର୍ଗ, ଋଦ୍ଧିମାନ ଶାହ, ଜନି ବେୟାରଷ୍ଟୋ, ଜାସନ ରୟ, ଶ୍ରୀବତ୍ସ ଗୋସ୍ୱାମୀ, ବିଜୟ ଶଙ୍କର, ମହମ୍ମଦ ନବି, କେଦାର ଯାଦବ, ଜେ. ସୁଚିତ, ଜାସନ ହୋଲ୍ଡର, ଅଭିଷେକ ଶର୍ମା, ରସିଦ ଖାଁ, ଟି. ନଟରାଜନ, ସନ୍ଦୀପ ଶର୍ମା, ଖଲିଲ ଅହମ୍ମଦ, ସିଦ୍ଧାର୍ଥ କାଉଲ, ବାସିଲ ଥମ୍ପି, ଶାହାବାଜ ନଦିମ ଓ ମୁଜିବ- ଉର ରହମାନ।



ମଙ୍ଗଳବାର ଅଭ୍ୟାସ ଅବସରରେ ଏବି ଡି'ଭିଲର୍ସ ଓ ଜନି ବେୟାରଷ୍ଟୋ।

**ଆଜିର ମ୍ୟାଚ**



ରୟାଲ୍ ଚାଲେଞ୍ଜର୍ସ
ବନାମ
ସନ୍‌ରାଇଜର୍ସ

ସ୍ଥାନ : ଚେନ୍ନାଇ
ସମୟ : ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଇଂଲଣ୍ଡ ଟୁର୍‌ରେ ଯିବ ଭାରତୀୟ ମହିଳା କ୍ରିକେଟ ଦଳ

ଲଣ୍ଡନ, ୧୩।୪(ପି.ଟି.)

ଭାରତୀୟ ମହିଳା କ୍ରିକେଟ ଦଳ ଜୁନ୍-ଜୁଲାଇରେ ଇଂଲଣ୍ଡ ଟୁର୍‌ରେ ଯିବ। ବ୍ରିଷ୍ଟଲଠାରେ ଦଳ ଏକମାତ୍ର ଟେଷ୍ଟ ମ୍ୟାଚ ବ୍ୟତୀତ ୩ ଅନ୍ତର୍ଜାତୀୟ ଦିନିକିଆ ଏବଂ ସମାନ ସଂଖ୍ୟକ ଟି୨୦ ଖେଳିବ। ଟେଷ୍ଟ ମ୍ୟାଚ ବ୍ରିଷ୍ଟଲ କାଉଣ୍ଟି ଗ୍ରାଉଣ୍ଡରେ ଜୁନ୍ ୧୬ରୁ ୧୯ ପର୍ଯ୍ୟନ୍ତ ଖେଳାଯିବ। ୨୦୧୪ ପରେ ଭାରତୀୟ ମହିଳା କ୍ରିକେଟ ଦଳର ଏହା ପ୍ରଥମ ଟେଷ୍ଟ ମ୍ୟାଚ ହେବ। ଅନ୍ୟପକ୍ଷରେ ଇଂଲଣ୍ଡ ଏହାର ଗତ ରେଡ୍‌ବଲ୍ ଗେମ୍ ୨୦୧୯ ଆଶେସରେ ଖେଳିଥିଲା। ଏକାମାତ୍ର ଟେଷ୍ଟ ପରେ ଏହା ପଛକୁ ପଛ ୩ ଦିନିକିଆ ଓ ସମାନ ସଂଖ୍ୟକ ଟି୨୦ ମ୍ୟାଚ ସହ ଜୁଲାଇ ୧୫ରେ ଚେମ୍ସଫୋର୍ଡଠାରେ ଭାରତୀୟ ଦଳର ଟୁର୍ ଶେଷ ହେବ। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ମୁଖ୍ୟ କାର୍ଯ୍ୟନିର୍ବାହୀ ଟମ୍ ହାରିସନ କହିଛନ୍ତି, ଏଥର ଗ୍ରୀଷ୍ମଋତୁରେ ମହିଳା କ୍ରିକେଟ ଦଳ ପାଇଁ ବ୍ୟସ୍ତ ବହୁଳ କାର୍ଯ୍ୟସୂଚୀ ରହିଛି। ଭାରତ ବିପକ୍ଷ ସିରିଜ ପରେ ଇଂଲଣ୍ଡ ନ୍ୟୁଜିଲାଣ୍ଡ ମହିଳା କ୍ରିକେଟ ଦଳ ବିପକ୍ଷରେ ଖେଳିବ। ଦୁଇ ଦଳ ମଧ୍ୟରେ ୩ ଅନ୍ତର୍ଜାତୀୟ ଟି୨୦ ଓ ୫ ଅନ୍ତର୍ଜାତୀୟ ଦିନିକିଆ ଖେଳାଯିବ।

**ଭାରତର ଇଂଲଣ୍ଡ ଟୁର୍ କାର୍ଯ୍ୟସୂଚୀ**

- ଜୁନ୍ ୧୬ରୁ ୧୯: ଟେଷ୍ଟ ମ୍ୟାଚ (ବ୍ରିଷ୍ଟଲ କାଉଣ୍ଟି ଗ୍ରାଉଣ୍ଡ)
- ଜୁନ୍ ୨୭: ପ୍ରଥମ ଦିନିକିଆ (ବ୍ରିଷ୍ଟଲ କାଉଣ୍ଟି ଗ୍ରାଉଣ୍ଡ)
- ଜୁନ୍ ୩୦: ଦ୍ୱିତୀୟ ଦିନିକିଆ (ଦି କୁପର ଆସୋସିଏଟ୍ କାଉଣ୍ଟି ଗ୍ରାଉଣ୍ଡ, ଟନ୍‌ଟନ୍)
- ଜୁଲାଇ ୩: ତୃତୀୟ ଦିନିକିଆ (ନ୍ୟୁ ରୋଡ୍, ୱରସେଷ୍ଟର)।
- ଜୁଲାଇ ୯: ପ୍ରଥମ ଟି୨୦ (ଦି କାଉଣ୍ଟି ଗ୍ରାଉଣ୍ଡ, ନର୍ଥାମ୍ପଟନ)
- ଜୁଲାଇ ୧୧: ଦ୍ୱିତୀୟ ଟି୨୦ ( ଦି ଫାଷ୍ଟ ସେଣ୍ଟ୍ରାଲ କାଉଣ୍ଟି ଗ୍ରାଉଣ୍ଡ, ହୋଭ୍)
- ଜୁଲାଇ ୧୫: ତୃତୀୟ ଟି୨୦ (ଚେମ୍ସଫୋର୍ଡ)

# ବିନା ଦର୍ଶକରେ ଇଣ୍ଡିଆ ଓପନ୍ ବ୍ୟାଡମିଣ୍ଟନ ଖେଳାଯିବ

ନୂଆଦିଲ୍ଲୀ, ୧୩।୪(ପି.ଟି)

ଆସନ୍ତା ମେ ୧୧ରୁ ୧୬ ତାରିଖ ମଧ୍ୟରେ ରୁଦ୍ଧ ଦ୍ୱାରରେ ଇଣ୍ଡିଆ ଓପନ ସୁପର ୫୦୦ ଇଭେଣ୍ଟ ଆୟୋଜନ ହେବ। ଅଲିମ୍ପିକ୍ ଚାମ୍ପିୟନ ସ୍ପେନ୍‌ର କାରୋଲିନା ମାରିନ ଓ ବିଶ୍ୱର ୧ ନମ୍ବର ଖେଳାଳି କେଣ୍ଟୋ ମୋମୋଟାଙ୍କ ଭଳି ବିଶ୍ୱସ୍ତରୀୟ ଖେଳାଳି ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବେ। କୋଭିଡ୍-୧୯ ମହାମାରୀ କାରଣରୁ ୪ ଲକ୍ଷ ଆମେରିକୀୟ ଡଲାର ପୁରସ୍କାର ରାଶି ବିଶିଷ୍ଟ ଏହି ଟୁର୍ନାମେଣ୍ଟ ବିନା ଦର୍ଶକରେ ଆୟୋଜନ କରାଯିବ। ଅଗାମୀ ଟୋକିଓ ଅଲିମ୍ପିକ୍ସ ପାଇଁ ଏହା କ୍ୱାଲିଫାଇଂ ଇଭେଣ୍ଟ ଭାବେ ବିବେଚିତ ହୋଇଛି। ଚାଇନା ସମେତ ବିଶ୍ୱର ୩୩ଟି ବିଭିନ୍ନ ଜାତୀୟ ଆସୋସିଏଶନରୁ ଇଣ୍ଡିଆ ଓପନ୍‌ରେ ମୋଟ ୨୨୮ (୧୧୪ ପୁରୁଷ ଓ ୧୧୪ ମହିଳା) ଖେଳାଳି ଏହି ଇଭେଣ୍ଟରେ ଅଂଶଗ୍ରହଣ କରିବେ।

କରୋନା ପାଇଁ ଏହି ଟୁର୍ନାମେଣ୍ଟ ବାୟୋ ବବଲରେ ବିନା ଦର୍ଶକ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ଆୟୋଜନ ହେବ ବୋଲି ବ୍ୟାଡମିଣ୍ଟନ ଆସୋସିଏଶନ ଅଫ ଇଣ୍ଡିଆ (ବିଏଆଇ) ତରଫରୁ କୁହାଯାଇଛି। ୟୁନାଇଟେଡ କିଙ୍ଗଡମ୍ ସମେତ ଦକ୍ଷିଣ ଆଫ୍ରିକା, ବ୍ରାଜିଲ, ମିଡିଲ ଇଷ୍ଟ ଓ ୟୁରୋପୀୟ ଦେଶଗୁଡିକ ଆସିବାକୁ ଥିବା ଖେଳାଳିମାନେ ୭ ଦିନିଆ କ୍ୱାରାଣ୍ଟାଇନ୍ ପିରିୟଡରେ ରହିବେ।

# 'ସାମ୍ସନଙ୍କ ନିଷ୍ପତ୍ତି ଠିକ୍ ଥିଲା'




**ମୁମ୍ବାଇ, ୧୩।୪:** ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)ର ସୋମବାର ମ୍ୟାଚରେ ରାଜସ୍ଥାନ ରୟାଲ୍ସ ମାତ୍ର ୪ ରନରେ ପଞ୍ଜାବ କିଙ୍ଗ୍ସ ନିକଟରୁ ପରାଜିତ ହୋଇଥିଲା। ହାଇସ୍କୋରିଂ ମ୍ୟାଚରେ ଶେଷ ୨ ବଲ୍‌ରୁ ବିଜୟ ପାଇଁ ୫ ରନ ଆବଶ୍ୟକ ହେଉଥିଲା। ଅର୍ଶଦୀପ ସିଂଙ୍କ ୪ର୍ଥ ବଲ୍‌କୁ ଅଧିନାୟକ ସଞ୍ଜୁ ସାମ୍ସନ ଲଙ୍ଗଅଫ୍ ଅଞ୍ଚଳକୁ ଖେଳିଥିଲେ ହେଁ ସିଙ୍ଗଲ ନେଇ ନ ଥିଲେ। ନନ୍‌ଷ୍ଟ୍ରାଇକର ଏଣ୍ଡରେ ଥିବା କ୍ରିସ୍ ମୋରିସ ରନ ନେବାକୁ ବାହାରି ଯାଇଥିଲେ ହେଁ ସାମ୍ସନ ତାଙ୍କୁ ଫେରାଇ ଦେଇଥିଲେ। ଶେଷ ବଲ୍‌କୁ ସେ ଛକା ମାରିବା ଚକ୍କରରେ ବଡ଼ ଶଟ୍ ଖେଳିଥିଲେ ହେଁ ଏକ୍ସଟ୍ରା କଭର ବାଉଣ୍ଡାରୀରେ ଦୀପକ ହୁଡାଙ୍କ ହାତରେ ଧରାପଡ଼ି ଯାଇଥିଲେ। ମାତ୍ର ସାମ୍ସନଙ୍କ ଏହି ନିଷ୍ପତ୍ତିକୁ ପୂର୍ବତନ ଖେଳାଳିମାନେ ସମର୍ଥନ ଜଣାଇଛନ୍ତି। ଏମାନଙ୍କ ମଧ୍ୟରେ ସାମିଲ ଅଛନ୍ତି ସଞ୍ଜୟ ମଞ୍ଜରେକର, ସ୍ନେହାଲ ପ୍ରଧାନ, ମୁମ୍ବାଇ ଇଣ୍ଡିଆନ୍ସ ଅଲରାଉଣ୍ଡର ଜେମ୍ସ ନିଶାମ ଏବଂ ରାଜସ୍ଥାନ ରୟାଲ୍ସ ନିର୍ଦ୍ଦେଶକ (କ୍ରିକେଟ) କୁମାର ସଙ୍ଗକାରା। ଶେଷ ବଲ୍‌ରେ ନୂଆ ବ୍ୟାଟ୍ସମ୍ୟାନ କ୍ରିସ୍ ମୋରିସ ଚୌକା ମାରିବା ଅପେକ୍ଷା ସାମ୍ସନ ଛକା ମାରିବା ଅଧିକ ସମ୍ଭାବନା ଥିଲା। ସାମ୍ସନ ସିଙ୍ଗଲ ନ ନେଇ ନିଜ ହାତରେ ଷ୍ଟ୍ରାଇକ୍ ରଖି ଠିକ୍ କରିଥିଲେ ବୋଲି ମଞ୍ଜରେକର ଟୁଇଟ କରିଛନ୍ତି। ସାମ୍ସନ ସିଙ୍ଗଲ ନ ନେଇ କିଛି ଭୁଲ କରିଥିବା ମୁଁ ଜାଣି ପାରୁନାହିଁ। ସେ ଶେଷ ବଲ୍‌ରେ ଛକା ନ ହେଲେ ମଧ୍ୟ ଚୌକା ମାରିବାର ଦକ୍ଷତା ରଖିଥିଲେ ବୋଲି ପୂର୍ବତନ ଭାରତୀୟ ମହିଳା କ୍ରିକେଟର ସ୍ନେହାଲ ପ୍ରଧାନ ଟୁଇଟ କରିଛନ୍ତି।

ପୂର୍ବରୁ ଭଲ ହିଟ୍ କରିଥିବାରୁ ସଞ୍ଜୁ ମ୍ୟାଚ ଫିନିଶ କରିବା ନିଷ୍ପତ୍ତି ନେଇଥିଲେ। ଶେଷ ବଲ୍‌କୁ ସେ ହିଟ୍ ମଧ୍ୟ କରିଥିଲେ। ମାତ୍ର ତାହା ବାଉଣ୍ଡାରୀଠାରୁ ୫-୬ ଗଜ କମ୍ ରହି ଯାଇଥିଲା। ଜଣେ ଫର୍ମରେ ଥିବାବେଳେ ଏପରି ବିଶ୍ୱାସ କରିଥାଏ। ସଞ୍ଜୁ ସେପରି କରିବା ଉତ୍ସାହଜନକ ଥିଲା। ସେ ସିଙ୍ଗଲ ମିସ୍ କରିଥିବା କଥାକୁ ନେଇ ଚର୍ଚ୍ଚା ହେବା ଅନୁଚିତ, କାରଣ ସେ ସକାରାତ୍ମକ ମନୋଭାବରେ ଖେଳିଥିଲେ। ଆସନ୍ତା ଥରକୁ ସେ ୧୦ ଗଜ ଅଧିକ ଦୂରକୁ ଶଟ୍ ମାରି ଆମପାଇଁ ମ୍ୟାଚ ବିଜେତା ହେବା ମୋର ବିଶ୍ୱାସ ବୋଲି ମ୍ୟାଚ ପରବର୍ତ୍ତୀ ଖବରଦାତା ସମ୍ମିଳନୀରେ ସଙ୍ଗକାରା କହିଛନ୍ତି। ''ସିଙ୍ଗଲ ଆବଶ୍ୟକ ନ ଥିଲା। କାରଣ ଶେଷ ବଲ୍‌ରେ ମୋରିସ ଚୌକା କିମ୍ବା ଛକା ମାରିବା ଅପେକ୍ଷା ସାମ୍ସନ ଛକା ମାରିବା ଅଧିକ ସମ୍ଭାବନା ଥିଲା। ସେ ବଲ୍‌କୁ ଯେପରି ଭାବେ ହିଟ୍ କଲେ ସେଥିରୁ ତାଙ୍କ ଆତ୍ମବିଶ୍ୱାସ ବାରି ହୋଇ ପଡୁଥିଲା। ତାଙ୍କ ନିଷ୍ପତ୍ତି ଭୁଲ ନ ଥିଲା'' ବୋଲି ନିଶାମ ଟୁଇଟ କରିଛନ୍ତି। ଆଇପିଏଲରେ ଜଣେ ଅଧିନାୟକଭାବେ ନିଜ ପ୍ରଥମ ମ୍ୟାଚରେ ସାମ୍ସନ ସର୍ବାଧିକ ରନ ସ୍କୋର କରିଥିଲେ। ଏହି ପ୍ରତିଭାସମ୍ପନ୍ନ ଉଇକେଟକିପର ମାତ୍ର ୬୩ ବଲ୍‌ରୁ ୧୨ ଚୌକା ଓ ୭ ଛକା ସହାୟତାରେ ୧୧୯ ରନ କରିଥିଲେ। ୨୨୨ ରନ ପିଛା କରିଥିବା ରୟାଲ୍ସ ୨୧୭ ରନରେ ରହି ଯାଇଥିଲା।

# ଚତୁର୍ଥ ଥର ପାଇଁ ପୁରସ୍କାର ଜିତିଲେ ୱିଲିୟମସନ

ୱେଲିଂଟନ, ୧୩।୪ (ପି.ଟି.)

 କ୍ରିକେଟର ସମସ୍ତ ଫର୍ମାଟରେ ସେ ଚମତ୍କାର ପ୍ରଦର୍ଶନ କରିଥିବାରୁ ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ଚତୁର୍ଥ ଥର ପାଇଁ ସାର୍ ରିଚାର୍ଡ ହାଡ୍‌ଲି ମେଡାଲ ଜିତିଛନ୍ତି। ଦେଶର ବାର୍ଷିକ କ୍ରିକେଟ ପୁରସ୍କାର ଉତ୍ସବରେ ସେ ଟେଷ୍ଟ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ମଧ୍ୟ ଜିତିଛନ୍ତି। କ୍ରମାଗତ ଦ୍ୱିତୀୟ ବର୍ଷ ଡିଜିଟାଲ ଜରିଆରେ ପରିଚାଳିତ

**ନ୍ୟୁଜିଲାଣ୍ଡ କ୍ରିକେଟ ପୁରସ୍କାର**

ହୋଇଥିବା ୨୦୨୦-୨୧ବର୍ଷ ପୁରସ୍କାର ଉତ୍ସବରେ ଡେଭନ କନୱେ ଉଭୟ ପୁରୁଷ ଅନ୍ତର୍ଜାତୀୟ ଦିନିକିଆ ଓ ଟି୨୦ ପ୍ଲେୟର ଅଫ୍ ଦି ଇୟର ବିବେଚିତ ହୋଇଛନ୍ତି। ମହିଳା ବିଭାଗରେ ଶ୍ରେଷ୍ଠ ଅଲରାଉଣ୍ଡ ପ୍ରଦର୍ଶନ ଫିଲ୍ଡିଂ ପାଇଁ ଆମେଲିଆ କେର୍ ଡ୍ରିମ୍ ଇଲେଭେନ ସୁପର ସ୍ମାଶ ଏବଂ ଟି୨୦ ପୁରସ୍କାର ଜିତିଛନ୍ତି। କାମଚଳା ଅଧିନାୟିକା ଆମି ସାଟର୍ଥୱେଟ୍ ବର୍ଷର ଶ୍ରେଷ୍ଠ ଅନ୍ତର୍ଜାତୀୟ ମହିଳା ଦିନିକିଆ ଖେଳାଳି ବିବେଚିତ ହୋଇଛନ୍ତି। କ୍ରିକେଟ ଖେଳ ପାଇଁ ଉଲ୍ଲେଖନୀୟ ଅବଦାନ ରଖିଥିବା ପୂର୍ବତନ ବ୍ୟାଟ୍ସମ୍ୟାନ ଜେଫ୍ କ୍ରୋ ବର୍ଟ ସଟ୍‌କ୍ଲିଫ୍ ମେଡାଲ ପାଇଛନ୍ତି।



DSPL - 12



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ




++Ex-showroom price Odisha of TVS Sport KS Spoke BS VI Variant. Prices subject to change without prior notice. ^5year warranty without any additional charges.For Further details on record please visit: www.tvssport.com.
##Finance at the sole discretion of the financer Schemes cannot be clubbed. **Saving based on current market Schemes, ₹5 000 savings is a part of the 6.99% scheme *T&C apply.




*T&C Apply. **Ex-Showroom Price of Base Gloss Variant Odisha. Prices subject to change without prior notice. ^5 Years Warranty without any additional charges. #Finance at the sole discretion of the financier and offers cannot be clubbed together. Accessories shown in the ad may not be a part of standard equipment.

TVS CREDIT | SHRIRAM City | IDFC FIRST Bank | IndusInd Bank | HDFC BANK | L&T Financial Services | Bank of Baroda Credit Card | ICICI Bank Credit & Debit Cards

TVS 5 YEAR WARRANTY

**FOR ALL INSTITUTIONAL/BULK REQUIREMENTS PLEASE MAIL corporatecustomersupport@tvsmotor.co.in; Authorised Main Dealers: BHUBANESWAR**: Ashirbad TVS, Ph.: 7735341866, Jyote TVS, PH.: 7440030004, 7381114371; 3S TVS, Ph : : 8860629978. PURI: Modern TVS, Ph : 7978707757, 7440002101; CUTTACK: Arnapurna TVS, Ph.: 9778422980, Sai Durga TVS, Ph: 9937117562. KENDRAPADA: Samir TVS, Ph.: 8260133307. RAHAMA: Senapati TVS, Ph.: 7735969743. JAJPUR ROAD: Subash TVS, Ph.:7735911808. NAYAGARH: Kumar TVS, Ph.: 9778728751. CHANDIKHOLE : Sasmita TVS, Ph : 8860793803; JAGATSINGHPUR : Gita TVS, Ph : 06724-222717, 7788901717. **Authorised Dealers:** CRP Square, Bhubaneswar, Ph.: 0674-2563343, 7537035786; Jatni, Ph.: 7008563051; Khurda, Ph.: 9861128283, 06755-223244; Baghamari, Ph.: 9238107505; Jagatpur, Ph.: 9861006854/9337268787; Pattamundai, Ph.: 9938602209; Mangalpur, Ph : 9853486660; Balipatna, Ph.:9238518534; Khandagiri, Ph : 0674-2351766, 9090894749;Athagarh, Ph.: 9853429148; Salepur, Ph.: 8018556514; Pipli, Ph.: 8093219941; Delang, Ph : 9090214582; Bramahgiri, Ph : 8480928880; Chari Chowk, Ph : 8327783765; Raj Sunakhala, Ph.: 7873510025; Daspalla, Ph.: 9437354285; Rohibank, Ph : 9090507765; Kalapathar, Ph : 9776942339;Ranpur, Ph : 9778520193; Paradip, Ph.: 9937392207; Nuapatana, Ph.: 9937019555; Banki, Ph.: 9937015536; Jatani, Ph : 8093198397; Balugaon, Ph : 9090048991, 9776099100; Duburi, Ph : 9439176344; Nirakarpur, Ph : 9658971360, 06756-252360; Khandapada, Ph : 9853479471, 9937153901; Erasama, Ph : 9937084847; Krushnanandapur, Ph : 9237066573; 9040091921; Badamba, Ph : 7381656665; Puranakatak, Ph : 7873727545, 9439071610; Chandpur, Ph : 9658866993, 9337112565, 9439333723; Sakhigopal, Ph : 9861150706; Nimapara, Ph : 06758-252044, 9438742101; Balichandrapur, Ph : 9439200714; Anandpur, Ph : 9438366880; Nachuni : Ph : 9337788799, 7008225699; Narasinghpur, Ph : 9238545610; Marshaghai, Ph : 9938837705; Kandarpur, Ph : 0671-2802345, 9090098000; Phulnakhara, Ph : 0671-2356967, 7440037801; Bari, Ph : 8917596087; Binjharpur, Ph : 7008499365; Nischintakoili, Ph : 9337438686; Chandol, Ph : 9437108541; Friends Automobile, Ph : 9668166377, 7008050051; Raipur, Ph : 9937963372; Naugoan, Ph : 06724-222717, 9778802623; Balitutha, Ph : 8093099967, 9777773277 ; Narasinghpur, Ph : 9658410027 ; Balikuda, Ph : 9439370305 ; Gothopatna, Ph : 9337950051, 8249710415; Odogaon, Ph : 9937558155; Tangi, Ph : 0671-2595877, 9348645572; Rajnagar, Ph : 9178026887; Tamando, Ph : 9337988543, 9778100000; Rajkanika, Ph : 9938602209.

**୧୪ ଫୁଟର ଅହିରାଜ ଉଦ୍ଧାର**

ବଡମ୍ବା, (ଡି.ଏନ୍.ଏ. ): ବଡ଼ମ୍ବା ଥାନା ଅନ୍ତର୍ଗତ ସାନବାରସିଂ ଗ୍ରାମର ପ୍ରଭାକର ପ୍ରଧାନଙ୍କ ବାଡ଼ିରେ ଥିବା ପଥର ଗଦାରୁ ୧୪ ଫୁଟର ଏକ ଅହିରାଜ ମଙ୍ଗଳବାର ଉଦ୍ଧାର କରାଯାଇଛି। ଏହାର ଓଜନ ୬ କିଲୋ ୬୦୦ ଗ୍ରାମ ହେବ ବୋଲି ବଡ଼ମ୍ବା ଭାରପ୍ରାପ୍ତ ରେଞ୍ଜର ସରୋଜ କୁମାର ମହାନ୍ତି କହିଛନ୍ତି। ପ୍ରଭାକର ବାଡ଼ିରେ ପଥରଗଦାକୁ ଭାଙ୍ଗୁଥିବା ବେଳେ ଉକ୍ତ ସାପକୁ ଦେଖି ସ୍ନେକ୍ ହେଲ୍ପଲାଇନ୍‌ରେ ଖବର ଦେଇଥିଲେ। ହେଲ୍ପଲାଇନ୍‌ର ସଦସ୍ୟ ଲଳିତ ସୁଶାନ୍ତ, ତାଙ୍କ ସହଯୋଗୀ, ଫରେଷ୍ଟଗାର୍ଡ ପ୍ରମୋଦ କୁମାର ସେନାପତି ସେଠାରେ ପହଞ୍ଚି ଉକ୍ତ ସାପକୁ ଉଦ୍ଧାର କରିଥିଲେ। ପରେ ତାକୁ ତାଳଚନ୍ଦ୍ରଗିରି ସଂରକ୍ଷିତ ଜଙ୍ଗଲର ଜାନିପଦର ବିଟ୍ ଅଞ୍ଚଳରେ ଛାଡ଼ି ଦିଆଯାଇଛି।

## ସଂକ୍ଷେପରେ

### ବାପାଙ୍କୁ ଆକ୍ରମଣ: ପୁଅ ଗିରଫ

ଚୌଦ୍ୱାର,୧୩।୪(ଡି.ଏନ୍.ଏ.): ବାପାଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଟିପିଏମ୍ ଫାଣ୍ଡି ପୋଲିସ ସ୍ଥାନୀୟ ଲକ୍ଷ୍ମୀନାରାୟଣପୁର ନୂଆସାହି ଗ୍ରାମର ସୁରେନ୍ଦ୍ର ଦାସଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୋଗ ଅନୁଯାୟୀ, ସୁରେନ୍ଦ୍ର ନିଶାସକ୍ତ ଅବସ୍ଥାରେ ବଡଭାଇ ଜଗବନ୍ଧୁଙ୍କ ରୁମ୍‌ରେ ଶୋଇଥିଲେ। ଏଠାରେ ନ ଶୋଇ ନିଜ ରୁମ୍‌ରେ ଶୋଇବାକୁ ଯାଆ ବୋଲି ବାପା ଘନଶ୍ୟାମ ସୁରେନ୍ଦ୍ରଙ୍କୁ କହିଥିଲେ। ଏଥିରେ ସେ ଉତ୍ତ୍ୟକ୍ତ ହୋଇ ଘନଶ୍ୟାମଙ୍କୁ ଏକ ଛୁରିରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ବାମଆଣ୍ଠୁ, ହାତ ପାପୁଲି ଓ ଛାତିରେ ଗଭୀର ଆଘାତ ଲାଗିଛି। ଚିକିତ୍ସାଲାଗି ତାଙ୍କୁ ଟାଙ୍ଗୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏ ନେଇ ଜଗବନ୍ଧୁ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୬୩/୨୧) ରୁଜୁ କରିଛି।

### ଖ୍ରୀଷ୍ଟ କଲେଜ ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକ

କଟକ ଅଫିସ,୧୩।୪: ଖ୍ରୀଷ୍ଟ କଲେଜର ପୂର୍ବତନ ଅଧକ୍ଷ ସୁଧାଂଶୁ ମୋହନ ମହାପାତ୍ରଙ୍କର ମଙ୍ଗଳବାର ପରଲୋକ ହୋଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ସେ କ୍ୟାନ୍ସରରେ ପୀଡିତ ଥାଇ ଭୁବନେଶ୍ୱରସ୍ଥିତ ବାସଭବନରେ ଚିକିତ୍ସିତ ହେଉଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ବିୟୋଗରେ ଖ୍ରୀଷ୍ଟ କଲେଜ ପରିସରରେ ଶୋକସଭା ଅନୁଷ୍ଠିତ ହୋଇଥିଲା।

### ୩ ବାଲି ବୋଝେଇ ଗାଡ଼ି ଜବତ

ନିଆଲି,୧୩।୪(ଡି.ଏନ.ଏ.):ବିନିସପୁର ଆରଆଇ ସର୍କଲ ଅଧୀନ ନୂଆବେତଣ୍ଡା ଛକରେ ମଙ୍ଗଳବାର ସକାଳେ ନିଆଳି ତହସିଲଦାର ବିଦ୍ୟାଧର ପତି ଚଢାଉ କରି ୩ଟି ବାଲି ବୋଝେଇ ଗାଡ଼ି ଜବତ କରିଥିଲେ। ସେଥିମଧରେ ଥିବା ଗୋଟିଏ ଟ୍ରାକ୍ଟରରୁ ୧୫,୧୦୫ ଟଙ୍କା ଜରିମାନା ଆଦାୟ କରାଯାଇଛି। ଉକ୍ତ ଅଞ୍ଚଳରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ଅଭିଯୋଗ ହେବା ପରେ ତହସିଲ ପକ୍ଷରୁ ଏହି ଚଢାଉ କରାଯାଇଥିଲା। ଆଗାମୀ ଦିନରେ ଏହି ଚଢଉ ଜୋର୍‌ଦାର କରାଯିବ ବୋଲି ତହସିଲଦାର ପତି କହିଛନ୍ତି।

# ଦିନରେ ରଙ୍ଗକାମ, ରାତିରେ ଚୋରି

**୨ ସ୍ତ୍ରୀଙ୍କୁ ଗିଫ୍ଟ ଦେବାକୁ ଅଭିନବ ତରିକା**

- ଅଭିଯୁକ୍ତ ରଙ୍ଗମିସ୍ତ୍ରୀଙ୍କ ସମେତ ୨ ଗିରଫ
- ୬୦ଲକ୍ଷ ଟଙ୍କାର ସୁନାଗହଣା, ୪୪ ହଜାର ଟଙ୍କା, କାର, ୩ ବାଇକ ଜବତ
- ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ

ଭୁବନେଶ୍ୱର,୧୩।୪(ବ୍ୟୁରୋ)

ନିଜର ୨ ସ୍ତ୍ରୀଙ୍କୁ ଗିଫ୍ଟ ଦେଇ ଖୁସି କରିବାକୁ ଜଣେ ବ୍ୟକ୍ତି ଆପଣାଇଥିଲେ ଅଭିନବ ତରିକା। ଦିନରେ ରଙ୍ଗମିସ୍ତ୍ରି ଭାବେ କାମ କରୁଥିବାବେଳେ ରାତିରେ ଚୋରି କରୁଥିଲେ। ସେଥିପାଇଁ ନିଜ ବ୍ୟାଗରେ ରଙ୍ଗଦେବା ଉପକରଣ ସହ ଝରକା, କବାଟ ସ୍କ୍ରୁ ଖୋଲିବାକୁ ଯନ୍ତ୍ରପାତି ରଖୁଥିଲେ। ଏଭଳି କାର୍ଯ୍ୟ ସେ ଦୀର୍ଘଦିନ ଚଳାଇଥିବାବେଳେ ମଙ୍ଗଳବାର ଲକ୍ଷ୍ମୀସାଗର ଥାନା ପୋଲିସ ହାତରେ ଧରାପଡ଼ିଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି ନୟାଗଡ଼ର ଦିଲ୍ଲୀପ ନାୟକ। ସେ ୨୦୧୬ରୁ କମିଶନରେଟ ପୋଲିସର ମୋଷ୍ଟ ୱାଣ୍ଟେଡ୍ ଲିଷ୍ଟରେ ରହିଥିଲେ। ରଙ୍ଗମିସ୍ତ୍ରି ଆଳରେ ଦିଲୀପ ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ଚୋରି କରିବା ସହ ୨୦୨୦ ଅଗଷ୍ଟ ୨୧ରେ ବଡଗଡ ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ କରିଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। କିନ୍ତୁ ଏ ନେଇ ତାଙ୍କ ନାମରେ କୌଣସି ଥାନାରେ ମାମଲା ରୁଜୁ ହୋଇ ନ ଥିବା ପୋଲିସ କହିଛି। ଚୋରି ଟଙ୍କାରେ ଦିଲ୍ଲୀପ ମଉଜ କରିବା ସହ ଦୁଇ ସ୍ତ୍ରୀଙ୍କୁ ଲୁଟ୍ ଅଳଙ୍କାର ଗିଫ୍ଟ ଦେଉଥିବା ପୋଲିସ ଜେରାବେଳେ ଜାଣିବାକୁ ପାଇଛି। ଚୋରି ସୁନା ଜିନିଷକୁ ନେଇ ଭୁବନେଶ୍ୱର ବାହାରେ ଥିବା ସୁନାଦୋକାନରେ ସେ ବିକ୍ରି କରୁଥିଲେ। ୧୧ଟି ଚୋରି, ବଳାତ୍କାର ମାମଲାରେ ଦିଲ୍ଲୀପଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଚୋରି ଗହଣା କିଣିଥିବା ବାଲକାଟୀର ସୁନା ଦୋକାନୀ ସୁଶାନ୍ତ କୁମାର ଜେଠୀଙ୍କୁ ମଧ୍ୟ ଗିରଫ କରାଯାଇଛି ବୋଲି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ସୂଚନା ଦେଇଛନ୍ତି। ଦିଲୀପଙ୍କ ଠାରୁ ଏକ କାର୍ (ଓଡି ୦୨ ବିଏଚ୍ ୮୮୨୦), ୩ଟି ବାଇକ, ୬୦ଲକ୍ଷ ଟଙ୍କାର ସୁନା ଅଳଙ୍କାର, ନଗଦ ୪୪ ହଜାର ଟଙ୍କା, ଏସି, ମୋବାଇଲ ଫୋନ ଆଦି ଜବତ କରାଯାଇଛି। ତେବେ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ସୁନା ଦୋକାନୀ ନୟାଗଡ ଜିଲା ଚାହାଳିର ସନ୍ତୋଷ ଫେରାର ହୋଇଯାଇଛନ୍ତି।

ପୋଲିସ ସୂଚନା ମୁତାବକ, ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ମହାଦେବ ନଗର ଲେନ-୫ ଅଞ୍ଚଳରେ ସୁଶାନ୍ତ କୁମାର ମଲ୍ଲିକ ପରିବାର ସହ ଭଡ଼ାଘରେ ରହନ୍ତି। ଗତ ୩ ତାରିଖରେ ସେ ଘରେ ତାଲା ପକାଇ ପରିବାର ସହ ଲିଙ୍ଗରାଜଙ୍କ ଦର୍ଶନ ପାଇଁ ଯାଇଥିଲେ। ରାତି ସାଢେ ୮ଟାରେ ଘରକୁ ଫେରି ଝରକାର ଗ୍ରୀଲ ନ ଥିବା ଦେଖିଯାଞ୍ଚ କରିଥିଲେ। ଆଲମାରିରେ ଥିବା ସୁନାଗହଣା, ମୋବାଇଲ ଫୋନ ଓ ନଗଦ ୧ଲକ୍ଷ ଟଙ୍କା ଚୋରି ହୋଇଯାଇଥିବା ଦେଖିଥିଲେ। ଏନେଇ ସେ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଏହାପରେ ପୁଣି ଗତ ୧୨ ତାରିଖରେ ଦିଲ୍ଲୀପ ଚୋରି କରିବା ଯୋଜନାରେ ମହାଦେବ ନଗରରେ ଏକ ବ୍ୟାଗ ଧରି ବୁଲୁଥିଲେ। ଏନେଇ ପୋଲିସ ଖବର ପାଇ ତାଙ୍କୁ କାବୁ କରିଥିଲା। ତାଙ୍କ ନିକଟରୁ ଏକ ବାଇକ ଓ ବ୍ୟାଗରୁ ଝରକା, କବାଟର ସ୍କ୍ରୁ ଖୋଲିବା ଯନ୍ତ୍ରପାତି ମିଳିଥିଲା। ଜେରାବେଳେ ସେ ମହାଦେବ ନଗର ଓ ଗତ ଡିସେମ୍ବର ମାସରେ ବୈରାଗୀ ନଗରରୁ ଚୋରି କରିଥିବା ସ୍ୱୀକାର କରିଥିଲେ। ସେହିପରି ବଡଗଡ, ଧଉଳି ଓ ଅନ୍ୟ ଥାନା ଅଞ୍ଚଳରେ ଚୋରି କରିଥିବା କହିଥିଲେ। ଘରେ ୨ସ୍ତ୍ରୀଙ୍କ ନିମନ୍ତେ ରଖିଥିବା ସୁନା ଅଳଙ୍କାରକୁ ପୋଲିସ ଜବତ କରିଛି। ଆଉ କିଛି ସୁନା ଗହଣାକୁ ସନ୍ତୋଷ ଓ ସୁଶାନ୍ତ ମିଶି ବିକିଦେଇଥିବା ପୋଲିସ ଅନୁସନ୍ଧାନରୁ ଜାଣିବାକୁ ପାଇଛି। ଅନ୍ୟପକ୍ଷରେ ଦିଲ୍ଲୀପଙ୍କଠାରୁ ଜବତ ହୋଇଥିବା ୪୪ ହଜାର ଟଙ୍କା ଓ ଏକ ମୋବାଇଲ ଫୋନ୍‌କୁ ମଙ୍ଗଳବାର ସନ୍ଧ୍ୟାରେ ଅଭିଯୋଗକାରୀ ସୁଶାନ୍ତ କୁମାର ମଲ୍ଲିକଙ୍କୁ ପୋଲିସ ଫେରାଇଛି।


ଜବତ ସାମଗ୍ରୀ


ଗିରଫ ୨ ଅଭିଯୁକ୍ତ

# ଖୋଲୁଛି ହାଇଦର ଫେରାର ଗୁମର

କଟକ ଅଫିସ, ୧୩।୪

ଏସ୍‌ସିବିରୁ ଗ୍ୟାଙ୍ଗଷ୍ଟର ହାଇଦର ଫେରାର ହେବା ପଛରେ ଥିବା ଷଡଯନ୍ତ୍ରର ଫର୍ଦ୍ଦ ଧୀରେ ଧୀରେ ଖୋଲିବାରେ ଲାଗିଛି। ଏସ୍‌ସିବି ସର୍ଜରି ବିଭାଗର ୫ନଂ.କ୍ୟାବିନ୍‌ରେ ହାଇଦର ରାଜକୀୟ ଢ଼ଙ୍ଗରେ ତାର ଜୀବନ ବିତାଉଥିଲେ। ଜଣେ ଆଜୀବନ କଏଦୀଙ୍କ ଚିକିତ୍ସା ଯେପରି ହେବା କଥା ତାର ସମ୍ପୂର୍ଣ୍ଣ ବିପରୀତ ଢଙ୍ଗରେ କରାଯାଉଥିଲା। ହାଇଦରଙ୍କୁ ସମ୍ବଲପୁର ପୋଲିସ ଏସ୍‌ସିବିରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିବାବେଳେ କଟକ କମିଶନରେଟ ପୋଲିସକୁ ଏସମ୍ବନ୍ଧରେ ସମ୍ୟକ ସୂଚନା ଦେବା ମଧ୍ୟ ଉଚିତ୍ ମଣି ନ ଥିଲା। ଏପରିକି ହାଇଦରଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଜଣେ ହାବିଲଦାରଙ୍କ ସମେତ ୫ଜଣ କନେଷ୍ଟବଲଙ୍କ ମଧ୍ୟରୁ ଘଟଣା ଦିନ ହାବିଲଦାର ଓ ଜଣେ କନଷ୍ଟେବଳ ସୁରକ୍ଷା ଦାୟିତ୍ୱ ଛାଡ଼ି ଘରକୁ ଚାଲିଯାଇଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। ସେହିପରି ହାଇଦର ବିଭିନ୍ନ ସମୟରେ କଏଦୀ ଭାବରେ ଏସ୍‌ସିବିକୁ ଚିକିତ୍ସା ପାଇଁ ଆସୁଥିବାବେଳେ କନଷ୍ଟେବଲ ମହମ୍ମଦ ମୌସିମ ତାଙ୍କ ସୁରକ୍ଷା ଦାୟିତ୍ୱରେ ପ୍ରତ୍ୟେକ ଥର ଆସିଥିବା ଜଣାପଡ଼ିଛି। ସେହିପରି ହାଇଦର ଫେରାର ହେବାକୁ ନେଇ ମଙ୍ଗଳାବାଗ ଥାନାରେ ହୋଇଥିବା ମାମଲାର ତଦନ୍ତ ଭାର ଜଣେ ସବଇନ୍ସପେକ୍ଟରଙ୍କୁ ଦିଆଯାଇଛି । ଏଭଳି ଏକ ସ୍ପର୍ଶକାତର ମାମଲାକୁ ପୋଲିସ ବିଭାଗର ଉଚ୍ଚ ପଦାଧିକାରୀଙ୍କୁ ନ ଦିଆଯାଇ ଜଣେ ସବଇନ୍ସପେକ୍ଟରଙ୍କୁ ଦିଆଯିବାକୁ ନେଇ ବୁଦ୍ଧିଜୀବୀ ମହଲରେ ବିଭିନ୍ନ ଆଲୋଚନା ହେଉଛି। ଅପରପକ୍ଷରେ ହାଇଦର ଫେରାର ମାମଲାରେ କମିଶନରେଟ ପୋଲିସ ପକ୍ଷରୁ ମାଲଗୋଦାମ ଥାନା ଅନ୍ତର୍ଗତ ଜୋବ୍ରା ଅଞ୍ଚଳର ଟିକୁ ନାମକ ଜଣେ ଯୁବକଙ୍କୁ ୩ ଦିନହେବ ଅଟକ ରଖାଯାଇ ପଚରାଉଚରା ଚାଲିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି ।

### ହୋଟେଲ୍‌ରେ ରହୁଥିଲେ ସୁରକ୍ଷା କର୍ମୀ

ଗ୍ୟାଙ୍ଗଷ୍ଟର ହାଇଦରଙ୍କୁ ସମ୍ବଲପୁର ଜେଲରୁ ଏସ୍‌ସିବି ଆଣିଥିବା ୬ଜଣ ପୋଲିସ କର୍ମଚାରୀ ମଙ୍ଗଳାବାଗ ନିକଟ ଏକ ହୋଟେଲରେ ରହୁଥିଲେ। ହାଇଦର ଫେରାର ସମୟରେ ସୁରକ୍ଷା ଦାୟିତ୍ୱରେ ଥିବା କନଷ୍ଟେବଳ ମହମ୍ମଦ ମୌସିମ ମାର୍ଚ୍ଚ ୨୩ରେ ଉକ୍ତ ହୋଟେଲର ୨ଟି ରୁମ୍ ବୁକ୍ କରିଥିଲେ। ଏହାର ଦିନକ ପରେ ଗୋଟେ ରୁମ୍ ଛାଡ଼ି ଦେଇଥିଲେ। ଗୋଟିଏ ରୁମ୍‌ରେ ସମସ୍ତେ ଏକାଠି ରହିବା ସହ ପାଳିକରି ହାଇଦରଙ୍କ ସୁରକ୍ଷା ଦାୟିତ୍ୱ ତୁଲାଉଥିବା ଜଣାପଡ଼ିଛି। ତେବେ ହୋଟେଲ ଖର୍ଚ୍ଚ କିଏ ବହନ କରୁଥିଲା ତାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି।

# ଆଜି ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

**ସିଲ୍‌ଭର ସିଟି ବୋଟ୍ କ୍ଲବ**

- ଦୁଃସାହସିକ ଜଳକ୍ରୀଡ଼ା ଉପଭୋଗ କରିବେ ସହରବାସୀ

କଟକ ଅଫିସ, ୧୩।୪



କଟକ ମାତାମଠସ୍ଥିତ ସିଲ୍‌ଭର ସିଟି ବୋଟ୍ କ୍ଲବ୍ ବୁଧବାର ଉଦ୍‌ଘାଟନ ହେବ। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ସନ୍ଧ୍ୟା ୫ଟାରେ ଉଦ୍‌ଘାଟନ କରିବେ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପର୍ଯ୍ୟଟକମାନଙ୍କୁ ମହାନଦୀରେ ଦୁଃସାହସିକ ଜଳକ୍ରୀଡ଼ା ସହ ମନୋରଞ୍ଜନ ସୁବିଧା ଯୋଗାଇ ଦେବା ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଓଟିଡିସି) ପକ୍ଷରୁ ଏଠାରେ ୱାଟର ସ୍ପୋର୍ଟ୍ସ ପାର୍କ କରାଯାଇଛି। ଏଥିପାଇଁ ୧.୩୫ କୋଟି ଟଙ୍କା ବ୍ୟୟ କରାଯାଇଛି। ପର୍ଯ୍ୟଟକମାନେ ମହାନଦୀର ମନୋରଞ୍ଜନ ଦୃଶ୍ୟକୁ ଉପଭୋଗ କରିବା ନିମନ୍ତେ ଏକ ଭ୍ୟୁ ପଏଣ୍ଟ ଓ ସ୍ମୃତିକୁ ସାଇତି ରଖିବା ପାଇଁ ସେଲ୍‌ଫି ଜୋନ୍ କରାଯାଇଛି। ଏଠାରେ ଜେଟ୍ ସ୍କି, ସ୍ପିଡ୍ ବୋଟ୍, ପେଡାଲ ବୋଟ୍, ହାଉସ ବୋଟ୍ ଏବଂ ଫ୍ଲୋଟିଂ କାଫେ ବ୍ୟବସ୍ଥା ହୋଇଛି। ଏତଦ୍ ବ୍ୟତୀତ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଓଟିଡିସି ପକ୍ଷରୁ ଏକ ରେଷ୍ଟୁରାଣ୍ଟ କରାଯାଇଛି। ରାଜ୍ୟ ତଥା ଦେଶବିଦେଶର ପର୍ଯ୍ୟଟକଙ୍କୁ ଏଠାରେ ଅତ୍ୟାଧୁନିକ ୱାଟର ସ୍ପୋର୍ଟ୍ସ ଓ ମନୋରଞ୍ଜନର ସୁବିଧା ଯୋଗାଇ ଦିଆଯିବ ବୋଲି ଓଟିଡିସିର ସହକାରୀ ନିର୍ଦ୍ଦେଶକ ସୁଜାତା ପଟ୍ଟନାୟକ କହିଛନ୍ତି।


## ODISHA JOINT ENTRANCE EXAMINATION, 2021 (OJEE 2021)

No: OJEE/155 No. h-02 Date:12.04.2021

**NOTICE FOR ONLINE APPLICATION FOR OJEE-2021**

Odisha Joint Entrance Examination (OJEE) – 2021 will be conducted during 17th – 24th of June, 2021 (tentative) for admission to B.Pharm/ MBA / MCA / M.Tech/ M.Tech (Part Time)/ M.Arch/ M Plan/M.Pharm/ Int. MBA and Lateral Entry to B.Tech/ B.Pharm Courses in Government and Private Universities and Colleges of Odisha

The Entrance Examination will be conducted in Computer Based Test (CBT) mode for all the courses as mentioned above. Interested candidates are advised to fill up the respective Application Forms online through OJEE websites (www.ojee.nic.in) only.

**IMPORTANT DATES FOR OJEE - 2021**

| | |
|---|---|
| Tentative Dates for OJEE (Computer Based Test) | : 17th – 24th of June, 2021 (Exact dates shall be notified later) |
| Filling-up of Online Application through OJEE website begins on | : 14th April, 2021 |
| Last date for filling-up of Online Application Forms | : 15th May, 2021 |
| Downloading of Admit Cards | : 1st Week of June, 2021 |
| For other details, please visit our website | : www.ojee.nic.in / www.odishajee.com. |

Sd./- Chairman, OJEE, Odisha
OIPR-14020/11/0002/2122


# ୬ ଦିନରେ ୧.୮୮ କୋଟିରୁ ଉର୍ଦ୍ଧ୍ୱ ଜରିମାନା ଆଦାୟ

**ରାଜ୍ୟ ପୋଲିସର ସ୍ପେଶାଲ ଡ୍ରାଇଭ**

କଟକ ଅଫିସ, ୧୩।୪

କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଓଡ଼ିଶା ପୋଲିସ ପକ୍ଷରୁ ସୋମବାର ସ୍ପେଶାଲ ଡ୍ରାଇଭ୍ କରାଯାଇ ୬ ଦିନ ମଧ୍ୟରେ ୧.୮୮ କୋଟିରୁ ଉର୍ଦ୍ଧ୍ୱ ଜରିମାନା ଆଦାୟ କରାଯାଇଛି । ଗତ ୭ ତାରିଖରୁ ଆରମ୍ଭ ହୋଇଥିବା ଏହି ସ୍ପେଶାଲ ଡ୍ରାଇଭ ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ଡ୍ରାଇଭର ଷଷ୍ଠ ଦିନରେ ସାମାଜିକ ଦୂରତା ନିୟମ ଭଙ୍ଗ କରିଥିବା ୧୧୫୪ ଜଣଙ୍କଠାରୁ ୧,୮୭,୩୫୦ ଟଙ୍କା ଓ ମାସ୍କ ପିନ୍ଧି ନ ଥିବା ୮୬୩୬ ଜଣ ବ୍ୟକ୍ତିଙ୍କଠାରୁ ୨୭, ୮୪, ୬୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ତେବେ ଗତ ୬ ଦିନ ମଧ୍ୟରେ ୬୬,୦୪୬ ଜଣ ବ୍ୟକ୍ତିଙ୍କଠାରୁ ୧ କୋଟି ୮୮ ଲକ୍ଷ ୪୫ହଜାର ୧୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ସ୍ୱତନ୍ତ୍ର ଡ୍ରାଇଭ୍‌ରେ ପୋଲିସ ବିଭାଗର ବହୁ ଅଧିକାରୀ ସାମିଲ ହୋଇଥିବା ଡିଜି କାର୍ଯ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଜୟନ୍ତ କୁମାର ନାୟକ ସୂଚନା ଦେଇଛନ୍ତି।

# ଯୁବ, ଛାତ୍ରଶକ୍ତି ସଶକ୍ତ ହେଲେ ମଜଭୁତ ଭାରତ ଗଠନ ହେବ

କଟକ ଅଫିସ, ୧୩।୪

ଜିଲାସ୍ତରୀୟ ଫିଟ୍ ଇଣ୍ଡିଆ ପୁରସ୍କାର ବିତରଣ ଉତ୍ସବ ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଯୁବ ଓ ଛାତ୍ର ଶକ୍ତି ଶାରୀରିକ ଦୃଷ୍ଟିରୁ ସଶକ୍ତ ହେଲେ ଏକ ମଜଭୁତ ଭାରତ ଗଠନ ହୋଇପାରିବ। ଏଥିରେ ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ୬୦ଟି ବିଦ୍ୟାଳୟକୁ ପ୍ରୋତ୍ସାହନ ସ୍ୱରୂପ ମାନପତ୍ର ଓ ୧୦୦୦ ଟଙ୍କା ପ୍ରଦାନ ପାଇଁ ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ କୁମାର ଷଡଙ୍ଗୀ, ଜିଲା କ୍ରୀଡା ଅଧିକାରୀ ରଶ୍ମୀ ରଞ୍ଜନ ସାମନ୍ତରାୟ ଓ ଡେପୁଟି କଲେକ୍ଟର ପ୍ରସନ୍ନ କୁମାର ସେନାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅକ୍ଷୟ ଷଡ଼ଙ୍ଗୀ, ମାନସୀ ଧଳ, ସରିତା ଶତ୍ପଥୀ ମଞ୍ଚ ପରିଚାଳନା କରିଥିଲେ। ଜିଲା ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷା ସଂଯୋଜିକା ଡ. ଶୁଚିସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ।


## OFFICE OF THE ENGINEER-IN-CHIEF (CIVIL), ODISHA

NIRMAN SOUDHA, UNIT-V, BHUBANESWAR
E-mail ID:cebuildings_orissa@yahoo.co.in
cebuildings@rediffmail.com, Tel. -(0674)- 2391523

**INVITATIONS FOR BIDS (IFB)**

File No-B-I-(C)-08/2020 14491 / Bhubaneswar, the 30th Mar. 2021
Invitation for Bids

No. B-21 **1st Corrigendum**

**Tender Reference No. EIC(B) – 19 / 2020-21**

Name of the Work : Infrastructure Development of Maa Tara Tarini Pitha in the District of Ganjam, (Phase-III) under Integrated Development of Heritage and Monuments and Tourist Destination.

The following changes have been made in Bid Identification No. EIC(B) – 19/2020-21

1. Bid documents such as DTCN / BOQ etc. can be seen / downloaded from the Govt. Website i.e. **www.tendersorissa.gov.in**, during the period **dt.12.04.2021to17 hours of dt.03.05.2021** instead of **dt.31.03.2021 to dt. 20.04.2021** for ONLINE BIDDING respectively.
2. **Online** bids shall be received till **17.00 Hours of dt.03.05.2021** instead of **dt.20.04.2021**.
3. The technical bids will be opened at **11.30 A.M. of dt.04.05.2021** instead of **dt.22.04.2021**.

All other terms and conditions remain unchanged.

Sd./- Engineer-in-Chief (Buildings), Odisha, Bhubaneswar
OIPR-34117/11/0008/2122

## OFFICE OF THE ROURKELA MUNICIPAL CORPORATION, ROURKELA

**INVITATION FOR BID**

No. 4299 Dated: 13.04.2021

**Bid Identification No. MC/RMC/14/2021**

No. C-79: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double Cover on Online Mode. Bid Identification **No. MC/RMC/14/2021 for 12 Nos**. different Civil work with value of **Rs.63.99 lakh to Rs.84.69 lakh**.

1. Bid documents will be available in website: **www.tendersorissa.gov.in** from 13.04.2021.
2. Bids must be submitted on "Online" on or before 20.04.2021 by 17.00 hours.
3. Bids shall be opened at 11.00 hours on 22.04.2021 in the Office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

Sd./- Municipal Commissioner
Rourkela Municipal Corporation
OIPR-13131/11/0002/2122

## MAHARISHI COLLEGE OF NATURAL LAW

SAHEED NAGAR, BHUBANESWAR-751007
No:-EST-867/117/21

**CALL FOR EMPANELMENT**

No. N-02: Sealed Applications/Proposals are invited from intending vendors/suppliers/firms/Authorized Dealers/Book Sellers/Publishers having PAN & GST registration for the List of Empanelment for the Financial Year 2021-2022 for supply of Lab Equipment & Chemicals, Books, Computers, Printers, Furniture, Software, Digital Identity Card, Printing Materials, Web Development, Engagement of Security Personnel, Procurement, Repairing and Maintenance work of Electrical & Electronics items, Fabrications etc which should reach the undersigned within Three Weeks by Speed/Registered post only from date of the advertisement.The undersigned reserves the right to reject any or all proposal without assigning any reason thereof. The details are available in the College Website **www.maharishicollege.ac.in** (Tenders).

Sd./- Principal
OIPR-11037/11/0001/2122

No. D-06

## ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ ଭାମିନୀ, ରାୟଗଡ଼ା

**ବିଜ୍ଞାପନ**

| | |
|---|---|
| ନାମ:- | ରାଜୀବ ଲୋଚନ ଜେନା |
| କନଷ୍ଟେବଲ ନଂ.:- ୭୨ | |
| ପିତା:- | ଆର୍ତ୍ତବଲ୍ଲଭ ଜେନା |
| ଗ୍ରାମ:- | ଦେଓଗାଁ |
| ପୋ:- | କୁଶଲେଶ୍ୱର |
| ଥାନା:- | ଘସିପୁରା |
| ଜିଲ୍ଲା:- | କେନ୍ଦୁଝର |

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ, ଆପଣ ତା୧୮।୧୧।୨୦୧୯ରିଖ ଅପରାହ୍ଣଠାରୁ ତା୦୮।୧୨।୨୦୧୯ରିଖ ଅପରାହ୍ଣ ପର୍ଯ୍ୟନ୍ତ ୨୦ ଦିନ ଅର୍ଜିତ ଛୁଟିରେ ଯାଇଥିଲେ । ଆପଣ, ଆପଣଙ୍କ କାର୍ଯ୍ୟରେ ତା୦୯।୧୨।୨୦୧୯ରିଖ ପୂର୍ବାହ୍ଣରେ ଯୋଗ ଦେବା ବଦଳରେ କୌଣସି ସୂଚନା ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ସରକାରୀ ସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଲେନାହିଁ । ଏଣୁ ଆପଣଙ୍କ ବିରୁଦ୍ଧରେ ବିଭାଗୀୟ ପ୍ରସିଡିଂ ନମ୍ବର-୧୭/୨୦୨୦ ଆରମ୍ଭ କରାଯାଇଅଛି । ପୁନର୍ବାର ଆପଣଙ୍କୁ ସରକାରୀ ସ୍ତରରେ ତଲବ ଦେବା ସତ୍ତ୍ୱେ ଆପଣ ତଦନ୍ତ ସମୟରେ ଉପସ୍ଥିତ ହେଲେ ନାହିଁ କିମ୍ବା ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି କି ଆପଣ ଉଦ୍ଦେଶ୍ୟମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ, ଆପଣ ସରକାରୀ ନିୟମ ଅବମାନନା କରିଛନ୍ତି ଏବଂ ଆପଣଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ ପୁଲିସ ବିଭାଗରେ ନିଯୁକ୍ତ କରାଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ ।

ଏଣୁ ଏହି ନୋଟିସ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ଆପଣ ସମ୍ବାଦ ପ୍ରକାଶନର ୧୫ ଦିନ ମଧ୍ୟରେ ନିଜର ତଳ ଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯଦି ଯୋଗଦାନ ନ କରିବେ, ତେବେ ଧରିନିଆଯିବ ଯେ ଆପଣଙ୍କର ଏହି ବିଭାଗରେ ଚାକିରି କରିବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ଆପଣଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରାଯିବ ।

ସ୍ୱା./- ଦୁର୍ଗପତି
୨ୟ ଆଇ.ଆର୍.ବିଏନ୍, ଭାମିନୀ, ରାୟଗଡ଼ା
OIPR-12029/11/0001/2122

## ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
## OFFICE OF THE SUPERINTENDING ENGINEER, RURAL WORKS CIRCLE, BERHAMPUR

At: Ambapua, P.O.- Engineering School,
Near Income Tax Office, Berhampur - 760011
E-mail: serwbpr2004@yahoo.com, Tel/Fax: 0680-2404287

**NOTICE**

**FOR PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING THROUGH "e"-Procurement**
**Bid Identification No. Online Tender / 03-2021-22/PMGSY/BPR**

No. O-45: The Superintending Engineer, Rural Works Circle, Berhampur on behalf of Odisha State Rural Road Agency invites the percentage rate bids in electronic tendering system for construction of roads & bridges under Pradhan Mantri Gram Sadak Yojana in the districts of **Boudh, Ganjam & Kandhamal for 81 (Eighty One)** number of packages with estimated cost totalling to **Rs.266.67 Cr (Approximate)** including their maintenance for five years from the eligible contractors registered with **State PWD /CPWD/MES/Railways**. The registered bidder of outside Odisha, can also particiapte in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of invitation for bids through e-procurement Dtd.16.04.2021.

**Availablity of Bid Documents and mode of Submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidders is required to have a valid Digital Signature Certificate (DSC) from one of the authorized Certifying Authorities. The bidders are requied to submit (a) Original Demand Draft towards the cost of bid document and (b) Original Bid Security in approved form and (c) Original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with **Superintending Engineer, Rural Works Cirlce, Berhampur // Executive Engineer of the Concerned divisions on a date not later than three working days after the opening of technical qualification part of the Bid, either by Registered Post or by Hand,** failing which the bids shall be declared non-responsive.

**Last date/time for receipt of bids through e-procurement: 06.05.2021 upto 3.00 P.M.**

**For further details and Corrigendum (if any) please log on to www.pmgsytenders.gov.in.**

**OIPR-25071/11/0003/2122**

Sd./- Superintending Engineer,
R.W. Circle, Berhampur

## ବେସରକାରୀ ବିଦ୍ୟାଳୟଗୁଡ଼ିକରେ ନିଃଶୁଳ୍କ ନାମଲେଖା ବିଜ୍ଞାପନ

No. n-05:- ଏତଦ୍ୱାରା ଓଡ଼ିଶାର ସର୍ବସାଧାରଣ ଓ ବେସରକାରୀ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଚଳିତ ଶିକ୍ଷାବର୍ଷଠାରୁ ଶିକ୍ଷା ଅଧିକାର ଆଇନ, ୨୦୦୯ ଧାରା ୧୨(୧)(c) ଅନୁଯାୟୀ ଓଡ଼ିଆ/ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ନାମଲେଖା ପାଇଁ **www.rteparadarshi.odisha.gov.in** ପୋର୍ଟାଲ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଅଛି । ସାମାଜିକ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ପାଇଁ ପ୍ରତ୍ୟେକ ବେସରକାରୀ ବିଦ୍ୟାଳୟରେ ୨୫% ସ୍ଥାନ ସଂରକ୍ଷଣ ରହିଛି । ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶୈକ୍ଷିକ ଅନଗ୍ରସର, ଭିନ୍ନକ୍ଷମ, H.I.V. ଆକ୍ରାନ୍ତ ପିତାମାତାଙ୍କ ଶିଶୁ, ଶିଶୁ ଶ୍ରମିକ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କ ପାଇଁ ଆବଶ୍ୟକୀୟ ଦସ୍ତାବିଜ ସହିତ ପୋର୍ଟାଲରେ ଆବେଦନ କରିପାରିବେ । ଆବେଦନ ଗ୍ରହଣ କରିବାର ଶେଷ ତାରିଖ ୩୦.୦୪.୨୦୨୧ । ବିସ୍ତୃତ ବିବରଣୀ ପାଇଁ ଲଗ୍ ଅନ୍ କରନ୍ତୁ **www.rteparadarshi.odisha.gov.in** ।

ନିର୍ଦ୍ଦେଶକ,
ପ୍ରାଥମିକ ଶିକ୍ଷା, ଓଡ଼ିଶା
ଭୁବନେଶ୍ୱର
OIPR-27005/11/0001/2122

See Career Appointment on every Wednesday & Saturday

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୪ ଏପ୍ରିଲ, ୨୦୨୧



## ଶାଖା ପରିଚାଳକଙ୍କୁ କରୋନା, ବ୍ୟାଙ୍କ ସିଲ୍

ଗୋପ,(ଡି.ଏନ୍.ଏ.): ଗୋପ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ କରୋନାରେ ଆକ୍ରାନ୍ତ ହେବା ସୂଚନା ମିଳିବା ପରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ବ୍ୟାଙ୍କକୁ ସିଲ୍ କରାଯାଇଛି। ପରେ ବ୍ୟାଙ୍କର କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କ ସ୍ୱାବ ଟେଷ୍ଟ କରିବା ଲାଗି ମଧ ନମୁନା ସଂଗ୍ରହ କରାଯାଇଥିବା ଗୋପ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଣାପଡ଼ିଛି। ଗତ କିଛିଦିନ ହେବ ଶାଖା ପରିଚାଳକଙ୍କ ଶରୀର ଅସୁସ୍ଥ ହେବା ପରେ ତାଙ୍କର କରୋନା ଟେଷ୍ଟ କରାଯାଇଥିଲା। ଟେଷ୍ଟରେ ରିପୋର୍ଟ ପଜିଟିଭ ଆସିଥିଲା। ଏହା ଜଣାପଡ଼ିବା ପରେ ମଙ୍ଗଳବାର ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାଙ୍କକୁ ସିଲ୍ କରାଯାଇଛି। ବ୍ୟାଙ୍କର ଅନ୍ୟ କର୍ମଚାରୀଙ୍କ ସ୍ୱାବ ଟେଷ୍ଟ କରାଯିବା ସହ ବ୍ୟାଙ୍କକୁ ସାନିଟାଇଜ କରାଯିବ।

## ଆଜି କ'ଣ କେଉଁଠି

**ପୁରୀ**

- ପୁରୀ ବକ୍ସିଂ ଏକାଡେମୀ ପକ୍ଷରୁ କୌଶଳ ପ୍ରଦର୍ଶନ କାର୍ଯ୍ୟକ୍ରମ, ଇନ୍‌ଡୋର ଷ୍ଟାଡିୟମ୍, ସକାଳ ୭ଟା ୩୦।
- ଆମ୍ବେଦକରଙ୍କ ଜନ୍ମତିଥିରେ ପ୍ରତିଯୋଗିତା କାର୍ଯ୍ୟକ୍ରମ, ୟୁଥ୍ ହଷ୍ଟେଲ୍, ପୂର୍ବାହ୍ନ ୧୧ଟା।
- ଉତ୍କଳୀୟ ନବବର୍ଷ ଅଭିନନ୍ଦନ ମହୋତ୍ସବ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସନ୍ଧ୍ୟା ୬ଟା।

**ସାକ୍ଷୀଗୋପାଳ**

- ଖାଇଫୋଡ଼ ଯାତ୍ରା, ଭିଁପୁର ଓ ଦାଶବିଦ୍ୟାଧରପୁର, ମଧ୍ୟାହ୍ନ ୧୨ଟା।
- ବିଶ୍ୱଶାନ୍ତି ଯଜ୍ଞ ପୂର୍ଣ୍ଣାହୁତି, ମଣିନାଗ ଦୁର୍ଗାଙ୍କ ମନ୍ଦିର ବୀରାମଚନ୍ଦ୍ରପୁର, ସନ୍ଧ୍ୟା ୬ଟା।
- ବାଟମହାବୀରଙ୍କ ପ୍ରତିଷ୍ଠା ଉତ୍ସବ ଯଜ୍ଞ ପୂର୍ଣ୍ଣାହୁତି, ବ୍ଲକ ଛକ ବାଟମହାବୀର ମନ୍ଦିର, ସନ୍ଧ୍ୟା ୬ଟା।

# ଆଇସିୟୁ ନ ଥିବାରୁ କୋଭିଡ୍ ରୋଗୀ ହନ୍ତସନ୍ତ

- ଜଣେ ଡାକ୍ତରରେ ଚାଲିଛି କୋଭିଡ୍ ଚିକିତ୍ସାଳୟ
- ଅନ୍ୟ କେନ୍ଦ୍ରକୁ ସ୍ଥାନାନ୍ତର ହେଉଛନ୍ତି ରୋଗୀ

ପୁରୀ ଅଫିସ,୧୩।୪

କରୋନାର ଦ୍ୱିତୀୟ ଲହର ହେବା ପରେ ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସରକାର ଚିନ୍ତାରେ ଅଛନ୍ତି। ଏଭଳି ସ୍ଥିତିରେ ପୁରୀରେ ସଂକ୍ରମଣ ବଢ଼ିବା ସହ କେତେଜଣ ସେବାୟତ ପଜିଟିଭ ଚିହ୍ନଟ ହେବା ପରେ ସହରବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଏଭଳି ସ୍ଥିତିରେ ଏପର୍ଯ୍ୟନ୍ତ ପୁରୀ ସଂକ୍ରାମକ ରୋଗ ଚିକିତ୍ସାଳୟରେ ଥିବା କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଇସିୟୁ ସୁବିଧା ମିଳିପାରି ନାହିଁ। ଫଳରେ କୋଭିଡ୍ ରୋଗୀ ନାନା ପ୍ରକାର ହନ୍ତସନ୍ତ ହେଉଛନ୍ତି। ସେହିଭଳି ପୂର୍ବରୁ ୯ଜଣ ଡାକ୍ତର କୋଭିଡ୍ ଦାୟିତ୍ୱରେ ଥିବାବେଳେ ଏବେ ଜଣେ ଡାକ୍ତର ସମ୍ଭାଳୁଛନ୍ତି। ଅନ୍ୟ ଡାକ୍ତରମାନେ ପୁଣି କେବେ ଦାୟିତ୍ୱ ନେବେ ସେନେଇ ସ୍ପଷ୍ଟତା ମିଳିପାରି ନାହିଁ। ଏଣୁ ପ୍ରତିଦିନ ଅତିକମ୍‌ରେ ୨ରୁ ୩ ଜଣ କୋଭିଡ୍ ସଂକ୍ରମିତଙ୍କୁ ବାଧ୍ୟ ହୋଇ କଟକ ବଡ଼ ମେଡିକାଲ ସ୍ଥାନାନ୍ତରଣ କରାଯାଉଛି। ଡାକ୍ତର ନ ଥିବା ଓ ଆଇସିୟୁ ଖୋଲି ନ ଥିବା କାରଣରୁ ଏଭଳି ହେଉଥିବା ଆଇଡିଏଚ୍ ସୁପରିଣ୍ଟେଣ୍ଡେଣ୍ଟ ଅଫିସ ପକ୍ଷରୁ କୁହାଯାଇଛି।

ଆଇସିୟୁ ଚାଲୁ କରିବା ପାଇଁ ଜିଲାପାଳ ସମର୍ଥ ବର୍ମା ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର ସୋମବାର ପ୍ରସ୍ତୁତି ବୈଠକ କରିଥିଲେ। ଆଇସିୟୁ ଚାଲୁ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିବାବେଳେ ତାହା ଚାଲୁ ହୋଇପାରିନାହିଁ। ଅନ୍ୟପକ୍ଷରେ କୋଭିଡ୍ ସ୍ୱାସ୍ଥ୍ୟ କେନ୍ଦ୍ର ରାଜ୍ୟ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ୨୫ ପ୍ରତିଶତ ମାନବ ସମ୍ବଳ ସହାୟତାରେ ଚାଲୁ ରହିଛି। ସଂକ୍ରମଣ ବଢୁଥିବା ହେତୁ ପାରାମେଡିକ୍ ଷ୍ଟାଫ୍, ସୁରକ୍ଷାକର୍ମୀଙ୍କ ସଂଖ୍ୟା ମଧ୍ୟ ଜରୁରିକାଳୀନ ଭିତ୍ତିରେ ବଢ଼ାଇବାର ଆବଶ୍ୟକ ଥିବା ବୈଠକରେ ଆଲୋଚନା ହେଇଛି। ତେବେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ କେବେ ନିଯୁକ୍ତ କରିବେ ସେକଥା ଜଣାପଡୁନାହିଁ। ପ୍ରତି ଦିନ ୪୦ରୁ ୫୦ କୋଭିଡ୍ ପଜିଟିଭ୍ ସଂକ୍ରମିତ ହେଉଥିବା ବେଳେ ଏମାନଙ୍କ ମଧ୍ୟରୁ ଅଧିକାଂଶ ହୋମ୍ ଆଇସୋଲେଶନ୍‌ରେ ରହୁଛନ୍ତି ବୋଲି କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରର ଆସିଷ୍ଟାଣ୍ଟ ମ୍ୟାନେଜର ମାନସ କୁମାର ସେଠୀ କହିଛନ୍ତି। ଖୁବ୍ କମ୍ ସଂକ୍ରମିତ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଛନ୍ତି। ଏହା ସତ୍ତ୍ୱେ ମଧ୍ୟ ଚିକିତ୍ସା ସୁବିଧା ଯୋଗାଇବାରେ ଜିଲା ପ୍ରଶାସନ ବିଫଳ ହେଉଛି। ତେବେ କୋଭିଡ୍ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆଇସିୟୁ କେବେ ଖୋଲିବ ସେନେଇ ଜିଲାପାଳଙ୍କୁ ପଚାର ଯିବାରୁ ସେ କହିଛନ୍ତି, ଆଇସିୟୁ ପାଇଁ ଆଲୋଚନା ସରିଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବ। ଆହୁରି ସେ କହିଛନ୍ତି, ଦୈନିକ ୧୧ଶହରୁ ୧୨ଶହ ଟେଷ୍ଟିଂ ହେଉଛି। ସଂକ୍ରମିତ ହେଉଥିବା ବ୍ୟକ୍ତିଙ୍କୁ ଟ୍ରେସିଂ କରିବା ପାଇଁ ମଧ ବ୍ୟବସ୍ଥା ହୋଇଛି। ଜିଲାରେ ଥିବା ଗହଳିପୂର୍ଣ୍ଣ ସ୍ଥାନରେ କିଭଳି କୋଭିଡ୍ ଟେଷ୍ଟିଂର ମାତ୍ରା ବଢ଼ାଯିବ ସେନେଇ ମଧ ଧ୍ୟାନ ଦିଆଯାଉଛି। ଅନ୍ୟପକ୍ଷେ ପୁରୀ ସହରରେ ସଂକ୍ରମଣ କ୍ରମାଗତ ଭାବେ ଉପରମୁହାଁ ହେଉଥିବା ଦେଖିବାକୁ ମିଳିଲାଣି। ୭ ଜଣ ସେବାୟତ ଓ ସଂପୃକ୍ତ ସେବାୟତଙ୍କର ୩ଜଣ ପରିବାର ସଦସ୍ୟ, ଶ୍ରୀମନ୍ଦିର ଜୋତାଷ୍ଟାଣ୍ଡର ୮ ଜଣ କର୍ମଚାରୀ ଓ ଶ୍ରୀମନ୍ଦିର ପ୍ରଶାସନର ୫ ଜଣ କର୍ମଚାରୀ ମଧ୍ୟ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିଭଳି ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ସଦାଶିବ ବିଶ୍ୱବିଦ୍ୟାଳୟରେ ସଂକ୍ରମଣ ବଢ଼ିବା ହେତୁ ଦୈନିକ ଶ୍ରେଣୀଗୃହ ପାଠପଢ଼ାକୁ ବନ୍ଦ କରି ଅନଲାଇନ୍ ପାଠପଢ଼ା ଆରମ୍ଭ କରାଯାଇଛି। ତେବେ ସଂକ୍ରମଣ ବ୍ୟାପୁଥିବା ବେଳେ ପୁରୀ ରେଳଷ୍ଟେଶନରେ କୋଭିଡ୍ ଟେଷ୍ଟିଂରେ ଅନିୟମିତତା ଦେଖିବାକୁ ମିଳିଛି। ଏପରିକି ରେଳଷ୍ଟେଶନ ଯାତ୍ରୀଙ୍କ ପାଇଁ ସ୍କ୍ରିନିଂ ଦାୟିତ୍ୱରେ ଥିବା ଜଣେ ମାତ୍ର ବ୍ୟକ୍ତି ସମସ୍ତଙ୍କ ଟେଷ୍ଟିଂ କରି ପାରୁ ନ ଥିବା କହିଛନ୍ତି।

## ୧୬ରୁ ପଞ୍ଚାୟତ ସ୍ତରରେ ଆଇସୋଲେଶନ୍ ବ୍ୟବସ୍ଥା

ପୁରୀ ଅଫିସ,୧୩।୪

ଜିଲାପାଳ ସମର୍ଥ ବର୍ମା କୋଭିଡ୍ ମୁକାବିଲା ପାଇଁ ଜିଲାର ସମସ୍ତ ବିଡିଓ, ତହସିଲଦାର ଓ ସରପଞ୍ଚମାନଙ୍କ ସହ ଭିଡିଓ କନଫରେନ୍ସ ଯୋଗେ ମଙ୍ଗଳବାର ବୈଠକ କରିଛନ୍ତି। ବୈଠକରେ କୋଭିଡ୍ ସ୍ୱାସ୍ଥ୍ୟ ସୁବିଧା ଉପରେ ଗୁରୁତ୍ୱ ଦିଆଯାଇଛି। ଜିଲାପାଳ କହିଛନ୍ତି ଯେ ଜିଲାର ପ୍ରତି ୫ଟି ପଞ୍ଚାୟତରେ ଗୋଟିଏ ଲେଖାଏ କ୍ଲଷ୍ଟର ନିର୍ମାଣ ହେବ। ସେଠାରେ ଅସ୍ଥାୟୀ ସ୍ୱାସ୍ଥ୍ୟ ସୁବିଧା କ୍ୟାମ୍ପ(ଟିଏମ୍‌ସି) ରହିବ। ରାଜ୍ୟ ବାହାରୁ ଆସୁଥିବା ଲୋକଙ୍କୁ ସମ୍ପୃକ୍ତ କ୍ୟାମ୍ପରେ ଆଇସୋଲେଶନ୍ ସୁବିଧା ଉପଲବ୍ଧ ହେବ। ତେବେ ଅସ୍ଥାୟୀ କ୍ୟାମ୍ପକୁ ଯିବା ବାଧ୍ୟତାମୂଳକ ନୁହେଁ। ହୋମ୍ ଆଇସୋଲେଶନ୍‌ରେ ରହିବାକୁ ଚାହୁଁଥିବା ବ୍ୟକ୍ତି ଘରେ ରହିପାରିବେ। ପରିବାର ଲୋକେ ଅନିଚ୍ଛା ପ୍ରକାଶ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଟିଏମ୍‌ସିକୁ ଅଣାଯିବ। ତେବେ ନେଗେଟିଭ୍ ରିପୋର୍ଟ ଥିଲେ ଆଇସୋଲେଶନ୍‌ରେ ରହିବାର ଆବଶ୍ୟକତା ନାହିଁ। ତେବେ ବ୍ଲକ୍ ସ୍ତରରେ ପ୍ରସ୍ତୁତି ଆସନ୍ତା ୧୬ ତାରିଖ ମଧ୍ୟରେ ଶେଷ କରିବା ନେଇ ବ୍ଲକସ୍ତରୀୟ ଅଧିକାରୀ ଓ ସରପଞ୍ଚମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିଭଳି ଜିଲାସ୍ତରରେ କୋଭିଡ୍ ଆଇସିୟୁର ବ୍ୟବସ୍ଥା ମଧ୍ୟ ଉପଲବ୍ଧ ରହିଛି। ଜିଲାପାଳ ଜିଲାର କୋଭିଡ୍ ସ୍ଥିତିର ସୂଚନା ଦେଇ କହିଛନ୍ତି, ପ୍ରତି ଦିନ ଜିଲାରେ ୧୧ଶହରୁ ୧୨ଶହ ଟେଷ୍ଟିଂ ହେଉଛି।

# ସେବାୟତଙ୍କ ସମେତ ୨୩ଜଣଙ୍କୁ କରୋନା

ପୁରୀ ଅଫିସ,୧୩।୪

ପୁରୀ ଶ୍ରୀମନ୍ଦିର ସହ ସମ୍ପୃକ୍ତ ୨୩ଜଣ ମଙ୍ଗଳବାର ସୁଦ୍ଧା ପଜିଟିଭ୍ ଚିହ୍ନଟ ହେଲେଣି। ଚିହ୍ନଟଙ୍କ ମଧ୍ୟରୁ ୭ଜଣ ସେବାୟତ ଓ ସେମାନଙ୍କର ୩ଜଣ ପରିବାର ସଦସ୍ୟ ଥିବାବେଳେ ଜୋତାଷ୍ଟାଣ୍ଡର ୮ଜଣ, ମନ୍ଦିର ପ୍ରଶାସନର ୩ଜଣ କର୍ମଚାରୀ, ଜଣେ ମନ୍ଦିର ପୋଲିସ୍ କର୍ମଚାରୀ ଓ ଜଣେ ମାଳୀ ରହିଛନ୍ତି। ଏହା ଜଣାପଡ଼ିବା ପରେ ପ୍ରଶାସନ ପକ୍ଷରୁ ଚିହ୍ନଟ ବ୍ୟକ୍ତିମାନଙ୍କୁ ୧୦ ଦିନ ସଙ୍ଗରୋଧରେ ରହିବା ପାଇଁ ପରାମର୍ଶ ଦିଆଯାଇଥିବା ବେଳେ କୋଭିଡ୍ କଟକଣାକୁ ଶ୍ରୀମନ୍ଦିର ବାହାରେ ଓ ଭିତରେ ବଢ଼ାଯାଇଛି। ତେବେ କୋଭିଡ୍ ସଂକ୍ରମଣ ଶ୍ରୀମନ୍ଦିର ସହ ସମ୍ପୃକ୍ତ ଲୋକଙ୍କ ମଧ୍ୟରେ ବଢୁଥିବା ହେତୁ ଶ୍ରୀମନ୍ଦିର ଅସ୍ଥାୟୀ ଭାବେ ବନ୍ଦ କରିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ମତ ପ୍ରକାଶ ପାଉଛି। ଏ ସମ୍ପର୍କରେ ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, କରୋନା ପେଟପାଟଣାଠାରୁ ବଡ଼ ନୁହେଁ। ଏଣୁ ଶ୍ରୀମନ୍ଦିର ବନ୍ଦ କରିବା ଏକ ସମୟ ଉପଯୋଗୀ ନିଷ୍ପତ୍ତି ନୁହେଁ। ପୁରୀ ସହରର ଅର୍ଥନୀତି ଜଗନ୍ନାଥଙ୍କ ଉପରେ ନିର୍ଭର କରେ। ଗତ ଏକ ବର୍ଷ ଧରି ପୁରୀ ସହରର ବିଭିନ୍ନ ବ୍ୟବସାୟୀ ଓ ସେବାୟତ ପରିବାର ନାହିଁ ନ ଥିବା କଷ୍ଟ ସହିଛନ୍ତି। ସେହିଭଳି ଭକ୍ତମାନେ କୋଭିଡ୍ ନେଗେଟିଭ୍ ରିପୋର୍ଟ ସାଙ୍ଗରେ ଆଣି ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରନ୍ତୁ। କୋଭିଡ୍ କଟକଣା ମାନିବା ନେଇ ଶ୍ରଦ୍ଧାଳୁମାନେ ପ୍ରସ୍ତୁତ ରୁହନ୍ତୁ ଓ ପ୍ରଶାସନ କୋଭିଡ୍ କଟକଣାକୁ ଗୁରୁତ୍ୱ ଦେଉ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ପୋଲିସ ଓ ମ୍ୟୁନିସିପାଲିଟିର ମିଳିତ ଭାବେ ଯୁଗ୍ମ ସ୍କ୍ୱାଡ ତିଆରି କରାଯାଇଛି। ସେହିଭଳି ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀମାନଙ୍କୁ ସ୍କ୍ରିନିଂ ଦାୟିତ୍ୱରେ ରଖାଯାଇଛି। ଜଏଣ୍ଟ ସ୍କ୍ୱାଡ ଡକ୍ୟୁମେଣ୍ଟ ଚେକିଂ କରିବେ। ଯେଉଁମାନଙ୍କର ନେଗେଟିଭ୍ ରିପୋର୍ଟ କିମ୍ବା କୋଭିଡ୍ ଭାକ୍ସିନେସନ୍ ରିପୋର୍ଟ ନ ଥିବ ଓ କୋଭିଡ୍ ଲକ୍ଷଣ ଥିବ ସେମାନଙ୍କର ଆଣ୍ଟିଜେନ୍ ଟେଷ୍ଟ କରାଯାଉଛି। ସେହିଭଳି ଶ୍ରୀମନ୍ଦିରକୁ ସାନିଟାଇଜ୍ କରିବା ସହ ଶ୍ରଦ୍ଧାଳୁଙ୍କୁ କୋଭିଡ୍ କଟକଣା ମଧ୍ୟରେ ରଖିବା ନେଇ ପ୍ରଶାସନ ସଚେତନ ରହିଥିବା ଜିଲାପାଳ ବର୍ମା କହିଛନ୍ତି।

## ପଞ୍ଚାୟତ ସମିତି ପକ୍ଷରୁ ଜରୁରୀ ସମୀକ୍ଷା ବୈଠକ

**ନିମାପଡ଼ା,୧୩।୪(ଡି.ଏନ୍.ଏ.):** କରୋନା ସଂକ୍ରମଣକୁ ପ୍ରତିହିତ କରିବା ସମ୍ପର୍କରେ ଏକ ଜରୁରୀ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ଓ ସଚେତନତା ବୈଠକ ମଙ୍ଗଳବାର ବ୍ଲକ ସଭା କକ୍ଷରେ ପଞ୍ଚାୟତ ସମିତି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। କରୋନା ରୋଗୀଙ୍କ ଚିକିତ୍ସା ନିମନ୍ତେ ନିମାପଡ଼ାରେ ଖୁବଶୀଘ୍ର କୋଭିଡ୍ କେୟାର ସେଣ୍ଟର ଖୋଲାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଗ୍ରାମାଞ୍ଚଳରେ କରୋନା ସତର୍କତା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା, ବାଧ୍ୟତାମୂଳକ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ ଆଦି ଗାଇଡ୍‌ଲାଇନ ପ୍ରତି ଗୁରୁତ୍ୱ ଦେବାକୁ ବୈଠକରେ ମତବ୍ୟକ୍ତ ହୋଇଥିଲା। ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କ ଉପରେ କଡ଼ା ନଜର ରଖିବା ଓ ସଂକ୍ରମିତ ପରିବାର ହୋମ କ୍ୱାରାଣ୍ଟାଇନରେ ରହିବା ନେଇ ସଚେତନ କରାଇବାକୁ ବିଡିଓ ମନୋଜ ବେହେରା ପ୍ରତ୍ୟେକ ସରପଞ୍ଚ, ପିଇଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ କରୋନା ସ୍ଥିତି ସମ୍ପର୍କରେ ଘର ଘର ବୁଲି ସର୍ଭେ କରି ରିପୋର୍ଟ ପ୍ରଦାନ କରିବାକୁ ଆଶା ଓ ଅଙ୍ଗନୱାଡ଼ି କର୍ମୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଅତିଥିଭାବେ ବିଡିଓ ବେହେରାଙ୍କ ସମେତ ବ୍ଲକ ଉପାଧ୍ୟକ୍ଷ ଅଜୟ ସ୍ୱାଇଁ, ନିମାପଡ଼ା ଓ ଚାରିଛକ ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡା. କ୍ଷମାନିଧି ସେଠୀ, ପ୍ରଶାନ୍ତ ସାମନ୍ତରାୟ, ସମସ୍ତ ସରପଞ୍ଚ, ପିଇଓମାନେ ଉପସ୍ଥିତ ଥିଲେ।




ଓଡ଼ିଆ ନବବର୍ଷକୁ ଅଭିନନ୍ଦନ ଜଣାଇ ପୁରୀ ବେଳାଭୂମିରେ ମଙ୍ଗଳବାର ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।


## ODISHA JOINT ENTRANCE EXAMINATION, 2021 (OJEE 2021)

No: OJEE/155 No. h-02 Date:12.04.2021

**NOTICE FOR ONLINE APPLICATION FOR OJEE-2021**

**Odisha Joint Entrance Examination (OJEE) – 2021 will be conducted during 17th – 24th of June, 2021 (tentative) for admission to B.Pharm/ MBA / MCA / M.Tech/ M.Tech (Part Time)/ M.Arch/ M Plan/M.Pharm/ Int. MBA and Lateral Entry to B.Tech/ B.Pharm Courses in Government and Private Universities and Colleges of Odisha The Entrance Examination will be conducted in Computer Based Test (CBT) mode for all the courses as mentioned above. Interested candidates are advised to fill up the respective Application Forms online through OJEE websites (www.ojee.nic.in) only.**

**IMPORTANT DATES FOR OJEE - 2021**

| | |
|---|---|
| Tentative Dates for OJEE (Computer Based Test) | : **17th – 24th of June, 2021 (Exact dates shall be notified later)** |
| Filling-up of Online Application through OJEE website begins on | : **14th April, 2021** |
| Last date for filling-up of Online Application Forms | : **15th May, 2021** |
| Downloading of Admit Cards | : **1st Week of June, 2021** |
| For other details, please visit our website | : **www.ojee.nic.in / www.odishajee.com.** |

**Sd./- Chairman, OJEE, Odisha**
OIPR-14020/11/0002/2122


## ବଟି ମାଗି ୩ ଗିରଫ

**ପୁରୀ ଅଫିସ,୧୩।୪:** ପୁରୀ କୁମ୍ଭାରପଡା ଥାନା ପୋଲିସ ମଙ୍ଗଳବାର ବଟି ମାଗିବା ଅଭିଯୋଗରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ, ଏହି ଥାନା ଅନ୍ତର୍ଗତ ନରେନ୍ଦ୍ର କୋଣ ଜଟିଆବାଜି ଛକ ନିକଟର ନାଣ୍ଟୁ ନାୟକ, ନରେନ୍ଦ୍ର କୋଣ ମଙ୍ଗଳାସାହିର ପଦ୍ମନାଭ ଦାସ ଏବଂ ରାୟବାହାଦୁର ଲେନର ବିକି ନାୟକ। ଏ ନେଇ ପୋଲିସ ନଂ. ୧୨୩/୨୧ରେ ଏକ ମାମଲା ରୁଜୁ କରିଛି।

## ଅଭିଯୁକ୍ତଙ୍କୁ ଗିରଫ ନ କଲେ ଥାନା ଆଗରେ ଧାରଣା

- ମହିଳା ସରପଞ୍ଚଙ୍କୁ ହତ୍ୟା ଧମକ ଘଟଣା

ଗୋପ,୧୩।୪(ଡି.ଏନ୍.ଏ.)

ଗତ ୯ ତାରିଖ ଭୋର୍‌ରୁ ଏକ କାର୍‌ରେ ୪ ଜଣ ଯୁବକ ଆସି ଗୋପ ଥାନା ଅଧୀନ ଇସାଣପୁର ପଞ୍ଚାୟତର ମହିଳା ସରପଞ୍ଚଙ୍କୁ ଖଣ୍ଡା ଭୁଜାଲି ଦେଖାଇ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ହେଲେ ଏହି ଘଟଣାକୁ ୪ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଏପର୍ଯ୍ୟନ୍ତ ମାମଲା ରୁଜୁ କରି ନାହିଁ। ଏହି ଅଭିଯୋଗକୁ ନେଇ ପୋଲିସ ଯଦି ଅଭିଯୁକ୍ତମାନଙ୍କୁ ଗିରଫ ନ କରେ ତାହା ହେଲେ ମହିଳା ସରପଞ୍ଚ ଥାନା ଆଗରେ ଧାରଣା ଦେବେ ବୋଲି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଏହି ପଞ୍ଚାୟତରେ କିଛି ଦିନ ଧରି ରାଜନୈତିକ ଘଟଣାକୁ ନେଇ ବିବାଦ ଲାଗିରହିଥିବା ବେଳେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆସିଥିଲା। କିନ୍ତୁ ଏହି ଅନାସ୍ଥାକୁ ନେଇ ହାଇକୋର୍ଟରେ ମାମଲା ରୁଜୁ ହୋଇ ବନ୍ଦ ରହିଥିବାବେଳେ ଅଧିକ ବିବାଦ ଲାଗି ରହିଛି। ଏପରି ଘଟଣାକୁ ନେଇ ଏହି କାଣ୍ଡ ସୃଷ୍ଟି ହୋଇଥିବା କୁହାଯାଉଛି। ୯ ତାରିଖ ସକାଳ ୬ଟାରେ ଇସାଣପୁର ସରପଞ୍ଚ ସୁଲୋଚନା ସେଠୀ ନିଜ ଗାଁ ଅରେଇଠାରେ ଫୁଲ ତୋଳୁଥିଲେ। ହଠାତ ୪ ଯୁବକ କାର୍‌ରେ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ମାରଣାସ୍ତ୍ର ଦେଖାଇ ହତ୍ୟା ଧମକ ଦେଇଥିଲେ। ଏ ନେଇ ସରପଞ୍ଚ ଥାନାର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ପୋଲିସ ଏହି ଅଭିଯୋଗକୁ ଗୁରୁତ୍ୱ ନ ଦେଇ ଏପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ତ ଦୂରର କଥା ମାମଲା ମଧ୍ୟ ରୁଜୁ କରି ନାହିଁ। ଅଭିଯୋଗ ସମ୍ପର୍କରେ ଇସାଣପୁର ସରପଞ୍ଚ ସେଠୀ କହିଛନ୍ତି, ପୋଲିସ ଜାଣିଶୁଣି ଅଭିଯୋଗକୁ ଗୁରୁତ୍ୱ ଦେଇନାହିଁ। ଅନ୍ୟପଟେ ଅଭିଯୁକ୍ତମାନେ ଆମ ଅଞ୍ଚଳର ହୋଇଥିଲେ ମଧ୍ୟ ପୋଲିସ ଧରୁନାହିଁ। ଯଦି ଅଭିଯୁକ୍ତମାନଙ୍କୁ ପୋଲିସ ଗିରଫ ନ କରେ ଧାରଣା ଦେବି ବୋଲି ସେ କହିଛନ୍ତି। ଅପରପକ୍ଷେ ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନଙ୍କୁ ପଚାରିବାରେ ଏବେ ଡିୟୁଟିରେ ବାହାରେ ଅଛି। ଥାନାକୁ ଗଲେ ଅଭିଯୋଗକୁ ନେଇ ତଦନ୍ତ କରି ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରାଯିବ ବୋଲି ସେ କହିଛନ୍ତି।


### OFFICE OF THE ENGINEER-IN-CHIEF (CIVIL), ODISHA
NIRMAN SOUDHA, UNIT-V, BHUBANESWAR
E-mail ID:cebuildings_orissa@yahoo.co.in
cebuildings@rediffmail.com, Tel. -(0674)- 2391523

**INVITATIONS FOR BIDS (IFB)**
File No-B-I-(C)-08/2020 14491 / Bhubaneswar, the 30th Mar. 2021
Invitation for Bids

No. B-21 **1st Corrigendum**

**Tender Reference No. EIC(B) – 19 / 2020-21**
Name of the Work : Infrastructure Development of Maa Tara Tarini Pitha in the District of Ganjam, (Phase-III) under Integrated Development of Heritage and Monuments and Tourist Destination.

The following changes have been made in Bid Identification No. **EIC(B) – 19/2020-21**

1. Bid documents such as DTCN / BOQ etc. can be seen / downloaded from the Govt. Website i.e. **www.tendersorissa.gov.in**, during the period **dt.12.04.2021to17 hours of dt.03.05.2021** instead of **dt.31.03.2021 to dt. 20.04.2021** for ONLINE BIDDING respectively.
2. **Online** bids shall be received till **17.00 Hours of dt.03.05.2021** instead of **dt.20.04.2021**.
3. The technical bids will be opened at **11.30 A.M. of dt.04.05.2021** instead of **dt.22.04.2021**.

All other terms and conditions remain unchanged.

**Sd./- Engineer-in-Chief (Buildings), Odisha, Bhubaneswar**
OIPR-34117/11/0008/2122



### OFFICE OF THE ROURKELA MUNICIPAL CORPORATION, ROURKELA
**INVITATION FOR BID**

No. 4299 Dated: 13.04.2021

**Bid Identification No. MC/RMC/14/2021**

No. C-79: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double Cover on Online Mode. Bid Identification **No. MC/RMC/14/2021 for 12 Nos**. different Civil work with value of **Rs.63.99 lakh to Rs.84.69 lakh**.

1. Bid documents will be available in website: **www.tendersorissa.gov.in** from 13.04.2021.
2. Bids must be submitted on "Online" on or before 20.04.2021 by 17.00 hours.
3. Bids shall be opened at 11.00 hours on 22.04.2021 in the Office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

**Sd./- Municipal Commissioner**
**Rourkela Municipal Corporation**
OIPR-13131/11/0002/2122



### MAHARISHI COLLEGE OF NATURAL LAW
SAHEED NAGAR, BHUBANESWAR-751007
No:-EST-867/117/21

**CALL FOR EMPANELMENT**

No. N-02: Sealed Applications/Proposals are invited from intending vendors/suppliers/firms/Authorized Dealers/Book Sellers/Publishers having PAN & GST registration for the List of Empanelment for the Financial Year 2021-2022 for supply of Lab Equipment & Chemicals, Books, Computers, Printers, Furniture, Software, Digital Identity Card, Printing Materials, Web Development, Engagement of Security Personnel, Procurement, Repairing and Maintenance work of Electrical & Electronics items, Fabrications etc which should reach the undersigned within Three Weeks by Speed/Registered post only from date of the advertisement.The undersigned reserves the right to reject any or all proposal without assigning any reason thereof. The details are available in the College Website **www.maharishicollege.ac.in** (Tenders).

**Sd./- Principal**
OIPR-11037/11/0001/2122



No. D-06

### ଦୁର୍ଗପତିଙ୍କ କାର୍ଯ୍ୟାଳୟ, ଦ୍ୱିତୀୟ ଭାରତ ସଂରକ୍ଷିତ ବାହିନୀ
### ଭାମିନୀ, ରାୟଗଡ଼ା
**ବିଜ୍ଞାପନ**

| | |
|---|---|
| ନାମ:– | ରାଜୀବ ଲୋଚନ ଜେନା |
| କନଷ୍ଟେବଲ ନଂ.:– | ୭୨ |
| ପିତା:– | ଆର୍ତ୍ତବଲ୍ଲବ ଜେନା |
| ଗ୍ରାମ:– | ଦେଓଗାଁ |
| ପୋ:– | କୁଶଳେଶ୍ୱର |
| ଥାନା:– | ଘସିପୁରା |
| ଜିଲ୍ଲା:– | କେନ୍ଦୁଝର |

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ, ଆପଣ ତା୧୮।୧୧।୨୦୧୯ରିଖ ଅପରାହ୍ନଠାରୁ ତା୦୮।୧୨।୨୦୧୯ରିଖ ଅପରାହ୍ନ ପର୍ଯ୍ୟନ୍ତ ୨୦ ଦିନ ଅର୍ଜିତ ଛୁଟିରେ ଯାଇଥିଲେ । ଆପଣ, ଆପଣଙ୍କ କାର୍ଯ୍ୟରେ ତା୦୯।୧୨।୨୦୧୯ରିଖ ପୂର୍ବାହ୍ନରେ ଯୋଗ ଦେବା ବଦଳରେ କୌଣସି ସୂଚନା ନ ଦେଇ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି । ଆପଣଙ୍କୁ ସରକାରୀ ସ୍ତରରେ ବାରମ୍ବାର ତଲବ ଦେବା ସତ୍ତ୍ୱେ ଆପଣ କାର୍ଯ୍ୟରେ ଯୋଗ ଦେଲେନାହିଁ । ଏଣୁ ଆପଣଙ୍କ ବିରୁଦ୍ଧରେ ବିଭାଗୀୟ ପ୍ରସିଡିଂ ନମ୍ବର–୧୭/୨୦୨୦ ଆରମ୍ଭ କରାଯାଇଅଛି । ପୁନର୍ବାର ଆପଣଙ୍କୁ ସରକାରୀ ସ୍ତରରେ ତଲବ ଦେବା ସତ୍ତ୍ୱେ ଆପଣ ତଦନ୍ତ ସମୟରେ ଉପସ୍ଥିତ ହେଲେ ନାହିଁ କିମ୍ବା ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି କି ଆପଣ ଉଦ୍ଦେଶ୍ୟମୂଳକ ଭାବେ ଜାଣିଶୁଣି ନିଜ କାର୍ଯ୍ୟରେ ଯୋଗ ଦେଉନାହାନ୍ତି । ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହିତ, ଆପଣ ସରକାରୀ ନିୟମ ଅବମାନନା କରିଛନ୍ତି ଏବଂ ଆପଣଙ୍କୁ ଯେଉଁ କାର୍ଯ୍ୟ ନିମନ୍ତେ ପୁଲିସ ବିଭାଗରେ ନିଯୁକ୍ତ କରାଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ ।

ଏଣୁ ଏହି ନୋଟିସ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ଆପଣ ସମ୍ବାଦ ପ୍ରକାଶନର ୧୫ ଦିନ ମଧ୍ୟରେ ନିଜର ତଳ ଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯଦି ଯୋଗଦାନ ନ କରିବେ, ତେବେ ଧରିନିଆଯିବ ଯେ ଆପଣଙ୍କର ଏହି ବିଭାଗରେ ଚାକିରି କରିବାର କୌଣସି ଉଦ୍ଦେଶ୍ୟ ନାହିଁ ଏବଂ ଆପଣଙ୍କୁ ସରକାରୀ ଚାକିରିରୁ ବହିଷ୍କାର କରାଯିବ ।

ସ୍ୱା./- ଦୁର୍ଗପତି
୨ୟ ଆଇ.ଆର୍.ବିଏନ୍, ଭାମିନୀ, ରାୟଗଡ଼ା
OIPR-12029/11/0001/2122


See Career Appointment on every Wednesday & Saturday


### ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
### OFFICE OF THE SUPERINTENDING ENGINEER, RURAL WORKS CIRCLE, BERHAMPUR
At: Ambapua, P.O.- Engineering School,
Near Income Tax Office, Berhampur - 760011
E-mail: serwbpr2004@yahoo.com, Tel/Fax: 0680-2404287

**NOTICE**

**FOR PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING THROUGH "e"-Procurement**
**Bid Identification No. Online Tender / 03-2021-22/PMGSY/BPR**

No. O-45: The Superintending Engineer, Rural Works Circle, Berhampur on behalf of Odisha State Rural Road Agency invites the percentage rate bids in electronic tendering system for construction of roads & bridges under Pradhan Mantri Gram Sadak Yojana in the districts of **Boudh, Ganjam & Kandhamal for 81 (Eighty One)** number of packages with estimated cost totalling to **Rs.266.67 Cr (Approximate)** including their maintenance for five years from the eligible contractors registered with **State PWD /CPWD/MES/Railways**. The registered bidder of outside Odisha, can also particiapte in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of invitation for bids through e-procurement Dtd.16.04.2021.

**Availablity of Bid Documents and mode of Submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the website which is free of cost. For submission of the bids, the bidders is required to have a valid Digital Signature Certificate (DSC) from one of the authorized Certifying Authorities. The bidders are requied to submit (a) Original Demand Draft towards the cost of bid document and (b) Original Bid Security in approved form and (c) Original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with **Superintending Engineer, Rural Works Cirlce, Berhampur // Executive Engineer of the Concerned divisions on a date not later than three working days after the opening of technical qualification part of the Bid, either by Registered Post or by Hand,** failing which the bids shall be declared non-responsive.

**Last date/time for receipt of bids through e-procurement: 06.05.2021 upto 3.00 P.M.**

**For further details and Corrigendum (if any) please log on to www.pmgsytenders.gov.in.**

OIPR-25071/11/0003/2122

**Sd./- Superintending Engineer, R.W. Circle, Berhampur**



### ବେସରକାରୀ ବିଦ୍ୟାଳୟଗୁଡ଼ିକରେ ନିଃଶୁଳ୍କ ନାମଲେଖା ବିଜ୍ଞାପନ

No. n-05:- ଏତଦ୍ୱାରା ଓଡ଼ିଶାର ସର୍ବସାଧାରଣ ଓ ବେସରକାରୀ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଚଳିତ ଶିକ୍ଷାବର୍ଷଠାରୁ ଶିକ୍ଷା ଅଧିକାର ଆଇନ, ୨୦୦୯ ଧାରା ୧୨(୧)(c) ଅନୁଯାୟୀ ଓଡ଼ିଆ/ଇଂରାଜୀ ମାଧ୍ୟମ ବେସରକାରୀ ବିଦ୍ୟାଳୟଗୁଡ଼ିକରେ ନାମଲେଖା ପାଇଁ www.rteparadarshi.odisha.gov.in ପୋର୍ଟାଲ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଅଛି । ସାମାଜିକ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ପିଲାମାନଙ୍କ ପାଇଁ ପ୍ରତ୍ୟେକ ବେସରକାରୀ ବିଦ୍ୟାଳୟରେ ୨୫% ସ୍ଥାନ ସଂରକ୍ଷଣ ରହିଛି । ଅନୁସୂଚିତ ଜାତି, ଜନଜାତି, ସାମାଜିକ ଓ ଶୈକ୍ଷିକ ଅନଗ୍ରସର, ଭିନ୍ନକ୍ଷମ, H.I.V. ଆକ୍ରାନ୍ତ ପିତାମାତାଙ୍କ ଶିଶୁ, ଶିଶୁ ଶ୍ରମିକ, ପଥପ୍ରାନ୍ତ ଶିଶୁ ତଥା ନିର୍ମାଣ ଶ୍ରମିକଙ୍କ ଶିଶୁମାନଙ୍କ ପାଇଁ ଆବଶ୍ୟକୀୟ ଦସ୍ତାବିଜ ସହିତ ପୋର୍ଟାଲରେ ଆବେଦନ କରିପାରିବେ । ଆବେଦନ ଗ୍ରହଣ କରିବାର ଶେଷ ତାରିଖ ୩୦.୦୪.୨୦୨୧ । ବିସ୍ତୃତ ବିବରଣୀ ପାଇଁ ଲଗ୍ ଅନ୍ କରନ୍ତୁ www.rteparadarshi.odisha.gov.in ।

ନିର୍ଦ୍ଦେଶକ,
ପ୍ରାଥମିକ ଶିକ୍ଷା, ଓଡ଼ିଶା
ଭୁବନେଶ୍ୱର
OIPR-27005/11/0001/2122